

ବିନା ବ୍ରେକ୍‌ରେ 'ଜଟାଧାରା' ସୁଟିଂ
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-124 ◆FRIDAY ◆31 OCTOBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୨୪ ◆ଶୁକ୍ରବାର ◆୩୧ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ପୂରଣ ହୋଇପାରୁନାହିଁ ୬୦୦ ୱାର୍ଡର ପଦ

# ଜେଲ୍ ଜଗିବେ ଗୃହରକ୍ଷୀ

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଏଣିକି ରାଜ୍ୟର ଜେଲ ଜଗିବେ ଗୃହରକ୍ଷୀ। ଦିନକୁ ମାତ୍ର ୫୩୩ ଟଙ୍କା ପାରିଶ୍ରମିକ ପାଉଥିବା ଗୃହରକ୍ଷୀମାନେ ଜେଲରେ ବନ୍ଦୀଥିବା କୁଖ୍ୟାତ ଅପରାଧୀ ଓ ବିଚାରାଧୀନ ବନ୍ଦୀମାନଙ୍କ ସୁରକ୍ଷା ଦାୟିତ୍ୱ ସମ୍ଭାଳିବେ। ଜେଲ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି ଏବଂ ସେମାନଙ୍କୁ ବର୍ଷେ ପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ ନିୟୋଜିତ କରିବା ପାଇଁ ସବୁ ଜିଲ୍ଲାର ଏସ୍ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଚୌଦ୍ୱାର ଜେଲରୁ ଦୁଇଜଣ କୁଖ୍ୟାତ ଅପରାଧୀ ଫେରାର ପରେ ପେରେ ସୋର ଜେଲରୁ ଜଣେ ଅପରାଧୀ କିଛିଦିନ ତଳେ ଚମ୍ପଟ ମାରିଛନ୍ତି। ଏହା ପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଜେଲଗୁଡ଼ିକରେ ହୋମଗାର୍ଡ଼ ବା ଗୃହରକ୍ଷୀମାନଙ୍କୁ ନିୟୋଜିତ କରିବା ନିମନ୍ତେ ଜେଲ ବିଭାଗ ନିଷ୍ପତ୍ତି ନେଇଛି। ଏହା ସହିତ ପ୍ରତି ଜିଲ୍ଲାରେ ବରିଷ୍ଠ ପୁଲିସ ଅଧିକାରୀ ଓ ସମ୍ପୃକ୍ତ ଜେଲ ଅଧୀକ୍ଷକ ମିଳିତ ଭାବରେ ଜେଲ ସୁରକ୍ଷାର ଯାଞ୍ଚ କରିବେ। ଜେଲ ପାଚେରୀ ଅନୁଧ୍ୟାନ ସହ , ସିସିଟିଭି ଲଗାଯିବା, ଜେଲର ପାଚେରୀ ଉପରେ ତାରଜାଲି ବିଛାଇବା ଏବଂ ସୁରକ୍ଷା ସମ୍ବନ୍ଧୀୟ ସବୁ ଭିତ୍ତିଭୂମିର ଯାଞ୍ଚ ହେବ।

ବିଡ଼ମ୍ବନା ହେଉଛି ଯେଉଁଠି ଜେଲରେ ୱାର୍ଡ଼ରମାନଙ୍କ ଆଖିରେ ଧୂଳିଦେଇ ବିଚାରାଧୀନ ବନ୍ଦୀ ଓ କଏଦୀ ସହଜରେ ଫେରାର ହୋଇ ଯାଉଛନ୍ତି, ସେଠାରେ ସାଧାରଣ ହୋମଗାର୍ଡ଼ମାନେ ସେମାନଙ୍କୁ କିପରି ଜଗିବେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଆଜି ପର୍ଯ୍ୟନ୍ତ ରାଜ୍ୟରେ ସାଧାରଣତଃ ହୋମଗାର୍ଡ଼ମାନଙ୍କୁ ସହରାଞ୍ଚଳରେ ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ ବା କୌଣସି ଗଣ୍ଡଗୋଳ ବେଳେ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇ ଆସିଛି। ଦୁର୍ଘଟଣା, ହତ୍ୟା ଆଦି ଘଟଣାରେ ଗୃହରକ୍ଷୀମାନଙ୍କୁ ଜଗୁଆଳୀ ରୂପେ ବ୍ୟବହାର କରାଯାଉଛି। ଏହା ସହ ଅନେକ ସ୍ଥାନରେ ଗୃହରକ୍ଷୀମାନଙ୍କୁ ବଡ଼ ଅଧିକାରୀଙ୍କ ଘରୋଇ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ମଧ୍ୟ ଦେଖାଯାଇଛି। ମାତ୍ର ରାଜ୍ୟରେ ଜେଲ ବିଭାଗ ପ୍ରଥମଥର ପାଇଁ ଗୃହରକ୍ଷୀମାନଙ୍କୁ ଜେଲ ସୁରକ୍ଷା ପରି ଏକ ସାହସିକ ଓ ଦାୟିତ୍ୱସମ୍ପନ୍ନ କାର୍ଯ୍ୟରେ ନିୟୋଜିତ କରିବାକୁ ନିୟୋଜନକୁ ନେଇ ଉଠିଛି ପ୍ରଶ୍ନ। ଚୌଦ୍ୱାର ଜେଲରୁ ଦୁଇ ହାର୍ଡକୋର କଏଦୀ ଚମ୍ପଟ ମାରିବା ଘଟଣାକୁ ▶ପୃଷ୍ଠା-୭



ପାକିସ୍ତାନ ସୀମାରେ ତିନି ଭାରତୀୟ ସେନାବାହିନୀର ମିଳିତ ସମରାଭ୍ୟାସ 'ତ୍ରିଶୂଳ'

## ଖଣି ପଟ୍ଟାଦାରଙ୍କ ଉପରେ ୨୭୦୦ କୋଟି ବକେୟା

### ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଖଣି ଲିଜଧାରୀଙ୍କଠାରୁ କ୍ଷତିପୂରଣ ଆଦାୟରେ ଅହେତୁକ ବିଳମ୍ବ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ସୁପ୍ରିମକୋର୍ଟ। ବେଆଇନ ଖଣି ଖନନ ଘଟଣାରେ ଖଣି ଲିଜଧାରୀଙ୍କଠାରୁ ପ୍ରାୟ ୨୭୦୦ କୋଟି ଟଙ୍କା ବର୍ଷବର୍ଷ ହେଲା ଅନାଦାୟ ରହିଛି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ଅଦାଲତ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ଏହି ମାମଲା ବର୍ଷ ବର୍ଷ ଧରି ଲମ୍ବିଚାଲିଛି। ଯାହାଫଳରେ ଖଣି ଲିଜଧାରୀଙ୍କୁ ଜାଣିଶୁଣି ଆଶ୍ୱସ୍ତି ପ୍ରଦାନ କରୁଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ବେଆଇନ ଖଣି ଖନନ ଦ୍ୱାରା ରାଜ୍ୟକୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି। ତେଣୁ ଯେ କୌଣସି ପରିସ୍ଥିତିରେ ଏହି ବକେୟା ଅର୍ଥକୁ ସୁନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ ଦୀପଙ୍କର ଦତ୍ତା, ଜଷ୍ଟିସ ଏଜି ମସିହଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି କରାଯାଇଥିଲା।



**ବକେୟା ଆଦାୟ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ**

କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ଖଣି ନିୟମର ଉଲ୍ଲଂଘନ କରି ଖଣି ପଟ୍ଟାଦାରମାନେ ବିପୁଳ ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତ ମାମଲାର ବିଚାର କରି ବେଆଇନ ପଟ୍ଟାଦାରଙ୍କଠାରୁ ୧୭ ହଜାର କୋଟି ଟଙ୍କା କ୍ଷତିପୂରଣ ରାଶି ଆଦାୟ କରିବାକୁ ସୁପ୍ରିମକୋର୍ଟ ୨୦୧୭ ମସିହାରେ ନିର୍ଦ୍ଦେଶ ଦେଇଥିଲେ। ଏହାମଧ୍ୟରୁ ରାଜ୍ୟ ସରକାର ପଟ୍ଟାଦାରଙ୍କଠାରୁ ଏବେ ସୁଦ୍ଧା ୧୪୩୦୦ କୋଟି ଟଙ୍କା ଆଦାୟ ▶ପୃଷ୍ଠା-୭

## ଜଷ୍ଟିସ୍ ସୂର୍ଯ୍ୟକାନ୍ତ ପ୍ରଧାନବିଚାରପତି ନିଯୁକ୍ତ



■ **ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି):** ଜଷ୍ଟିସ ସୂର୍ଯ୍ୟକାନ୍ତ ଦେଶ ତଥା ସୁପ୍ରିମକୋର୍ଟର ୫୩ତମ ମୁଖ୍ୟ ବିଚାରପତି (ସିଜେଆଇ) ଭାବେ ନିଯୁକ୍ତି ପାଇଛନ୍ତି। ସୁପ୍ରିମକୋର୍ଟର ସବୁଠାରୁ ବରିଷ୍ଠ ବିଚାରପତି ଭାବେ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ରେ ଶପଥ ନେବା ସହ ଏହି ଗୁରୁଦାୟିତ୍ୱ ବହନ କରିବେ। ଏବେକାର ମୁଖ୍ୟ ବିଚାରପତି ଅବସର ନେବାର ଗୋଟିଏ ଦିନ ପରେ ହିଁ ସେ କାର୍ଯ୍ୟ ଆରମ୍ଭ କରିବେ। ଏ ନେଇ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଗୁରୁବାର 'ଏକ୍ସ'ରେ ପୋଷ୍ଟ କରି ଏ ନେଇ ଘୋଷଣା କରିଛନ୍ତି। ସିଜେଆଇ ବିଆର ଗଭାଇଙ୍କ କାର୍ଯ୍ୟକାଳ ନଭେମ୍ବର ୨୩ରେ ଶେଷ ହେବ। ସୁପ୍ରିମକୋର୍ଟର ବିଚାରପତିମାନେ ▶ପୃଷ୍ଠା-୭

## ମୁମ୍ବାଇରୁ ନକଲି ବୈଜ୍ଞାନିକ ଗିରଫ

### ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରରେ ପଶିଥିଲେ

■ **ମୁମ୍ବାଇ, ୩୦।୧୦ (ଏଜେନ୍ସି):** ମୁମ୍ବାଇ ପୁଲିସ ଭେର୍ସୋଭାରେ ଜଣେ ନକ୍‌ଲି ବୈଜ୍ଞାନିକଙ୍କୁ ଗିରଫ କରିଛି। ସେ ହେଉଛନ୍ତି ୬୦ ବର୍ଷୀୟ ଅଖତାର କୁତବୁଦ୍ଦିନ ହୁସେନି। ସେ ନିଜକୁ ଭାବା ଅଟୋମିକ୍ ରିସର୍ଚ୍ଚ ସେଣ୍ଟର (ବିଏଆରସି)ର ଜଣେ ଅଧିକାରୀ ଭାବେ ଦାବି କରୁଥିଲେ ଓ କୌଶଳକ୍ରମେ ସେ ବିଏଆରସି ପରିସରରେ ମଧ୍ୟ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲେ। ପୁଲିସ ତାଙ୍କଠାରୁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଜିନିଷ ଓ ତଥ୍ୟ ହାସଲ କରିଛି। ତାଙ୍କଠାରୁ ୧୪ଟି ନକ୍ସା, ପରମାଣୁ ବ୍ଲୁପ୍ରିଣ୍ଟ ଓ ୩ଟି ପାସପୋର୍ଟ ଜବତ କରାଯାଇଛି। ଏକାଧିକ ବିଦେଶ ଯାତ୍ରା ସମୟରେ ସେ ଏହାକୁ ବ୍ୟବହାର କରିଥିଲେ। ସେ ଗୁପ୍ତଚର ଭାବେ ଗୋପନୀୟ ତଥ୍ୟ ଦେବା ନେବା କରିବାକୁ ଏହି ଯାତ୍ରା କରିଥିବା ସନ୍ଦେହ କରାଯାଉଛି। ଅଧିକାରୀମାନେ ତାଙ୍କୁ ଗତ ଦୁଇବର୍ଷ ହେବ ପିଛା କରୁଥିଲେ। ଏନ୍‌ଆଇଏ ଓ ଆଇବି ଭଳି ଏଜେନ୍ସିର ସୂଚନାକୁ ଭିତ୍ତି କରି କ୍ରାଇମ ବ୍ରାଞ୍ଚ୍ ଅଖତାରଙ୍କୁ ଗିରଫ କରିଛି। ତାଙ୍କ ଘରେ ଚଢ଼ାଉ କରିବା ପରେ ପୁଲିସ ନିକଲି ପାସ୍‌ପୋର୍ଟ, ଆଧାର କାର୍ଡ, ପ୍ୟାନ କାର୍ଡ ଓ ବିଏଆରସିର ନକଲି ପରିଚୟ ପତ୍ର ଜବତ କରିଛି। ଗୋଟିଏ ପରିଚୟ ପତ୍ରରେ ତାଙ୍କ ନାମ ଅଲି ରାଜା ହୁସେନ ଓ ଅନ୍ୟଟିରେ ଆଲେକଜାଣ୍ଡର ପାମର ଲେଖାଯାଇଥିଲା। ଗତ କିଛିମାସ ମଧ୍ୟରେ ଅଖତାର କେତୋଟି ଅନ୍ତର୍ଜାତୀୟ କଲ୍ କରି କଥା ହୋଇଥିଲେ। ବିଦେଶୀ ନେଟୱର୍କ ସହିତ ତାଙ୍କର ସମ୍ପର୍କ ରହିଛି ବୋଲି ସନ୍ଦେହ କରାଯାଉଛି। ତାଙ୍କଠାରୁ ଜବତ ହୋଇଥିବା ପରମାଣୁ ତଥ୍ୟ ଓ ସମ୍ବେଦନଶୀଳ କାଗଜପତ୍ର ଏହି ନେଟୱର୍କକୁ ସେ ବିକ୍ରି କରିବାକୁ ଚେଷ୍ଟା କରୁଥିବା ସନ୍ଦେହ କରାଯାଉଛି। ସେ ଗତ କେତେବର୍ଷ ହେବ ଭିନ୍ନ ଭିନ୍ନ ନାମରେ ନିଜର ପରିଚୟ ସୃଷ୍ଟି କରୁଥିଲେ। ଜାମସେଦପୁରର ବାସିନ୍ଦା ଅଖତାର ୧୯୯୬ରେ ନିଜର ପୁରୁଣା ପୈତୃକ ସମ୍ପତ୍ତି ବିକ୍ରି କରିଥିଲେ ମଧ୍ୟ ଏହି ଠିକଣାକୁ ଆଧାର କରି ନକଲି କାଗଜପତ୍ର ତିଆରି କରୁଥିଲେ।

**ପରମାଣୁ ଡାଟା, ୩ ପାସ୍‌ପୋର୍ଟ, ୧୪ ନକ୍ସା ଜବତ**

### ଋଷ ତେଲ କଟକଣା

## ବଢ଼ିବ ପେଟ୍ରୋଲ ଦର

■ **ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି):** ରୁଷଠାରୁ ତୈଳ କ୍ରୟ ବନ୍ଦ କରିବାକୁ ନେଇ ଭାରତ ଉପରେ ବିଭିନ୍ନ ଦେଶ ପକ୍ଷରୁ କଟକଣା ଲାଗୁ କରାଯାଇଛି। ଏବେ ଏହି କଟକଣାର ପ୍ରଭାବ ଭାରତ ଉପରେ ଖୁବ୍ ଶୀଘ୍ର ଅନୁଭୂତ ହେବାକୁ ଯାଉଛି। କାରଣ ଏହି ଅନ୍ତର୍ଜାତୀୟ କଟକଣା ପରେ ଭାରତୀୟ କମ୍ପାନୀଗୁଡ଼ିକ ରୁଷଠାରୁ ଅଶୋଧିତ ତୈଳ ଆମଦାନୀ ବନ୍ଦ କରିବା ଆରମ୍ଭ କରିଦେଇଛନ୍ତି। ଲକ୍ଷ୍ମୀ ମିତ୍ତଲ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ଏଚ୍‌ପିସିଏଲ୍)ର ଯୌଥ ଉଦ୍ୟୋଗ ଏଚ୍‌ଏମ୍‌ଇଏଲ୍ (ହିନ୍ଦୁସ୍ତାନ ମିତ୍ତଲ ଏନର୍ଜି ଲିମିଟେଡ୍) ରୁଷରୁ ଅଶୋଧିତ ତୈଳ ଆମଦାନୀ ବନ୍ଦ କରିଥିବା ବୁଧବାର ସୂଚନା ଦେଇଛି। ଭାରତ ସମେତ ରୁଷର ଶକ୍ତି କ୍ଷେତ୍ରର ବାଣିଜ୍ୟ କାରବାର ଉପରେ ପାଶ୍ଚାତ୍ୟ ଦେଶଗୁଡ଼ିକ (ଆମେରିକା, ଇୟୁ, ୟୁକେ) ଦ୍ୱାରା ଲାଗୁ କରାଯାଇଥିବା ନୂଆ କଟକଣା ପରେ କମ୍ପାନୀ ଏହି ନିଷ୍ପତ୍ତି ନେଇଛି ବୋଲି ଏଚ୍‌ଏମ୍‌ଇଏଲ୍ କହିଛି। ତେବେ ଋଷଠାରୁ ତେଲ ଆମଦାନୀ ବନ୍ଦ ହୋଇଗଲେ ଭାରତୀୟ ବଜାର ଖୁବ୍ ଜଲ୍‌ଦି ପେଟ୍ରୋଲ ଓ ଡିଜେଲ ମହଙ୍ଗା ହୋଇଯିବ । ଏବେ ଏହା ଭାରତ ପାଇଁ ବଡ଼ ଚିନ୍ତାର ବିଷୟ।

## ନୂଆପଡ଼ା ଉପନିର୍ବାଚନ — ନବୀନଙ୍କ ଇଙ୍ଗିତ; ବିରୋଧୀ ଶିବିରରେ କମ୍ପନ

### ପ୍ରଭାବକୁ ନେଇ ଅଙ୍କ କଷୁଛନ୍ତି ବିରୋଧୀ

**ପ୍ରଚାରରେ ବିଜେଡି ଆଗୁଆ, ସ୍ୱତନ୍ତ୍ର ରଣନୀତି ଆଧାରରେ ଚାଲିଛି ପ୍ରଚାର**

**ଛୋଟ ଛୋଟ ସଭା ଉପରେ ଦଳର ଗୁରୁତ୍ୱ**

**ରାଜନୀତି ସମୀକ୍ଷକଙ୍କ ମତ, ବିଜେଡିର ଗୋଟିଏ ନେତାଙ୍କୁ ଜଗିଛନ୍ତି ଶାସକ ଦଳର ୩ ଜଣ**



■ **ଭୁବନେଶ୍ୱର, ୩୦।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି। ନୂଆପଡ଼ା ବର୍ତ୍ତମାନ ମିନି ଭୁବନେଶ୍ୱର ପାଲଟିଥିବା ବେଳେ ୩ ଦଳର ନେତା ଓ କର୍ମୀମାନେ ଝାଳବୁହା ପରିଶ୍ରମ କରୁଛନ୍ତି। ତେବେ ନିର୍ବାଚନ ପରିଚାଳନାରେ ସବୁଠାରୁ ପାରଙ୍ଗମ ବିଜେଡିର ପ୍ରଚାର ଶୈଳୀ ଏବେ ନୂଆପଡ଼ାବାସୀଙ୍କୁ ବେଶ୍ ପ୍ରଭାବିତ କରିଥିବା କୁହାଯାଉଛି। ପଞ୍ଚାୟତୱାରୀ ଦଳୀୟ ନେତାଙ୍କୁ ଦାୟିତ୍ୱ, ସ୍ଥାନୀୟ ନେତାଙ୍କୁ ଅଗ୍ରାଧିକାର, ଛୋଟ ଛୋଟ ରାଜନୈତିକ ସଭା ମାଧ୍ୟମରେ ବିଜେଡିର ଛାମୁଆ ସଂଗଠକ ନିଜର ପ୍ରଚାର କାର୍ଯ୍ୟକୁ ଚଳାଇଛନ୍ତି। ବିଜେଡିର ଯୋଜନାଭିତ୍ତିକ ପ୍ରଚାର ଦଳକୁ ସୁବିଧାଜନକ ସ୍ଥିତିରେ ରଖିଥିବା ବେଳେ ନବୀନଙ୍କ 'ବିଜୟ ହେବ ନୂଆପଡ଼ାର' ଇଙ୍ଗିତ ଏବେ ବିରୋଧୀ ଶିବିରରେ କମ୍ପନ ସୃଷ୍ଟି କରିଛି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ବିଜେଡି ସୁପ୍ରିମୋ ନବୀନ ଆଜି ଏକ ଟ୍ୱିଟ୍ କରିଥିଲେ। ଏଥିରେ ସେ ନୂଆପଡ଼ାରେ ସେବା ଓ ବିକାଶର ନୂଆଧାରା ଆରମ୍ଭ ହେବ ବୋଲି ଉଲ୍ଲେଖ କରିବା ସହ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କର ପ୍ରଚାରର ଏକ ଭିଡ଼ିଓ ପୋଷ୍ଟ କରିଥିଲେ। କେଇଘଣ୍ଟା ମଧ୍ୟରେ ଏହା ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଏହି ଟ୍ୱିଟ୍ ଟ୍ରେଣ୍ଡ କରିଥିଲା। ଆସନ୍ତା ୩ ତାରିଖରେ କୋମନାରେ ଏକ ସମାବେଶ ଓ ୭ ତାରିଖରେ ନୂଆପଡ଼ାରୁ ଖରିଆର ରୋଡ଼ ପର୍ଯ୍ୟନ୍ତ ନବୀନଙ୍କ ଶୋଭାଯାତ୍ରା ପୂର୍ବରୁ ତାଙ୍କର ଟ୍ୱିଟ୍ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ପୁରା ଉତ୍ସାହିତ କରିଛି। ନବୀନଙ୍କ ଏହି ଗସ୍ତ ସବୁ ରାଜନୈତିକ ▶ପୃଷ୍ଠା-୭

## ତହସିଲରେ ହେବ ଜମି କିଣାବିକା

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଏଣିକି ତହସିଲ୍ ଅଫିସରେ ହେବ ଜମି କିଣାବିକା। ଜମି କିଣିବିକା ପାଇଁ ଆଉ ସବରେଜିଷ୍ଟ୍ରାରଙ୍କ ଅଫିସକୁ ଯିବା ଆବଶ୍ୟତା ପଡ଼ିବ ନାହିଁ। ରାଜ୍ୟର ସବୁ ତହସିଲରେ ଏହି ନିବନ୍ଧନ ସୁବିଧା ଉପଲବ୍ଧ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସବୁଠୁ ବଡ଼ କଥା ହେଉଛି ଯେ ଏଥିପାଇଁ କୌଣସି ତୃତୀୟ ପକ୍ଷ ଉପରେ ନୁହେଁ ବରଂ ନିଜେ ଅନଲାଇନରେ ସମୟ ନିର୍ଦ୍ଧାରଣ କରି ଲୋକେ ଜମି କିଣାବିକା କରିପାରିବେ। ଏହି ବ୍ୟବସ୍ଥାକୁ ନଭେମ୍ବର ୧ ତାରିଖରୁ ଆରମ୍ଭ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୪୪ଟି ତହସିଲରେ ଏହି ବ୍ୟବସ୍ଥା ଉପଲବ୍ଧ ହେବ। ଏହି ସେବାକୁ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିବେ। ପ୍ରଚଳିତ ବ୍ୟବସ୍ଥା ଅନୁସାରେ ଜିଲ୍ଲାସ୍ତରରେ ଥିବା ୨୧୭ଟି ଉପ ନିବନ୍ଧନ ବା ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଜମିଜମା କିଣାବିକା ନିବନ୍ଧନ ହୋଇଥାଏ। ଏହି ବ୍ୟବସ୍ଥା ଦ୍ୱାରା ସାଧାରଣ ଲୋକମାନେ ନିଜ ଜମି ବିକିବା ଅବା କିଣିବା ଲାଗି ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ସାଧାରଣ ସେବାକୁ ତହସିଲ ସ୍ତରକୁ ନେବା ପଲାଗି ରାଜ୍ୟ ସରକାର ଏହି ଘୋଷଣା କରିଛନ୍ତି। ୩୨୦ଟି ତହସିଲରେ ଏହି ସୁବିଧା ଉପଲବ୍ଧ ହେବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

## ଗୋଟିଏ ଦେଶ, ଗୋଟିଏ ପୁଲିସ ୟୁନିଫର୍ମ

### ସାରା ଦେଶରେ ପୁଲିସ ପାଇଁ ଗୋଟିଏ ପ୍ରକାର ପୋଷାକ

■ **ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି):** ସାରା ଦେଶରେ ସମସ୍ତ ପୁଲିସ କର୍ମଚାରୀଙ୍କ ପାଇଁ ଗୋଟିଏ ପ୍ରକାର ପୋଷାକ (ୟୁନିଫର୍ମ) ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି କେନ୍ଦ୍ର ସରକାର। କନେଷ୍ଟବଲଙ୍କ ଠାରୁ ଆରମ୍ଭ କରି ଡିଏସ୍‌ପି ପାହ୍ୟା ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କର ଗୋଟିଏ ପ୍ରକାର ପୋଷାକ ରହିବ। କପଡ଼ା, ଡିଜାଇନ ଏବଂ ରଙ୍ଗ ଗୋଟିଏ ପ୍ରକାର ରହିବ। କେବଳ ରାଜ୍ୟମାନେ ନିଜ ନିଜର ଚିହ୍ନ (ଏମବ୍ଲେମ୍) ଓ ର୍‍ୟାଙ୍କ୍ ବ୍ୟାଜ୍ ବଜାୟ ରଖିବେ।

କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ଓଡ଼ିଶା ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କୁ ଏହି ସୂଚନା ଦେଇଛନ୍ତି। ସେମାନେ ତିଆରି କରୁଥିବା ପୋଷାକ ପାଇଁ କେତେ ଖର୍ଚ୍ଚ ହେଉଛି ଏବଂ ପୁଲିସ କର୍ମଚାରୀ/ଅଧିକାରୀମାନଙ୍କୁ ଏବାବଦ ବର୍ଷକୁ କେତେ ଭତ୍ତା ଦିଆଯାଉଛି, ତାହାର ବିସ୍ତୃତ ବିବରଣୀ ଲୋଡ଼ିଛନ୍ତି କେନ୍ଦ୍ର ସରକାର। ଆସନ୍ତା ନଭେମ୍ବର ୪ ତାରିଖ ସୁଦ୍ଧା ଏହିସବୁ ତଥ୍ୟ ଦାଖଲ କରିବା ଲାଗି ସମସ୍ତ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**ରାଜ୍ୟମାନଙ୍କଠାରୁ ତଥ୍ୟ ଲୋଡ଼ିଲା କେନ୍ଦ୍ର**

ତଥ୍ୟ ମିଳିବା ପରେ କେନ୍ଦ୍ର ସରକାର ପୁଲିସ ୟୁନିଫର୍ମ ନେଇ ସମସ୍ତ ରାଜ୍ୟ ସରକାରଙ୍କ ପାଇଁ ଗାଇଡଲାଇନ୍ସ ଜାରି କରିବେ। ପର୍ଯ୍ୟାୟ କ୍ରମେ ଏହାର କାର୍ଯ୍ୟକାରୀ କରାଯିବ। ଏହା କାର୍ଯ୍ୟକାରୀ ହେଲେ ଦେଶରେ ପୁଲିସ ଇତିହାସରେ ପ୍ରଥମ ଥର ଲାଗି ଦେଶବ୍ୟାପୀ ପୁଲିସ କର୍ମଚାରୀ ସମାନ ୟୁନିଫର୍ମ ପିନ୍ଧିବେ। କପଡ଼ା, ଡିଜାଇନ ଓ ରଙ୍ଗ ▶ପୃଷ୍ଠା-୭

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଅଚଳାବସ୍ଥା

### ମିଳୁନି ସରକାରୀ ଅନୁଦାନ; ବକେୟା ୧.୪୫ କୋଟି

■ **ବାରିପଦା, ୩୦।୧୦ (ସମିସ):** ମନ୍ଦିର ପରିଚାଳନା ପାଇଁ ଦୀର୍ଘଦିନ ହେଲା ସରକାରୀ ଅନୁଦାନ ମିଳୁ ନ ଥିବାରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିରରେ ଅଚଳାବସ୍ଥା ଦେଖାଦେଇଛି। ଫଳରେ ଗୁରୁବାର ଟେଣ୍ଡରଧାରୀଙ୍କ ସାମଗ୍ରୀ ଯୋଗାଣ ବନ୍ଦ ନିଷ୍ପତ୍ତି ପରେ ଦିଅଁଙ୍କ ନିତ୍ୟାନୀ ସେବା ଓ ଭୋଗଲାଗି ବନ୍ଦ ଆଶଙ୍କା ଦେଖାଦେଇଥିଲା; ହେଲେ ପ୍ରଶାସନର ହସ୍ତକ୍ଷେପ ପରେ ସେବା ଓ ଭୋଗ ପାଇଁ ସାମଗ୍ରୀ ପୂର୍ବଭଳି ଯୋଗାଯିବାକୁ ଥିବାବେଳେ ଉତ୍ପନ୍ନ ପରିସ୍ଥିତି ଟଳିଛି; ପରନ୍ତୁ ଏହାର ସ୍ଥାୟୀ ପ୍ରତିକାର ନ ହେଲେ ସେବାୟତମାନେ ନଭେମ୍ବର ଦ୍ୱିତୀୟ ସପ୍ତାହରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ରାଜ୍ୟ ସଭାପତି କାମେଶ୍ୱର ତ୍ରିପାଠୀ ଚେତାବନୀ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଶ୍ରୀଶ୍ରୀ ହରିବଳଦେବ ଜୀଉ ବିଜେ ବାରିପଦା ଜଗନ୍ନାଥ ମନ୍ଦିର ପରିଚାଳନା ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇବା ପାଇଁ ବାର୍ଷିକ ଖୋଲା ଟେଣ୍ଡର ଆହ୍ୱାନ କରାଯାଇଥାଏ। ଦୈନନ୍ଦିନ ସେବା ଓ ବିଭିନ୍ନ ଭୋଗ ପାଇଁ ଗ୍ରୋସରୀ ଓ ପୂଜା ସାମଗ୍ରୀ, କାଠ, ଲୁଗା, ମିଠା, ପାନ, ଦୁଗ୍ଧ, ଘିଅ ଆଦି ଯୋଗାଇବା ପାଇଁ ଭିନ୍ନ ଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଟେଣ୍ଡର ନେଇଛନ୍ତି ; କିନ୍ତୁ ସେମାନଙ୍କୁ ଠିକ ସମୟରେ ତାଙ୍କର ଟଙ୍କା ଦିଆଯାଉ ନ ଥିବାରୁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପ୍ରତିଦିନ ସେବା ଓ ଭୋଗ ସହିତ ପର୍ବପର୍ବାଣି ପାଇଁ ଅତିରିକ୍ତ ଖର୍ଚ୍ଚ ମଧ୍ୟ ରହିଛି। ଏହି କ୍ରମରେ ଏ ଯାଏ ୧ କୋଟି ୪୫ ଲକ୍ଷ ଟଙ୍କା ବାକି ପଡ଼ିଛି। ଗୁରୁବାର ଜଣେ ▶ପୃଷ୍ଠା-୭

**ସାମଗ୍ରୀ ଦେବାକୁ ମନା କରିଦେଲେ ଟେଣ୍ଡରଧାରୀ**

**ପ୍ରଶାସନ ହସ୍ତକ୍ଷେପ ସତ୍ତ୍ୱେ ଆନ୍ଦୋଳନକୁ ଓହ୍ଲାଇବେ ସେବାୟତ**



# କାନାଡ଼ାରେ ଭାରତୀୟ ବ୍ୟବସାୟୀଙ୍କୁ ହତ୍ୟା

ମଣ୍ଟ୍ରିଲ, ୩୦ ।୧୦(ଏଜେନ୍ସି): କାନାଡ଼ାରେ ଜଣେ ଭାରତୀୟ ବ୍ୟବସାୟୀଙ୍କୁ ପିଟି ପିଟି ହତ୍ୟା କରାଯିବାର ଘଟଣା ସାମ୍ନାକୁ ଆସିଛି । ଏଡମାଣ୍ଟନ ପୁଲିସ ତରଫରୁ ଏ ନେଇ ସୂଚନା ଦିଆଯାଇଛି । ଏହି ବ୍ୟବସାୟୀ ହେଉଛନ୍ତି ୫୫ ବର୍ଷୀୟ ଅରବି ସିଂହ ସଗୁ । ୧୦୯ ଷ୍ଟ୍ରିଟ୍ ଓ ୧୦୦ ଆଭେନ୍ୟୁ ନିକଟରେ ପୁଲିସକୁ ଜଣେ ବ୍ୟକ୍ତିଙ୍କ ଉପରେ ଆକ୍ରମଣ ନେଇ ସୂଚନା ମିଳିଥିଲା । ପୁଲିସ ସେଠାରେ ପହଞ୍ଚି ସଗୁଙ୍କୁ ବେହୋସ ଅବସ୍ଥାରେ ଉଦ୍ଧାର କରିଥିଲା । ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ୫ ଦିନପରେ ସେ ମୃତ୍ୟୁବରଣ କରିଥିଲେ । ଏହି ଘଟଣା ସେତେବେଳେ ହୋଇଥିଲା ଯେତେବେଳେ ସଗୁ ଓ ତାଙ୍କ ବାନ୍ଧବୀ ରାତି ଖାଇ ସାରି ନିଜ ଗାଡ଼ି ପାଖକୁ ଆସିଥିଲେ । ସେତେବେଳେ ଜଣେ ବ୍ୟକ୍ତି ତାଙ୍କ ଗାଡ଼ି ଉପରେ ପରିସ୍ରା କରୁଥିବାର ସେ ଦେଖିଥିଲେ । ସଗୁ ପ୍ରଶ୍ନ କରିବା ପରେ ବ୍ୟକ୍ତି ଜଣକ ଆକ୍ରମଣ କରିଥିଲେ । ବ୍ୟକ୍ତି ଜଣକ ପ୍ରଥମେ ଗାଳିଗୁଲଜ କରିଥିଲେ ଓ ସଗୁ ତଳେ ପକାଇ ପିଟିବାରେ ଲାଗିଥିଲେ । ପୁଲିସ ଏହି ଘଟଣାରେ ୪୦ ବର୍ଷୀୟ କାଏଲ ପାପିନ ନାମକ ଜଣେ ଯୁବକଙ୍କୁ ଗିରଫ କରି ତାଙ୍କ ବିରୋଧରେ ମାମଲା ରୁଜୁ କରିଛି । ନଭେମ୍ବର ୪ରେ ପପିନକୁ କୋର୍ଟରେ ହଜାର କରାଯିବ ।

# ଦାଉଦ୍ ଆତଙ୍କବାଦୀ ନୁହଁ: ମମତା କୁଲକର୍ଣ୍ଣୀ



ଗୋରଖପୁର, ୩୦ ।୧୦(ଏଜେନ୍ସି): ଅଭିନେତ୍ରୀରୁ ସାଧବୀ ହୋଇଥିବା ମମତା କୁଲକର୍ଣ୍ଣୀ ପୁଣିଥରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଚର୍ଚ୍ଚା ସୃଷ୍ଟି କରିଛନ୍ତି । ସେ ୩ ଦିନ ପାଇଁ ଗୋରଖପୁର ଗସ୍ତରେ ଯାଇଛନ୍ତି । ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଦାଉଦ୍ ଆତଙ୍କବାଦୀ ନଥିଲା ଓ କୌଣସି ବୋମା ବିସ୍ଫୋରଣ କରାଇନାହିଁ ବୋଲି ମମତା ଗୋରଖପୁର ଗସ୍ତ ଅବସରରେ କହିଛନ୍ତି । କେବଳ ସେତିକି ନୁହଁ ସେ ଦାଉଦ୍ ସହ କେବେ ସାକ୍ଷାତ କରିନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି । ଏବେ ସମ୍ପୂର୍ଣ୍ଣ ରୂପେ ଆଧ୍ୟାତ୍ମିକ ମାର୍ଗରେ ରହିଛି । ରାଜନୀତି ଓ ଫିଲ୍ମ ଇଣ୍ଡଷ୍ଟ୍ରୀ ସହ ମୋର ଏବେ କୌଣସି ସମ୍ପର୍କ ନାହିଁ । ଦାଉଦ୍‌ଙ୍କୁ ନେଇ ମନ୍ତବ୍ୟ ଦେବା ପରେ ବିବାଦ ସୃଷ୍ଟି ହେବା ପରେ ସେ ସଫେଇ ଦେଇଛନ୍ତି । ସେ ନିଜ ମନ୍ତବ୍ୟକୁ ବଦାଇଛନ୍ତି । ଦାଉଦ୍ ଭାରତର ଆତଙ୍କବାଦୀ ଥିଲା ଓ ରହିବ ବୋଲି ସେ ସଫେଇ ଦେଇ କହିଛନ୍ତି । ସ୍ୱାମୀ ଭିକି ଗୋସ୍ୱାମୀଙ୍କ ବିଷୟରେ ମନ୍ତବ୍ୟ ଦେଇଥିଲି । ଭିକ୍କିଙ୍କର ବିସ୍ଫୋରଣ ସହିତ କୌଣସି ସମ୍ପର୍କ ନଥିଲା । ଆଜି ମୋର ତାଙ୍କ ସହ କୌଣସି ସମ୍ପର୍କ ନାହିଁ । ମୋର ମନ୍ତବ୍ୟକୁ କଦର୍ଥ କରାଯାଇଛି ବୋଲି ସେ କହିଛନ୍ତି । ମମତା ମହାକୁମ୍ଭ ଅବସରରେ ମଧ୍ୟ ଅଚାନକ ପ୍ରୟାଗରାଜରେ ପହଞ୍ଚି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।


# ପତ୍ନୀ ହିନ୍ଦୁରୁ ଖ୍ରୀଷ୍ଟିଆନ ହୁଅନ୍ତୁ ଚାହାନ୍ତି ଭାନ୍ସ

ୱାସିଂଟନ, ୩୦ ।୧୦(ଏଜେନ୍ସି): ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏକ ଅଜବ ପ୍ରକାର ଇଚ୍ଛା ଜାହିର କରିଛନ୍ତି । ତାଙ୍କ ପତ୍ନୀ ଉଷା ଭାନ୍ସ ହିନ୍ଦୁ ଧର୍ମ ତ୍ୟାଗ କରି ଖ୍ରୀଷ୍ଟିଆନ ଧର୍ମ ଆପଣାନ୍ତୁ ବୋଲି ସେ କହିଛନ୍ତି । ଉଷା କ୍ୟାଥଲିକ୍ ଚର୍ଚ୍ଚ ଦ୍ୱାରା ପ୍ରେରିତ ହୋଇ ଖ୍ରୀଷ୍ଟିଆନ ହୁଅନ୍ତୁ । ସେ ମୋ ସହିତ ରବିବାର ଚର୍ଚ୍ଚକୁ ଦିନେ ଆସିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ମୋ ଭଳି ମୋ ପତ୍ନୀ ମଧ୍ୟ ଖ୍ରୀଷ୍ଟ ଧର୍ମରେ ଦକ୍ଷୀତ ହୁଅନ୍ତୁ ବୋଲି ମିସିସିପି ବିଶ୍ୱବିଦ୍ୟାଳୟରେ ରାଜନୈତିକ ତଥା ସାମାଜିକ କର୍ମୀ ସ୍ୱର୍ଗତ ଚାର୍ଲି କିର୍କଙ୍କ ସମ୍ମାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହି କଥା କହିଛନ୍ତି । ଭବିଷ୍ୟତରେ ଉଷା ମୋର ଆଶା ପୂରଣ କରିବେ । ଆମ ପିଲାମାନଙ୍କୁ ଖ୍ରୀଷ୍ଟିଆନ୍ ଭଳି ଲାଳନ ପାଳନ କରିବୁ ବୋଲି ମଧ୍ୟ ସେ କହିଛନ୍ତି । ୪୧ ବର୍ଷୀୟ ଭାନ୍ସ ୨୦୧୪ରେ ଉଷାଙ୍କୁ ବିବାହ କରିଥିଲେ ଓ ଦୁହିଁଙ୍କର ୩ଟି ସନ୍ତାନ ଅଛନ୍ତି । ଭାନ୍ସ ରିପବ୍ଲିକାନ ପାର୍ଟିର ଜଣେ ଟାଣୁଆ ଯୁବ ନେତା ଭାବେ ପରିଗଣିତ ହୁଅନ୍ତି । ସେ ଗତ ଜାନୁଆରୀ ୨୦ ତାରିଖରେ ଉପ- ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିଥିଲେ ।

# ଫୁଡ୍ ଡେଲିଭରୀ ବଏଙ୍କୁ କାର୍ ଚଢ଼ାଇ ମାରିଦେଲେ ଦମ୍ପତି

ବେଙ୍ଗାଲୁରୁ, ୩୦ ।୧୦(ଏଜେନ୍ସି): ବେଙ୍ଗାଲୁରୁରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ଫୁଡ୍ ଡେଲିଭରୀ ଏଜେଣ୍ଟଙ୍କୁ କାର୍ ଚଢ଼ାଇ ହତ୍ୟା କରିଛନ୍ତି ଏକ ଦମ୍ପତି । ଅକ୍ଟୋବର ୨୫ରେ ଏହି ଘଟଣା ଜେପି ନଗର ଅଞ୍ଚଳରେ ଘଟିଛି । କିନ୍ତୁ ବେଙ୍ଗାଲୁରୁ ପୁଲିସ ବୁଧବାର ଏହି ରୋଡ ରେଜ୍ ସମ୍ପର୍କରେ ସୂଚନା ଦେଇଛି । ଅଭିଯୁକ୍ତ ମନୋଜ କେରଳର ଓ ତାଙ୍କ ପତ୍ନୀ ଆରତୀ ଜମ୍ମୁ-କଶ୍ମୀରର ବୋଲି ପୁଲିସ କହିଛି । ଫୁଡ୍ ଡେଲିଭରୀ ଏଜେଣ୍ଟ ଦର୍ଶନଙ୍କ ସ୍କୁଟି ମନୋଜଙ୍କ କାର୍‌କୁ ଧକ୍କା ଦେଇଥିଲା । ଫଳରେ ମନୋଜଙ୍କ କାର୍‌ର କାଚ ଭାଙ୍ଗିଯାଇଥିଲା । ଏହାର ପ୍ରତିଶୋଧ ନେବା ପାଇଁ ମନୋଜ ପିଛା କରି ଦର୍ଶନଙ୍କୁ କାର୍‌ରେ ଧକ୍କା ଦେଇଥିଲେ । ପ୍ରଥମେ ଏହାକୁ ଏକ ହିଟ୍ ଆଣ୍ଡ ରନ୍ ମାମଲା ବୋଲି ପୁଲିସ କହୁଥିଲା । କିନ୍ତୁ ସିସିଟିଭି ଫୁଟେଜରେ ମନୋଜ ଜାଣିଶୁଣି ଦର୍ଶନଙ୍କ ସ୍କୁଟିକୁ ଧକ୍କା ଦେଇଥିଲା ବୋଲି ସ୍ପଷ୍ଟ ଭାବେ ଜଣା ପଡ଼ିଥିଲା । ଯାଞ୍ଚ ପରେ ଏହି ହିଟ୍ ଆଣ୍ଡ ରନ୍ ମାମଲା ହତ୍ୟାକାଣ୍ଡ ଭାବେ ବଦଳିଯାଇଛି ।

ପୁଲିସ କହିବା ଅନୁସାରେ ରାତି ୯ଟାରେ ଦର୍ଶନଙ୍କ ସ୍କୁଟି ମନୋଜଙ୍କ କାରକୁ ହାଲକା ଭାବେ ଧକ୍କା ଦେଇଥିଲା । ଏଥିରେ କାର୍‌ର କାଚ ଭାଙ୍ଗିଯାଇଥିଲା । ଏଥିପାଇଁ ଦର୍ଶନ କ୍ଷମା ମାଗି ଆଗକୁ ଚାଲିଯାଇଥିଲେ । କିନ୍ତୁ ମେନୋଜ ରାଗିଯାଇ ୟୁ ଟର୍ଣ୍ଣ ନେଇ ପାଖପାଖି ଦୁଇ କିମି ପିଛା କରି ଜେପି ନଗର ନିକଟରେ ସ୍କୁଟିକୁ ଜାଣିଶୁଣି ଧକ୍କା ଦେଇଥିଲେ । ଫଳରେ ଦର୍ଶନ ଓ ତାଙ୍କ ସାଧି ବରୁଣ ସଡ଼କ ଉପରେ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକ ଦୁଇଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଡାକ୍ତର ଦର୍ଶନଙ୍କୁ ମୃତ ଘୋଷିତ କରିଥିଲେ । କିନ୍ତୁ ବରୁଣ ସାମାନ୍ୟ ଆହତ ହୋଇଥିଲେ । ଘଟଣା ଘଟାଇବା ପରେ ମନୋଜ ଓ ଆରତୀ ମାସ୍କ ପିନ୍ଧି ପ୍ରତ୍ୟାବର୍ତ୍ତନ କରି ନିଜ କାରର ଭାଙ୍ଗିଥିବା କାଚ ଉଠାଇ ନେଇଥିଲେ ବୋଲି ପୁଲିସ କହିଛି । ମନୋଜ ନିଜର ଦୋଷ ତଥା ଅପରାଧ ସ୍ୱୀକାର କରିଛି । ତେବେ ଘଟଣା ସମୟରେ ଆରତୀ ତାଙ୍କ ସହ ଥିଲା କି ନା ସେ ନେଇ ଯାଞ୍ଚ ଚାଲିଛି ବୋଲି ଦକ୍ଷିଣ ବେଙ୍ଗାଲୁରୁ ଡିସିପି ଲୋକେଶ ଜଗଲାସର କହିଛନ୍ତି ।



# ମୁମ୍ବଇରେ ଏକ ଘଣ୍ଟାର ଆତଙ୍କ

## ଅଡିସନ୍ ପାଇଁ ଯାଇଥିବା ୧୭ ଶିଶୁ ମୁଣ୍ଡଜାମିନ

ମୁମ୍ବଇ, ୩୦।୧୦ (ଏଜେନ୍ସି): ଭାରତର ଆର୍ଥିକ ରାଜଧାନୀରେ ଆତଙ୍କ ଖେଳି ଯାଇଛି । ଜଣେ ବ୍ୟକ୍ତି ମୁମ୍ବଇର ପୱାଇ ଅଞ୍ଚଳର ସ୍ଥିତ ଏକ କୋଠାର ପ୍ରଥମ ମହଲାରେ ଥିବା ଆରଏ ଷ୍ଟୁଡିଓରେ ୧୭ ଶିଶୁଙ୍କ ସମେତ ଜଣେ ବରିଷ୍ଠ ନାଗରିକ ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବନ୍ଦୀ କରି ରଖିଛି । ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ଏହି ଦୁଇ ଜଣ ପିଲାଙ୍କୁ ନ ଛାଡ଼ିବାରୁ ପୁଲିସ, ଦମକଳବାହିନୀ ଏବଂ ପରିବାର ସଦସ୍ୟ ସେଠାରେ ପହଞ୍ଚି ଥିଲେ । ମୁଖ୍ୟ ଅଭିଯୁକ୍ତ ରାହୁଲ ଆର୍ଯ୍ୟ ଏକ ଭିଡିଓ ଜାରି କରି ନିଜ ଦାବି ରଖିଥିଲା । ସେ କିଛି ବ୍ୟକ୍ତିଙ୍କଠାରୁ ପ୍ରଶ୍ନର ଉତ୍ତର ଚାହୁଁଥିବା କହିଥିଲା । ସେଥିପାଇଁ ଏହି ଷଡ଼ଯନ୍ତ୍ର

■ ଉଦ୍ଧାର କଲେ ପୁଲିସ ଓ ଦମକଳବାହିନୀ
■ ଏନ୍‌କାଉଣ୍ଟରରେ ଅଭିଯୁକ୍ତ ନିହତ

କରିଥିବା ଉଲ୍ଲେଖ କରିଥିଲା । କିନ୍ତୁ ପରେ ପୁଲିସ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲା । ଏକ ଘଣ୍ଟାର କସରତ ପରେ ପୁଲିସ ପ୍ରଥମ ମହଲାରେ ଥିବା ଗାଧୁଆଘର ଦେଇ ଭିତରେ ପ୍ରବେଶ କରିଥିଲା । ଅଭିଯୁକ୍ତଙ୍କୁ ଗୁଳି ମାଡ଼ କରି ୧୭ ଶିଶୁଙ୍କୁ ସୁରକ୍ଷିତ



ଭାବେ ଉଦ୍ଧାର କରିଥିଲା । ତେବେ ଏହି ଏନ୍‌କାଉଣ୍ଟରରେ ମୁଖ୍ୟ ଅଭିଯୁକ୍ତ ରାହୁଲ ଆର୍ଯ୍ୟ ପ୍ରାଣ ହରାଇଛି । ସୂଚନା ଅନୁଯାୟୀ ଆରଏ ଷ୍ଟୁଡିଓରେ ପିଲାଙ୍କୁ ଅଭିନୟ ଶିକ୍ଷା ଦିଆଯାଉଥିଲା । ଅଡିସନ ବାହାନାରେ ପ୍ରାୟ ଶହେ ଶିଶୁଙ୍କୁ ସେଠାକୁ ଡକା ଯାଇଥିଲା । ମାତ୍ର ୧୭ ଜଣ ଏଥିପାଇଁ ପହଞ୍ଚି ଥିଲେ । ସମସ୍ତଙ୍କ ବୟସ ୮ ରୁ ୧୪ ବର୍ଷ ମଧ୍ୟରେ ଥିଲା । ପୁଲିସକୁ ଏହାର ସୂଚନା ଗୁରୁବାର ଅପରାହ୍ଣ ୧ଟା ୪୫ରେ ମିଳିଥିଲା । ସଙ୍ଗେ ସଙ୍ଗେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତର ଦାବି ଜାଣିବାକୁ ଚାହିଁଥିଲା । କିନ୍ତୁ ସେ ଶିଶୁଙ୍କୁ ଛାଡିବାକୁ ମନା କରି ଦେଇଥିଲା । ଷ୍ଟୁଡିଓରେ ଲାଗିଥିବା କାଚ ଦେଇ ଶିଶୁ ବାହାରକୁ ଚାହିଁ ରହିଥିବା ଦେଖିବାକୁ ମିଳିଥିଲା । ତେବେ ଶିଶୁଙ୍କ କ୍ଷତି କରିବାକୁ ଧମକାଇବା ପରେ ପୁଲିସ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲା । ଘଟଣାସ୍ଥଳରୁ ଏକ ଏୟାରଗନ୍ ଏବଂ ଅନ୍ୟ ରାସାୟନିକ ସାମଗ୍ରୀ ମିଳିଛି । ଏ ପର୍ଯ୍ୟନ୍ତ ରୋହିତର ଉଦ୍ଦେଶ୍ୟ ଜଣାପଡ଼ି ନାହିଁ । ଅଭିଯୁକ୍ତ ଜଣେ ମାନସିକ ରୋଗୀ ବୋଲି ପୁଲିସ ସନ୍ଦେହ କରୁଛି ।

ଏହା ପୂର୍ବରୁ ଅଭିଯୁକ୍ତ ଏକ ଭିଡିଓ ଜାରି କରି କହିଥିଲା ଯେ ସେ ଆତ୍ମହତ୍ୟା କରିବା ପରିବର୍ତ୍ତେ ଶିଶୁଙ୍କୁ ବନ୍ଦୀ ବନାଇ ରଖିଛି । ମୁଁ ବହୁତ ସାଧାରଣ ବ୍ୟକ୍ତି । ମୋର କିଛି ନୈତିକ ଦାବି ଏବଂ ପ୍ରଶ୍ନ ରହିଛି । କିଛି ଲୋକଙ୍କ ସହ ଆଲୋଚନା କରି ପ୍ରଶ୍ନର ଉତ୍ତର ଚାହୁଁଛି । ଏହା ବ୍ୟତୀତ ମୁଁ ଆଉ କିଛି ଚାହୁଁନାହିଁ । ମୁଁ କୌଣସି ଆତଙ୍କବାଦୀ ନୁହେଁ । ଅଧିକ ଟଙ୍କାର ମଧ୍ୟ ଦାବି କରୁନାହିଁ । ଯଦି ମତେ ଉସୁକା ଯିବ ତେବେ ସମ୍ପୂର୍ଣ୍ଣ ଷ୍ଟୁଡିଓକୁ ନିଆଁ ଲଗାଇ ଦେବି । ଉସୁକାଇଲେ ଶିଶୁଙ୍କର ମଧ୍ୟ କ୍ଷତି କରିବି ।

# ପରମାଣୁ ଅସ୍ତ୍ର ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଲେ ଟ୍ରମ୍ପ



ୱାଶିଂଟନ, ୩୦ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତିରକ୍ଷା ମନ୍ତ୍ରଣାଳୟ ଅର୍ଥାତ ପେଣ୍ଟାଗନକୁ ତୁରନ୍ତ ପରମାଣୁ ଅସ୍ତ୍ର ପରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରୀକ୍ଷଣ ଚୀନ୍ ଓ ରୁଷିଆ ସହ ବରାବର ହେବା ଉଚିତ ବୋଲି ସେ କହିଛନ୍ତି । ଅନ୍ୟ ଦେଶଗୁଡିକର ପରୀକ୍ଷଣକୁ ଦେଖି ପରମାଣୁ ଅସ୍ତ୍ରର ତୁରନ୍ତ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଛି ବୋଲି ଟ୍ରମ୍ପ କହିଛନ୍ତି । ଆମେରିକା ପାଖରେ ସବୁଠାରୁ ଅଧିକ ପରମାଣୁ ଅସ୍ତ୍ର ରହିଛି । ରୁଷିଆ ଦ୍ୱିତୀୟ ସ୍ଥାନରେ ରହିଛି । କିନ୍ତୁ ଆଗାମୀ ୫ ବର୍ଷରେ ରୁଷ ବରାବର କରିପାରେ ବୋଲି ସେ କହିଛନ୍ତି । ରୁଷି ଓ ଚୀନ୍ ଦୁଇ ଦେଶ ପରମାଣୁ ଅସ୍ତ୍ରର ପରୀକ୍ଷା କରୁଛନ୍ତି । କିନ୍ତୁ ଆମେ ପରୀକ୍ଷଣ କରୁନାହୁଁ । ଅନ୍ୟ ଦେଶମାନେ କରୁଛନ୍ତି । ଏବେ ଆମେ ମଧ୍ୟ ପରମାଣୁ ଅସ୍ତ୍ର ପରୀକ୍ଷା କରିବୁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ।

ଆମେରିକା ୩୩ ବର୍ଷ ତଳେ ଏଭଳି ପରମାଣୁ ଅସ୍ତ୍ର ପରୀକ୍ଷଣ କରିଥିଲା । ଆମେରିକା ୧୯୯୨ ସେପ୍ଟେମ୍ବର ୨୩ରେ ଶେଷଥର ପାଇଁ ପରମାଣୁ ଅସ୍ତ୍ର ପରୀକ୍ଷା କରିଥିଲା । ଏହା ଆମେରିକାର ୧, ୦୩୦ତମ ପରମାଣୁ ଅସ୍ତ୍ର ପରୀକ୍ଷଣ ଥିଲା । ନାଭେଡା

■ ୩୩ ବର୍ଷ ତଳେ ହୋଇଥିଲା ପରୀକ୍ଷଣ

ଟେଷ୍ଟ ସାଇଟ୍‌ର ରେନିଅର ମେସା ହିଲ୍‌ସାଇଡ୍‌ରେ ୨୩୦୦ ଫୁଟ ତଳେ ଆମେରିକା ଶେଷଥର ପାଇଁ ପରମାଣୁ ଅସ୍ତ୍ର ପରୀକ୍ଷା କରିଥିଲା । ଆଣବିକ ବିକିରଣ ବାହାରକୁ ନ ବ୍ୟାପିବା ପାଇଁ ଏପରି କରାଯାଇଥିଲା । ସେତେବେଳେ ଏହାର କୋଡ ନାମ ଡିଭାଇଡର ଥିଲା । ମାଟି ତଳେ ଏତେଜୋରରେ ବିସ୍ଫୋରଣ ହୋଇଥିଲା ଯେ, ପଥର ମଧ୍ୟ ତରଳି ଯାଇଥିଲା । ମାଟିରସ୍ତର ଗୋଟିଏ ଫୁଟ ଉପରକୁ ଉଠି ପୁଣି ତଳକୁ ଧସିଯାଇଥିଲା । ଏବେ ସେଠାରେ ୧୫୦ମିଟର ଚଉଡ଼ା ଓ ୧୦ ମିଟର ଗାତ ଦେଖିବାକୁ ମିଳିଛି । ଏହାପରେ ୧୯୯୬ରେ କମ୍ପ୍ରିହେନସିଭ ନ୍ୟୁକ୍ଲିୟାର ଟେଷ୍ଟ ବ୍ୟାନ ଟ୍ରିଟି (ସିଟିବିଟି) ସ୍ୱାକ୍ଷରିତ ହୋଇଥିଲା । ଫଳରେ ମାଟିତଳେ ପରମାଣୁ ଅସ୍ତ୍ର ପରୀକ୍ଷଣ ଉପରେ ରୋକ ଲାଗାଯାଇଥିଲା । ଚୀନ୍ ଓ ଆମେରିକା ଏହି ଚୁକ୍ତିରେ ଦସ୍ତଖତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାକୁ ଔପଚାରିକ ଭାବେ ମଞ୍ଜୁରୀ ଦେଇନାହାନ୍ତି ।

# ୬ ମାସ ପାଇଁ ଚାବାହାର ବନ୍ଦର କଟକଣାରୁ ବର୍ତ୍ତିଲା ଭାରତ

ନୂଆଦିଲ୍ଲୀ, ୩୦ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ଇରାନର ଚାବାହାର ବନ୍ଦର ଉପରେ ଆମେରିକା କଟକଣା ଲାଗୁ କରିନାହିଁ । ଏହି ବନ୍ଦର ଉପରେ କଟକଣା ନେଇ ଆମେରିକା ତା'ର ରିହାତି ଅବଧିକୁ ଆଉ ୬ ମାସକୁ ବୃଦ୍ଧି କରିଛି । ଏହି ଅବଧି ଅକ୍ଟୋବର ୨୭ ରେ ଶେଷ ହେବାକୁ ଯାଉଥିଲା । ଏହାକୁ ଭାରତର ଏକ ବଡ଼ କୁଟନୈତିକ ବିଜୟ ବୋଲି କୁହାଯାଉଛି । ଭାରତ ୨୦୨୪ରେ ଏହି ବନ୍ଦରକୁ ବ୍ୟବହାର କରିବାକୁ ନେଇ ଇରାନ ସହ ୧୦ ବର୍ଷ ପାଇଁ ଚୁକ୍ତି କରିଥିଲା । ଭାରତ ମଧ୍ୟ ଏଥିପାଇଁ ବହୁତ ଅର୍ଥ ନିବେଶ କରିଥିଲା । ଏହି ଚୁକ୍ତି ଅନୁସାରେ ଭାରତୀୟ ପୋର୍ଟ୍ସ ଗ୍ଲୋବାଲ ଲିମିଟେଡ (ଆଇପିଜିଏଲ୍) ବନ୍ଦର ଶହିଦ ବେହସ୍ତି ଟର୍ମିନାଲର ସଞ୍ଚାଳନ ପ୍ରକ୍ରିୟାକୁ ନିଜ ହାତକୁ ନେଇଥିଲା । ଫଳରେ ଭାରତ ପ୍ରଥମଥର ପାଇଁ କୌଣସି ବିଦେଶୀ ବନ୍ଦରର ପରିଚାଳନା ନିଜ ହାତକୁ ନେଇଥିଲା । ଏହା ପୂର୍ବରୁ ୨୦୧୬ରେ ହୋଇଥିବା ଚୁକ୍ତିର ନବୀକରଣ ପ୍ରତିବର୍ଷ ହେଉଥିଲା । ଚାବାହାର ବନ୍ଦର ଭାରତ ପାଇଁ ବିଶେଷ ଭାବେ ଗୁରୁତ୍ୱ ବହନ କରୁଛି । କାରଣ ପାକିସ୍ତାନକୁ ବାଇପାସ୍ କରି ଭାରତ ଏହି ବନ୍ଦର ମାଧ୍ୟମରେ ଆଫଗାନିସ୍ତାନ ଓ ମଧ୍ୟ ଏସୀୟ ଦେଶଗୁଡିକ ସହ ସିଧାସଳଖ ବାଣିଜ୍ୟ ଓ ବ୍ୟବସାୟ କରିବାକୁ ସକ୍ଷମ ହେଉଛି । ୨୦୨୩ରେ ଭାରତ ଏହି ପ୍ରକଳ୍ପ ନେଇ ପ୍ରସ୍ତାବ ଦେଇଥିଲା । ଏହା ଦ୍ୱାରା ଅନ୍ତର୍ଜାତୀୟ ଉତ୍ତର- ଦକ୍ଷିଣ ଟ୍ରାନ୍ସପୋର୍ଟ କରିଡର ଜରିଆରେ ଆଞ୍ଚଳିକ ଯୋଗାଯୋଗ ସୁଦୃଢ଼ ହୋଇଛି ।

# ନୀତୀଶ କୁମାରଙ୍କୁ ନେଇ ଅନିଶ୍ଚିତତା ବଢ଼ିଲା

ପାଟନା, ୩୦।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ଜୋରସୋରରେ ପ୍ରଚାର ଚାଲିଛି । କିଛି ଦିନ ପର୍ଯ୍ୟନ୍ତ ଅନୁପସ୍ଥିତ ରହିବା ପରେ ରାହୁଲ ମହାମେଣ୍ଟ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି । ସେ କ୍ଷମତାସୀନ ଏନ୍‌ଡିଏ ମେଣ୍ଟକୁ ନିଶାଣ କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମାଲୋଚନା କରିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ବିହାରେ ଆଜି ବିଭିନ୍ନ ଅଞ୍ଚଳରେ ରାଲି ରଖି ଏନ୍‌ଡିଏ ପାଇଁ ଭୋଟ ଭିକ୍ଷା କରିଛନ୍ତି । ସେ ମହାମେଣ୍ଟକୁ ନିଶାଣ କରିବା ସହିତ ଆରଜେଡିର ବିନାଶ କଂଗ୍ରେସ କାମ କରୁଥିବା ଅଭିଯୋଗ କରିଛନ୍ତି । ଏହାରି ମଧ୍ୟରେ ବିହାର ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏକ ସାକ୍ଷାତକାରରେ ନୀତୀଶ କୁମାର ଆଗକୁ ମଧ୍ୟ ମୁଖ୍ୟମନ୍ତ୍ରୀ ରହିବେ ବୋଲି କହିଛନ୍ତି ।

**ସମ୍ରାଟ ଚୌଧୁରୀଙ୍କୁ ମିଳିବ ବଡ଼ ଦାୟିତ୍ୱ: ଅମିତ ଶାହା**

ଏବେ ରାଜ୍ୟରେ କୌଣସି ମୁଖ୍ୟମନ୍ତ୍ରୀ ପଦ ଖାଲି ନାହିଁ ଏବଂ ଆଗକୁ ମଧ୍ୟ ଖାଲି ହେବନି ବୋଲି ଉଲ୍ଲେଖ କରିଥିଲେ । ତେବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମୁଙ୍ଗେରରେ ପ୍ରଚାର କରି ଚୌଧୁରୀଙ୍କ ପାଇଁ ଭୋଟ ମାଗିଛନ୍ତି । ତାଙ୍କୁ ଭୋଟ ଦେଇ ଜିତାଇଲେ ଆମେ ବଡ଼ ଲୋକ ବନାଇ ଦେବୁ ବୋଲି କହିଛନ୍ତି । ପରୋକ୍ଷରେ ଶାହା ତାଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ସଙ୍କେତ ଦେଉଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି ।

ଆଜି ନାଳନ୍ଦାର ନୁରସରାୟରେ ଜନସଭା କରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଜଣେ ଭୟାଳୁ ବ୍ୟକ୍ତି । ମୋଦୀଙ୍କଠାରୁ ଇନ୍ଦିରା ଅଧିକ ସାହସ ଥିଲେ । ଆମେରିକା ରାଷ୍ଟ୍ରପତିଙ୍କୁ ମୋଦୀ ଭୟ କରୁଛନ୍ତି । ମୋଦୀଙ୍କୁ ଧମକାଇ ଅପରେସନ ସିନ୍ଦୂର ବନ୍ଦ କଲି ବୋଲି ୫୦ ଥର ଟ୍ରମ୍ପ ଦାବି କଲେଣି । ସେହିପରି ମୋଦୀ ମଜଫରପୁରରେ କହିଥିଲେ ଯେ ନରେନ୍ଦ୍ର ଓ ନୀତୀଶ ଲୋକଙ୍କ ସ୍ୱପ୍ନ ପୂରଣ କରୁଥିବାବେଳେ କଂଗ୍ରେସ ଏବଂ ଆରଜେଡି ବିହାର ଓ ବିହାରୀଙ୍କୁ ଅପମାନିତ କରୁଛନ୍ତି । ତାମିଲନାଡୁରେ ଯେଉଁ ଡିଏମକେ ନେତା ବିହାରୀଙ୍କୁ ଉତ୍ପୀଡ଼ନ ଦେଉଛନ୍ତି ତାଙ୍କୁ କଂଗ୍ରେସ ପ୍ରଚାର ପାଇଁ ଡାକୁଛି ।

# ଝିଅ ମୃତ୍ୟୁର ଦୁଃଖଠୁ ବଳିଗଲା ଲାଞ୍ଚ ଯନ୍ତ୍ରଣା

ବେଙ୍ଗାଲୁରୁ, ୩୦।୧୦ (ଏଜେନ୍ସି): ଯନ୍ତ୍ରଣା ଜୀବନଠୁ ବଳି ଯାଇଛି । ଅଲିଅଳୀ ଝିଅକୁ ଯୁବାବସ୍ଥାରେ ହରାଇବାର ଦୁଃଖରେ ଭାଙ୍ଗି ପଡ଼ିଥିବା ପରିବାରକୁ ବ୍ୟବସ୍ଥା ଦାରୁଣ କଷ୍ଟ ଦେଇଛି । ଝିଅର ମୃତ୍ୟୁରେ ଶୋକାତୁର ପରିବାରକୁ ବି ଛାଡ଼ି ନାହାନ୍ତି ଦୁର୍ନୀତିଗ୍ରସ୍ତ ତଥା ଭ୍ରଷ୍ଟ ଅଧିକାରୀ । ମୃତଦେହ ପାଇଁ ବି ଲାଞ୍ଚ ନେବାକୁ ପଛାଇ ନାହାନ୍ତି । ମୃତଦେହକୁ ହସ୍ପିଟାଲରୁ ଘରକୁ ନେବାଠାରୁ ମୃତ୍ୟୁ ପ୍ରମାଣପତ୍ର ପାଇବା ପର୍ଯ୍ୟନ୍ତ ସବୁଠି ଲାଞ୍ଚ ଦେବାକୁ ପଡିଛି । ଆମ୍ବୁଲାନ୍ସ ଡ୍ରାଇଭର, ପୌରପାଳିକା ଏମିତିକି ପୁଲିସ ଅଧିକାରୀ ବି ଦୁଃଖରେ ମ୍ରିୟମାଣ ବାପାଠାରୁ ଲାଞ୍ଚ ନେବାକୁ ପଞ୍ଝୁଆ ଦେଇ ନ ଥିଲେ । ମାନବିକତାକୁ ମାରି ମୃତଦେହ ସହ ମୂଲଚାଲ କରୁଥିଲେ । ଏଭଳି ହୃଦୟ ବିଦାରକ ଘଟଣା ବେଙ୍ଗାଲୁରୁର ସାମ୍ନାକୁ ଆସିଛି । କୌଣସି ସାଧାରଣ ନାଗରିକ ନୁହେଁ, ବରଂ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ)ର ପୂର୍ବତନ ମୁଖ୍ୟ ଆର୍ଥିକ ଅଧିକାରୀ (ସିଏଫଓ)ଙ୍କ ସହ ଏଭଳି ଘଟିଛି । ବେଙ୍ଗାଲୁରରେ ରହୁଥିବା ଏହି ଅଧିକାରୀଙ୍କ ଝିଅର ମୃତ୍ୟୁ ପରେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ପାଇଁ ତାଙ୍କୁ ଲାଞ୍ଚ ଦେବାକୁ ବାଧ କରାଯାଇଥିଲା । ସେ ଏକ ପୋଷ୍ଟ ମାଧ୍ୟମରେ ଏହି ହୃଦୟ ବିଦାରକ ଘଟଣା ବିଷୟରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ଯାହା ଖୁବ ଭାଇରାଲ ହେବାରେ ଲାଗିଛି ଏବଂ ବ୍ୟବସ୍ଥା ପ୍ରତି ଘୃଣା ସୃଷ୍ଟି ହୋଇଛି । ସ୍ୱାଧୀନତାର ଏତେ ବର୍ଷ ପରେ ବି ସ୍ଥିତି ନ ବଦଳିବା ସରକାର ଦେଉଥିବା ଦୁର୍ନୀତି ବିରୋଧୀ ସ୍ଲୋଗାନର ଅସଲ ଚିତ୍ରକୁ ପଦାରେ ପକାଇ ଦେଇଛି ।

ସୂଚନା ଅନୁଯାୟୀ ଗତ ୧୮ ତାରିଖରେ ବ୍ରେନ ଷ୍ଟ୍ରୋକ୍‌ରେ ଶିବକୁମାରଙ୍କ ଝିଅ ଅକ୍ଷୟା (୩୪)ଙ୍କ ମୃତ୍ୟୁ ହୋଇଥିଲା । ଆଇଆଇଏମ ଅହମଦାବାଦରୁ କମ୍ପ୍ୟୁଟର ସାଇନ୍ସରେ ବିଟେକ ଏବଂ ଏମବିଏ କରିଥିବା ଅକ୍ଷୟା ୧୧ ବର୍ଷ ହେଲା ଗୋଲ୍ଡମ୍ୟାନ ସ୍ୟାଚରେ କାମ କରୁଥିଲେ । ମୃତ୍ୟୁ ପରେ ଝିଅର ମୃତଦେହ ନେବା ପାଇଁ ଆମ୍ବୁଲାନ୍ସ ଡ୍ରାଇଭର, ଏତଲାର ନକଲ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଦେବାକୁ ପୁଲିସ, ମୃତ୍ୟୁ ପ୍ରମାଣପତ୍ର ପାଇଁ ବୃହତ ବେଙ୍ଗାଲୁରୁ ମହାଗନର ପାଳିକା (ବିବିଏମପି)ର ଅଧିକାରୀ ମାନେ ପୀଡ଼ିତାଙ୍କ ବାପାଙ୍କୁ ଖୋଲାଖୋଲି ଭାବେ ଲାଞ୍ଚ ମାଗିଥିଲେ । କେଉଁ ଭଳି ଭାବେ ଥାନାରେ ତାଙ୍କୁ ନଗଦ ଟଙ୍କା ଦେବାକୁ ବାଧ କରାଯାଇଥିଲା ତାହା ମଧ୍ୟ ଶିବକୁମାର ବର୍ଣ୍ଣନା କରିଛନ୍ତି । ଲାଞ୍ଚ ନ ଦେବାରୁ ବ୍ୟବଚ୍ଛେଦ ରିପୋର୍ଟ ଦେବା ପାଇଁ ଚାରି ଦିନ ଲଗାଇ ଦିଆଯାଇଥିଲା । ଝିଅକୁ ହରାଇବାର ଦୁଃଖରେ ମ୍ରିୟମାଣ ଥିବା ବାପା ପ୍ରତି ସହାନୁଭୂତି ବି

## କରୁଣ କାହାଣୀ କହିଲେ ସିଏଫ୍‌ଓ

## ମୃତଦେହ ପାଇଁ ବି ସବୁଠି ଦେବାକୁ ପଡ଼ିଲା ଲାଞ୍ଚ

ଦେଖାଇ ନ ଥିଲେ । ପାଖରେ ଟଙ୍କା ଥିବାରୁ ମୁଁ ତ ଦେଇ ଦେଲି ହେଲେ ଗରିବଙ୍କ ସହ ଏମାନେ କ'ଣ କରୁଥିବେ ବୋଲି ଶିବକୁମାର ପ୍ରଶ୍ନ ଉଠାଇଛନ୍ତି ।

ଶିବକୁମାର ଲେଖିଥିଲେ ଯେ କୋରାମଙ୍ଗଳାର ସେଣ୍ଟ ଜନ୍ସ ହସ୍ପିଟାଲରୁ କସଭାନାହାଲି ନେବା ପାଇଁ ଆମ୍ବୁଲାନ୍ସ ଡ୍ରାଇଭର ତାଙ୍କୁ ୩ ହଜାର ଟଙ୍କା ମାଗିଥିଲା । ବେଲାନ୍ଦୁର ଥାନାର ପୁଲିସ ଅଧିକାରୀ ମଧ୍ୟ କୌଣସି କାମରେ ସହାୟତା କରି ନ ଥିଲେ । ପୂର୍ବରୁ ବଡ଼ ଆଘାତ ପାଇଥିବା ବ୍ୟକ୍ତି ପ୍ରତି କୌଣସି ସହାନୁଭୂତି ନ ଦେଖାଇ ପୁଲିସ ଅଧିକାରୀ ରୁକ୍ଷ ବ୍ୟବହାର କରିଥିଲେ । ଖାଲି ଟଙ୍କା ମାଗି ଚାଲିଥିଲେ । ଏହାକୁ ନେଇ ପୁଲିସ ଅଧିକାରୀଙ୍କର ପରିବାର ଅଛି କି ନାହିଁ ବୋଲି ଶିବକୁମାର ପ୍ରଶ୍ନ ପଚାରିଛନ୍ତି । ଏତିକିରେ ତାଙ୍କ ଯନ୍ତ୍ରଣା ଶେଷ ହୋଇ ନ ଥିଲା । ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ବି ତାଙ୍କୁ ନାକେଦମ ହେବାକୁ ପଡ଼ିଥିଲା । ଏହା ପାଇବା ପାଇଁ ୫ ଦିନ ପର୍ଯ୍ୟନ୍ତ ବିବିଏମପି ଅଫିସକୁ ଦୌଡିବାକୁ ପଡ଼ିଥିଲା । ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ କରିବା ପରେ ଆନୁଷ୍ଠାନିକ ଦେୟଠାରୁ ଢେର ଅଧିକ ଦେବାରୁ ପ୍ରମାଣପତ୍ର ମିଳିଥିଲା । ଏହି ଘଟଣାକୁ ନେଇ ବଡ଼ ବଡ଼ ବ୍ୟବସାୟୀଙ୍କୁ ଶିବକୁମାର ଆକୁଳ ନିବେଦନ କରିଛନ୍ତି । ନାରାୟଣ ମୂର୍ତ୍ତି, ଅଜିମ ପ୍ରେମଜୀ ଏବଂ ମଜୁମଦାରଙ୍କ ଭଳି ବଡ଼ ବଡ଼ ବ୍ୟବସାୟୀ କୋଟି କୋଟି ଟଙ୍କା ଦେଇ ସହରକୁ ବଞ୍ଚାଇ ପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି ।

## ଦୁଃଖ ଦେଇଗଲା ବାତ୍ୟା ମୋନ୍ଥା

# ପାଣିରେ ଲୋଟୁଛି ଧାନ; ଦାନା ଚିନ୍ତାରେ ଚାଷୀ

ପାରଳାଖେମୁଣ୍ଡି/ଧରାକୋଟ,୩୦।୧୦(ସମିସ): ବାତ୍ୟା ଗଲାପରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଯୋଗୁଁ ଧାନ ଓ ପନିପରିବା ଫସଲ ଉଜୁଡ଼ି ଯାଇଛି। କେଉଁଠି ପାଚିଲା ଧାନ ତ ଆଉ କେଉଁଠି ପୁଡ଼ା ଧରୁଥିବା ଧାନ ଏବେ ପାଣିରେ ଲୋଟିଛି। ଚଳିତବର୍ଷ ଭଲ ବର୍ଷା ଯୋଗୁଁ ଫସଲ ଭଲ ହୋଇଥିବାବେଳେ ଚାଷୀ ଦି ପଇସା ଭଲ ରୋଜଗାର କରିବ ବୋଲି ଆଶା କରିଥିଲା। ମାତ୍ର 'ମୋନ୍ଥା' ପ୍ରଭାବରେ ହୋଇଥିବା ବର୍ଷାରେ ଲୋଟିଥିବା ଧାନକୁ ଦେଖି ଏବେ ବର୍ଷସାରା ପରିବାର ପାଇଁ ଦାନା ଯୋଗାଡ଼ ହେବ କି ନାହିଁ ସେ ନେଇ ଚିନ୍ତାରେ।

ଗଜପତି ଜିଲ୍ଲାରେ ୧୦୯.୪୦ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଗଞ୍ଜାମ ଜିଲ୍ଲାର ପାତ୍ରପୁର ବ୍ଲକରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି। ଗୁରୁବାର ବର୍ଷା କମିବା ପରେ ବିଭିନ୍ନ ସ୍ଥାନରେ ଚାଷୀ ଯାଇ ଉଜୁଡ଼ା ଜମିରେ ଧାନ ଗଛକୁ ଆଡ଼େଇ ଜଳ ନିଷ୍କାସନ ପାଇଁ ଉଦ୍ୟମ ଜାରି ରଖିଛନ୍ତି। କେତେକସ୍ଥାନରେଆଗଚାଷହୋଇଥିବାକ୍ଷେତରେଧାନପାଚିଯାଇଥିବାରୁ ଗଜା ହୋଇଯାଇଥିବା ଦେଖିବାକୁ ମିଳିଛି। ତୁରନ୍ତ ଜିଲ୍ଲା ପ୍ରଶାସନ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ପ୍ରଦାନ ପାଇଁ ଚାଷୀ ଦାବି କରିଛନ୍ତି।





## ପଞ୍ଝୁକ ସହ ଆସିବ ଶୀତ

ଭୁବନେଶ୍ୱର, ୩୦।୧୦ (ସମିସ): ବର୍ଷା ପରେ ପରେ ରାଜ୍ୟକୁ ଆସୁଛି ଶୀତ। ଦିନକ ପରେ ପଞ୍ଝୁକ ଆରମ୍ଭ ହେଉଛି। ପଞ୍ଝୁକ ସାଙ୍ଗକୁ ରାଜ୍ୟକୁ ପହିଲି ଶୀତ ଆସିବାକୁ ଯାଉଛି। ବର୍ତ୍ତମାନ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କବାୟୁ ପ୍ରବାହ ଆରମ୍ଭ ହୋଇଥିବା ବେଳେ ଆଗକୁ ଏକ ଗୁରୁଚାପବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଥଣ୍ଡା ବାୟୁର ପ୍ରବାହ ବୃଦ୍ଧି ପାଇବା ସହ ଶୀତ ବଢ଼ିବା ନେଇ ଆକଳନ କରାଯାଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟକୁ ବର୍ତ୍ତମାନ ଉତ୍ତରା ପବନ ବହିବା ଆରମ୍ଭ ହୋଇଛି। ମେଘୁଆ ପାଗ ମଧ୍ୟ କ୍ରମଶଃ ପଳାଇଯିବ। ଫଳରେ ରାଜ୍ୟରେ ପହିଲି ଶୀତ ହେବ। ୩୧ ତାରିଖ ରାତିରୁ କନ୍ଧମାଳ (ବାଲିଗୁଡ଼ା, ଫୁଲବାଣୀ) ଓ ଗଜପତି (ଗଜାପୁର, ମୋହନା) ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀରୁ କମିପାରେ। ନଭେମ୍ବର ୨ ତାରିଖ ରାତିରୁ ସାରା ରାଜ୍ୟରେ ତାପମାତ୍ରା ୫ ମଧ୍ୟରେ ୩-୪ ଡିଗ୍ରୀ କମିବ। ଝାରସୁଗୁଡ଼ା, ରାଉରକେଲା, ପାଲଲହଡ଼ା, ବାଦାମପାହାଡ଼, ବହଳଦାରେ ସର୍ବନିମ୍ନ ତାପମାତ୍ରା ୧୫ରୁ ୧୭ ଡିଗ୍ରିକୁ ଖସିବ। ସେହିପରି ବାଲିଗୁଡ଼ା, ଦାରିଙ୍ଗବାଡ଼ି, ଗଜାପୁର, ମୋହନାରେ ୧୭-୧୮ ଡିଗ୍ରି ରହିପାରେ। ଏହା ଉତ୍ତର ଭାରତର ଦିଲ୍ଲୀ-ଚଣ୍ଡିଗଡ଼-ଲୁଧିଆନାର ତାପମାତ୍ରା ସହିତ ସମାନ ହୋଇପାରେ। ଭୁବନେଶ୍ୱରରେ ତାପମାତ୍ରା ୫ ସୁଦ୍ଧା ୨୦ ଡିଗ୍ରୀ ତଳକୁ ଖସିବାର ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

## କାନ୍ଥ ଭୁଶୁଡ଼ି ମହିଳାଙ୍କ ମୃତ୍ୟୁ

କପ୍ତିପଦା, ୩୦।୧୦(ସମିସ): ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ବୃଦ୍ଧା ମୃତ। ଏଭଳି ଏକ ଘଟଣା ଘଟିଛି କପ୍ତିପଦା ଥାନା ରେକର୍ଡବୁଆ ଗ୍ରାମରେ। ମୃତ ବୃଦ୍ଧଜଣଙ୍କ ହେଲେ, ଗ୍ରାମର ବାସନ୍ତୀ କିସ୍କୁ। ବୁଧବାର ସେ ଘରେ ଏକୁଟିଆ ଥିଲେ। ଅପରାହ୍ଣରେ ସେ ଘର ବାରଣ୍ଡାରେ ଶୋଇଥିଲେ। ଏହି ସମୟରେ ଜୋରରେ ପବନ ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଘରର ଆଜବେଷ୍ଟସ ଏବଂ କାନ୍ଥ ଦବି ଯାଇଥିଲା। ଶବ୍ଦ ଶୁଣି ବାସନ୍ତୀ ଉଠି ବାହାରିବାକୁ ଯିବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କ ଉପରେ କାନ୍ଥ ପଡ଼ି ଯାଇଥିଲା ଏବଂ ସେ ଚାପି ହୋଇ ରହିଯାଇଥିଲେ। କିଛି ସମୟ ପରେ ପରିବାରଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସବୁ ନୂଆ ରାସ୍ତାକଡ଼ରେ ବୃକ୍ଷରୋପଣ

■ ବ୍ୟୟ ହେବ ନିର୍ମାଣ ଖର୍ଚ୍ଚର ୧ ପ୍ରତିଶତ ଅର୍ଥ

ଭୁବନେଶ୍ୱର,୩୦।୧୦(ସମିସ): ଦ୍ରୁତ ସହରୀକରଣ ଓ ଜଙ୍ଗଲ ହ୍ରାସ ଯୋଗୁଁ ଏହାର କୁପ୍ରଭାବ ଜୀବଜଗତ ଉପରେ ପରିଲକ୍ଷିତ ହେଉଛି। ତେଣୁ ଏହି ସମସ୍ୟାର ମୁକାବିଲା କରିବା ଏବଂ ଓଡ଼ିଶାକୁ ପରିବେଶ ଅନୁକୂଳ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଏଣିକି ସବୁ ନୂତନ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ସାରା ରାଜ୍ୟରେ ପୂର୍ତ୍ତ ବିଭାଗ ଅଧୀନରେ ନୂଆକରି ନିର୍ମାଣ ହେବାକୁ ଥିବା ପ୍ରତ୍ୟେକ ରାଜପଥ, ଜିଲ୍ଲା ମୁଖ୍ୟ ସଡ଼କ, ଅନ୍ୟାନ୍ୟ ସମସ୍ତ ସଡ଼କ ନିର୍ମାଣ ସମୟରେ ବୃକ୍ଷରୋପଣକୁ ବାଧ୍ୟତାମୂଳକ କରାଯିବ। ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଏଥିନେଇ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ରାସ୍ତାର ଉଭୟ ପାର୍ଶ୍ୱର ଏବଂ ଡିଭାଇଡର ମଝିରେ ଥିବା ଖାଲିସ୍ଥାନରେ ବ୍ୟାପକ ବୃକ୍ଷରୋପଣ କରାଯିବା ନେଇ ଇଆଇସି (ସିଭିଲ୍ ତଥା ରୋଡସ୍), ଇଆଇସି (ଏନ୍‌ଏଚ୍), ଏମ୍ଡି, ଓବିସିସିଙ୍କୁ ଚିଠି ଜରିଆରେ ଅବଗତ କରାଯାଇଛି। ଗ୍ରୀନ୍ କରିଡର ବିକାଶ ଓ ପରିଚାଳନା ଲକ୍ଷ୍ୟ ନେଇ ସବୁ ରାସ୍ତାକଡ଼ରେ ବୃକ୍ଷ ରୋପଣ କରାଯିବ। ଏହି କ୍ରମରେ ରାସ୍ତା ନିର୍ମାଣ ସମୟରେ ନିର୍ମାଣ ବ୍ୟୟର ଅତିରିକ୍ତ ୧ ପ୍ରତିଶତ ଅର୍ଥରାଶି ବୃକ୍ଷରୋପଣ ଏବଂ ରକ୍ଷଣାବେକ୍ଷଣ ବାବଦରେ ଖର୍ଚ୍ଚ କରିବା ନେଇ ମାର୍ଗଦର୍ଶିକା ଜାରି କରାଯାଇଛି। ଏହାଦ୍ୱାରା ଅଙ୍ଗାରକାମ୍ଳ ଅବଶୋଷଣ ଓ ଅମ୍ଳଜାନ ସ୍ତର ବୃଦ୍ଧି ସହ ବାୟୁ ପ୍ରଦୂଷଣକୁ କମ୍ କରିହେବ। ଏହି ବୃକ୍ଷରୋପଣ ଶବ୍ଦ ପ୍ରଦୂଷଣକୁ କମ୍ କରିବା ସହ ମୃତ୍ତିକା କ୍ଷୟକୁ ରୋକିବା ଏବଂ ବାୟୁର ମାନକ ବୃଦ୍ଧି କରିବା ସହ ଖରାଦିନେ ଆଖପାଖ ଅଞ୍ଚଳରେ ଶୀତଳତା ସୃଷ୍ଟି କରିବାରେ ସହାୟକ ହେବ ବୋଲି ସରକାର ବିଚାର କରିଛନ୍ତି।

### ଦଳୀୟ କାର୍ଯ୍ୟାଳୟରେ ପୁଲିସ ପଶିବାକୁ ନେଇ ବର୍ଷିଲା କଂଗ୍ରେସ

## ଭୋଟରଙ୍କୁ ଡରାଇବାକୁ ଅପଚେଷ୍ଟା କରୁଛି ବିଜେପି

ଭୁବନେଶ୍ୱର,୩୦।୧୦(ସମିସ): ନୂଆପଡ଼ା ଉପନିର୍ବାଚନ ପରିପେକ୍ଷୀରେ ସମସ୍ତ ରାଜନୈତିକ ଦଳ ସମସ୍ତ ଶକ୍ତି ବିନିଯୋଗ କରି ପ୍ରଚାର ପ୍ରସାର କରୁଛନ୍ତି ଏବଂ ନିଜ ବିଜୟକୁ ନେଇ ଆଶାବାଦୀ ଅଛନ୍ତି। ଘାସିରାମ ମାଝୀ ମାଟିର ପୁଅ ତାଙ୍କ ପ୍ରତି ଜନତାଙ୍କ ସମ୍ପୂର୍ଣ୍ଣ ସମର୍ଥନ ଦେଖି ବିଜେପି ପାଇଁ ମୁଣ୍ଡବ୍ୟଥା ବଢ଼ିଯାଇଛି। ଏଥିପାଇଁ ବିଜେପି ସରକାର କଂଗ୍ରେସ କାର୍ଯ୍ୟାଳୟରେ ପୁଲିସ ଦ୍ୱାରା ରେଡ୍ କରି ଲୋକଙ୍କୁ ଭୟଭୀତ କରାଇବାକୁ ଅପଚେଷ୍ଟା କରୁଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଦଳ ପକ୍ଷରୁ ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ପିସିସିର ବରିଷ୍ଠ ଉପସଭାପତି ଡଃ ଲଲାଟେନ୍ଦୁ ମହାପାତ୍ର କହିଛନ୍ତି ଯେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନ୍‌ୱର ବିଶାଳ ସିଂହଙ୍କୁ ଛୁଟିରେ ପଠାଯାଇ ତାଙ୍କ ସ୍ଥାନରେ ଆଇଜି ହିମାଂଶୁ ଲାଲଙ୍କୁ ଦାୟିତ୍ୱରେ ରଖାଯାଇଛି। ଯାହାକି ନିର୍ବାଚନ ଆଚରଣ ବିଧିକୁ ଉଲଂଘନ କରିଛି। ଏହା ପୁଣି ଭୋଟ ଗ୍ରହଣ ଶେଷଦିନ ପର୍ଯ୍ୟନ୍ତ ହୋଇଥିବାରୁ କଂଗ୍ରେସ ଏହି ଘଟଣାକୁ ନେଇ ପ୍ରଶ୍ନ ଉଠାଇଛି। କଂଗ୍ରେସ ଅଫିସରେ ପୁଲିସ ପଶିବା ଘଟଣାକୁ ନିନ୍ଦା କରିବା ସହ ଗତ ଅକ୍ଟୋବର ୧୬/୧୭ ତାରିଖରେ ପୁଲିସ ୯୦ ଲକ୍ଷ ଟଙ୍କା ଜବତ କରିବା ପରେ ମଧ୍ୟ କାହିଁକି ଏବଂ ଏହା କାହାର ଟଙ୍କା ଆଜି ଯାଏ ପୁଲିସ କିମ୍ବା ଇଡି ପ୍ରକାଶ କରି ପାରିନାହିଁ ତାକୁ ନେଇ ପ୍ରଶ୍ନ କରିଛି। ଏହି ଟଙ୍କା ଜଣେ ବିଜେପି ସାଂସଦଙ୍କ ଘନିଷ୍ଠ ସହଯୋଗୀଙ୍କର ବୋଲି କଂଗ୍ରେସ କହିବା ସହ ସେଥିପାଇଁ ପୁଲିସ ଚୁପ୍ ବସିଥିବା



କହିଛି। କଂଗ୍ରେସ ଲୋକପ୍ରିୟତାରେ ଆଗେଇ ଯାଇଛି, କଂଗ୍ରେସ ପ୍ରାର୍ଥୀଙ୍କୁ ଅକୁଣ୍ଠ ଜନସମର୍ଥନ ମିଳୁଛି। ଏହା ଦେଖି ବିଜେପି ଛାନିଆ ହୋଇ ପୁଲିସ ବାହିନୀ ଏବଂ ପ୍ରଶାସନକୁ ଉପଯୋଗ କରି ନିର୍ବାଚନ ଲଢ଼ିବାକୁ ଯୋଜନା କରୁଛି ବୋଲି କଂଗ୍ରେସ କହିଛି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ନିର୍ବାଚନକୁ କିଭଳି ଅବାଧ, ନିରପେକ୍ଷ ଏବଂ ସୁଚାରୁରୂପେ ସମ୍ପାଦନ କରିବେ ଏହା ତାଙ୍କ ଦାୟିତ୍ୱ। ଭୟଭୀତ ହୋଇ ଉପନିର୍ବାଚନ ପାଇଁ ବିଜେପି ଗଣ୍ଡା ଗଣ୍ଡା ମନ୍ତ୍ରୀ ବିଧାୟକ ଏପରିକି ପରାଜିତ ପ୍ରାର୍ଥୀ ଆଦିଙ୍କୁ ନିର୍ବାଚନ ପ୍ରଚାରରେ ନିୟୋଜିତ କରିଛି। ନିର୍ବାଚନ ସମୟରେ ବିଜେପିର ନେତା ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଆସି ୧୧୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ତେବେ ଗତ ୧୬ ମାସ ଧରି ନୂଆପଡାକୁ ଅଣଦେଖା କାହିଁକି କରୁଥିଲେ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ମୁଖ୍ୟମନ୍ତ୍ରୀ 'ନୂଆପଡାର ଦାୟିତ୍ୱ ମୁଁ ନେବି' ବୋଲି ଅବାନ୍ତର କଥା କହୁଛନ୍ତି' ଏହାର ଅର୍ଥ କଣ ଓଡ଼ିଶାର ବାକି ଜିଲ୍ଲା ପ୍ରତି ମୁଖ୍ୟମନ୍ତ୍ରୀଙ୍କର ଦାୟିତ୍ୱ ନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

## ଓଡ଼ିଶାରେ ନିର୍ମାଣ ହେବ ୯୨ଟି ରେଳ ଓଭରବ୍ରିଜ୍

ଭୁବନେଶ୍ୱର,୩୦।୧୦(ସମିସ): ଓଡ଼ିଶାରେ ୯୨ଟି ରେଳ ଓଭରବ୍ରିଜ୍‌ର ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ। ଏଥିପାଇଁ କେନ୍ଦ୍ର ରେଳ ମନ୍ତ୍ରାଳୟ ଆବଶ୍ୟକ ଅନୁମୋଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ ପୂର୍ବରୁ ଉଭୟ ରେଳ ମନ୍ତ୍ରାଳୟ ଓ ରାଜ୍ୟ ସରକାର ଏହି ରେଳ ଓଭରବ୍ରିଜ୍ ଗୁଡ଼ିକୁ ୫୦-୫୦ ଅନୁପାତରେ ଏଥିପାଇଁ ଖର୍ଚ୍ଚ କରିବେ ବୋଲି ସ୍ଥିର ହୋଇଥିଲା। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଖର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ରେଳ ମନ୍ତ୍ରାଳୟ ବହନ କରିବାକୁ ଅନୁରୋଧ

■ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବ ରେଳ ବିଭାଗ
■ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

କରାଯାଇଥିଲା। ରାଜ୍ୟ ସରକାରଙ୍କ ଅନୁରୋଧ ରକ୍ଷା କରି କେନ୍ଦ୍ର ରେଳ ମନ୍ତ୍ରାଳୟ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ଥିବା ୯୨ଟି ରେଳ ଓଭର ବ୍ରିଜ୍‌ର ସମ୍ପୂର୍ଣ୍ଣ ନିର୍ମାଣ ଖର୍ଚ୍ଚ ବହନ କରିବେ ବୋଲି ପତ୍ର ମାଧ୍ୟମରେ ଜଣାଇଛନ୍ତି। ଓଡ଼ିଶାର ଭିତ୍ତିଭୂମି ବିକାଶ ପ୍ରତି କେନ୍ଦ୍ର ସରକାରଙ୍କ ଏହି ସହୃଦୟତାପୂର୍ଣ୍ଣ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସବୁ ସମୟରେ ଓଡ଼ିଶାର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ଆସିଛନ୍ତି। ରେଳପଥ, ସଡକ ପଥ, ବନ୍ଦର ଓ ବିମାନ ଭିତ୍ତିଭୂମି ସହିତ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଓ?ଶାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି। ଓଡ଼ିଶାବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଏହି ଶ୍ରଦ୍ଧା ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଅନାହାରରେ ରିସା ମାଙ୍କିଡ଼ିଆଙ୍କ ମୃତ୍ୟୁ ଘଟଣା

## ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା କଂଗ୍ରେସ

ଯାଜପୁର,୩୦।୧୦(ସମିସ): ଯାଜପୁର ସୁକିନ୍ଦା ବ୍ଲକ୍ ଗାଁସୋଳ ପଞ୍ଚାୟତ ୧୦ ନଂ ୱାର୍ଡ ମାଙ୍କିଡିଆ ବସ୍ତିର ରିସା ମାଙ୍କିଡିଆଙ୍କ ଅନାହାର ମୃତ୍ୟୁକୁ ନେଇ କ୍ଷୋଭ ପ୍ରକାଶ କରିଛି କଂଗ୍ରେସ। ଆଜି କଂଗ୍ରେସର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଏକ ଦାବିପତ୍ର ପ୍ରଦାନ କରିଛି।

**'ଭୋଟ୍ ଚୋରି କରି ବିଜେପି ସରକାରକୁ ଆସିଛି'**

ରିସାଙ୍କୁ ମିଳୁଥିବା ଚାଉଳ କାହିଁକି ବନ୍ଦ ହେଲା ଏବଂ ଇ-କେୱାଇସି ନାଁରେ କାହିଁକି ଗରିବଲୋକଙ୍କୁ ହଇରାଣ କରାଯାଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏହାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିନିଧିଦଳ ଦାବି କରିଛନ୍ତି।

ପରେ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ରିସା ଜଣେ ବିରଳ ଜୁଆଙ୍ଗ ସମ୍ପ୍ରଦାୟର। କିନ୍ତୁ ସେହି ପରିବାରକୁ ସରକାର ଚାଉଳ ମୁଠେ ଯୋଗାଇ ନପାରିବା ଦୁର୍ଭାଗ୍ୟର କଥା। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି ବୋଲି ଡିଣ୍ଡିମ ପିଟା ଚାଲିଛି। କିନ୍ତୁ ଏହାର ଫଳ କ'ଣ/ ତାହା ସାଧାରଣ ଲୋକେ



ଅନୁଭବ କଲେଣି। ବିଜେପି ଗରିବଙ୍କ ପାଇଁ କାମ ନ କରି କେବଳ ଭୋଟ୍ ଚୋରି କରି ସରକାରକୁ ଆସିଛି। ତେଣୁ ଡବଲ ଇଞ୍ଜିନ ସରକାର ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ କଂଗ୍ରେସ ଗାଁକୁ ଗାଁ ଯିବ। ସମଗ୍ର ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ପ୍ରତ୍ୟେକ ଆଦିବାସୀ ପରିବାରକୁ ତୁରନ୍ତ ଜଙ୍ଗଲ ଅଧିକାର ଆଇନରେ ଘରପଟ୍ଟା ସହ ସମସ୍ତଙ୍କୁ ଆଧାରକାର୍ଡ ଯୋଗାଇଦେବାକୁ ପ୍ରତିନିଧିଦଳ ଦାବି କରିଛନ୍ତି। ସେପଟେ କଂଗ୍ରେସର ଏଭଳି ଅଭିଯୋଗ ସମ୍ପର୍କରେ ଜିଲ୍ଲାପାଳ ଅମ୍ବର କୁମାର କର ଆଲୋଚନା କରିଥିଲେ। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଧ୍ୟାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

କଂଗ୍ରେସ ପ୍ରତିନିଧିମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ପିସିସି ସଂଗଠନ ସୃଜନ ଅଭିଯାନ ଉପସଭାପତି ସୁଧାଂଶୁ ଦେଓ, ସୁକିନ୍ଦା ବିଧାୟକ ପ୍ରାର୍ଥୀ ଇଂ ବିଭୁଭୂଷଣ ରାଉତ, ଡିସିସି ସଭାପତି ମାଗୁଣି ଜେନା, ଦୁର୍ଯ୍ୟୋଧନ ବେହେରା, କିସାନ ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ଦିବ୍ୟାଙ୍ଗ କଲେଜ ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଅ: ହାଇକୋର୍ଟ

କଟକ, ୩୦।୧୦(ସମିସ): କଟକସ୍ଥିତ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ୭୭ଜଣ ଦିବ୍ୟାଙ୍ଗ ଛାତ୍ରୀଙ୍କ ପାଇଁ ଆବଶ୍ୟକ ସୁବିଧା ନଥିବା ପ୍ରସଙ୍ଗକୁ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି। ତେବେ ଶୈଳବାଳା ଭଳି ରାଜ୍ୟର ସମସ୍ତ ମହାବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ରହିଥିବା ସମସ୍ୟାକୁ ସମାଧାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। କଟକ ସହର ସମସ୍ୟା ମାମଲାର ଶୁଣାଣି କରିବା ଅବସରରେ ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିଶେଷକରି, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଯେପରି ସେମାନଙ୍କ ଅଧିକାରରୁ ବଞ୍ଚିତ କରାନଯିବ, ସେ ନେଇ ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି କେଉଁ ମହାବିଦ୍ୟାଳୟରେ କେତେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି, ସେ ସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣି ସମୟରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଅଦାଲତଙ୍କୁ ଅବଗତ କରିବେ।


ଶୈଳବାଳା ମହିଳା ମହାବିଦ୍ୟାଳୟରେ ବାଧାମୁକ୍ତ ଚଳାଚଳ ପାଇଁ ରାମ୍ପ ସହ ଶୌଚାଳୟ ସୁବିଧା, ଲିଫ୍ଟ, ବ୍ରେଲି ପୁସ୍ତକ ଆଦି ନଥିବା ନେଇ ପୂର୍ବରୁ ଆଡଭୋକେଟ କମିଟି ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କଟକ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଡଭୋକେଟ କମିଟି ଶୈଳବାଳା କଲେଜ ପରିଦର୍ଶନ କରି ଆବଶ୍ୟକ ସୁବିଧା ନଥିବା ନେଇ ରିପୋର୍ଟ ଦାଖଲ କରିଥିଲେ। ଆଜି ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଭର୍ଚୁଆଲ ଶୁଣାଣିରେ ଉପସ୍ଥିତ ରହି ଜବାବ ରଖିଥିଲେ। ଉକ୍ତ ରିପୋର୍ଟ ଆଧାରରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଏସଏସଇପିଡି ବିଭାଗ ସଚିବ, ଜିଲ୍ଲା ପ୍ରଶାସନ, କଲେଜ ଅଧ୍ୟକ୍ଷ ଓ ବିଭାଗୀୟ ଯନ୍ତ୍ରୀ ମିଳିତ ବୈଠକ କରିଥିଲେ। ଶୈଳବାଳାରେ ଦିବ୍ୟାଙ୍ଗଙ୍କ ଅନୁକୂଳ ରାମ୍ପ ବ୍ୟବସ୍ଥା, ଲିଫ୍ଟ, ସ୍ୱତନ୍ତ୍ର ଶୌଚାଳୟ ,ଅଧ୍ୟୟନ ପାଇଁ ବ୍ରେଲି ପୁସ୍ତକ ଆଦି ଉପଲବ୍ଧ କରାଯିବା ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିବା କୁହାଯାଇଛି। ଆଡଭୋକେଟ କମିଟି ଆସନ୍ତା ଏହି ମହାବିଦ୍ୟାଳୟ ପରିଦର୍ଶନ କରିବା ସହ ଅନ୍ୟ ଶିକ୍ଷାନୁଷ୍ଠାନ ମଧ୍ୟ ପରିଦର୍ଶନ କରି ରିପୋର୍ଟ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର୨୭କୁ ଧାର୍ଯ୍ୟ କରାଯାଇଛି।

**ମା' ପ୍ରେମ ଏମିତି...**

## ନବଜାତ ହାତୀ ଶବକୁ ଜଗି ରହିଲା ମା'

ବାରିପଦା, ୩୦।୧୦(ସମିସ): ବାରିପଦା ବନଖଣ୍ଡ ଅନ୍ତର୍ଗତ ବାଙ୍ଗିରିପୋଷି ବନାଞ୍ଚଳରେ ଏକ ନବଜାତ ହାତୀ ଶାବକର ମୃତ୍ୟୁ ଘଟିଛି। ବ୍ରାହ୍ମଣଗାଁ ନିକଟ ସାତଭାୟା ଜଙ୍ଗଲରେ ଶାବକଟି ଜନ୍ମ ହେବାର ଦିନେ ନ ହେଉଣୁ ମୃତ୍ୟୁ ହୋଇଥିବା ଖବର ମିଳିଛି। ତେବେ ଶାବକର ମୃତ୍ୟୁ ପରେ ମା' ହାତୀଟି ମୃତଦେହ ପାଖରେ ଜଗି ରହିଥିଲା।

କିଛି ଦିନ ଧରି ବ୍ରାହ୍ମଣଗାଁ ପଞ୍ଚାୟତର ବିଭିନ୍ନ ସ୍ଥାନରେ ୧୨ ଟିକିଆ ହାତୀପଲ ଚଳପ୍ରଚଳ କରୁଛନ୍ତି। ଶିମିଳିପାଳ ପାଦଦେଶର ସାତଭାୟା ଜଙ୍ଗଲରେ ମାଈହାତୀଟି ବିଲ ମଝିରେ ଏକ ହାତୀ ଶାବକକୁ ଜନ୍ମ ଦେଇଥିଲା। ତେବେ ହାତୀ ଶାବକଟି ଦୁର୍ବଳ ଥିବାରୁ ମା' ହାତୀ ଓ ଅନ୍ୟ ହାତୀ ତା'ର ସୁରକ୍ଷା ପାଇଁ ଜଗି ରହିଥିଲେ। ହେଲେ ଶାବକଟି କିଛି ଘଣ୍ଟା ପରେ ବୁଧବାର ସନ୍ଧ୍ୟାରେ ମୃତ୍ୟୁବରଣ କରିଥିଲା। କିନ୍ତୁ, କାଳେ ଛୁଆ ପୁଣି ଜୀବିତ ହେବ, ସେହି ଆଶା ନେଇ ମା'





ହାତୀ ଦୀର୍ଘ ସମୟ ଧରି ଜଗି ରହିଥିଲା। ଖବର ପାଇ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। କିନ୍ତୁ ହାତୀ ନିକଟକୁ ଯାଇ ପାରିନଥିଲେ। ଗୁରୁବାର ସକାଳୁ ବନ ବିଭାଗ ମା' ହାତୀକୁ ଦୂରେଇବା ପରେ ଶବ ବ୍ୟବଚ୍ଛେଦ କରାଯାଇଛି। ମୃତଦେହରୁ ନମୁନା ସଂଗ୍ରହ କରାଯାଇ ଯାଞ୍ଚ ନିମନ୍ତେ ଓୟୁଏଟିକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଶବ ବ୍ୟବଚ୍ଛେଦ କରିବା ପରେ ମୃତଦେହକୁ ପୋତି ଦିଆଯିବ ବୋଲି ବନଖଣ୍ଡ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି।

■ ଦାମ୍ପତ୍ୟ ବିବାଦ ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ପିଲାଙ୍କୁ ଭେଟିବା ପାଇଁ ପିତାମାତାଙ୍କ ଭଳି ଜେଜେ-ଜେଜେମା'ଙ୍କ ଅଧିକାର ରହିଛି

କଟକ, ୩୦।୧୦ (ସମିସ): ଶିଶୁର କଲ୍ୟାଣ ପାଇଁ ପିତାମାତାଙ୍କ ଭଳି ଜେଜେ ଏବଂ ଜେଜେ-ମା'ଙ୍କ ଉପସ୍ଥିତି ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଯେଉଁଠି ପତି ଓ ପତ୍ନୀ ପରସ୍ପର ବିରୋଧରେ ବିଭିନ୍ନ ପ୍ରକାରର ମାମଲା ଲଢ଼ୁଛନ୍ତି, ସେତେବେଳ ପର୍ଯ୍ୟନ୍ତ ସେମାନଙ୍କ ନିଜ ପିଲାକୁ ଭେଟିବା ପାଇଁ ପିତାମାତା, ଜେଜେ ଓ ଜେଜେମା'ଙ୍କୁ ବଞ୍ଚିତ କରାଯାଇପାରିବ ନାହିଁ। ଦାମ୍ପତ୍ୟ ବିବାଦକୁ ନେଇ ନିମ୍ନ ଅଦାଲତରେ ମାମଲା ଚାଲୁଥିବା ବେଳେ ନିଜ ପିଲାଙ୍କୁ ଭେଟିବା ପାଇଁ ଅଭିଭାବକଙ୍କ ରହିଥିବା ଅଧିକାର ପ୍ରସଙ୍ଗରେ ହାଇକୋର୍ଟ ଆଜି ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏସ୍. ରାୟଗୁରୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ସଂଜୟ କୁମାର ମିଶ୍ର ଏପରି ରାୟ ଦେଇଛନ୍ତି। ପତ୍ନୀଙ୍କ ଜିମାରେ ଥିବା ପ୍ରାୟ ଦେଢ଼ବର୍ଷ ବୟସର ପୁଅକୁ ଭେଟିବା ଅନୁମତି ପ୍ରଦାନ ପାଇଁ ସ୍ୱାମୀ କରିଥିବା ଆବେଦନକୁ ଖାରଜ କରି ଗତ ମାର୍ଚ୍ଚ ୨୦ରେ କଟକ ପରିବାର ଅଦାଲତ ପ୍ରଦାନ କରିଥିବା ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଆବେଦନକାରୀ ଓ ତାଙ୍କ ପିତାମାତା ତଥା ପିଲାର ଜେଜେ ବାପା ଜେଜେ-ମା'ଙ୍କ ସହ ମାସକୁ ଦୁଇଥର ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ରରେ ଜଣେ ମହିଳା ମଧ୍ୟସ୍ଥତାଙ୍କ ଉପସ୍ଥିତିରେ ପିଲାକୁ ସାକ୍ଷାତ କରିବାର ଅଧିକାର ପ୍ରଦାନ କରିଛନ୍ତି\ ମଧ୍ୟସ୍ଥତା କେନ୍ଦ୍ରରେ ସାକ୍ଷାତ ସମୟରେ ପିତା ଏବଂ ଜେଜେ ବାପା ଜେଜେ ମା ସେମାନଙ୍କ ପୁଅ/ନାତିଙ୍କୁ ଉପହାର ଦେଇପାରିବେ। ସେହିଭଳି ମାସର ଚତୁର୍ଥ ଶନିବାର ଏବଂ ରବିବାର ସନ୍ଧ୍ୟାରେ ହ୍ୱାଟ୍ସଆପ୍ କଲ୍ ମାଧ୍ୟମରେ ଭିଡିଓ କନଫରେନ୍ସିଂ କରିପାରିବେ। ଏଥିପାଇଁ ପତ୍ନୀଙ୍କୁ ଆବେଦନକାରୀ ଏକ ଆଣ୍ଡ୍ରଏଡ ମୋବାଇଲ ଫୋନ ଓ ସିମ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିବା ବେଳେ ଅର୍ପିତା ମହାପାତ୍ର ସହଯୋଗ କରିଥିଲେ।


# ଗୋଟିଏ ପ୍ରକଳ୍ପ ପାଇଁ ଦୁଇଥର ଟେଣ୍ଡର



**ବରୀ,୩୦।୧୦(ସମିସ):** ଯାଜପୁର ଜିଲ୍ଲା ଜାରକା ଜଳ ସମ୍ପଦ ଡିଭିଜନ, ଚଣ୍ଡିଖୋଲ ଜଳସମ୍ପଦ ସବ୍ ଡିଭିଜନ ଅଧୀନ ସାଉଡ଼ିଆ ସେକ୍ସନରେ ବର୍ଷକ ମଧ୍ୟରେ ଗୋଟିଏ ରାସ୍ତା କାମ ପାଇଁ ଦୁଇଥର ଟେଣ୍ଡରହୋଇ କାମ ହେଉଥିବା ଦେଖିବାକୁ ମିଳିଛି। ବରୀ ବ୍ଲକ ଅଧୀନ କମ୍ପଗଡ ବିଜୁସେତୁଠାରୁ କମ୍ପଗଡ଼ର ସାମଲ ସାହି ପର୍ଯ୍ୟନ୍ତ ରାସ୍ତା ସାଉଡିଆ ଜଳସମ୍ପଦ ସେକ୍ସନ ଅଧୀନରେ ବିରୂପା ନଦୀର ଉତ୍ତର ପାର୍ଶ୍ୱରେ ବର୍ଷେ ପୂର୍ବେ ଟେଣ୍ଡର ହୋଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଠିକ ଏକବର୍ଷ ପୂରଣ ହେବା ପରେ ଉକ୍ତ ରାସ୍ତା ପାଇଁ ପୁନର୍ବାର ଟେଣ୍ଡର ହୋଇ ସହକାରୀ ଯନ୍ତ୍ରୀ ପରମାନନ୍ଦ ରାଉତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରାଯାଉଛି। କାର୍ଯ୍ୟରେ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହୃତ ହେଉଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଥିଲେ ହେଁ ବିଭାଗୀୟ ଅଧିକାରୀ ନୀରବ ସାଜି କର୍ଣ୍ଣପାତ କରୁନାହାଁନ୍ତି ବୋଲି ଅଭିଯୋଗ ହେଉଛି। ଏବିଷୟରେ ପ୍ରତିକ୍ରିୟା ନେବାକୁ ସହକାରୀ ଯନ୍ତ୍ରୀ ପରମାନନ୍ଦ ରାଉତଙ୍କୁ ଯୋଗାଯୋଗ କରିବା ପାଇଁ ବାରମ୍ବାର ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରିନଥିଲେ। ଏଠାରେ ପ୍ରଶ୍ନଉଠେ ମାତ୍ର ବର୍ଷେ ତଳେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ରାସ୍ତା ଏତେ ଶୀଘ୍ର କିପରି ନଷ୍ଟ ହୋଇଗଲା ଏବଂ ଉଚ୍ଚ ପଦସ୍ଥ ଅଧିକାରୀ ଏ ବିଷୟରେ ତଦନ୍ତ ନ କରି ପୁର୍ନବାର ଅର୍ଥ ମଞ୍ଜୁର କରି ଟେଣ୍ଡର କରାଇଲେ। ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ବିଭାଗରେ ଯଦି ଏଭଳି ଘୋଟାଲା ହୋଇପାରୁଛି ତେବେ ଅନ୍ୟ ସରକାରୀ କାର୍ଯ୍ୟରେ କଣ ହେଉ ନଥିବ ବୋଲି ସାଧାରଣରେ ଆଲୋଚନା ହେଉଛି। ମୁଖ୍ୟମନ୍ତ୍ରୀ ଏବଂ ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ବିଘ୍ନରାଜ ପୁରୋହିତଙ୍କୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ନିବେଦନ କରାଯାଉଛି।

# ହୋଇପାରୁନି ପୁନରୁଦ୍ଧାର; ଦଳ, ପଙ୍କରେ ଭର୍ତ୍ତି ହୋଇଛି ନାଳ

**କଯାଁଗୋଲା,୩୦।୧୦(ସମିସ):**





ଖରିଫ୍ ପରେ ପରେ ଆଗକୁ ଆସୁଛି ରବି ଚାଷ। ଏପଟେ ଦଳ ଭର୍ତ୍ତିହୋଇ ଛୋଟ ଛୋଟ ନାଳ ସଦୃଶ୍ୟ ନଦୀ ପୋତି ହୋଇଗଲାଣି। ନଦୀ, ନାଳ ପୁନରୁଦ୍ଧାର ନ ହେଲେ ଚାଷୀକୁଳ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ। ସଠିକ୍ ଢଙ୍ଗରେ ନାଳ ପୁନରୁଦ୍ଧାର ହେଲେ ଜଳସେଚନ ସହିତ ଜଳ ନିଷ୍କାସନ ହୋଇପାରନ୍ତା। ଏପଟେ ବାରମ୍ବାର ଅଭିଯୋଗ ପରେ ବି ନାଳ ପୁନରୁଦ୍ଧାର ହୋଇପାରୁନି। ଏପରି ଘଟଣା ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ୍ ଅନ୍ତର୍ଗତ ବିରିପଟା ପଞ୍ଚାୟତରେ। ଚାଷ ଜମିକୁ ପାଣି ଆସିବା ପାଇଁ ବେଙ୍ଗା ଓ କେନ୍ଦୁଆ ନାଳ ଯାହା ଉପରେ ଚାଷୀ କୂଳ ନିର୍ଭରଶୀଳ। ସେହିପରି କଯାଁ ପଞ୍ଚାୟତ କଉଡ଼ିଆ ନାଳ ବୈତରଣୀରୁ ବାହାରି ଅଠରଗୁଣ୍ଠିଆ ଓ ମାଧପୁର ଭେଡ଼ାରେ ପ୍ରବାହିତ ହୋଇଛି। କଯାଁନାଳ କାଣୀରୁ ବାହାରି କେଳାଙ୍ଗ ଓ ଇଟାପଡ଼ା ଭେଡ଼ାରେ ପ୍ରବାହିତ ହୋଇଛି। ଧରମପୁର ମହାରା ଯାହା ବୈତରଣୀ ନଦୀରୁ ବାହାରି ବାରଗାଡ଼ିଆ ଭେଡ଼ାରେ ପଡ଼ିଛି। ବଡ଼ ଯୋର ନାଳ ବୈତରଣୀରୁ ବାହାରି ଗହୀରା ପାଳ ଓ ଦରଭା ପୋଡ଼ା ଅଣ୍ଟା ଭେଡ଼ାରେ ପଡ଼ିଛି। ସେହିପରି ବୁଦ୍ଧିଆ ମାହାରା କରାଣ୍ଡିପୁର ଧନୀପୁର ଅଞ୍ଚଳ ଦେଇ ଗରବନ୍ଧ ଦେଇ ପ୍ରବାହିତ ହୋଇଛି। ଏ ଅଞ୍ଚଳ ବନ୍ୟା ପ୍ଲାବିତ ଅଞ୍ଚଳ ହୋଇଥିବାରୁ ଏଠାକାର ଚାଷୀମାନେ ରବି ଋତୁରେ ସାଧାରଣତଃ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ନାଳ ଓ ଜୋରର ପାଣି ଚାଷୀମାନଙ୍କ ଆଶା ଭରଷା ପାଲଟିଥାଏ। ନାଳରେ ଦଳ ପଙ୍କ ଭର୍ତ୍ତି ହୋଇଯିବାରୁ ପ୍ରତିବର୍ଷ କ୍ଷେତକୁ ସଠିକ ଭାବେ ପାଣି ନଆସିବାରୁ ଚାଷୀମାନେ ନାନା ଅସୁବିଧାରେ ସମ୍ମୁଖୀନ ହୋଇଥାଆନ୍ତି। ଭେଡ଼ା ମଝିରେ ନାଳର ପାଣି ଚାଷୀଙ୍କ ଲାଗି ବରଦାନ ସଦୃଶ ହୋଇଥାଏ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଧୀରେ ଧୀରେ ଯୋର ଓ ନାଳରେ ଦଳପଙ୍କ ଭର୍ତ୍ତି ହୋଇ ପୋତି ହୋଇଯିବା ସହିତ କିଛି ଅସାମାଜିକ ଲୋକ ସ୍ଥାନେ ସ୍ଥାନେ ମାଟି ପକାଇ ଜୋରକୁ ପୋତିଦେବା ଫଳରେ ପାଣି ଆସୁନାହିଁ। ଯାହାଫଳରେ ଚାଷ ଜମିକୁ ପାଣି ଯୋଗାଇବା ଅସମ୍ଭବ ହୋଇପଡୁଛି। ମଝିରେ ମଝିରେ ଡ୍ରେନେଜ ବିଭାଗ ତରଫରୁ ଜୋର ପୁନରୁଦ୍ଧାର ହୋଇଥାଏ। ସରକାରଙ୍କ ରାଜକୋଷରୁ ପ୍ରତିବର୍ଷ ନାଳ ସଫେଇ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ତାହା ଠିକାଦାର ପୋଷଣ ନୀତି ପାଲଟିଛି ବୋଲି ଅଭିଯୋଗ ହେଉଛି। ଯଦି ଉଚିତ୍ ସମୟ ମଧ୍ୟରେ ନାଳଗୁଡ଼ିକ ପୁନରୁଦ୍ଧାର କରାଯାଇପାରନ୍ତା ହଜାର ହଜାର ଚାଷୀ ଉପକୃତ ହୋଇପାରନ୍ତେ। ଖରିଫ ଚାଷ କରୁଥିବା ଚାଷୀମାନେ ଯୋରର ପାଣି ଉପରେ ନିର୍ଭର କରିଥାନ୍ତି। ନାଳଗୁଡ଼ିକ ପୁନରୁଦ୍ଧାର ନ ହେବା ଯୋଗୁଁ ଚାଷୀମାନେ ବର୍ଷା ଜଳ ଉପରେ ଭରସା କରି ଚାଷ କରୁଥିବା ବେଳେ ବର୍ଷା ଠିକ ସମୟରେ ନହେବାରୁ ଚାଷୀ କ୍ଷତି ସହୁଛନ୍ତି। ତାହା ସହିତ ଜୋର ପୋତି ହୋଇଯିବା ଫଳରେ ବର୍ଷାଦିନେ ଜଳ ନିଷ୍କାସନ ମଧ୍ୟ ହୋଇପାରୁନାହିଁ। ପ୍ରତିବର୍ଷ ଚାଷୀ ସମୂହଙ୍କ ଦାବି ସତ୍ତ୍ୱେ ବିଭାଗୀୟ ଅଧିକାରୀ ନୀରବ ରହୁଛନ୍ତି ବୋଲି ଅଭିଯୋଗ ହେଉଛି। କେବେ ଜୋରଗୁଡିକ ପୁନରୁଦ୍ଧାର କରାଯାଇ ଚାଷ ଜମିକୁ ପାଣି ଯୋଗାଇ ଦେବେ ସେନେଇ ଚାଷୀ ଚାତକ ପରି ଚାହିଁରହୁଛି। ଏନେଇ ଡ୍ରେନେଜ ବିଭାଗର ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଆଗାମୀ ଦିନରେ ବିଭାଗୀୟ ଅଧିକାରୀ ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ନ ଦିଅନ୍ତି ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସାଧାରଣରେ ଦାବି ହେଉଛି।

- ବର୍ଷାକୁ ଭରସା କରି କ୍ଷତି ସହୁଛନ୍ତି ଚାଷୀ
- ନୀରବ ସାଜିଛି ଡ୍ରେନେଜ ବିଭାଗ

# ସାପ କାମୁଡ଼ାରେ ନାବାଳିକା ମୃତ

**ସୁକିନ୍ଦା,୩୦।୧୦(ସମିସ):** ବିଷଧର ସାପ କାମୁଡାରେ ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ବପାଳ ଗ୍ରାମର ଜଣେ ନାବାଳିକାର ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନା ମୁତାବକ ପିମ୍ପୁଡିଆ ପଞ୍ଚାୟତ ଅଧୀନ ଆମ୍ବପାଳ ଗ୍ରାମରେ ପ୍ରଧାନ ସଏଙ୍କ ଝିଅ ଜିମା ସଏ(୧୨) ଗତ ବୁଧବାର ରାତିରେ ଘରେ ସୋଇଥିବା ସମୟରେ ଗୋଡ଼କୁ ଏକ ବିଷଧର ସାପ କାମୁଡ଼ିଥିଲା। ପରିବାର ଲୋକେ ତୁରନ୍ତ ଜିମାକୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଜିମା ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଥିଲେ। ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ନପହଞ୍ଚିବାରୁ ଆବଶ୍ୟକୀୟ ଚିକିତ୍ସା ନପାଇ ଜିମାର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାକୁ ନେଇ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ଜିମାର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିବା ସହ ପୁଲିସକୁ ସୂଚନା ଦେଇଥିଲେ। ସୁକିନ୍ଦା ପୁଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ପୁଲିସ ୩୩/୨୦୨୫ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।

# ଟ୍ରେଲର ଦୁର୍ଘଟଣାରେ ଖଣି କର୍ମଚାରୀ ମୃତ

**ସୁକିନ୍ଦା,୩୦।୧୦(ସମିସ):** ୫୩ ନଂ ଜାତୀୟ ରାଜପଥର ସୁକିନ୍ଦା ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଖଣି କର୍ମଚାରୀ ସତ୍ୟାଂଶୁ ନାୟକ(୪୫)ଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ସତ୍ୟାଂଶୁ ସୁକିନ୍ଦା ଥାନା ଅନ୍ତର୍ଗତ ହାତିବାରି ଗ୍ରାମ ଅନନ୍ତ ଚରଣ ନାୟକଙ୍କ ପୁଅ ଅଟେ। ସେ ସୁକିନ୍ଦା ଖଣି ଅଞ୍ଚଳରେ ଥିବା ଓଡ଼ିଶା ଖଣି ନିଗମ ଅଧୀନରେ କାମ କରୁଥିବା ଡେକୋ କମ୍ପାନୀରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ଅପରାହ୍ନରେ ସେ ଖଣି ଅଞ୍ଚଳରୁ ଡ୍ୟୁଟି ସାରି ଫେରୁଥିବା ସମୟରେ ସୁକିନ୍ଦା ହନୁମାନ ଛକ ନିକଟରେ ଏକ ଦ୍ରୁତଗାମୀ ଟ୍ରେଲର ତାଙ୍କୁ ପଛପଟୁ ଧକ୍କାଦେବା ସହ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ସାତ୍ୟାଂଶୁଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରେଲର ଘଟଣାସ୍ଥଳରୁ ଫେରାର ହୋଇଯାଉଥିବା ସମୟରେ ସ୍ଥାନୀୟ ଯୁବକ ଗାଡ଼ିକୁ ଅଟକାଇ ସୁକିନ୍ଦା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ ଦୁର୍ଘଟଣା ଘଟାଇଥିବା ଗାଡି ଜବତ କରି ଡ୍ରାଇଭରକୁ ଅଟକ ରଖି ପଚରାଉଚରା ଜାରୀ ରଖିଛି।

# ଯାଜପୁର ସରକାରୀ ଆଇଟିଆଇରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




**ବରୁଆଁ,୩୦।୧୦(ସମିସ):** ଯାଜପୁର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ସଦର ଥାନା ତରଫରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ପଦ୍ମନ ଚରଣ ସେଠୀ ଅଧ୍ୟକ୍ଷତା କରି ସାଇବର ଅପରାଧ ରୋକିବା ପାଇଁ ଛାତ୍ରଛାତ୍ରୀଙ୍କ ମାଧ୍ୟମରେ ସମାଜର ସବୁ ବର୍ଗର ଲୋକମାନଙ୍କୁ ସଚେତନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ ସଭାରେ ଯାଜପୁର ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରା ଯୋଗଦେଇ ଆଜିର ଡିଜିଟାଲ ଯୁଗରେ ସାଇବର ଠକେଇ ଓ ଏହାର ସୁରକ୍ଷା ଦିଗରେ ପ୍ରତ୍ୟେକ ନାଗରିକ ସଚେତନ ରହିବା ସହ ଅନ୍ୟକୁ ସଚେତନ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ ଯୋଗଦେଇ ବିଭିନ୍ନ ପ୍ରକାର ସାଇବର ଠକେଇ ଯଥା ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଏବଂ ଟ୍ରେଡିଂ ଠକେଇ, ପାର୍ସଲ/କଷ୍ଟମ୍ସ ଠକେଇ, ନକଲି ଋଣ ଠକେଇ, ନକଲି ପରିଚୟ ଏବଂ ଓଟିପି ଠକେଇ, ଚାକିରୀ ଠକେଇ, ଇ-କମର୍ସ ରିଫଣ୍ଡ/ଅଫର ଠକେଇ ଆଦି ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ଭାବରେ ଅବଗତ କରାଇଥିଲେ। ଏହି ଠକେଇର ଶିକାର ନ ହେବା ପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀ ଇଣ୍ଟରନେଟ ଓ ମୋବାଇଲକୁ ସଠିକ ଭାବେ ବ୍ୟବହାର କରିବା ଏବଂ ଅନ୍ୟମାନଙ୍କୁ ସାଇବର ଠକେଇରୁ ନିବୃତ ରହିବାସହ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଯଦି କୌଣସି ବ୍ୟକ୍ତି ଏଭଳି ଠକେଇର ଶିକାର ହେଲେ ତତକ୍ଷଣାତ୍ ରାଜ୍ୟ ସରକାରଙ୍କ ଘରୋଇ ବିଭାଗ ପକ୍ଷରୁ ଜାରି କରାଯାଇଥିବା ସାଇବର କ୍ରାଇମ ହେଲ୍ପ ଲାଇନ ନମ୍ବର୍ ୧୯୩୦କୁ ଫୋନ ମାଧ୍ୟମରେ ଜଣାଇବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ସ୍ୱାଗତ ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଦର ଥାନା ଏଏସଆଇ ରଞ୍ଜିତା ମହାରଣା, ଏଏସ୍ଆଇ ସୁଶାନ୍ତ କୁମାର ଦାଶ, ପୁଲିସ କର୍ମଚାରୀ ବିଜୟ କୁମାର ସେଠୀ, ଅଭୟ ଜେନା, ନିତ୍ୟାନନ୍ଦ ଦାଶ, ହରିହର ଜାମଦା, ତପନ ସାମଲ, ସତୀନା ବେହେରା, ରୀନାରାଣୀ ମଲିକ, ମାନସ ରଞ୍ଜନ ମୁଣ୍ଡା ଓ ଆଇଟି ଆଇର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଅନୁଷ୍ଠାନର କର୍ମଚାରୀ ତ୍ରିଲୋଚନ ସାହୁ, ଦିଲ୍ଲୀପ କୁମାର ସାମଲ, ସାଗର ଗୋଛାୟତ, ଜଗନ ଜେନା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଆଇଟିଆଇର ଟ୍ରେନିଂ ଅଫିସର ବିଭୂତ ଭୂଷଣ ଆଇଚ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ଯାଜପୁର,୩୦।୧୦(ସମିସ):** ୨୭ ଅକ୍ଟୋବରରୁ ୨ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ସ୍ୱଚ୍ଛତା: ଆମର ସହଭାଗୀ ଦାୟିତ୍ୱ' ବିଷୟବସ୍ତୁ ଉପରେ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ଅଧ୍ୟକ୍ଷତାରେ ଭିଡ଼ିଓ କନଫରେସିଂ ହଲ, ସିଭିଲ କୋର୍ଟ ପରିସରରେ ଶପଥ ପାଠ କରାଯାଇଛି। ଏହି ଶପଥ ପାଠ ସମାରୋହରେ ଅଦାଲତର ସମସ୍ତ ବିଚାରପତି ଯଥା ପରିବାର ଅଦାଲତର ବିଚାରପତି ଗୁଣ୍ଡିଚା ସାମନ୍ତସିଂହାର, ଅତିରିକ୍ତ ଜିଲ୍ଲା ଜଜ୍ ବିଶେଶ୍ୱର ବଶ୍ୱପ୍ରକାଶ ରାୟ, ଜିଲ୍ଲାର ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ଅଭିଜିତ ପଲେଇ, ମୁଖ୍ୟବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ବରିଷ୍ଠ ଦୈୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧୁରୀ, ରେଜିଷ୍ଟ୍ରାର ସିଭିଲ କୋର୍ଟ ମାନସ




ରଞ୍ଜନ ସାମନ୍ତରାୟ, ବରିଷ୍ଠ ଦୈୱାନୀ ବିଚାରପତି (ଏଲ୍ଆର ଏବଂ ଏଲଟିଭି) ଲୋପାମୁଦ୍ରା ବେହେରା, ଦେୱାନୀ ବିଚାରପତି ସୁନିତା ବିଶ୍ୱାଳ ଅଂଶଗ୍ରହଣ କରିଥିଲେ। ପ୍ରାଧିକରଣର ଅଧ୍ୟକ୍ଷ ଅଦାଲତର ସମସ୍ତ କର୍ମଚାରୀମାନଙ୍କୁ ସତ୍ୟନିଷ୍ଠ ଓ ଅଖଣ୍ଡତାର ଶପଥ ପାଠ କରାଇଥିଲେ। ସମାରୋହକୁ ପ୍ରାଧିକରଣର କାର୍ଯ୍ୟକାରୀ ସମ୍ପାଦିକା ତଥା ଅତିରିକ୍ତ ଦେୱାନୀ ବିଚାରପତି ଶ୍ରୀମତୀ ନେହା ଅଗ୍ରୱାଲ ପରିଚାଳନା କରିଥିଲେ।

# ଜାରକାରେ ଗୋପାଷ୍ଟମୀ ପର୍ବ ପାଳନ



**ଧର୍ମଶାଳା,୩୦।୧୦(ସମିସ):** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜାରକା ଗୋମାତା ସେବା ସଙ୍ଗଠନ ପକ୍ଷରୁ ଆଜି ଧର୍ମଶାଳା ମହୋତ୍ସବପଡ଼ିଆରେ ଗୋପାଷ୍ଟମୀ ଦିବସ ଉତ୍ସାହ ସହକାରେ ପାଳିତ ହୋଇଯାଇଛି। କାର୍ତ୍ତିକ ମାସ ଶୁକ୍ଳପକ୍ଷ ଅଷ୍ଟମୀ ଚନ୍ଦ୍ରତିଥିରେ ସମ୍ମାନ ଓ ଶ୍ରଦ୍ଧାର ସହ ଗୋପାଷ୍ଟମୀ ଦିବସ ଅବସରରେ ଗୋପୂଜନ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ସଙ୍ଗଠନର ସଭାପତି ବାମଦେବ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ମିନତୀ ସାହୁ, ମହନ୍ତ ସିଦ୍ଧଗିରି ଆଶ୍ରମ ତଥା ରାଜ୍ୟ ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତୀୟ ମାର୍ଗଦର୍ଶକ ସଦସ୍ୟ ବାବାଜୀ ବିଶ୍ୱନାଥ ଦାସ, ଚଡେଇଧରା ସ୍ଥିତ ମୁନିବାବା ଆଶ୍ରମର ମଠାଧୀଶ ସ୍ୱାମୀ ଜ୍ଞାନାନନ୍ଦ ସରସ୍ୱତୀ, ବିଜେପି ନେତା କାହ୍ନୁଚରଣ ଦାଶ ପ୍ରମୁଖ ଯୋଗଦେଇ ଗୋମାତାଙ୍କ ପ୍ରତି ଯତ୍ନବାନ ଓ ସଂରକ୍ଷଣ ଏବଂ ଗୋସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଦୈନନ୍ଦିନ ରାଜରାସ୍ତାରେ ଅନେକ ଗୋମାତାଙ୍କ ଦୁର୍ଘଟଣା ଘଟୁଛି, ଯାହାଫଳରେ ଅନେକ ମୃତ୍ୟୁବରଣ କରୁଥିବା ବେଳେ ଅନେକ ଆଘାତ ପାଇ ରାସ୍ତାରେ ଛଟପଟ ହେଉଛନ୍ତି। ଏମାନଙ୍କ ସୁରକ୍ଷା ନିମନ୍ତେ ସମସ୍ତ ସନାତନଧର୍ମୀମାନେ ସଚେତନ ହେବା ଓ ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ ବାବାଜୀ ବିଶ୍ୱନାଥ ଦାସ ନିବେଦନ କରିଥିଲେ। ଜିଲ୍ଲା ଓ ଜିଲ୍ଲା ବାହାରର ଅନେକ ସଂଗଠନ ସଦାସର୍ବଦା ଅସହାୟ ଲୋକଙ୍କ ସେବା କରିବା ସହ ଗୋମାତାଙ୍କ ସେବା କରି ଆସୁଥିବାରୁ ବିଭିନ୍ନ ସଙ୍ଗଠନର ସଦସ୍ୟ ମାନଙ୍କୁ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମାନବ ସମାଜରେ ଯେତେ ସନାତନ ଧର୍ମୀ ବସବାସ କରୁଛନ୍ତି ସମସ୍ତେ ଗୋ ମାତାଙ୍କ ସୁରକ୍ଷା ଏବଂ ସେବା କରିବାର ସମୟ ଆସିଯାଇଥିବା ବାବାଜୀ ବିଶ୍ୱନାଥ ଦାସ କହିଥିଲେ। ସଂଗଠନର ସମ୍ପାଦକ ନିଶିକାନ୍ତ ଖଟୁଆ, ପୀତବାସ ସାହୁ, ଗଣେଶ୍ୱର ସାହୁ, ପ୍ରଶାନ୍ତ ବେହେରା, ଲକ୍ଷ୍ମଣ ସେଠୀ ଅନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ସୁକିନ୍ଦାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ




**ସୁକିନ୍ଦା,୩୦।୧୦(ସମିସ):** ଯାଜପୁର ଜିଲ୍ଲା ଭିଜିଲାନ୍ସ ବିଭାଗ ପକ୍ଷରୁ ସୁକିନ୍ଦା ବ୍ଲକ ଅନ୍ତର୍ଗତ ବନ୍ଧଗାଁ ଗ୍ରାମ ପଞ୍ଚାୟତରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୫ ପାଳିତ ହୋଇଯାଇଛି। ଭିଜିଲାନ୍ସ ବିଭାଗ ଡିଏସପି ସୁଶିଲ ଏକ୍କା, ସୁଲୋଚନା ନାୟକ, ଏଏସଆଇ ଶ୍ରୀକାନ୍ତ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ବିଡ଼ିଓ ପ୍ରଜ୍ଞାପରମିତା ପୃଷ୍ଟି ମୁଖ୍ୟ ଅତିଥି, ସରପଞ୍ଚ ରେବତୀ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କୁ ଦୁର୍ନୀତି ନିବାରଣ ଉପରେ ସଚେତନ କରାଇଥିଲେ।


# ପିଏମ୍ ପୋଷଣ ଶିଳ୍ପକଳାରେ ୨ୟ ହେଲେ ସ୍ମୃତିରଞ୍ଜନ

**ମଙ୍ଗିନ୍ଦା,୩୦।୧୦(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବ୍ଲକରୁ ୨୪୯ ଗୋଟି ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବରୁଣେଇ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସ୍ମୃତିରଞ୍ଜନ ଦାସ ପିଏମ ପୋଷଣ ଶିଳ୍ପ କଳା କ୍ଷେତ୍ରରେ ୨ୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



# ବିଭିନ୍ନ ଶିକ୍ଷାନୁଷ୍ଠାନରେ ରାଷ୍ଟ୍ରୀୟ ଏକତା ଦିବସ

**ବଡ଼ଚଣା,୩୦।୧୦(ସମିସ):**





ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ନିଷ୍ପତି ଗ୍ରହଣ କରାଯାଇଛି। ଏହି ଅବସରରେ ଆଜି ବ୍ଲକ୍ ଅଧୀନ ଧାନମଣ୍ଡଳ ସ୍ଥିତ ହୋଲି ଜେସସ୍ ପବ୍ଲିକ ସ୍କୁଲଠାରେ ବଡ଼ଚଣା ପୁଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଥାନା ଅଧିକାରୀ ସୁରେନ୍ଦ୍ର କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ୧୯ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆସନ୍ତାକାଲି ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବାସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯିବ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷା କାମିନୀ ନାୟକ, ଧାନମଣ୍ଡଳ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ମହାନ୍ତି, ଏସ୍ଆଇ ଶାନ୍ତନୁ କୁମାର ମିଶ୍ର, ଶିକ୍ଷକ ଚନ୍ଦନ କୁମାର ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**କଯାଁଗୋଲା/ମଙ୍ଗଳପୁର:** ମଙ୍ଗଳପୁର ପୁଲିସ ପକ୍ଷରୁ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନ ଉପରେ ଏକ ଭାଷଣ(ଡିବେଟ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। କାର୍ଯ୍ୟକ୍ରମରେ ମଙ୍ଗଳପୁର ଥାନାର ଥାନା ଅଧିକାରୀ ଜଗଦୀଶ କର ଅତିଥି ଭାବେ ଯୋଗଦେଇଥିଲେ। ମହତାବ ସ୍କୁଲର ପ୍ରଧାନଶିକ୍ଷକ ଦଶରଥ ଦାସ, ସୁବ୍ରତ ମଲ୍ଲିକ, ବୀଣାପାଣି ସାମନ୍ତ, ନିରୁପମା ଷଡ଼ଙ୍ଗୀ, ପୀତବାସ ସାମଲ, ସଂଘମିତ୍ରା ସାହୁ ଏବଂ ବିଚାରକ ଭାବେ ଯୁଧିଷ୍ଠିର ବାରିକ ଉପସ୍ଥିତ ଥିଲେ। ବିଦ୍ୟାଳୟର ୮ ଜଣ ପିଲା ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଦଶମ ଶ୍ରେଣୀର ଛାତ୍ରୀ ମନୀଷା ବସ୍ତିଆ ପ୍ରଥମ ସ୍ଥାନ, ଚିନ୍ତାମଣି ଦାସ ଦ୍ୱିତୀୟ ସ୍ଥାନ ଏବଂ ଅଙ୍କିତା ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜୟ ହୋଇଥିବା ସମସ୍ତଙ୍କୁ ମଙ୍ଗଳପୁର ଥାନା ଅଧିକାରୀ ଜଗଦୀଶ କର ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନେ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିବାସହ ଜୀବନରେ କିଭଳି ଭାବେ ଜଣେ ଭଲ ମଣିଷ ହେବାସହ ଦେଶ ପାଇଁ ଗୌରବ ଆଣିବା ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ।

# ଅସହାୟଙ୍କୁ ସହାୟତା କାର୍ଯ୍ୟକ୍ରମ

**ଧର୍ମଶାଳା,୩୦।୧୦(ସମିସ):** ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ବିଜେପି ଯୁବ ସଂଗଠନ ପକ୍ଷରୁ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ଗ୍ରାମକୁ ଗସ୍ତକରି ଅସହାୟମାନଙ୍କୁ ସହାୟତା ଯୋଗାଇଦେଇଛନ୍ତି। ଧର୍ମଶାଳା ନିର୍ବାଚନମଣ୍ଡଳୀର ଯୁବସଂଗଠକ ରାଜେଶ କୁମାର ପାଳଙ୍କ ନେତୃତ୍ୱରେ ବିଜେପି ଯୁବମୋର୍ଚ୍ଚାର କର୍ଯ୍ୟକର୍ତ୍ତାମାନେ ମହିଶରା ପଞ୍ଚାୟତରେ ପହଁଚି ଲୋକମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଏଥିସହ ଏହି ପଞ୍ଚାୟତ ବରଡା ଗ୍ରାମରେ ମୃତ୍ୟୁବରଣ କରିଥିବା କାଶିଆ ମଲିକଙ୍କ ପରିବାର, ଡଙ୍କାରୀ ଗ୍ରାମର ଅସହାୟ ରମ୍ଭା ଦାସଙ୍କ ପରିବାର, ରମ୍ଭେଇ ଗ୍ରାମରେ କିଡନୀ ରୋଗରେ ଆକ୍ରାନ୍ତ ଅଭିମନ୍ୟୁ ବେହେରା, ପକ୍ଷାଘାତ ରୋଗରେ ଆକ୍ରାନ୍ତ ଏହି ଗ୍ରାମର ଚଗଲି ଦେଉରୀର ପରିବାର ଓ ବରଡା ଗ୍ରାମସ୍ଥିତ ମୁଚିସାହିର ରୋଗାଗ୍ରସ୍ତ ଅଲିଆ ଦେଉରୀଙ୍କୁ ସେମାନଙ୍କ ଘରେ ଭେଟ କରି ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜେନାପୁର ବିଜେପି ମଣ୍ଡଳ ସଭାପତି ଶିବୁଲି ଧିର ସମେତ ତୀର୍ଥରାଜ ପଣ୍ଡା, ପ୍ରଦୀପ କୁମାର ପରିଡା, ମିରାକିଲ ବେହେରା, କାଳନ୍ଦି ମଲିକ, ବିଶ୍ୱରଞ୍ଜନ ବଳ, ଚନ୍ଦ୍ରଶେଖର ଜୋମଣି, ରାଜେଶ ଜେନା, ପ୍ରକାଶ ସାମଲ, ବିଶ୍ୱଜିତ ପୃଷ୍ଟି, ଲୋକନାଥ ମହାନ୍ତି, ଗୌତମ ସାହୁ, ଅଂଶୁମାନ ରଥ ପ୍ରମୁଖ ସାମିଲ ହୋଇଥିଲେ।

## ଟ୍ରକ୍‌କୁ ଧକ୍କା ଦେଲା କାର୍; ଜଣେ ମୃତ

କୁଆଖିଆ,୩୦।୧୦(ସମିସ): ୧୬ ନମ୍ବର ଜାତୀୟ ରାଜପଥ ସାହାପୁର ନିକଟରେ ଗୋଟେ ଆଇରନ ଟ୍ରକ୍‌କୁ କାର ଧକ୍କା ଦେବାଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଆଜି ସକାଳେ ଝାଡ଼ଖଣ୍ଡର ଏକ କାର ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ କୁଆଖିଆ ଥାନା ଅଧୀନ ସାହାପୁର ବ୍ରିଜ ନିକଟରେ ସମ୍ମୁଖରେ ଯାଉଥିବା ଆଇରନ ବୋଝେଇ ଟ୍ରକ୍‌କୁ ପଛ ପଟୁ ପିଟି ଦେଇଥିଲା। ଯାହାଫଳରେ ଥିବା ଯାତ୍ରୀଙ୍କ ମଧ୍ୟରୁ ନିରଦ କୁମାର ସିଂ ନାମକ ଜଣେ ଛାତ୍ରର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଥିଲେ। ଖବର ପାଇ କୁଆଖିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ମେଡିକାଲ ପଠାଇ ଥିବାବେଳେ ମୃତ ଛାତ୍ରର ଶବ ଜବତ କରିଥିବା ଜଣାପଡ଼ିଛି। ଖବର ଅନୁଯାୟୀ ମୃତ ଛାତ୍ର ଜଣଙ୍କ ଭୁବନେଶ୍ୱରର କୌଣସି ଏକ କଲେଜରେ ପାଠ ପଢୁଥିଲେ। ତେବେ ଖବର ଲେଖା ପର୍ଯ୍ୟନ୍ତ ମୃତକଙ୍କ ପରିବାର ଲୋକେ କୁଆଖିଆ ଥାନାରେ ପହଞ୍ଚି ପାରିନଥିବାରୁ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ଜଣାପଡ଼ିଛି।

## ପୋଖରୀରୁ ମାଛ ଚୋରି ନେଇ ନିସ୍ତୁକ ଛେଚା ଖାଇଲେ ଯୁବକ

ବ୍ୟାସନଗର,୩୦।୧୦(ସମିସ): ଯାଜପୁରରୋଡ୍ ଥାନା ଭିକିପୁର ଗ୍ରାମ ନାଗଚଣ୍ଡି ପୋଖରୀରୁ ଦିନ ଦିପହରରେ ମାଛ ଚୋରି କରୁଥିବାକୁ ନେଇ ଦୁଇଜଣ ଯୁବକଙ୍କୁ ନିସ୍ତୁକ ଛେଚିଛନ୍ତି ଗ୍ରାମବାସୀ। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଯାଜପୁର ରୋଡ଼ ଥାନାରେ ଅଭିଯୋଗ ହେବାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗତକାଲି ସ୍ଥାନୀୟ ଅଞ୍ଚଳର କିଛି ଯୁବକ ନାଗଚଣ୍ଡୀ ପୋଖରୀରେ ଯାଇ ଜାଲ ପକାଉଥିଲେ। ଏନେଇ ଗ୍ରାମର କିଛି ଯୁବକ ଦେଖି ପଚରାଉଚରା କରିବାରୁ ଦୁର୍ବୃତ୍ତମାନେ ଓଲଟା ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଗ୍ରାମବାସୀ ସେମାନଙ୍କୁ ଅଟକାଇବାରୁ ଦୁର୍ବୃତ୍ତମାନେ ନିଜକୁ ପୋଖରୀର ମାଲିକ କହି ପାଲଟା ଆକ୍ରମଣ କରିଥିଲେ। ଫଳରେ ଗ୍ରାମର କିଛି ଯୁବକ ସେମାନଙ୍କ ଠାରୁ ଆଣିଥିବା ଜାଲ ଛଡାଇ ଆଣିବାରୁ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ଏନେଇ ପୁଲିସ ତଦନ୍ତ ଚଳାଇଥିବା ବେଳେ ଅପର ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଥିବା ଜଣାପଡିଛି।

## ୧ରେ ଯାଜପୁରରେ ଅସ୍ମିତା ରଗ୍‌ବି ଲିଗ୍

ଯାଜପୁର,୩୦।୧୦(ସମିସ): ଭାରତ ସରକାରଙ୍କ କ୍ରୀଡ଼ା ବିଭାଗ ଓ ରଗବି ଇଣ୍ଡିଆ ଦ୍ୱାରା ଏବଂ ଓଡ଼ିଶା ଓ ଯାଜପୁର ରଗବି ଫୁଟବଲ ଆସୋସିଏସନ୍‌ର ମିଳିତ ସହଯୋଗରେ ଆସନ୍ତା ନଭେମ୍ବର ୧ ତାରିଖରେ ଯାଜପୁର ଟାଉନ୍ ସ୍ଥିତ କୁସୁମା ନିକଟବର୍ତ୍ତୀ ଯାଜପୁର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଅସ୍ମିତା ରଗବି ଲିଗ୍ ଅନୁଷ୍ଠିତ ହେବ। ବିଭିନ୍ନ ଜିଲ୍ଲାରୁ ୨୦ ଟିମ୍ ଅଂଶ ଗ୍ରହଣ କରିବେ। ସକାଳ ୮ଟାରେ ଆରମ୍ଭ ହୋଇ ସନ୍ଧ୍ୟାରେ ଉଦ୍‌ଯାପିତ ହେବ ବୋଲି ରାଜ୍ୟ ରଗବି ଫୁଟବଲ ସଂଘର ସମ୍ପାଦକ ସୁଶାନ୍ତ ସାହୁ ଓ ଯାଜପୁର ଜିଲ୍ଲା ରଗବି ଫୁଟବଲ ସଂଘର ସମ୍ପାଦକ ଭରତ ସାହୁ ଜଣାଇଛନ୍ତି।

## ପୂର୍ବତନ ବିଧାୟକଙ୍କ ସ୍ମୃତିରେ ସେବାମୂଳକ କାର୍ଯ୍ୟ



ଧର୍ମଶାଳା,୩୦।୧୦(ସମିସ): ବ୍ଲକ୍ ଅଧୀନ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦଠାରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଦ୍ୱିତୀୟ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସେବାମୂଳକ କାର୍ଯ୍ୟ ଆୟୋଜିତ ହୋଇଥିଲା। ଗ୍ରାମ ସ୍ଥିତ ଶ୍ରୀ ଶ୍ୟାମସୁନ୍ଦରଜୀଉ ପୁଷ୍କରିଣିରେ ତିଳତର୍ପଣ ଅନୁଷ୍ଠିତ ହୋଇଥିବା ବେଳେ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ କର୍ତ୍ତା ଭାବେ ଯୋଗଦେଇଥିଲେ। ପଣ୍ଡିତ ରବୀନ୍ଦ୍ର ଦାଶ ଏବଂ ସହଯୋଗୀ ବିଷ୍ଣୁପ୍ରସାଦ ପତି ଉପସ୍ଥିତ ଶତାଧିକ ମହିଳା ପୁରୁଷଙ୍କ ହାତରେ ତିଳତର୍ପଣ ଓ ପୁଷ୍ପ ପ୍ରଦାନ କରିଥିଲେ। କେନ୍ଦ୍ର ବାଲ ସାହିତ୍ୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଲେଖକ ଡଃ. ରାଜକିଶୋର ପାଢ଼ୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ. ଜଗନ୍ନାଥ ଜେନା, ଧର୍ମଶାଳା ସାହିତ୍ୟ ସମାଜର ସମ୍ପାଦକ ଡଃ. ପ୍ରଶାନ୍ତ କୁମାର ସ୍ୱାଇଁ, ଯାଜପୁର ଜିଲ୍ଲା ପୂଜ୍ୟପୂଜା ସଂସଦର ଆବାହକ ଅଭିମନ୍ୟୁ ଧଳ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ଲାବଣ୍ୟଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଭରତ ଚନ୍ଦ୍ର ଦାସ, କରୁଣାକର ପଣ୍ଡା, ଜଗନ୍ନାଥ ମହାନ୍ତି, ସୁବାଶ ଦାସ, ନିଗମାନନ୍ଦ ଜେନା, ଧିରେନ୍ଦ୍ର ଦାସ, ବିବେକାନନ୍ଦ ଦାସ, ରବିନ୍ଦ୍ର ବାରିକ, ସୁଧାକର ରଣା, ମହେନ୍ଦ୍ର ଜେନା, ବିଶ୍ୱନାରାୟଣ ସାହୁ, ଗଗନ ବିହାରୀ ରାଉତ, ନବକୁମାର ଜେନା, ଶରତ ଜେନା, ବଂଶିଧର ଜେନା, ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରର ସଭାନେତ୍ରୀ ଶୈଳବାଳା ବେହେରା, ଉପସଭାନେତ୍ରୀ କୁନିଲତା ବେହେରା, ମୀନତି ପଣ୍ଡା, ସ୍ନେହଲତା ଦାଶ, ଝୁନାରାଣୀ ମିଶ୍ର, ଜ୍ୟୋସ୍ନା ବେହେରା, ରାଧାରାଣୀ ପଣ୍ଡା, ଲକ୍ଷ୍ମୀପ୍ରିୟା ଜେନା, ସାବିତ୍ରୀ ଜେନା, ସୁଜିତା ଜେନା, ଗୀତାଞ୍ଜଳି ଦାସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସ୍ୱର୍ଗତ ଲାବଣ୍ୟଙ୍କ କନିଷ୍ଠପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

### ତମାଖୁ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି ବିରୋଧରେ ଅଭିଯାନ

# ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ

ଯାଜପୁର,୩୦।୧୦(ସମିସ)

ଯାଜପୁର ଜିଲ୍ଲାରେ ତମାଖୁ ବିକ୍ରୟ ବିରୋଧରେ ଏବଂ ଖାଦ୍ୟ ସୁରକ୍ଷା ନିଶ୍ଚିତିକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ସୁରକ୍ଷା ବିଭାଗ, ଡ୍ରଗ୍ସ କଣ୍ଟ୍ରୋଲର, ଡ୍ରଗ୍ସ ଇନ୍ସପେକ୍ଟର ରେଞ୍ଜ-୧ ଓ ରେଞ୍ଜ-୨, ପୁଲିସ ବିଭାଗ, ଅବକାରୀ ବିଭାଗର ମିଳିତ ଉଦ୍ୟମରେ ପାଣିକୋଇଲି, ଧର୍ମଶାଳା, ବଡ଼ଚଣା, ଚଣ୍ଡିଖୋଲ ମହାବିନାୟକ ନିକଟସ୍ଥ ସ୍କୁଲ ଓ କଲେଜ ପରିସରରେ ଚଢଉ କରାଯାଇଥିବା ଜଣାପଡ଼ିଛି। ସେଠାରେ ଶିକ୍ଷା ପ୍ରତିଷ୍ଠାନ ନିକଟରେ ଅବୈଧ ଭାବେ ତମାଖୁ ଓ ଏଥିସହିତ ସମ୍ବନ୍ଧିତ ପଦାର୍ଥ ବିକ୍ରୟ କରୁଥିବା ଦୋକାନଗୁଡ଼ିକରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ବିଭିନ୍ନ ଦୋକାନରୁ ନିୟମ ଉଲଂଘନ ପାଇଁ ମୋଟ ୪, ୮୦୦ ଟଙ୍କା ଜୋରିମାନା ଆଦାୟ ହୋଇଥିଲା। କାର୍ଯ୍ୟାନୁଷ୍ଠାନ କୋଟପା ଏନଫୋର୍ସମେଣ୍ଟ ଅଧୀନସ୍ଥ 'ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦' ଓ



'ତମାଖୁ ମୁକ୍ତ ଶିକ୍ଷା ପ୍ରତିଷ୍ଠାନ କାର୍ଯ୍ୟକ୍ରମ' ଅଧୀନରେ କରାଯାଇଥିଲା। ଏହାସହିତ ଉକ୍ତ ଦିନ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଜାରକା ଧର୍ମଶାଳା ଓ ବଡ଼ଚଣା ଅଞ୍ଚଳରେ ବିଶେଷ ଚଢ଼ଉ କାର୍ଯ୍ୟକ୍ରମ ହୋଇଥିଲା। ଏହି ସମୟରେ ଖାଦ୍ୟ ବ୍ୟବସାୟୀମାନଙ୍କୁ ଖାଦ୍ୟ ସୁରକ୍ଷା ଓ ପରିସ୍କାର ପରିଚ୍ଛନ୍ନତା ନିୟମ ବିଷୟରେ ସଚେତନ କରାଯାଇଥିଲା। ପ୍ରାୟ ୬୦ କିଲୋଗ୍ରାମ ଅପରିଷ୍କୃତ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ ନଷ୍ଟ କରିଦିଆଯାଇଥିଲା ଏବଂ ଯେଉଁ ବ୍ୟବସାୟୀମାନେ ଖାଦ୍ୟ ସୁରକ୍ଷା ଲାଇସେନ୍ସ ବିନା କାରବାର କରୁଥିଲେ ସେମାନଙ୍କୁ ନୋଟିସ ଜାରି କରାଯାଇଛି। ଏହି ଚଢ଼ଉରେ ଡ୍ରଗ୍ସ କଣ୍ଟ୍ରୋଲର ସଞ୍ଜୟ କୁମାର ହାନ୍ସଦା, ଡ୍ରଗ୍ସ ଇନ୍ସପେକ୍ଟର ରେଞ୍ଜ-୧ ଓ ୨, ଖାଦ୍ୟ ସୁରକ୍ଷା ଅଧିକାରୀ ରାକେଶ କୁମାର ସାହୁ, ଜିଲ୍ଲା ତମାଖୁ ନିୟନ୍ତ୍ରଣ ପରାମର୍ଶଦାତ୍ରୀ ସସ୍ମିତା ରାଉତ, ପାଣିକୋଇଲି ଓ ଚଣ୍ଡିଖୋଲ ପୁଲିସ କର୍ମଚାରୀ ଏବଂ ଯାଜପୁର ରୋଡ ଓ ଧର୍ମଶାଳା ଅବକାରୀ ବିଭାଗ ଟିମ୍ ଯୋଗଦେଇଥିଲେ।

## ଭାଗବତ କଥାମୃତ ଓ ବୋଇତ ବନ୍ଦାଣର ପ୍ରସ୍ତୁତି ବୈଠକ



ଯାଜପୁର,୩୦।୧୦(ସମିସ): ଗୀତା ଜାଗରଣ ପରିଷଦ ଆନୁକୂଲ୍ୟରେ ବୋଇତ ବନ୍ଦାଣ ତଥା ଭାଗବତ କଥାମୃତର ପ୍ରାରମ୍ଭିକ ବୈଠକ ସଭାପତି ଆଇନଜୀବୀ ପ୍ରତିମା କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଚଳିତ ମାସ ୩୦ ତାରିଖ ଗୁରୁବାର ଅଁଳା ନବମୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ଅର୍ଥାତ୍ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ଉକ୍ତ ଦିନମାନଙ୍କରେ ଆକାଶ ଦୀପ ପ୍ରଜ୍ୱଳନ, ବୈତରଣୀ ବନ୍ଦାପନା ଏବଂ ୬ଷ୍ଠ ଦିନ ବ୍ୟାପୀ ଭାଗବତ କଥାମୃତ ବିଶିଷ୍ଟ ପ୍ରବଚକମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ, ପ୍ରତ୍ୟେକ ଦିନ ଓଡ଼ିଶୀ ନୃତ୍ୟ, ଭଜନ କାର୍ଯ୍ୟକ୍ରମ, ପାଲା, ପୂର୍ଣ୍ଣମୀ ଦିନ ବୋଇତ ବନ୍ଦାଣ ଉପଲକ୍ଷେ ସାଧବ ପୁଅମାନଙ୍କର ବୋଇତଯାତ୍ରା ସହ ସମ୍ପାଦକ ବୃନ୍ଦାବନ ମିଶ୍ରଙ୍କ ଉପରେ ପ୍ରତିବର୍ଷପରି ଉକ୍ତ ବର୍ଷ ନ୍ୟସ୍ତ କରାଗଲା। ଗୀତା ଉପରେ ପିଲାମାନଙ୍କ ବୋଧଜ୍ଞାନ ପରୀକ୍ଷା, ବିଶିଷ୍ଟ ବ୍ୟକ୍ତିମାନଙ୍କର ଆଗମନ ପାଇଁ ନିମନ୍ତ୍ରଣ, ଓଡ଼ିଶା ସଂସ୍କୃତି ବିଭାଗ ପକ୍ଷରୁ ଭଜନ କାର୍ଯ୍ୟକ୍ରମ, ମା'ମାନଙ୍କର ରହିବା ପାଇଁ ଅସ୍ଥାୟୀ ଶିବିର ଓ ତାଙ୍କର ରକ୍ଷଣାବେକ୍ଷଣ ପାଇଁ ଦାୟିତ୍ୱ, ସ୍ୱାସ୍ଥ୍ୟ ସେବା, ବୋଇତ ନିର୍ମାଣ, ପୁରସ୍କାର ବିତରଣ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ କାହ୍ନୁଚରଣ ସ୍ମୃତି ସମ୍ମାନ ସମ୍ବର୍ଦ୍ଧନା କରିବା ନିମନ୍ତେ ଆଲୋଚନା ସ୍ଥିର କରାଗଲା। ଏଥି ନିମନ୍ତେ ଜିଲ୍ଲାପାଳ, ତହସିଲ୍‌ଦାର ଏବଂ ଯାଜୁପର ପୌରପାଳିକାର କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବା ପାଇଁ ସ୍ଥିର କରାଯାଇଛି। ବୈଠକରେ ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ, ବିଶିଷ୍ଟ ପଣ୍ଡିତ ବିନୋଦ ବିହାରୀ ନାୟକ, ଅବସରପ୍ରାପ୍ତ ପୁଲିସ ପ୍ରଶାସକ ଗଦାଧର ରାଉତ, ସମାଜସେବୀ ଶାନ୍ତନୁ କୁମାର ଧଳ, ଡଃ ହରିଶ୍ ପଣ୍ଡା, ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ସମାଜସେବୀ ହରେକୃଷ୍ଣ ପରିଡ଼ା, ଅନୁସୂୟା ମିଶ୍ର, ଅର୍ଚ୍ଚନା ମିଶ୍ର, ଭାବଗ୍ରାହି ମିଶ୍ର, ଧନଞ୍ଜୟ ନାୟକ ନିଜର ବକ୍ତବ୍ୟ ରଖିଥିଲେ। ଏଥିସହିତ ଉକ୍ତ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା ଯେ ଚଳିତ ମାସ ଚୂଡ଼ାନ୍ତ ବୈଠକ ୧୫ ତାରିଖରେ ଅନୁଷ୍ଠିତ ହେବ। ଶେଷରେ ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


## ଜିଲ୍ଲାରେ 'ଉଲ୍ଲାସ' ପରୀକ୍ଷା ସମ୍ପନ୍ନ



ଯାଜପୁର,୩୦।୧୦(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ଆନୁକୂଲ୍ୟରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ପକ୍ଷରୁ ଆୟୋଜିତ 'ଉଲ୍ଲାସ' ପରୀକ୍ଷା-୨୦୨୫ ଯାଜପୁର ଜିଲ୍ଲାର ୧୦ଟି ବ୍ଲକର ୨୮୯ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହା ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲୁ ରହିଥିଲା। ଉକ୍ତ ପରୀକ୍ଷାରେ ୧୫ ବର୍ଷରୁ ଅଧିକ ଅଣସାକ୍ଷର ବ୍ୟକ୍ତିମାନେ ପରୀକ୍ଷା ଦେଇଥିଲେ। ମୋଟ ୨୨୧୪୦ ଜଣ ପରୀକ୍ଷାର୍ଥୀ ଶୃଙ୍ଖଳାର ସହ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ବଡ଼ଚଣାର ୧୮ଟି ପରୀକ୍ଷାକେନ୍ଦ୍ରରେ ୫୮୭ଜଣ, ବରୀର ୨୬ଟି କେନ୍ଦ୍ରରେ ୩୭୧୮, ବିଂଝାରପୁରର ୩୮ଟି କେନ୍ଦ୍ରରେ ୧୬୪୪ ଜଣ, ଦାନଗଦିର ୨୪ଟି କେନ୍ଦ୍ରରେ ୪୦୬୧ ଜଣ, ଦଶରଥପୁରର ୩୫ଟି କେନ୍ଦ୍ରରେ ୨୧୮୭, ଧର୍ମଶାଳାର ୧୯ଟି କେନ୍ଦ୍ରରେ ୭୭୮ ଜଣ, ଯାଜପୁରର ୪୦ଟି କେନ୍ଦ୍ରରେ ୧୯୦୭ ଜଣ, କୋରେଇର ୩୬ଟି କେନ୍ଦ୍ରରେ ୧୩୦୧ ଜଣ, ରସୁଲପୁରର ୧୮ଟି କେନ୍ଦ୍ରରେ ୧୦୦୦ଜଣ ଓ ସୁକିନ୍ଦାର ୩୫ଟି କେନ୍ଦ୍ରରେ ୪୯୫୭ ଜଣ ପରୀକ୍ଷା ଦେଇଥିଲେ। ଉକ୍ତ ପରୀକ୍ଷା ପ୍ରତ୍ୟେକ ବ୍ଲକର ବିଇଓମାନଙ୍କ ତତ୍ତ୍ୱାବଧାନରେ କେନ୍ଦ୍ର ନିରୀକ୍ଷକଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ଜିଲ୍ଲାସ୍ତରରେ ଜିଲ୍ଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ବିଜ୍ଞାନ ନିରୀକ୍ଷକ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ମୁଖ୍ୟ ଏବଂ ସିଆରସିସିମାନେ ବିଭିନ୍ନ କେନ୍ଦ୍ର ନିରୀକ୍ଷଣ କରିଥିଲେ। ରାଜ୍ୟସ୍ତରରୁ ଡେପୁଟି ଡାଇରେକ୍ଟର ଜୟଶ୍ରୀ ଦୋରା ପର୍ଯ୍ୟବେକ୍ଷକ ରୂପେ ବିଭିନ୍ନ ପରୀକ୍ଷାକେନ୍ଦ୍ର ଗସ୍ତ କରି ପରୀକ୍ଷା ପରିଚାଳନାକୁ ତଦାରଖ କରିଥିଲେ।

## ପୂଜାରେ ବେଧଡ଼କ ଚାଲିଛି ନିଶା କାରବାର

ବ୍ୟାସନଗର, ୩୦।୧୦(ସମିସ): କାଳୀପୂଜା ଆଳରେ ବ୍ୟାସନଗର ସହରରେ ବେଧଡ଼କ ଚାଲିଚି ନିଶା କାରବାର। ଏଥିପ୍ରତି କାହାର ନିଘା ଅଛି ନା ଅବକାରୀ ବିଭାଗର ଲଗାମ। ନିଶା ବ୍ୟବସାୟୀ ଭଲ ଭାବେ ଅବଗତ ଯେ ପୂଜାରେ ଲକ୍ଷାଧିକ ଲୋକଙ୍କ ଭିଡ଼ରେ ଯାଜପୁର ରୋଡ୍ ପୁଲିସ ବ୍ୟସ୍ତ ରହିବା ସାଙ୍ଗକୁ ତାର ବେପାର ବି ଜମାଣିଆ ହେବ। ସେହି ପ୍ଲାନ ଅନୁସାରେ ପୂଜାରେ ନିଶା ବେପାରୀ କୋଟି କୋଟି ଟଙ୍କାର ବ୍ୟବସାୟ କରିବାର ଯୋଜନା କରି ଏଥିରେ ସଫଳ ହୋଇଥିବା ବେଳେ ହାତ ବାନ୍ଧି କିଛି ନଜାଣିବା ପରି ବସି ରହିଛି ଅବକାରୀ ବିଭାଗ। ଫଳରେ ବର୍ଷତମାମ ହେଉଥିବା ଏହି ଗୋଲକଧନ୍ଦା ବେପାରକୁ ଏହି ପୂଜାରେ ନିଜ କଳା ବ୍ୟବସାୟକୁ ଦ୍ୱିଗୁଣିତ କରିବାକୁ ଅଣ୍ଟା ଭିଡିଲେଣି ନିଶା ବେପାରୀ। ଅବାଞ୍ଛିତ ଭାବେ ଦିନକୁ ଦିନ ନିଶା କାରବାର ଏହି ପ୍ରାଚୁର୍ଯ୍ୟର ଭରା ସୁନ୍ଦର ସହରକୁ କବଳିତ କରିବାରେ ଲାଗିଛି। ଅବକାରୀ ବିଭାଗ ଏବଂ ପୁଲିସର ନାକ ଆଗରେ ବେଧଡ଼କ ଭାବେ ସହରର ବିଭିନ୍ନ ସ୍ଥାନରେ ବେଧଡକ ନିଶା କାରବାର ଚାଲୁଛି ବୋଲି ଅଭିଯୋଗ ହେଉଛି। ସହରରେ ନିଶା କାରବାର ରୋକିବାକୁ ନା ଅବକାରୀ ବିଭାଗ ତତ୍ପରତା ଦେଖାଉଛି ନା ରେଳବାଇ ପୁଲିସ। ସହରର ଗଳିକନ୍ଦିରେ ଥିବା ଅନେକ ପାନ ଦୋକାନୀ ନିଶା ବ୍ୟବସାୟରେ ସକ୍ରିୟ ରହିଛନ୍ତି। ଚୋରା ମଦ, ଗଞ୍ଜେଇ, ଚରସ, ଅଫିମ ସାଙ୍ଗକୁ ଧଳା ଜହର ସହରକୁ ଏକ ପ୍ରକାର କବଳିତ କରି ସାରିଥିବା ବେଳେ ଏହି କାରବାରର ସର୍ବାଧିକ ଲାଭାର୍ଥୀଭାବେ କଲେଜ ପଢୁଆ ଛାତ୍ରଛାତ୍ରୀ ରହିଛନ୍ତି। ସୂଚନାମୁତାବକ ବ୍ୟାସନଗର ସହରକୁ ଯାଜପୁର-କେନ୍ଦୁଝର ରେଳଷ୍ଟେସନ ଦୁଇଭାଗରେ ବିଭକ୍ତ କରିଥିବାରୁ ଏବଂ ଗମନାଗମନରେ ରେଳପଥ ଏକ ପ୍ରକୃଷ୍ଟ ମାଧ୍ୟମ ହୋଇଥିବାରୁ ଜିଲ୍ଲା ତଥା ରାଜ୍ୟ ବାହାରୁ ଏଠାକୁ ନିଶାଦ୍ରବ୍ୟ ଆସି ପହଞ୍ଚିବାରେ କୌଣସି ବିଶେଷ ଅସୁବିଧା ହେବାର ନାହିଁ। ଏତଦ୍ ବ୍ୟତୀତ ଦେଶୀ ମଦ କାରବାର ମଧ୍ୟ ଏବେ ସହରର ଏବଂ ଏହାର ସଂଲଗ୍ନ ଆଖାପାଖ କୋରେଇ ଏବଂ



ରସୁଲପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ତାର କାୟା ବିସ୍ତାର କରିଲାଣି ବୋଲି ଅଭିଯୋଗ ହେଉଛି। ଏପରିକି ଦୀର୍ଘ ୨୫-୨୬ ବର୍ଷ ହେବ ଯାଜପୁର-କେନ୍ଦୁଝର ରୋଡ ରେଳବାଇ ଥାନା ଅଧୀନ ମାଲଗୋଦାମ ଏବଂ ଏହାର ସଲଗ୍ନ ୧୯ ନଂ ୱାର୍ଡ ମେଟୁଆଣୀ ପୋଖରୀ ଅଞ୍ଚଳରେ ଜନୈକ କିଛି ବ୍ୟକ୍ତି ବିଗତ କିଛି ବର୍ଷ ହେବ ବେଧଡ଼କ ମଦ ପସରା ମେଲି ଖୁଲମଖୁଲା ବେପାର କରୁଥିଲେ ମଧ୍ୟ ଅବକାରୀ ବିଭାଗ ନୀରବ। ଏପରିକି ଯାଜପୁର-କେନ୍ଦୁଝର ରୋଡ ରେଳଷ୍ଟସନ ସଲଗ୍ନ ଅଞ୍ଚଳରେ ରାତି ବଢ଼ିଲେ ନିଶାର ତାତି ଜୋର ଧରୁଥିଲେ ମଧ୍ୟ ରେଳବାଇ ପୁଲିସ ଚୁପ ରହିବାକୁ ଶ୍ରେୟସ୍କର ମଣୁଛି। ଏହାବାଦ୍ ଜିଲ୍ଲାର ଅନ୍ୟତମ ପୁରାତନ ଏନ୍‌ସି ହାଇସ୍କୁଲ ପଛପଟ ବସ୍ତିରେ ବେଆଇନ ଭାବେ ମଦ ଆଡ୍ଡା ଏବଂ ଜୁଆ ଆଡ୍ଡା ଖୋଲିଥିଲେ ମଧ୍ୟ ଯାଜପୁର ରୋଡ ପୁଲିସ ସେଥିପ୍ରତି ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ପ୍ରଶାସନ ଏହା ଉପରେ ବିହିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଜିଏସ୍‌ଟିକୁ ନେଇ ବଢୁଛି ଦ୍ୱନ୍ଦ୍ୱ

ଆନନ୍ଦପୁର, ୩୦।୧୦ (ସମିସ): କେନ୍ଦ୍ର ସରକାର ଜିଏସଟିରେ ପରିବର୍ତ୍ତନ ଆଣି ଅନେକ ସାମଗ୍ରୀରେ ଏହାର ଦରକୁ ହ୍ରାସ କରିଛନ୍ତି। ଏବେ ବି ଅନେକ ବ୍ୟବସାୟୀ ପୁରୁଣା ଦରରେ ଏହାକୁ ଏହି ବିକ୍ରି କରୁଥିବା ପରିଲକ୍ଷିତ ହୋଇଛି। ବିଶେଷକରି ଜୀବନ ସୁରକ୍ଷାକାରୀ ଔଷଧ ଉପରେ ଜିଏସ୍‌ଟି ହ୍ରାସ କରାଯାଇଥିବାବେଳେ କେତେକ ମେଡିସିନରେ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି। ବଜାରରେ ପୁରୁଣା ଦାମ୍ ଥିବା ମେଡିସିନ୍ ପୂର୍ବ ନିର୍ଦ୍ଧାରିତ ଦରରେ ବିକ୍ରି ହେଉଛି। ଏନେଇ ଦୋକାନୀମାନେ କିଛି ଶୁଣୁ ନାହାନ୍ତି। ଘସିପୁରା ବଜାରରେ ଥିବା ଜଣେ ବଡ଼ କପଡ଼ା ହୋଲସେଲର ପ୍ରତି ବିଲ୍‌ରେ ୫ ପ୍ରତିଶତ ଜିଏସଟି ଥାଇ ବିଲ୍ ଦେଉଛନ୍ତି। ଅନ୍ୟ କୌଣସି ଡ୍ରେସ୍ ଦୋକାନୀ ଏଭଳି ବିଲ୍ ଦେଉ ନଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଜିଏସ୍‌ଟି ହ୍ରାସ ପରେ ମଧ୍ୟ ଅନେକ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର କମୁ ନଥିବାରୁ ଜିଏସ୍‌ଟି ହ୍ରାସକୁ ନେଇ ଗ୍ରାହକଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପ୍ରକାଶ ପାଇଛି। ଘସିପୁରା ଥାନା ବେଲବାହାଳି ଅଞ୍ଚଳରେ ଅନେକ କବାଡ଼ି ଗୋଦାମ ରହୁଛି। ସେଥିମଧ୍ୟରୁ ଅନେକ ବ୍ୟବସାୟୀ ବାର୍ଷିକ ଲକ୍ଷଲକ୍ଷ ଟଙ୍କାର ଜିଏସ୍‌ଟି ଫାଙ୍କୁଥିବା ଅଭିଯୋଗ ହୋଇଛି। ଅନେକ ଲୁହା, ତମ୍ବା, ଆଲୁମିନିୟମ ସାମଗ୍ରୀ ଚୋରାରେ ଆସୁଥିବାରୁ ଏହାର ଜିଏସ୍‌ଟି ହିସାବ ସାବକୁ ଆସୁ ନଥିବା ନେଇ କୁହାଯାଉଛି। ଆୟକର ବିଭାଗ ପକ୍ଷରୁ ଏନେଇ ତଦନ୍ତ କରାଯିବାକୁ ଦାବି ହେଉଛି।

## 'ସୁରଭି' ପ୍ରତିଭା ଚୟନରେ ଅନିୟମିତତା ଅଭିଯୋଗ

ଦଶରଥପୁର,୩୦।୧୦(ସମିସ)

ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତାର ପ୍ରତିଭା ଚୟନରେ ଅନିୟମିତତା ଅଭିଯୋଗ। ପ୍ରତିଯୋଗିତାରେ ଭଲ ପ୍ରତିଭା ପ୍ରଦର୍ଶନ କରିଥିବା ବିଦ୍ୟାଳୟର ପ୍ରତିଯୋଗୀଙ୍କ ପରିବର୍ତ୍ତେ ତଞ୍ଚକତା କରାଯାଇ ଅପେକ୍ଷାକୃତ ନିମ୍ନ ପ୍ରତିଭା ପ୍ରଦର୍ଶନ କରିଥିବା ସ୍କୁଲର ପ୍ରତିଯୋଗୀଙ୍କୁ ପରବର୍ତ୍ତୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଚୟନ କରାଯାଇଥିବା ସମ୍ପୃକ୍ତ ବିଦ୍ୟାଳୟର ଶିଶୁ ପ୍ରତିଯୋଗୀ ଏବଂ ସେମାନଙ୍କ ଅବିଭାବକଙ୍କ ପକ୍ଷରୁ ଦଶରଥପୁର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ ମଲ୍ଲିକଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଚଳିତ ମାସ ୨୪ ତାରିଖ ଦିନ ଦଶରଥପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ କନିକାପଡା ପଞ୍ଚାୟତ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷା ମଣ୍ଡଳ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ଶିଶୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରି ପ୍ରତିଯୋଗିତାରେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରି ଜିଲ୍ଲାସ୍ତରରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଥିଲେ। ଏହି କ୍ରମରେ ଉକ୍ତଦିନ ଅନୁଷ୍ଠିତ ଦଳଗତ ସାଂସ୍କୃତିକ ପ୍ରତିଯୋଗିତାରେ ଦଶରଥପୁର ଶିକ୍ଷା ମଣ୍ଡଳ ଅଧୀନ ଖଣ୍ଡରା ସ୍ଥିତ ରାମଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିଶୁ ପ୍ରତିଯୋଗୀ ନିଜର ଉତ୍କୃଷ୍ଟ ପ୍ରତିଭା ପ୍ରଦର୍ଶନ ବଳରେ ଉପସ୍ଥିତ ବିଚାରକ ମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସେମାନଙ୍କ ଦ୍ୱାରା ପରବର୍ତ୍ତୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟତା ହାସଲ ପାଇଁ ଆବଶ୍ୟକ ନମ୍ବର ହାସଲ କରିଥିଲେ। ମାତ୍ର 'ସୁରଭି' ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରୁଥିବା ସ୍ଥାନୀୟ କ୍ଲଷ୍ଟରର ଜଣେ ସିଆରସିସି ବିଚାରକ ମଣ୍ଡଳୀ ଦ୍ୱାରା ପ୍ରସ୍ତୁତ ନମ୍ବର ସିଟରେ ତଞ୍ଚକତା ପୂର୍ବକ ରାମଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିଶୁ ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ବାଦ୍ ଦେବା।

ଏଥିସହିତ ନମ୍ବର ସିଟ୍‌ରେ ସାଙ୍ଘାତିକ ଅନିୟମିତତା କରି ଅପେକ୍ଷାକୃତ ନିମ୍ନ ପ୍ରତିଭା ପ୍ରଦର୍ଶନ କରିଥିବା ନିର୍ଦ୍ଦିଷ୍ଟ ବିଦ୍ୟାଳୟର ପ୍ରତିଯୋଗୀଙ୍କୁ ପରବର୍ତ୍ତୀ ପ୍ରତିଯୋଗିତାରେ ଭାଗନେବା ପାଇଁ ଚୟନ କରାଇଥିଲେ। ଯାହା ଜଣାପଡିବା ପରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ରାମଲକ୍ଷ୍ମଣ ବିଦ୍ୟାଳୟର ଶିଶୁ ପ୍ରତିଯୋଗୀମାନେ ହତୋତ୍ସାହ ହୋଇପଡିଥିବା ବେଳେ ସେମାନଙ୍କ ଅବିଭାବକ ମଧ୍ୟ ସମ୍ପୃକ୍ତ ସିଆରସିସିଙ୍କ ଏତାଦୃଶ ସାଙ୍ଘାତିକ ଅନିୟମିତତା ଉପରେ ବିଭାଗୀୟ ତଦନ୍ତ କରିବାକୁ ଦାବି କରିଛନ୍ତି। ଅପରପକ୍ଷେ ଅଭିଯୋଗକୁ ନେଇ ଦଶରଥପୁର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ ମଲ୍ଲିକଙ୍କୁ ପଚାରିବାରେ ସେ ଅଭିଯୋଗକୁ ସ୍ୱୀକାର କରିବା ସହ ଏ ସମ୍ପର୍କରେ ଅନୁଧ୍ୟାନ କରୁଥିବା କହିଥିଲେ।


## ସେନା କ୍ୟାମ୍ପ୍‌ରେ ଯୁବ ସୈନିକଙ୍କ ମୃତ୍ୟୁ



ଦଶରଥପୁର,୩୦।୧୦(ସମିସ): ଜାମ୍ମୁର ଆରଏସ୍‌ପୂରା ସେକ୍ଟରରେ ନିୟୋଜିତ ଯୁବ ସୈନିକ ତଥା ଦଶରଥପୁର ବ୍ଲକ୍ ଅଧୀନ ଖଣ୍ଡରା ଗ୍ରାମର ଚିତ୍ତରଞ୍ଜନ ଦାସ(୩୨)ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଆଜି ସକାଳେ ଚିତ୍ତରଞ୍ଜନ ନିୟୋଜିତ ଥିବା ଜାମ୍ମୁ ଜିଲ୍ଲା ଆରଏସପୂରା ସେକ୍ଟରର ସେନା କ୍ୟାମ୍ପଡିଆରେ ଶାରୀରିକ ଫିଟନେସ କାର୍ଯ୍ୟକ୍ରମରେ ଭାଗ ନେଇଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ସ୍ଥାନୀୟ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେନା କ୍ୟାମ୍ପ କର୍ତ୍ତୃପକ୍ଷଙ୍କ ତରଫରୁ ଚିତ୍ତରଞ୍ଜନଙ୍କ ମୃତ୍ୟୁକୁ ନେଇ ଖବର ଜଣାପଡ଼ିବା ପରେ ପରିବାର ସମେତ ଗ୍ରାମରେ ଶୋକପ୍ରକାଶ ପାଇଛି। ଛାତ୍ର ଜୀବନରୁ ସେ ଜଣେ ସୈନିକ ଭାବେ ଦେଶ ସେବା କରିବାକୁ ଇଛା ପ୍ରକାଶ କରି ୨୦୧୬ରେ ସେନାରେ ଯୋଗଦେଇଥିଲେ। ଜାମ୍ମୁକାଶ୍ମୀର ପ୍ରଦେଶର ବିଭିନ୍ନ ସମ୍ବେଦନଶୀଳ ସେକ୍ଟରରେ କାର୍ଯ୍ୟ କରିଥିବା ଚିତ୍ତରଞ୍ଜନ ଗତ ବର୍ଷେରୁ ଅଧିକ ଦିନ ହେବ ଆରଏସପୂରା ସେକ୍ଟର ସେନା କ୍ୟାମ୍ପରେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଗୌତମ ରାୟ, ବିଜେପି ନେତା ଶ୍ରୀନିବାସ ପରିଡା, ଆଶୁତୋଷ ସାହୁ, ଗୌତମ ସାହୁ, ଖଣ୍ଡରା ସରପଞ୍ଚ କୁଞ୍ଜବିହାରୀ ଦାସ, ସମିତିସଭ୍ୟ ରମାକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ସାହୁ, ମାଧବୀ ଯେନା, ଯୁବ ସମାଜସେବୀ ସୁନୀଲ କୁମାର ସାହୁ, ତରୁଣ ସ୍ୱାଇଁ, ମୁକ୍ତିପ୍ରସାଦ ସ୍ୱାଇଁ, ଅନୁପ ବିହାରା, ଦିଲ୍ଲୀପ ବିହାରା, ଅଜୟ ଦାସ, କରୁଣାକର ଦାସ ପ୍ରମୁଖ ଶୋକବ୍ୟକ୍ତ କରିବାସହିତ ତାଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଥିଲେ। ଜାମ୍ମୁସେନା କ୍ୟାମ୍ପ କର୍ତ୍ତୃପକ୍ଷଙ୍କ ସୂଚନା ମୁତାବକ ଆଜି ପୂର୍ବାହ୍ନରେ ମୃତ ଯୁବ ସୈନିକ ଚିତ୍ତରଞ୍ଜନଙ୍କ ମରାଶରୀର ସ୍ୱତନ୍ତ୍ର ବିମାନ ଯୋଗେ ଜାମ୍ମୁରୁ ଭୁବନେଶ୍ୱରେ ପହଞ୍ଚିବା ପରେ ସେଠାରୁ ସ୍ୱତନ୍ତ୍ର ସେନା ଗାଡ଼ିରେ ତାଙ୍କ ଜନ୍ମସ୍ଥାନ ଖଣ୍ଡରା ଗ୍ରାମକୁ ଅଣାଯିବ ବୋଲି ପରିବାର ତରଫରୁ ଜଣାଯାଇଛି।

ସକାଳ
THE SAKALA

# ସମ୍ପାଦକୀୟ



ବିଶ୍ୱାସ ହେଉଛି ସେଭଳି ଏକ ପକ୍ଷୀ, ଯିଏ ଅରୁଣୋଦୟ ପୂର୍ବରୁ ଆଲୋକ ଦେଖିପାରେ ।
-ରବୀନ୍ଦ୍ରନାଥ ଟାଗୋର ।

## ଦୁର୍ନୀତି ଦାନବର ଦୌରାତ୍ମ୍ୟ

ଏକ ରାଷ୍ଟ୍ରାୟତ୍ତର ଉଦ୍ୟୋଗର ପୂର୍ବତନ ବିତ୍ତ ଅଧିକାରୀ ସାମାଜିକ ଗଣମାଧ୍ୟମରେ ବର୍ଣ୍ଣନା କରିଥିବା ଅଙ୍ଗେନିଭା ଘଟଣାର ହୃଦୟବିଦାରକ କାହାଣୀ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି । ବେଙ୍ଗାଲୁରୁ ନିବାସୀ କେ ଶିବକୁମାରଙ୍କ ସହିତ ଘଟିଥିବା ଘଟଣା ଯେତିକି ହୃଦୟବିଦାରକ ତାଙ୍କ ଟିପ୍ପଣୀ ତା'ଠାରୁ ଅଧିକ ଚିନ୍ତାଜନକ । ୩୪ବର୍ଷୀୟା ଝିଅର ମୃତ୍ୟୁ ପରେ ଡାକ୍ତରଖାନାରୁ ପୋଷ୍ଟମର୍ଟମ ଏପରିକି ଶ୍ମଶାନ ପର୍ଯ୍ୟନ୍ତ ପ୍ରତିଟି ସ୍ତରରେ କିଭଳି ଲାଞ୍ଚ ଦେବାକୁ ପଡ଼ିଛି, ତାହା ଶିବକୁମାର ଉଲ୍ଲେଖ କରିବା ପରେ ଦୁଇ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି । ଚିରାଚରିତ ଭାବେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇସାରିଛି । ଶେଷରେ ଶିବକୁମାର ଲେଖିଛନ୍ତି 'ଆର୍ଥିକ ସ୍ୱଚ୍ଛଳ ଥିବାରୁ ମୁଁ ସେମାନଙ୍କ ଦାବି ପୂରଣ କରିପାରିଲି; କିନ୍ତୁ ଗରିବଟିଏ କ'ଣ କରିବ?' ସାମାଜିକ ଗଣମାଧ୍ୟରେ ଶିବକୁମାରଙ୍କ ଏହି ମର୍ମଭେଦୀ ବର୍ଣ୍ଣନା ଓ ବେଦନା ଏଭଳି ସମୟରେ ଆସିଛି ଯେତେବେଳେ ସାରା ଦେଶ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରୁଛି ।

ଆମ ଦେଶରେ ଦୁର୍ନୀତିର ଚେର କେତେ ଗଭୀରକୁ ଯାଇସାରିଛି ଏବଂ ଏହାର ସ୍ୱରୂପ କେତେ କୁତ୍ସିତ ଓ ବୀଭତ୍ସ ହୋଇସାରିଛି, ଉପରୋକ୍ତ ଘଟଣା ତାହାର କେବଳ ଏକ ଉଦାହରଣ ମାତ୍ର । ଆମ ଶାସନ ବ୍ୟବସ୍ଥାର ଏକ ବିଡ଼ମ୍ବନା ହେଉଛି ସରକାର ବଦଳିଲେ ଅଧୁଆ ମୂଳା ଧୂଆ ମୂଳା ହୋଇଯାଏ ଏବଂ ଦୁର୍ନୀତିଗୁଡ଼ିକ ନୀତି ପାଲଟି ଯାଏ । ଏଭଳି କାଦୁଅ ପିଙ୍ଗା ରାଜନୀତିର ପରିବେଶରେ ପରିପୁଷ୍ଟ ହୋଇ ଦୁର୍ନୀତି ତା'ର କାୟା ବିସ୍ତାର କରିଚାଲେ । ଗରିବର ଜାତି ନାହିଁ କି ଦୁର୍ନୀତି ରାଜନୀତି ମାନେ ନାହିଁ । ଯେତେବେଳ ପର୍ଯ୍ୟନ୍ତ ମାନବ ଦୁର୍ନୀତି-ଦାନବ କୋଳରେ ବସିବାକୁ ସୁଖ ମଣୁଥିବ, କୌଣସି ଶାସନ, ପ୍ରଶାସନ ଯେତେ ସାଧ ସାଧନା କଲେ ମଧ ବ୍ୟବସ୍ଥାରୁ ଦୁର୍ନୀତି ହଟିବ ନାହିଁ । ତେଣୁ ଦୁର୍ନୀତିରେ ଅତିଷ୍ଠ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମାଡ଼ ତତ୍ତ୍ୱ ଆପଣେଇବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ ।

କେବଳ ବଜାରରେ କିଣାବିକାକୁ ଛାଡ଼ିଦେଲେ ଆଜି ଏଭଳି କୌଣସି କ୍ଷେତ୍ର ଦୁର୍ନୀତି-ଦାନବର କବଳରୁ ବର୍ତ୍ତି ନାହିଁ । ସରକାରୀ ଫାଇଲ୍ ଦୂରର କଥା ହାତଗୁଞ୍ଜା ନ ଦେଲେ ଅନେକ ସ୍ଥାନରେ ଡାକ୍ତର ରୋଗୀ ଦେଖୁନାହିଁ କି ପୁଲିସ୍ ଅଭିଯୋଗ ରଖୁନାହିଁ । ଶିକ୍ଷା ଅଧିକାର ଏବଂ ଖାଦ୍ୟ ସୁରକ୍ଷା ଆଇନ୍ ପରି ମହତାକାଂକ୍ଷା ଯୋଜନା ମଧ ଲାଞ୍ଚ ବିନା ଆଗକୁ ବଢ଼ିପାରୁନାହିଁ । ଏପରିକି ବିନା ହାତଗୁଞ୍ଜାରେ ବିଚାରପତିଙ୍କ ରାୟ ମଧ କାର୍ଯ୍ୟକାରୀ ହୋଇପାରୁନାହିଁ । ଅପରପକ୍ଷରେ ଏହି ହାତଗୁଞ୍ଜାରେ ଶିଳ୍ପପତିମାନେ ସାମ୍ରାଜ୍ୟ ତୋଳିପାରୁଛନ୍ତି ।

ଦୁର୍ନୀତି ଦାନବ ଟଙ୍କା, ସୁନା, ରୁପା, ସୌଖୀନ ଓ ମୂଲ୍ୟବାନ ସାମଗ୍ରୀ, ଆସବାବପତ୍ର, ପାନ, ଚକୋଲେଟ୍, ମିଠାଇ ପ୍ୟାକେଟ୍ ଆଦି ରୂପରେ ସର୍ବସାଧାରଣଙ୍କ ଆଖିଆଗରେ ନିର୍ଭୟରେ ଗୋଟିଏ ହାତରୁ ଅନ୍ୟ ହାତକୁ ଡେଇଁ ଚାଲିଛି । ଜନସାଧାରଣ କେବଳ ନିରବ ଦ୍ରଷ୍ଟା ହୋଇ ସାଲିସ୍ କରିବା କିମ୍ବା ଦୁର୍ନୀତି ଦାନବର ତାଡ଼ନାରେ ଅତିଷ୍ଠ ହେବା ବ୍ୟତୀତ ବିକଳ୍ପ ନାହିଁ । ଯେଉଁ କେତେକ ଧରପଗଡ଼ ହେଉଛି ତାହା ସମୁଦ୍ର ବାଲିରୁ ଚିମୁଟାଏ ମାତ୍ର । ପରିସ୍ଥିତି ଏପରି ହେଲାଣି ଯେ ହାତଗୁଞ୍ଜା ସଂସ୍କୃତି ଶାସନ ପ୍ରଶାସନ ଓ ବ୍ୟବସ୍ଥାର ସୀମା ଡେଇଁ ପରିବାରକୁ ଧସେଇ ପଶିଲାଣି । ଦୁର୍ନୀତି ନିବାରଣ ସପ୍ତାହ ପାଳନ ଓ ସଂକଳ୍ପ ଗ୍ରହଣ କେବଳ ଔପଚାରିକରେ ସୀମିତ ରହିଥିବା ପର୍ଯ୍ୟନ୍ତ ଦୁର୍ନୀତି-ଦାନବର ଦୌରାତ୍ମ୍ୟରୁ ତ୍ରାହି ପାଇବାର ସମ୍ଭାବନା ନାହିଁ ।

## ମେରୁ ମିଳନ

ସାମ୍ପ୍ରତିକ ବିଶ୍ୱ ଭୂରାଜନୈତିକ ପରିସ୍ଥିତିରେ ବିଶ୍ୱର ଦୁଇ ମହାଶକ୍ତି ଓ ଦୁଇ ମେରୁ(ଉତ୍ତର ବିଶ୍ୱ ଓ ଦକ୍ଷିଣ ବିଶ୍ୱ)ର ଅଧିପତି ବୋଲାଉଥିବା ଆମେରିକା ଓ ଚୀନ୍ ରାଷ୍ଟ୍ରମୁଖ୍ୟ ପରସ୍ପରକୁ ଭେଟିବା ନିଶ୍ଚୟ ବିଶ୍ୱ ଶାନ୍ତି ଓ ସମୃଦ୍ଧି ପାଇଁ ଅନେକ ଗୁରୁତ୍ୱ ବହନ କରେ । ଏହି ସାକ୍ଷାତ ଆଲୋଚନାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଜି-୨' ଆଖ୍ୟା ଏବଂ ମୋଟ ୧୦ ନମ୍ବରରୁ ୧୨ ନମ୍ବର ଦେବା ପରେ 'ଦ୍ୱିଧ୍ରୁବୀୟ ବିଶ୍ୱ ସମୀକରଣ' ଆହୁରି ସ୍ପଷ୍ଟ ହୋଇଛି । 'ଆମେରିକା ଫାଷ୍ଟ' ନୀତିକୁ ପ୍ରାଧାନ୍ୟ ଦେଇ ଆସୁଥିବା ଟ୍ରମ୍ପ ଏବେ 'ଚୀନ୍ ଫାଷ୍ଟ' ନୀତି ଘୋଷଣା କରି ଆମେରିକା ସହଯୋଗୀ ରାଷ୍ଟ୍ରଙ୍କୁ ହରଡ଼ ଘଣାରେ ପକାଇଛନ୍ତି । ବିଶେଷକରି ଭାରତର ଭବିଷ୍ୟ କୂଟନୈତିକ ରଣନୀତି ଆହୁରି ଜଟିଳ ହେବାକୁ ଯାଉଛି ।

ଚୀନ୍‌କୁ ରଣନୈତିକ ପ୍ରତିଯୋଗୀ ଦୃଷ୍ଟିରେ ଦେଖି ଆସୁଥିବା ଟ୍ରମ୍ପ ନିଜ ଦ୍ୱିତୀୟ ପାଳିରେ ସେହି ଦେଶ ବିରୋଧରେ ଯେଉଁ ବିଶାଳ ଶୁଳ୍କ ଯୁଦ୍ଧ ଆରମ୍ଭ କରିଥିଲେ ସେଥିରେ ସମଗ୍ର ବିଶ୍ୱର ଆର୍ଥିକ, ବାଣିଜ୍ୟିକ ଓ ସାମାଜିକ ନିରାପତ୍ତା ଅସ୍ଥିର ଓ ଜଟିଳ ହୋଇପଡ଼ିଥିଲା । କିନ୍ତୁ ଟ୍ରମ୍ପଙ୍କ ଆଭିମୁଖ୍ୟରେ ହଠାତ୍ ଏହି ପରିବର୍ତ୍ତନ ଆଶାର ନୂଆ କିରଣଟିଏ ସୃଷ୍ଟି କରିଛି । ସାମ୍ପ୍ରତିକ ସେମିକଣ୍ଡକ୍ଟର ପରିଚାଳିତ ବିଶ୍ୱରେ ବିରଳ ମୃତ୍ତିକା ନିର୍ଣ୍ଣାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛି । ତେଣୁ ଟ୍ରମ୍ପଙ୍କ ଯେସାକୁ ତେସା ନୀତିର ଜବାବ୍ ଦେଇ ଚୀନ୍ ମଧ ଆମେରିକାକୁ ବିରଳ ମୃତ୍ତିକା ରପ୍ତାନୀ କାଣ୍ଟଛାଣ୍ଟ କରିବା ପରେ ହଠାତ୍ ଟ୍ରମ୍ପଙ୍କ ଦମ୍ଭ ଭାଙ୍ଗିଛି ଏବଂ ସେ ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ସହିତ ସାଲିସ୍ ମୁଦ୍ରାରେ ଅବତୀର୍ଣ୍ଣ ହୋଇଛନ୍ତି । ଅପରପକ୍ଷରେ ଆମେରିକାର ଏହି ପରିବର୍ତ୍ତିତ ଆଭିମୁଖ୍ୟରେ ଜାପାନ୍, ଦକ୍ଷିଣ କୋରିଆ ଆଦି ପୁରୁଣା ବନ୍ଧୁ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ନିବେଶର ଭବିଷ୍ୟତ ନେଇ ସନ୍ଦୀହାନ ହୋଇପଡ଼ିଛନ୍ତି ।

ଏହି ପୃଷ୍ଠଭୂମିରେ ବିଶ୍ୱର ଦୁଇ କଡ଼ା ପ୍ରତିଦ୍ୱନ୍ଦ୍ୱୀ-ସହଯୋଗୀ ଶକ୍ତି ସହିତ ଭାରତ କିଭଳି ସମନ୍ୱୟ ରକ୍ଷା କରିବ ତାହା ଉପରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଓ ସାର୍ବଭୌମର ଗରିମା ରକ୍ଷା ନିର୍ଭର କରୁଛି । ଚୀନ୍ ବହୁପୂର୍ବରୁ ପାକିସ୍ତାନକୁ ଆଶ୍ରୟ ଦେଇ ଭାରତ ବିରୋଧରେ ପ୍ରୟୋଗ କରିଚାଲିଛି । 'ଅପରେସନ୍ ସିନ୍ଦୂର' ପରେ ଆମେରିକା ମଧ ପାକିସ୍ତାନ ପଟକୁ ଢଳିଛି । ବାଂଲାଦେଶ ଉଭୟ ଚୀନ୍ ଓ ପାକିସ୍ତାନ ପାଇଁ ନିଜ ଘରର କବାଟ ଖୋଲିସାରିଛି । ଏବେ ଟ୍ରମ୍ପଙ୍କ ଜିନ୍‌ପିଙ୍ଗ ସୁହାଗ ଭାରତକୁ ଅନେକ ଦିଗରେ ଦୋଛକିରେ ଠିଆ କରିଛି । ଦକ୍ଷିଣ ସାଗରରେ ଚୀନର ଆଧିପତ୍ୟ ହ୍ରାସ ପାଇଁ ଭାରତକୁ ସଦସ୍ୟ ରୂପେ ନେଇ ଆମେରିକା ଚତୁଃରାଷ୍ଟ୍ରୀୟ ସଂଗଠନ(କ୍ୱାଡ୍) ଗଠନ କରିଥିବା ବେଳେ ନୂଆ ଜି-୨ ସମୀକରଣରେ 'କ୍ୱାଡ୍'ର ଭବିଷ୍ୟତ ଓ ତହିଁରେ ଭାରତର ଭୂମିକା ଉପରେ ପ୍ରଶ୍ନ ଚିହ୍ନ ଲାଗିଛି ।

ଏସବୁର ଊର୍ଦ୍ଧ୍ୱରେ ତର୍ଜମା କଲେ ଉଭୟ ଆମେରିକା ଓ ଚୀନ୍ ଭରସାଯୋଗ୍ୟ ରାଷ୍ଟ୍ର ନୁହନ୍ତି । ସ୍ୱାର୍ଥପର ଭାବରେ ଦୁହିଁଙ୍କ ସ୍ୱଭାବ ସମାନ । ପଦାର୍ଥ ବିଜ୍ଞାନର ମୌଳିକ ତତ୍ତ୍ୱ ଅନୁଯାୟୀ ସମମେରୁ ପରସ୍ପରକୁ ବିକର୍ଷଣ ଏବଂ ବିଷମ ମେରୁ ଆକର୍ଷଣ କରେ । ତେଣୁ ଏବେ 'ବ୍ୟବସାୟ ପ୍ରଥମ' ନୀତିରେ ଆକର୍ଷିତ ହୋଇଥିବା ସମଭାବାପନ୍ନ ଦୁଇମେରୁର ବିକର୍ଷଣ ମଧ ବିଶ୍ୱ ଖୁବ୍ ଶୀଘ୍ର ଦେଖିବ । ସେ ପର୍ଯ୍ୟନ୍ତ ଭାରତ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼ିବ ।

## ଆମ ଉତ୍ତରପିଢ଼ିର କଥା ଓ ବ୍ୟଥା

ସଲିଳା ତ୍ରିପାଠୀ




ଏଇ ବୋଧେ ପ୍ରଥମ ପିଢ଼ି, ଯେଉଁମାନେ ରାଗ-ଅନୁରାଗ, ମାନ-ଅଭିମାନ ଆଉ ଅନୁଶାସନ ଠାରୁ ବହୁ ଦୂରରେ । ସେମାନଙ୍କର ବୁଝାମଣାଟି ଖୁବ୍ ସରଳ ଆଉ ସିଧା । ଜନ୍ମ ହେବାଟା ସେମାନଙ୍କର ହାତରେ ନଥିଲା । ମାତ୍ର ଜୀବନଟା କେବଳ ତାଙ୍କର ତାକୁ ଉପଭୋଗ କରିବା ପାଇଁ ମନ ମଧ୍ୟରେ ଅନେକ ଲାଳସା । ଯୁବକ ହେବା ପୂର୍ବରୁ ଯୌବନର ଉଦ୍ଦାମତା ସେମାନଙ୍କ ପାଖରେ ଭରିଯାଇଛି । ବୌଦ୍ଧିକ, ନୈତିକ ଓ ସର୍ବୋପରି ଆତ୍ମିକ ଜ୍ଞାନର ଧାର ଧାରିବାକୁ ସେମାନେ ଅନିଚ୍ଛୁକ । ଯଦି କେତେଜଣ ହାତଗଣତି ବାହାରିବେ ସେଇମାନେ ଆକାଶରେ ଚନ୍ଦ୍ର, ସୂର୍ଯ୍ୟ ହୋଇ ଆଲୋକିତ କରିବେ । ମାତ୍ର ସେପ୍ରକାର ଇଚ୍ଛାଶକ୍ତି ସେମାନଙ୍କର ହେବ ବା କାହିଁକି? ପିତାମାତାଗଣ ଏବେ ନାଚାର । ନିଜ ଜୀବନର ସଂଘର୍ଷ, ସଂସ୍କାର ଏବେ ପ୍ରହେଳିକା ଭଳି ଲାଗୁଛି । ପିଲାମାନେ ଉପଦେଶକୁ ଅଯଥା ହସ୍ତକ୍ଷେପ ବୋଲି ଭାବୁଛନ୍ତି ।

ସ୍କୁଲ ଯିବା ପାଇଁ ପାଞ୍ଚଟଙ୍କିଆ ଅଖା ବ୍ୟାଗ୍ ଏବେ ଆମେରିକାନ୍ ଟୁରିଷ୍ଟର୍‌ରେ ପରିଣତ ହୋଇଛି । ପରଟା ଆଳୁଭଜାର ଟିଫିନ୍‌ରେ ଏବେ ବାସି ପିଜା, ବର୍ଗର ପଶୁଛି । ସୁଜି, ସିମେଇକୁ ପଚାରେ କିଏ? ଚିନି ପରଟାର ଆନନ୍ଦକୁ ଏମାନେ ଆଡ଼ଆଖିରେ ଅନେଇବେନି । ଦଉଡ଼ିଆ ଖଟ ଆଉ କନ୍ଥାର ନିଦକୁ ଏମାନେ ଝୁରିବେନି । ଜେଜେଙ୍କର ଗୋଡ଼ ଘଷି ଦେଇ ୨୦ ପଇସି, ଚାରଣା ପାଇବାକୁ ମନ କରିବେନି । ବରଂ ପକେଟ୍ ମନି ପାଇବାର ଅଧିକାରପଣରେ ପିତାମାତାଙ୍କୁ ବିପର୍ଯ୍ୟସ୍ତ କରି ଚାଲିଥିବେ । ଷ୍ଟ୍ରିଟ୍ ଲାଇଟ୍‌ର ଆଲୁଅରେ ପାଠପଢ଼ି ବଡ଼ ମଣିଷ ହେବାର ଆବଶ୍ୟକତା ଏମାନଙ୍କୁ ନାହିଁ । ଏମାନେ ସଞ୍ଜ ହେଲେ ଲଣ୍ଠନ, ଡିବିର ଧୂଆଁକୁ ଖୋଜି ପାଇବେନି । ଇନ୍‌ଭର୍ଟର ଆଉ ଏୟାର କଣ୍ଡିସନ୍ ଯୁଗରେ ଏ.ସି. ରୁମ୍‌ରୁ ବାହାରି ମା'ର ରନ୍ଧାଘରେ ପଶି କାମରେ ସାହାଯ୍ୟ କରିବାକୁ ଚାହିଁବେ ନାହିଁ । ବାପାଙ୍କର ଫେରିବା ବାଟକୁ ଆତୁର ହୋଇ ଚାହିଁ ଛୋଟ ମୋଟ ଦରବଟିଏ ପାଇଁ ଅଳି କରିବେ ନାହିଁ, ବରଂ ମାସ ଶେଷକୁ ହଜାର ହଜାର ଖର୍ଚ୍ଚ କରି ସାରିଲା ପରେ ପିତାମାତା ଅଯୋଗ୍ୟ ପ୍ରମାଣିତ ହେବାଟା ଦେହସୁହା ହେବା ସାର ହେବ । ମା' ବାପାଙ୍କର ଆଖିର ଲୁହ ଏମାନଙ୍କୁ ଛଳନା ପରି ଲାଗିବ ।

ବର୍ଷା ଛାଡ଼ିଗଲା ପରେ ମାଟି ରାସ୍ତାର ପାଣି ସୁଅରେ କାଗଜ ଡଙ୍ଗା ଭସାଇବାର ଆନନ୍ଦକୁ ଅନୁଭବ କରିବେ ନାହିଁ; ବରଂ ବର୍ଷାରେ ଓଦା ହେଲେ ଥଣ୍ଡା ଧରିବ ଓ ଇନ୍‌ଫେକ୍‌ସନ୍ ହେବା ଭୟରେ ଟ୍ୟାବ୍ ଓ ମୋବାଇଲ ନହେଲେ ଲାପ୍‌ଟପ୍ ଧରି ଘରେ ପଥର ମୂର୍ତ୍ତି ପରି ବସି ରହିବେ । ଭାଇ ଭଉଣୀମାନେ ଏକାଠି ହେଲେ ତାସ୍, ଲୁଡୁ କିମ୍ବା ଗପସପ ନକରି ସମସ୍ତେ ଗୋଟେଗୋଟେ ସ୍ମାର୍ଟଫୋନ୍ ଧରି ସେଇ ଅନ୍‌ଲାଇନ୍ ଗେମ୍ ବାବଦରେ କଥା ହେବେ । ଘରକୁ କୁଣିଆ ଆସିଲେ ପାଦ ତଳେ ଲାଗୁ ନଥିବାର ଖୁସିକୁ ନ ବୁଝି ଉପହାର ଆଶାରେ ଅନାଇ ରହିବେ । ଅର୍ଥର ସାଗରରେ ବୁଡ଼ିରହି ଜୀବନର ଲକ୍ଷ୍ୟକୁ ଉପଭୋଗ ଛଡ଼ା ଆଉକିଛି ଭାବିବା ପାଇଁ ସମୟ ପାଇବେ ନାହିଁ । ଛୁଟିମାନଙ୍କରେ ପିଉସୀ, ମାଉସୀ ଆଉ ମାମୁଁ ଘରକୁ ଯାଇ ବିଭିନ୍ନ ପରିବେଶରେ ଖାପଖୁଆଇ ଚଳିବାର ଆଦବ କାଇଦାକୁ ଶିଖିବାକୁ ଚାହିଁବେ ନାହିଁ । ବରଂ ହଲିଡେ ଟୁର୍‌ରେ ଦେଶ ବିଦେଶକୁ ଯିବା ପାଇଁ ଏମାନେ ବ୍ୟାକୁଳ । ଉଡ଼ାଜାହାଜର ଶବ୍ଦକୁ ଶୁଣି ତା'କୁ ଦେଖିବା ପାଇଁ ବିକଳ ମନ ଏବେ ସେଥିରେ ବସିବା ପାଇଁ ଝଗଡ଼ା କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ ।

କୋଉ ବରଷ ବରଷରେ ଷ୍ଟୁଡିଓକୁ ଯାଇ କିମ୍ବା ସ୍କୁଲର ଶେଷବର୍ଷଗୁଡ଼ିକରେ ଫଟୋ ଉଠା ହେବାର ସୁଖକୁ ଏମାନେ ପ୍ରତି ମୁହୂର୍ତ୍ତରେ ସ୍ମାର୍ଟଫୋନ୍‌ରେ ଫଟୋ ଉଠାଇ ପୁଣି ସେଲ୍‌ଫି ନେଇ ନିଜ ସୌନ୍ଦର୍ଯ୍ୟର ରୂପରେଖକୁ ହାତରେ ତୋଳି ଧରିବାର ଖୁସିରେ ବିଭୋର ହେବେ । ଜୀବନର ସମସ୍ତ ସୁଖକୁ କ୍ଷଣିକରେ ପାଇନେବାର ଆକାଂକ୍ଷାରେ ଏମାନେ ପାଗଳ ହୋଇ ଘୂରିବୁଲିବେ । ଶିକ୍ଷାକୁ ନୈତିକ ମୂଲ୍ୟବୋଧର ଆଧାର ବୋଲି ମନେ ନକରି ମୁଠାମୁଠା ଟଙ୍କାର ସ୍ୱପ୍ନ ଦେଖିବେ । ରଙ୍ଗର ନାମ ଜାଣିବାକୁ ଇନ୍ଦ୍ରଧନୁକୁ ଦେଖିବା ପାଇଁ ଚାତକ ପରି ଅନାଇ ବସିବେ ନାହିଁ; ବରଂ ଭିନ୍ନଭିନ୍ନ ପ୍ରକାର ରଙ୍ଗ ପେନ୍‌ସିଲ୍ ସେମାନଙ୍କ ହାତମୁଠାରେ । ସେମାନେ ଯେମିତି ଚାହିଁବେ ସେମିତି ରଙ୍ଗ କରିପାରିବେ । ତେଣିକି ଚିତ୍ର ଆଙ୍କିବାର କ୍ଷମତା ଥାଉ ବା ନଥାଉ । ଆକାଶର ରଙ୍ଗକୁ ନୀଳ ବଦଳରେ ଗୋଲାପୀ ଦେଲେ ସେଇଟା ହେବ ସେମାନଙ୍କର ସୃଜନଶୀଳତା ।

ସରକାରୀ ହେଉ ଅବା ବେସରକାରୀ ସମସ୍ତେ ସ୍କୁଲ ଯିବେ ଆଉ ସମାନ ସୁବିଧା ଲାଭ କରିବେ । ସବୁରି କଣ୍ଠ ଗୀତ ଗାଇବ, ସମସ୍ତେ ତୂଳୀ ଧରିବେ, ସମସ୍ତେ ମଧ ପାଦରେ ତାଳ ଦେଇ ନୃତ୍ୟ କରିବେ । ସବୁଠାରୁ ଭଲ ଖୋଜିବା ପାଇଁ ବିଚାରକମାନେ ବ୍ୟତିବ୍ୟସ୍ତ ହୋଇପଡ଼ିବେ । ପ୍ରତ୍ୟେକ ନିଜ ପିଲାକୁ ପ୍ରଥମ ସ୍ଥାନରେ ଦେଖିବା ପାଇଁ ଆଉ ସୋସିଆଲ୍ ମିଡିଆରେ ବିଜ୍ଞାପିତ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାଥିରେ ରୀତିମତ ଝଗଡ଼ା କରିବେ । ମୋହଗ୍ରସ୍ତ ପିତାମାତା ଧୃତରାଷ୍ଟ୍ର-ଗାନ୍ଧାରୀଙ୍କ ପରି ଆଖିରେ ପଟି ବାନ୍ଧି ପିଲାମାନଙ୍କୁ ନିଜର ସର୍ବଶ୍ରେଷ୍ଠ ଅହଂକାର ରୂପେ ବ୍ୟବହାର କରିବେ । ଅବଶ୍ୟ ଏହା ଯୁଗ ଯୁଗ ଧରି ଚାଲିଆସିଛି 'ମୋ ପିଲା ଭଲ' ବାକ୍ୟଟି ପିତାମାତାଙ୍କର ପ୍ରମୁଖ ଅସ୍ତ୍ର ।

ଏଇ ପିଢ଼ି ରିଅଲ୍ ଲାଇଫ୍‌କୁ ରିଲ୍‌ସ ବନାଇବାରେ ଆନନ୍ଦିତ ହେବେ । ମାତ୍ର ବାସ୍ତବ ଜୀବନର ମର୍ମକୁ ବୁଝିବା ପାଇଁ ଅବହେଳା କରିବେ । ଏମାନଙ୍କ ପାଖରେ ଅନେକ ଭାବର ଅଭାବ ରହିଯିବ । ମାତ୍ର ସେମାନେ ଜୀବନକୁ ପଶାପାଲିର ଗୋଟିରେ ଖେଳେଇ ଚାଲିଥିବେ । ମୁହୂର୍ତ୍ତକୁ ନେଇ ବଞ୍ଚିବାରେ ଥିବା ଆନନ୍ଦକୁ ବୁଝିନେବା ଏମାନଙ୍କ ପାଇଁ ସହଜ ହୋଇଯିବ । ହେଲେ ଆନ୍ତରିକତା ଆଉ ଭାବପ୍ରବଣତାକୁ ଏମାନେ ହେୟଜ୍ଞାନ କରିବେ । ପ୍ରତ୍ୟେକଟି କଳାକୌଶଳ ଶିଖିବା ପାଇଁ ଅର୍ଥ ବିନିଯୋଗ କରିବାକୁ ପଡୁଥିବା ଏଇ ସମୟରେ ବଞ୍ଚିବାର କଳାଟିକୁ ଏମାନଙ୍କୁ କିଏ ଶିଖାଇବ? ଅଭାବ ଅନଟନ ଭିତରୁ ମୁଣ୍ଡ ଟେକିଥିବା ଏମାନଙ୍କର ପିତାମାତା ସେମାନଙ୍କୁ ସମସ୍ତ ସ୍ୱାଚ୍ଛନ୍ଦ୍ୟ ଦେଉଦେଉ ନିଜେ ଦିନେ ଅପଚରା ହୋଇ ରହିବେ ସେକଥା ଜାଣି ମଧ ପୂର୍ବ ଓ ପର ପିଢ଼ି ମଧ୍ୟରେ ନିଜର ଅସ୍ତିତ୍ୱକୁ ହରାଇ ବସିବେ ।

ସେମାନଙ୍କର ପିତାମାତା କ'ଣ ସେମାନଙ୍କର ଦୁଃଖକୁ ବୁଝି ପାରିବେ? ସେମାନେ ତ କହିବେ ତୁମେମାନେ ଅଯୋଗ୍ୟ, ଅପାରଗ ଆମ ଭଳି ପିଲାମାନଙ୍କୁ ଅନୁଶାସନରେ ବାନ୍ଧିପାରିଲ ନାହିଁ । ଭୁଲ୍‌ଟିଏ କଲେ ଅପରାଧୀ ଭଳି ଦଣ୍ଡ ଭୋଗୁଥିବା ପିଲାଦିନ ଏବେ ପରିବର୍ତ୍ତିତ । ଏବେ ସେଇ ପିଲାମାନଙ୍କ ହାତରେ ଜିଭ ଭଳି ଅପରାଧୀର ଛୁରୀ, ଯାହା ଏପରି ତୀକ୍ଷ୍ଣ ଯେ ସବୁକିଛି କାଟି ଦେଇ ହେବ । ପୁଣି କଥା କଥାକେ ମୃତ୍ୟୁକୁ ଆପଣେଇବାର ମିଠା ଧମକ । ସେମାନଙ୍କୁ ସମ୍ଭାଳିବା ପାଇଁ ଆମ୍ଭେମାନେ ଅସମର୍ଥ ଆଉ ଦୁର୍ବଳ । ଆଉ ଆମ ପିଲାମାନେ ସୁଖ, ସ୍ୱାଚ୍ଛନ୍ଦ୍ୟ, ବିଳାସ ଏବଂ ସର୍ବୋପରି ଯାନ୍ତ୍ରିକ ଦ୍ରବ୍ୟ ପାଖରେ ପଣବନ୍ଦୀ ।

ଏବେ ବି କ'ଣ ସେମାନଙ୍କୁ ବନ୍ଦୀ ଜୀବନରୁ ମୁକୁଳାଇ ଆତ୍ମସମୀକ୍ଷା ଏବଂ ଖୋଲା ଆକାଶକୁ ଟାଣି ଆଣିବାର ସମୟ ଆସିନାହିଁ? କାରଣ ମୂଲ୍ୟବୋଧ ବିନା ଜୀବନ ବୃଥା । ଯେମିତି ସ୍ପନ୍ଦନ ବିନା ହୃଦୟ । ସମସାମୟିକ ପିତାମାତାଗଣ ଏବେ ତ୍ରିଶଙ୍କୁ ସମ । ପୋଥିଗତ ଆଦର୍ଶ ଆଉ ଯୁଗୋପଯୋଗୀ ହେବାର ମଝିଦରିଆରେ ବୁଡି ମରିବା ହିଁ ସେମାନଙ୍କର ଭାଗ୍ୟ । ହୁଏତ ଏକ ଦୃଢ଼ ଆହ୍ୱାନ; ନଚେତ୍ ଆନ୍ଦୋଳନକୁ ଅପେକ୍ଷା, ଯାହା ସେମାନଙ୍କୁ ଭବିଷ୍ୟତ ବଂଶଧରକୁ ସଜାଡ଼ିବା ପାଇଁ ଶକ୍ତି ଯୋଗାଇବ । କାହିଁକି ନା ସେମାନେ ତ ସମସ୍ତଙ୍କୁ ନେଇ ବାଟ ଚାଲିବାର ଶପଥ ନେଇଛନ୍ତି । ସେମାନଙ୍କ ପାଇଁ ଅତୀତ ଓ ଭବିଷ୍ୟତ ଉଭୟ ପ୍ରିୟ । ନୁହେଁ କି ?

ବୋଲଗଡ଼, ମୋ: ୮୭୬୩୭୮୮୬୧୪

## ଭବିଷ୍ୟବାଣୀ ଓ ବାସ୍ତବତା

ମନୋରଞ୍ଜନ ମହାନ୍ତି

ଏବେ ଅଧିକ ସଂଖ୍ୟକ ଲୋକ ନିଜ ଭବିଷ୍ୟତ ସମ୍ପର୍କରେ ଜାଣିବା ପାଇଁ ଭବିଷ୍ୟତବକ୍ତାମାନଙ୍କ ନିକଟକୁ ଯାଉଛନ୍ତି । ପୁଅଝିଅମାନେ କେଉଁ ପାଠ ପଢ଼ିଲେ କୃତିତ୍ୱ ଅର୍ଜନ କରିବେ, କିପରି ଚାକିରି ପାଇବେ, ପ୍ରଚୁର ଅର୍ଥ ଉପାର୍ଜନ କରିବେ, ସମାନ ସ୍ତରରେ ବିବାହ କରିବେ ଇତ୍ୟାଦି ଜାଣିବା ପାଇଁ ଭବିଷ୍ୟତବକ୍ତାମାନଙ୍କ ପରାମର୍ଶ ଗ୍ରହଣ କରାଯାଉଛି । ଏପରିକି ଘର ଖଣ୍ଡେ ତିଆରି କରିବା ସମୟରେ କେଉଁଠି ଠାକୁର ଘର, ରୋଷେଇ ଘର, ଶୋଇବା ଘର, ଶୌଚାଳୟ, ଜଳାଶୟ ଇତ୍ୟାଦି ରହିବ ଜାଣିବା ପାଇଁ ସଂପୃକ୍ତ ବିଜ୍ଞାନୀମାନଙ୍କ ସହିତ ଯୋଗାଯୋଗ ରକ୍ଷା କରାଯାଉଛି । ଘରପ୍ରତିଷ୍ଠାର ଶୁଭଦିନ ସ୍ଥିର କରି ହୋମକ୍ରିୟା ପାଇଁ ପୁରୋହିତଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଏ । ଗଭୀର ଭାବରେ ଚିନ୍ତା କରି କେହି କେହି କହନ୍ତି, ମଣିଷ ତା'ର ଆତ୍ମସନ୍ତୋଷ ପାଇଁ ଏସବୁ କରିଥାଏ ।

ଭବିଷ୍ୟତବକ୍ତାମାନଙ୍କ କଥା ବେଳେବେଳେ ସତ୍ୟ ହୁଏ, ବେଳେବେଳେ ହୁଏ ନାହିଁ । ବିଜ୍ଞାନୀମାନଙ୍କ ସହିତ ପରାମର୍ଶ କରି ଘର ତିଆରି କଲେ ବି ଅନେକ ସମୟରେ ଘରେ ଅଭାବ, ଅଶାନ୍ତି ସୃଷ୍ଟି ହୁଏ । ବିଧିବିଧାନ ଅନୁଯାୟୀ ଯେତେ ହୋମଯଜ୍ଞ ଆୟୋଜନ କଲେ ବି ମଣିଷ ଯାବତୀୟ ଅଶୁଭ ଅମଙ୍ଗଳର ସମ୍ମୁଖୀନ ହୁଏ । ଯା'ର ଅର୍ଥ ନୁହେଁ ଯେ ଭବିଷ୍ୟତବକ୍ତା, ଗୃହନିର୍ମାଣ-ବିଜ୍ଞାନୀ, ପୁରୋହିତଙ୍କ ପରାମର୍ଶ ଲୋଡ଼ିବା ଉଚିତ ନୁହେଁ । କିନ୍ତୁ ସେମାନଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବା, ସେମାନଙ୍କ କଥାକୁ ଶେଷକଥା ବୋଲି ଗ୍ରହଣ କରିବା ବିଜ୍ଞତା, ବିଚାରବୋଧର ସୂଚନା ନୁହେଁ ।

ତେନ୍‌ଜିଙ୍ଗଙ୍କ ଆତ୍ମଚରିତ 'ଦି ଟାଇଗର୍ ଅଫ୍ ଦି ସ୍ନୋଜ୍'ରେ ଏକ ଭାବୋଦ୍ଦୀପକ, ପ୍ରଭାବଶାଳୀ ବର୍ଣ୍ଣନା ରହିଛି । ଏଭରେଷ୍ଟ ଆରୋହଣ କରିବା ପୂର୍ବରୁ ତେନ୍‌ଜିଂ ଓ ନିଉଜିଲାଣ୍ଡର ଏଡ୍‌ମଣ୍ଡ ହିଲାରି କାଠମାଣ୍ଡୁସ୍ଥିତ ପଶୁପତିନାଥ ମନ୍ଦିରର ମୁଖ୍ୟ ପୁରୋହିତ (ଯିଏ ଜଣେ ଭବିଷ୍ୟତବକ୍ତା ମଧ)ଙ୍କୁ ସାକ୍ଷାତ କଲେ । ପୁରୋହିତ ସେମାନଙ୍କ ହସ୍ତରେଖାକୁ ଅନୁଧ୍ୟାନ କରି କହିଲେ ସେମାନଙ୍କ ମଧ୍ୟରୁ କେହି ହେଲେ ସାଗରମଥା (ନେପାଳି ଭାଷାରେ ଏଭରେଷ୍ଟକୁ ସାଗରମଥା ବୋଲି କୁହାଯାଏ)ରେ ପହଞ୍ଚି ପାରିବେ ନାହିଁ ଏବଂ ଆରୋହଣ କରିବା ସମୟରେ ଦୁଇଜଣଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିବେ । କିନ୍ତୁ ଦୁଇଜଣଯାକ ପୁରୋହିତଙ୍କ କଥାରେ ଗୁରୁତ୍ୱ ନଦେଇ ଏଭରେଷ୍ଟ ଆରୋହଣ କଲେ ଏବଂ ୧୯୫୩ ମସିହା ମେ ୨୯ ତାରିଖରେ ପୃଥିବୀର ସର୍ବୋଚ୍ଚ ପର୍ବତ-ଶୃଙ୍ଗରେ ପହଞ୍ଚିପାରିଲେ ।

ଯୁବକ ଜହିରୁଦ୍ଦିନ୍ ବାବର ୧୫୨୬ ଖ୍ରୀଷ୍ଟାବ୍ଦରେ ପ୍ରଥମ ପାନିପଥ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲାବେଳେ ଜଣେ ନୁଜୁମୀ (ଆରବୀ ଭାଷାରେ ନୁଜୁମୀର ଅର୍ଥ ଭବିଷ୍ୟତବକ୍ତା) କହିଲେ ସେ ଯୁଦ୍ଧରେ ପରାସ୍ତ ହେବେ, ଏପରିକି ମୃତ୍ୟୁବରଣ କରିପାରନ୍ତି । ବାବର ଏକଥାକୁ ଆଦୌ ଭ୍ରୂକ୍ଷେପ କଲେ ନାହିଁ, ଯୁଦ୍ଧରେ ଅବତୀର୍ଣ୍ଣ ହେଲେ ଏବଂ ଜୟ ଲାଭ କରି ଭାରତରେ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା କଲେ, ଯେଉଁ ସାମ୍ରାଜ୍ୟ ୧୮୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୃଢ଼ମୂଳ ହୋଇ ରହିଲା । ବାର୍ବାଡୋସ୍ ନିକଟରେ ଏକ ଦରିଦ୍ର ପରିବାରରେ ଗୋଟିଏ ଶିଶୁ ଜନ୍ମ ହେଲା । ଜନ୍ମ ସମୟରୁ ତା'ର ଥିଲା ଛଅଟି ଆଙ୍ଗୁଳି ଓ ଦୁଇଟି ଦାନ୍ତ । ଗାଁର ଜଣେ ଭବିଷ୍ୟତବକ୍ତା ତା'ର ମୁହଁକୁ ଦେଖି କହିଲେ 'ସେ ଗୋଟେ ପିଶାଚର ସନ୍ତାନ, ଦଶବର୍ଷ ବୟସ ହେବା ପୂର୍ବରୁ ମୃତ୍ୟୁବରଣ କରିବ ।' ଆଶ୍ଚର୍ଯ୍ୟର କଥା, ସେହି ଶିଶୁ ଏବେ ୮୯ବର୍ଷର ବୃଦ୍ଧ, କ୍ରୀଡ଼ଜଗତର ଜଣେ କିମ୍ବଦନ୍ତୀ ପୁରୁଷ, ପଶ୍ଚିମ ଭାରତୀୟ କ୍ରିକେଟ ଖେଳାଳି ଗାର୍‌ଫିଲ୍‌ଡ୍ ସୋବର୍ସ୍ ।

ପାଣିନିଙ୍କ ବାପା ମା'ଙ୍କୁ ଜଣେ ଭବିଷ୍ୟତବକ୍ତା କହିଲେ, 'ପାଣିନିଙ୍କ କପାଳରେ ପାଠ ନାହିଁ । ସେ ଆଦୌ ପଢ଼ାପଢ଼ି କରିବେ ନାହିଁ ।' ସମସ୍ତଙ୍କ ମନରେ ଦୁଃଖ ହେଲା । ପାଣିନି ଚିନ୍ତିତ ହୋଇ ଗୋଟିଏ ପୋଖରୀ କୂଳରେ ବସିଥିବା ବେଳେ ଦେଖିଲେ କୂଳରେ ଗୋଟିଏ ସ୍ଥାନରେ ମାଟି ଦବିଯାଇ ଗୋଲ ଆକାର ଧାରଣ କରିଛି । ପୋଖରୀକୁ ପାଣିନେବା ପାଇଁ ଆସୁଥିବା ପ୍ରତ୍ୟେକ ଲୋକ ମାଠିଆରେ ପାଣି ଭରି ପ୍ରଥମେ ସେହି ସ୍ଥାନରେ ରଖୁଛନ୍ତି; ତା'ପରେ କାଖକୁ ବା କାନ୍ଧକୁ ଉଠାଇ ଘରକୁ ଫେରୁଛନ୍ତି । ପାଣିନି ଜଣଙ୍କୁ ପଚାରିଲେ, 'ଏହି ସ୍ଥାନରେ ମାଟି ଦବିଲା କିପରି ଏବଂ ଏହା ଗୋଲ ଆକାର ଧାରଣ କଲା କିପରି?' ଉତ୍ତର ମିଳିଲା, 'ସ୍ଥାନଟି ପ୍ରଥମେ ସମତଳ ଥିଲା । ସବୁଲୋକ ଏଠି ମାଠିଆ ରଖିରଖି କ୍ରମାଗତ ଚାପ ହେତୁ ମାଟି ଦବିଯାଇ ଗୋଲାକାର ହୋଇଗଲା ।' ପାଣିନି ଚିନ୍ତା କଲେ, 'କ୍ରମାଗତ ଚାପ ହେତୁ ଯଦି ସମତଳ ଭୂମିଟି ପରିବର୍ତ୍ତିତ ହେଉଛି, ଅର୍ଥାତ୍ ଦବିଯାଇ ଗୋଲ ଆକାର ଧାରଣ କରିପାରୁଛି, କ୍ରମାଗତ ଉଦ୍ୟମ କଲେ ମୋର ମଧ ପରିବର୍ତ୍ତନ ହେବ । ଅର୍ଥାତ୍ ମୁଁ ପାଠ ପଢ଼ିପାରିବି, ଭଲ ପଢ଼ିପାରିବି ।' ଘରକୁ ଫେରିଗଲେ ଓ ପାଠପଢ଼ାରେ ମନୋନିବେଶ କରି ଶ୍ରେଷ୍ଠ ବୈୟାକରଣିକ ଭାବରେ ଖ୍ୟାତି ଅର୍ଜନ କଲେ ।

ସୁତରାଂ ଆମର ଭବିଷ୍ୟତ ସମ୍ପର୍କରେ ଭବିଷ୍ୟତବକ୍ତାମାନଙ୍କ କଥା ଗୁରୁତ୍ୱପୂର୍ଣ୍ଣ ହେଉ ବା ନହେଉ, ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ହେଉଛି ଆମର ଜୀବନ-ଗଠନର ସଂକଳ୍ପ ଓ ସାଧନା । ତେନ୍‌ଜିଂ, ହିଲାରି, ବାବର, ଗାର୍‌ଫିଲ୍‌ଡ୍ ସୋବସ୍‌ର୍, ପାଣିନି ଓ ଆହୁରି ଅନେକ ବ୍ୟକ୍ତି ଭବିଷ୍ୟତବକ୍ତାମାନଙ୍କ କଥାକୁ ଆଦୌ ଗୁରୁତ୍ୱ ନଦେଇ ନିଜ ନିଜ ଜୀବନର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ସେହି ଲକ୍ଷ୍ୟସ୍ଥଳରେ ପହଂଚିବା ପାଇଁ ଆବଶ୍ୟକ ସାଧନା ନିରତ ହୋଇଛନ୍ତି ଓ ପହଞ୍ଚି ପାରିଛନ୍ତି । ଠିକ୍ ସେହିପରି ଆମେ ବାସଗୃହ ନିର୍ମାଣ କଲା ବେଳେ ଠାକୁର ଘର, ଜଳାଶୟ, ଶୋଇବା ଘର, ରୋଷେଇ ଘର, ଶୌଚାଳୟ ଇତ୍ୟାଦିର ଦିଗ ନିର୍ଣ୍ଣୟ ସମ୍ପର୍କରେ ବିଜ୍ଞାନୀମାନଙ୍କ କଥା ଗୁରୁତ୍ୱପୂର୍ଣ୍ଣ ହେଉ ବା ନହେଉ; ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ହେଉଛି ଆମେ ସତ୍‌ପନ୍ଥାରେ ଆୟ କରି ସତ୍‌ପନ୍ଥାରେ ବ୍ୟୟ କରିବା ଏବଂ ପରିବାରରେ ସମସ୍ତଙ୍କ ମଧ୍ୟରେ ସଦ୍‌ଭାବର ପରିବେଶ ରଚନା କରିବା ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର), ମୋ: ୯୮୫୩୨୮୨୯୬୨

## ଦୁର୍ଯ୍ୟୋଧନଙ୍କ ନାମରେ ପୈଠ ହୁଏ ଖଜଣା

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ହସ୍ତିନାପୁରର ରାଜା ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ୧୦୦ ପୁତ୍ର ମଧ୍ୟରେ ଜ୍ୟେଷ୍ଠ ଦୁର୍ଯ୍ୟୋଧନ ହେଉଛନ୍ତି ଅହଂକାର ଓ କ୍ରୋଧର ପ୍ରତୀକ । କିନ୍ତୁ ଆସୁରିକ ପ୍ରବୃତ୍ତି ଯୁକ୍ତ ଦୁର୍ଯ୍ୟୋଧନଙ୍କୁ କେରଳର ଗୋଟିଏ ସ୍ଥାନରେ ଜଣେ ଦୟାଳୁ ଓ ରକ୍ଷକ ଦେବତା ଭାବେ ପୂଜା କରାଯାଉଛି । ସ୍ଥାନୀୟ ଗ୍ରାମବାସୀମାନେ ଦୁର୍ଯ୍ୟୋଧନଙ୍କୁ 'ଅପୁପା' ବୋଲି କହିଥା'ନ୍ତି । 'ଅପୁପା'ର ଅର୍ଥ ହେଉଛି ଜେଜେ । ଏହାବ୍ୟତୀତ ଦେବଭୂମି ଉତ୍ତରାଖଣ୍ଡର ଜଖୋଲ ଗାଁରେ ମଧ ଦୁର୍ଯ୍ୟୋଧନଙ୍କ ଏକ ମନ୍ଦିର ଅଛି ।

କେରଳର କୋଲମ୍‌ଠାରେ ଶକୁନି ମନ୍ଦିର ନିକଟରେ ଅଛି ଦୁର୍ଯ୍ୟୋଧନଙ୍କ ବିଶାଳ ଓ ଭବ୍ୟ ମନ୍ଦିର । 'ପୋରୁବାଜି ପେରୁଭିରୁଥି ମଲନାଡ଼ା' ନାମକ ଏହି ମନ୍ଦିରର ବିଶେଷତ୍ୱ ହେଉଛି, ଏଠାରେ ଦୁର୍ଯ୍ୟୋଧନଙ୍କର କୌଣସି ମୂର୍ତ୍ତି ନାହିଁ, ବରଂ ତାଙ୍କର ପ୍ରିୟ ଅସ୍ତ୍ର ଗଦାକୁ ପୂଜାର୍ଚ୍ଚନା କରି ନିଜର ମଙ୍ଗଳକାମନା କରିବା ସହିତ ମନସ୍କାମନା ପୂର୍ଣ୍ଣ ହେବା ପାଇଁ ଆଶିଷ ମାଗିଥା'ନ୍ତି । ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଏଠାକୁ ଆସୁଥବା ଶ୍ରଦ୍ଧାଳୁଙ୍କର ସମସ୍ତ ମନସ୍କାମନା ଦୁର୍ଯ୍ୟୋଧନ ପୂରଣ କରିଥା'ନ୍ତି ବୋଲି ଜନଶ୍ରୁତି ରହିଛି । ଏଠାରେ ଭୋଗ ସ୍ୱରୂପ ତାଡ଼ି (ତାଳରସରେ ପ୍ରସ୍ତୁତ ଏକପ୍ରକାର ମାଦକଦ୍ରବ୍ୟ) ପୂଜା କରାଯାଏ ଏବଂ ଏହି ପ୍ରସାଦକୁ ତୀର୍ଥ ପ୍ରସାଦ ଭାବେ ଶ୍ରଦ୍ଧାଳୁଙ୍କୁ ମଧ ଦିଆଯାଏ । 'ମଲନାଡ଼ା' ଦୁଇଟି ଶବ୍ଦର ସମଷ୍ଟି । 'ମଲା' ହେଉଛି ପାହାଡ଼ ଏବଂ 'ନାଡ଼ା' ଅର୍ଥ ମନ୍ଦିର । ତେଣୁ କୌରବ ୧୦୦ ଭାଇଙ୍କ ମନ୍ଦିରଗୁଡ଼ିକ ଛୋଟ ଛୋଟ ପାହାଡ଼ ବା ମୁଣ୍ଡିଆ ଉପରେ ନିର୍ମାଣ କରାଯାଇଥିବାରୁ ଏହାର ନାମ 'ମଲନାଡ଼ା' ହୋଇଛି ।

ଲୋକକଥା ଅନୁସାରେ, ଏକଦା ଦୁର୍ଯ୍ୟୋଧନ ତାଙ୍କର ୯୯ ଭାଇଙ୍କ ସହିତ ପାଣ୍ଡବମାନଙ୍କ (ଅଜ୍ଞାତବାସରେ ଥିବା ସମୟରେ) ସନ୍ଧାନ କରି କୋଲମ୍‌ଠାରେ ପହଞ୍ଚିଲେ । ତାଙ୍କୁ ବହୁତ ଶୋଷ ଲାଗୁଥିଲା । ତେଣୁ ସେ ନିକଟସ୍ଥ ଏକ ଗାଁକୁ ପାଣି ମାଗିବାକୁ ଯାଇଥିଲେ । ସେଠାରେ ଜଣେ ବୃଦ୍ଧା ତାଙ୍କୁ ପାଣି ପରିବର୍ତ୍ତେ ତାଡ଼ି ଦେଇଥିଲେ । ଏଥିରେ ଦୁର୍ଯ୍ୟୋଧନଙ୍କ ଶୋଷ ମେଣ୍ଟିବା ସହ ଏହା ତାଙ୍କୁ ଖୁବ୍ ସ୍ୱାଦିଷ୍ଟ ଲାଗିଥିଲା । ତେଣୁ ସେ ଖୁସି ହୋଇ ଗାଁବାସୀଙ୍କ ଉଦ୍ଦେଶ୍ୟରେ ଚାଷଜମି ଦାନ କରିବା ସହ ଜମିଗୁଡ଼ିକ ସବୁବେଳେ ଫସଲରେ ଶସ୍ୟଶାମଳା ହେଉ ବୋଲି ଆଶୀର୍ବାଦ ଦେଇଥିଲେ । ଆଶ୍ଚର୍ଯ୍ୟର କଥା ଯେ, ବର୍ତ୍ତମାନ ସମୟରେ ମଧ ଏହି ଜମିର କର (ଟ୍ୟାକ୍ସ) ଦୁର୍ଯ୍ୟୋଧନଙ୍କ ନାମରେ ପଇଠ କରାଯାଉଛି । ଦୁର୍ଯ୍ୟୋଧନ ସେହି ଗାଁକୁ ଶୁକ୍ରବାର ଦିନ ଆସିଥିଲେ ଏବଂ ଆସନ୍ତା ଶୁକ୍ରବାରକୁ ସେ ଗାଁ ଫେରିବେ ବୋଲି ପ୍ରତିଶ୍ରୁତି ଦେବା ସହ କହିଥିଲେ ଯେ, ସେ ଯଦି ନଫେରନ୍ତି, ତେବେ ଗ୍ରାମବାସୀ ତାଙ୍କର ଅନ୍ତିମ ସଂସ୍କାର କରିଦେବେ । ଗୋଟିଏ ସପ୍ତାହ ଅପେକ୍ଷା କରିବା ପରେ ଦୁର୍ଯ୍ୟୋଧନ ଫେରି ନଥିବା ଦେଖି ଗାଁର ଲୋକମାନେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କଲେ ଏବଂ ତାଙ୍କର ଆତ୍ମା ଫେରିଆସିଥିବାର ବିଶ୍ୱାସ କରି ମନ୍ଦିର ନିର୍ମାଣ କରାଇ ଥିଲେ । ତେଣୁ ଏବେ ମଧ ଦୁର୍ଯ୍ୟୋଧନଙ୍କ ଆତ୍ମାର ଅସ୍ତିତ୍ୱକୁ ବିଶ୍ୱାସ କରି ପ୍ରତ୍ୟେକ ଶୁକ୍ରବାରଦିନ ସେଠାରେ ବିଶେଷ ପୂଜାର୍ଚ୍ଚନା କରାଯିବା ସହ ତାଡ଼ି ଭୋଗ ଅର୍ପଣ କରାଯାଉଛି । ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ଦୁର୍ଯ୍ୟୋଧନଙ୍କ ଉଦ୍ଦେଶ୍ୟରେ 'ମଲନାଡ଼ା ମହୋତ୍ସବ'ର ଆୟୋଜନ ହୋଇଥାଏ, ଯେଉଁଥିରେ ପ୍ରକୃତିର ସୁରକ୍ଷା ଓ ଭଲ ଫସଲ ଉତ୍ପାଦନ ପାଇଁ ଆଶିଷ ଭିକ୍ଷା କରାଯାଏ । ୮ ଦିନ ଧରି ଚାଲୁଥିବା ଏହି ଉତ୍ସବରେ ଲକ୍ଷାଧିକ ଭକ୍ତ ଯୋଗ ଦିଅନ୍ତି ।

ଦୁର୍ଯ୍ୟୋଧନଙ୍କ ସହିତ ଅନ୍ୟ କୌରବ ଭାଇ ଓ ଭଗ୍ନୀ ଦୁଶାଳାଙ୍କର ମନ୍ଦିର ମଧ କୋଲମଠାରେ ଅଛି । ମହାଭାରତ ଯୁଦ୍ଧ ପରେ ଦୁଶାଳା ଭୋକଶୋଷରେ ଅତିଷ୍ଠ ହୋଇ ରାଜ୍ୟ ଛାଡ଼ି ପଳାଇ ଆସିଥିଲେ । କୋଲମଠାରେ ପହଞ୍ଚିବା ପରେ ସେ ଗୋଟିଏ ଜମିରେ କାଠି ଦ୍ୱାରା ଭୂମିରୁ ପାଣିର ଉତ୍ସ ସୃଷ୍ଟି କରିଥିଲେ ଏବଂ ସେହି କାଠିକୁ ଉକ୍ତ ଜମିରେ ପୋତି ଦେଇଥିଲେ ବୋଲି ଲୋକକଥା ଅଛି । ତେଣୁ ଉକ୍ତ ଜମିରେ ଦୁଶାଳାଙ୍କର ଗୋଟିଏ ମନ୍ଦିର ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି । ଏହି ମନ୍ଦିର ଦୁର୍ଯ୍ୟୋଧନ ମନ୍ଦିରଠାରୁ ମାତ୍ର ୬ କି.ମି. ଦୂର ଏବଂ ଏହି ଜମିରୁ ହେଉଥିବା ଫସଲ କେବଳ ଠାକୁରଙ୍କ ଭୋଗ ପାଇଁ ପାଇଁ ଉଦ୍ଦିଷ୍ଟ ।

ଉତ୍ତରାଖଣ୍ଡରେ ଥିବା ଦୁର୍ଯ୍ୟୋଧନଙ୍କ ମନ୍ଦିର ସ୍ଥାନୀୟ ଲୋକକଥା ଅନୁସାରେ ନିର୍ମାଣ କରାଯାଇଛି । ଏକଦା ଦୁର୍ଯ୍ୟୋଧନ ଉତ୍ତରାଖଣ୍ଡର ଜୋନ୍‌ସୋର୍-ବାବର କ୍ଷେତ୍ରର ହନୋଲ୍ ଯାତ୍ରାରେ ଆସିଥିଲେ । ଏଠାକାର ପ୍ରାକୃତିକ ସୁନ୍ଦରତାରେ ସେ ବିମୋହିତ ହୋଇ ସ୍ଥାନୀୟ ଦେବତା ମହାସୁଙ୍କୁ ହିମାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗୋଟିଏ ଘାଟି ମାଗିଲେ । ମହାସୁ ଦୁର୍ଯ୍ୟୋଧନଙ୍କୁ ଘାଟି ଦେବା ପାଇଁ ଗୋଟିଏ ସର୍ତ୍ତ ରଖିଲେ ଯେ, ସବୁବେଳେ ସେ ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଦେବା ସହିତ ତାଙ୍କର ଦୁଃଖକଷ୍ଟ ହରଣ କରିବେ । ଏଥିରେ ଦୁର୍ଯ୍ୟୋଧନ ରାଜି ହୋଇଗଲେ । ସେବେଠାରୁ ଆଜି ପର୍ଯ୍ୟନ୍ତ ଦୁର୍ଯ୍ୟୋଧନ ଉତ୍ତରକାଶୀ ଜିଲ୍ଲା ଅନ୍ତର୍ଗତ ଜଖୋଲ୍ ଗାଁର ରକ୍ଷକ ଦେବତା ଭାବେ ପୂଜା ପାଇ ଆସୁଛନ୍ତି । କୁହାଯାଏ ଯେ, ଦୁର୍ଯ୍ୟୋଧନଙ୍କ ମୃତ୍ୟୁରେ ଲୋକମାନେ ଏତେମାତ୍ରାରେ କାନ୍ଦିଥିଲେ ଯେ, ସେମାନଙ୍କ ଲୁହରୁ ତମସ ନାମକ ନଦୀର ଉତ୍ପତ୍ତି ହୋଇଥିଲା, ଯାହାକୁ ଏବେ ଟୋସ୍ ନଦୀ କୁହାଯାଉଛି । ଏହା ବ୍ୟତୀତ ଦୁର୍ଯ୍ୟୋଧନଙ୍କ ମନ୍ଦିର ନିର୍ମାଣକୁ ନେଇ ଏକାଧିକ ଲୋକକଥା ଅଛି । ଏହି ମନ୍ଦିରକୁ ବର୍ତ୍ତମାନ ସମୟରେ ଗୋଟିଏ ଶୈବପୀଠ ବୋଲି କୁହାଯାଉଛି ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

### ମୁହଁ ଘୋଡ଼ାଇ ଜେଲରୁ ମୁକୁଳିଲେ ଏସ୍‌ଆଇ ଚାକିରି ଆଶାୟୀ

# ସନ୍ଧ୍ୟା ସୁଦ୍ଧା ମୁକୁଳିଲେ ୯୪

**ବ୍ରହ୍ମପୁର, ୩୦।୧୦ (ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ମୋଟ ୧୧୪ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କୁ ମଙ୍ଗଳବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିବା ପରେ ଗୁରୁବାର ୯୪ ଜଣ ଜେଲରୁ ମୁକୁଳିଛନ୍ତି। ସକାଳୁ ନିଜ ପୁଅ-ଝିଅ ଓ ସମ୍ପର୍କୀୟଙ୍କୁ ନେବାକୁ ବ୍ରହ୍ମପୁର ଜେଲ୍ ସମ୍ମୁଖରେ ଅଭିଭାବକଙ୍କ ଭିଡ଼ ଲାଗିଥିଲା। ଜାମିନ ପାଇଥିବା ୧୧୪ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମେ ୬ଜଣ ଛାତ୍ରୀଙ୍କୁ ଜେଲରୁ ଛଡ଼ାଯାଇଥିଲା। ପରେ ପର୍ଯ୍ୟାୟକ୍ରମେ, ରାତି ସୁଦ୍ଧା ଅବଶିଷ୍ଟ ୮୮ ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କୁ ଛଡ଼ାଯାଇଛି। ଜାମିନ ପାଇଥିବା ଅନ୍ୟ ୨୦ଜଣଙ୍କ ରିଲିଜ୍ ଅର୍ଡର୍ ଜେଲ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିବାରେ ବିଳମ୍ବ ଯୋଗୁଁ ସେମାନେ ମୁକୁଳି ପାରିନାହାନ୍ତି। ଆସନ୍ତାକାଲି ଶୁକ୍ରବାର ପୂର୍ବାହ୍ନରେ ସମସ୍ତେ ମୁକୁଳିବେ ବୋଲି ଆଶା କରାଯାଉଛି।

ମଙ୍ଗଳବାର କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ଭିଜିଲାନ୍ସ କୋର୍ଟରେ କେସ୍ ଡାଏରୀ ଦାଖଲ କରିଥିଲେ। କିନ୍ତୁ ଜାମିନ ଆବେଦନର ଶୁଣାଣି ବେଳେ କ୍ରାଇମବ୍ରାଞ୍ଚ ଗିରଫ ୧୧୪ଜଣ ଆଶାୟୀ ଛାତ୍ରଛାତ୍ରୀଙ୍କ ବିରୋଧରେ ଆବଶ୍ୟକ ତଥ୍ୟ ପ୍ରମାଣ କୋର୍ଟରେ ଉପସ୍ଥାପନ କରିବାରେ ବିଫଳ ହୋଇଥିଲା। ଫଳରେ କୋର୍ଟ ସମସ୍ତ ୧୧୪ଜଣ ଆଶାୟୀ ଛାତ୍ରଛାତ୍ରୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।

ଅନ୍ୟପକ୍ଷରେ କୌଣସି ଭୁଲ୍ ନକରି ପିଲାଙ୍କୁ ଜେଲ୍ ଯିବାକୁ ପଡ଼ିଛି। ସେମାନେ ସାର୍ଟିଫିକେଟ୍ କିମ୍ବା ଟଙ୍କା ମଧ୍ୟ ଦେଇନାହାନ୍ତି। ରାକେଟ ଚଳାଉଥିବା ଦଲାଲଙ୍କୁ ଛାଡ଼ି ପୁଲିସ ଆଶାୟୀ ପରୀକ୍ଷାର୍ଥୀଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ବିରୁଦ୍ଧରେ କୌଣସି ଠୋସ୍ ପ୍ରମାଣ ମଧ୍ୟ ଯୋଗାଡ଼ କରିପାରିନାହିଁ। ତେଣୁ କୋର୍ଟରେ କ୍ରାଇମବ୍ରାଞ୍ଚ ପ୍ରମାଣ ଦାଖଲ କରିପାରିଲା ନାହିଁ। ନିରୀହ ଛାତ୍ରଛାତ୍ରୀଙ୍କ ଅପେକ୍ଷା ପ୍ରକୃତ ଦଲାଲଙ୍କୁ ପୁଲିସ ଗିରଫ କରୁ ବୋଲି ଅଭିଭାବକମାନେ ଦାବି କରିଛନ୍ତି। ପୁଲିସ ଏସ୍‌ଆଇ କେଳେଙ୍କାରୀ ମାମଲାର ତଦନ୍ତ ପ୍ରଥମେ ପୁଲିସ ଓ ପରେ କ୍ରାଇମବ୍ରାଞ୍ଚ କରୁଥିବା ବେଳେ ଘଟଣାର ତଦନ୍ତଭାର ବର୍ତ୍ତମାନ ସିବିଆଇକୁ ଦିଆଯାଇଛି। ଖୁବଶୀଘ୍ର ସିବିଆଇ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିବ।

**ଆସନ୍ତାକାଲି ବାହାରିବେ ବାକି ଅଭିଯୁକ୍ତ**

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୩୦ରେ ଗୋଳନ୍ଥରା ଥାନା ପୁଲିସ ୧୧୪ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ ଦଲାଲଙ୍କୁ କାବୁ କରିଥିଲା। ପରେ ପର୍ଯ୍ୟାୟକ୍ରମେ ଗିରଫ ସଂଖ୍ୟା ୧୨୩କୁ ବୃଦ୍ଧି ପାଇଥିଲା। ଇତିମଧ୍ୟରେ ଘଟଣାକୁ ଠିକ୍ ଏକ ମାସ ପୂରିଛି। ଦୀର୍ଘ ଏକମାସ ଜେଲରେ ରହି ମାନସିକ ଚାପରେ ରହିଆସୁଥିଲେ ସମସ୍ତ ଚାକିରି ଆଶାୟୀ। ୧୧୪ଜଣ ଆଶାୟୀଙ୍କ ପରିବାର ପକ୍ଷରୁ ପ୍ରାୟ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜେଲ କର୍ତ୍ତୃପକ୍ଷଙ୍କଠାରେ ଜମା କରିଥିଲେ। ଜାମିନରେ ବାହାରିବା ବେଳେ ୯୪ଜଣ ଆଶାୟୀମାନେ ଦାଖଲ ହୋଇଥିବା ମୋଟ ଅର୍ଥରୁ ୩ଲକ୍ଷ ୩୦ହଜାର ଟଙ୍କା ଫେରାଇ ନେଇଥିବା ଜେଲ ସୂତ୍ରରୁ ଜଣାପଡ଼ିଛି। ଏକମାସ ଧରି ଜେଲର ରହଣି ପରେ ୯୪ଜଣ ଆଶାୟୀ ଜେଲରୁ ମୁକୁଳିଛନ୍ତି।

ସେହିଭଳି ଏହି ଘଟଣାରେ ୧୨୩ ଜଣଙ୍କ ମଧ୍ୟରେ ୯ଜଣ ଦଲାଲ ସାମିଲ ଅଛନ୍ତି। ଜାମିନ ଆବେଦନ କରିଥିବା ୧୨୧ଜଣଙ୍କ ମଧ୍ୟରୁ ୧୧୪ଜଣ ଚାକିରି ଆଶାୟୀ ଥିବା ବେଳେ ଅବଶିଷ୍ଟ ୭ଜଣ ଦଲାଲ ଥିଲେ। ଜାମିନ ଆବେଦନ କରିଥିବା ୭ଜଣ ଦଲାଲଙ୍କ ଆବେଦନ ଖାରଜ ହୋଇଯାଇଛି। ଗିରଫ ଦୁଇ ଦଲାଲ ବିଶଜିତ ହରିଚନ୍ଦନ ଓ ତପିନ୍ ଅହମ୍ମଦ ଖାନ୍ କେଳେଙ୍କାରି କାରଣରୁ ଜାମିନ ଆବେଦନ କରି ନଥିବା ସରକାରୀ ଓକିଲ ରଜତ କୁମାର ଦାଶ ସୂଚନା ଦେଇଛନ୍ତି।

# ଜୀବନ ନେଉଛି ଜୀବନରେଖା

## ୧୫ ଦିନରେ ଗଲାଣି ୩ ଜୀବନ ■ ପୁଣି ମହାନଦୀରେ ଛାତ୍ର ନିଖୋଜ

**କଟକ, ୩୦।୧୦(ସମିସ):** ଜୀବନ ନେଉଛି ଜୀବନରେଖା। ମହାନଦୀ ଓ କାଠଯୋଡ଼ିରେ ଜଳବୁଡ଼ି ଓ ଆତ୍ମହତ୍ୟାଜନିତ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ବ୍ରିଜ୍ ଉପରୁ ଡେଇଁ ଜୀବନ ହାରିବା ଭଳି ଘଟଣା ଏହି ଦୁଇ ନଦୀରେ ବଢ଼ି ଚାଲିଛି। ଗତବର୍ଷ ଉଭୟ ମହାନଦୀ ଓ କାଠଯୋଡ଼ିରେ ୩୯ଜଣ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ତନ୍ମଧ୍ୟରୁ ୨୭ଜଣଙ୍କ ମୃତ୍ୟୁ ଘଟିଥିଲା। ଆହୁରି ଉଦ୍‌ବେଗଜନକ କଥା ହେଲା, ମାତ୍ର ୧୫ଦିନ ଭିତରେ ମହାନଦୀକୁ ଡେଇଁ ୩ଜଣ ପ୍ରାଣ ହରାଇ ସାରିଲେଣି। ସୌଭାଗ୍ୟକୁ ଅନ୍ୟ ୨ଜଣଙ୍କୁ ଠିକ୍ ସମୟରେ ଉଦ୍ଧାର କରାଯାଇଥିବାରୁ ସେମାନଙ୍କ ଜୀବନ ବଞ୍ଚିଯାଇଛି।

ଆଜି ମହାନଦୀରେ ପୁଣି ଏକ ଦୁଃଖଦ ଘଟଣା ଘଟିଛି। ହାଡ଼ିଆପଠା ନିକଟରେ ଥୋରିଆସାହିର ୪ଜଣ ନାବାଳକ ଗାଧେଇବାକୁ ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ନଦୀର ଗଭୀର ଜଳରାଶିରେ ଭାସି ଯାଇଛି। ସେ ହେଲା, ବାବୁ ନାୟକ (୧୬)। ଅପରାହ୍ଣ ୩ଟାରେ ବାବୁ ନିଜ ସାଙ୍ଗଙ୍କ ସହିତ ନଦୀରେ ଗାଧୋଇବା ସହ ଜଳକ୍ରୀଡ଼ା କରୁଥିଲା। ହଠାତ୍ ତା'ର ପାଦ ଖସିଯିବାରୁ ସେ ଗଭୀର ଜଳରାଶିକୁ ଚାଲିଯାଇଥିଲା ଓ ନିଖୋଜ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରର ଗୋଟିଏ ଟିମ୍ ନଦୀରେ ଖୋଜାଖୋଜି କରି କରିଥିଲେ। କିନ୍ତୁ ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ କରାଯାଇଛି। ଅଗ୍ନିଶମ କେନ୍ଦ୍ରର ଫାୟାର୍ ଅଫିସର ସଞ୍ଜୀବ କୁମାର ବେହେରା କହିଛନ୍ତି, ହାଡ଼ିଆପଠାରେ ନଦୀର ତୁଠ ନଥିଲା। ବାବୁ ଓ ତା' ସାଙ୍ଗମାନେ ସେଠାରେ ବିପଦପୂର୍ଣ୍ଣ ଭାବେ ନଦୀକୁ ପ୍ରବେଶ କରିଥିଲେ। ଫଳରେ ଏଭଳି ଅଘଟଣ ଘଟିଛି।

ଅଗ୍ନିଶମ ବିଭାଗ ସୂଚନା ଅନୁସାରେ, ଗତ ୧୬ ତାରିଖରେ ଭୁବନେଶ୍ୱରରେ ରହୁଥିବା କେନ୍ଦୁପାଟଣା ଅଞ୍ଚଳର ଶିଶିକାନ୍ତ ସାହୁ(୩୭) ନିଜ କାର୍ ଆସି ମୁଣ୍ଡଳୀବ୍ରିଜ୍ ଉପରେ ମହାନଦୀକୁ ଡେଇଁ ପଡ଼ିଥିଲେ। ୩ଦିନ ପରେ ତାଙ୍କ ମୃତ ଉଦ୍ଧାର କରାଯାଇଥିଲା। ଗତ ୧୭ତାରିଖ ରାତିରେ ଗୋପାଳପୁର ନିକଟ କାଠଯୋଡ଼ି ବ୍ରିଜ୍ ଉପରେ ଅଶ୍ୱରେଶ୍ୱର ଅଞ୍ଚଳର ଅବିନାଶ ମହାପାତ୍ର(୩୩) ନଦୀକୁ ଡେଇଁ ପଡ଼ିଥିଲେ। ନଦୀରେ ପାଣି କମ୍ ଥିବାରୁ ତାଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ଗତ ୨୩ ତାରିଖରେ ଜଗତପୁର ଥାନା ଅଞ୍ଚଳରେ ଶିବାନୀ ମଲ୍ଲିକ(୨୫) ଯୋବ୍ରା ବ୍ରିଜ୍ ଉପରୁ ଡେଇଁ ଆତ୍ମହତ୍ୟା କରିଥିଲେ। ତାଙ୍କ ମୃତଦେହକୁ ୨୪ ତାରିଖ ପୂର୍ବାହ୍ଣରେ ଚିତ୍ରୋପ୍ତଳା ନଦୀରୁ ଉଦ୍ଧାର କରାଯାଇଥିଲା। ଗତ ୨୭ତାରିଖରେ ବକ୍ସିବଜାର ଅଞ୍ଚଳର ମହେଶ୍ୱରୀ ପାଣ୍ଡେ(୩୬) ଯୋବ୍ରା ବ୍ୟାରେଜ୍ ଉପରେ ସ୍କୁଟି ରଖି ନଦୀକୁ ଡେଇଁଥିଲେ। ତାଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆଜି ନଦୀରେ ଜଣେ ନାବାଳକ ଗାଧେଇବା ଅବସ୍ଥାରେ ବୁଡ଼ି ଯାଇଛି। ମୋଟ୍ ୧୫ଦିନ ମଧ୍ୟରେ ୫ଜଣ ନଦୀରେ ବୁଡ଼ି ଯାଇଥିବା ବେଳେ ୨ଜଣଙ୍କୁ ଉଦ୍ଧାର କରାଯାଇଛି। ସେହିପରି ଗତବର୍ଷ ୩୯ଜଣ ମହାନଦୀ ଓ କାଠଯୋଡ଼ିରେ ବୁଡ଼ି ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭ଜଣଙ୍କ ମୃତ୍ୟୁ ଘଟିଥିଲା।

**ହୋଇପାରିଲାନି ୬ଫୁଟ ଉଚ୍ଚତାର ତାର ଜାଲି ପାଇଁ ଯୋଜନା**

**ଲାଗି ପାରିଲାନି ସିସି କ୍ୟାମେରା**

**ଗତବର୍ଷ ୩୯ ଜଣ କରିଥିଲେ ଆତ୍ମହତ୍ୟା ଉଦ୍ୟମ: ମରିଥିଲେ ୨୭**

ଗତବର୍ଷ ନଦୀକୁ ଡେଇଁ ଆତ୍ମହତ୍ୟା କରିବା ଓ ନଦୀରେ ବୁଡ଼ିଯିବା ଘଟଣାକୁ ଲକ୍ଷ୍ୟ ରଖି ବ୍ରିଜ୍ ବାଡ଼ରେ ୬ଫୁଟ୍ ଉଚ୍ଚତାର ତାରଜାଲି ଲଗାଯିବା ଯୋଜନା କରାଯାଇଥିଲା। ବ୍ରିଜ୍ ମଧ୍ୟରେ ସିସି କ୍ୟାମେରା ଲଗାଯିବା ସହିତ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ ବୋଲି ବି କୁହାଯାଇଥିଲା। କଟକ ସହରରେ ଥିବା ସମସ୍ତ ବ୍ରିଜ୍‌ରେ ଆତ୍ମହତ୍ୟାନିରୋଧ ବିକଳ୍ପ ବ୍ୟବସ୍ଥା କରାଯିବାକୁ ଉଭୟ ଜିଲ୍ଲା ପ୍ରଶାସନ, ମହାନଗର ନିଗମ, ଜଳସମ୍ପଦ ବିଭାଗ ମିଳିତ ଭାବେ ପ୍ରକ୍ରିୟା ଆରମ୍ଭ କରିଥିଲା। ମୁଣ୍ଡଳୀ, ନରାଜ, ସୁଭାଷ ସେତୁ, ମଧୁ ସେତୁ ଓ ଜାତୀୟ ରାଜପଥରେ ମହାନଦୀ ଓ କାଠଯୋଡ଼ିରେ ଥିବା ସେତୁରେ ତାରଜାଲି ଲଗାଯିବାକୁ ସମସ୍ତ ପୂର୍ବପ୍ରସ୍ତୁତି ହୋଇଥିଲା। ଏହା ଭିତରେ ୧ବର୍ଷ ବିତିଯାଇଛି। ଚିହ୍ନଟ ସ୍ଥାନରେ ସିସି କ୍ୟାମେରା ଲଗାଯିବା ତ ଦୂରର କଥା ତାର ଜାଲି ଲଗାଯାଇ ପାରିନାହିଁ। ଏହା ଉପରେ ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ଉଠିଛି।

# ୨ ଗଣଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

**ବାରିପଦା/ଉଦଳା, ୩୦।୧୦(ସମିସ):** ବିଚାରପତି ପ୍ରଦୀପ କୁମାର ବେହେରା ୨ ଜଣ ଗଣଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ହଜାର ଟଙ୍କା ଜରିମାନା ଦେବା ପାଇଁ ଆଦେଶ କରିଛନ୍ତି। ସେହିପରି ଅନ୍ୟଜଣେ ଦୁଷ୍କର୍ମକାରୀଙ୍କୁ ୧୦ ବର୍ଷ ଜେଲ ଓ ୨୫ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ପ୍ରକାଶ କରିଛନ୍ତି। ଆଦେଶନାମା ଅବମାନନା କଲେ ଆଉ ୧ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ଆଦେଶ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ୧୮.୧୧.୨୦୨୪ରେ ଜଣେ ମହିଳା ବିହିରାକୁଳ ଜନସେବା କେନ୍ଦ୍ରରୁ ଫେରୁଥିବା ବେଳେ ସନ୍ଧ୍ୟାରେ ଟାଙ୍ଗଣା ନଦୀ ନିକଟରେ ପୂର୍ବରୁ ଜଗି ରହିଥିବା ଅଭିଯୁକ୍ତମାନେ ତାଙ୍କୁ ଗଣଦୁଷ୍କର୍ମ କରିଥିଲେ। ମହିଳାଜଣଙ୍କ ପରିବାରଲୋକଙ୍କୁ ଜଣାଇବା ପରେ ଉଦଳା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ଶଙ୍କରାଖୁଣ୍ଟା ଗ୍ରାମର ମୁନା ପଲେଇ (୨୭) ଓ ଦୟାନିଧି ପଲେଇ (୨୮) ଙ୍କ ନାମରେ କୋର୍ଟରେ ଚାର୍ଜସିଟ ଦାଖଲ ହୋଇଥିଲା। ସେହିପରି ଖୁଣ୍ଟା ଥାନା ଅଞ୍ଚଳର ବଡରାଇକାଳି ଗ୍ରାମର ଜଣେ ଦିବ୍ୟାଙ୍ଗଙ୍କୁ ଘରେ କେହି ନଥିବା ବେଳେ ସେହି ଗ୍ରାମର ଶରତ ଚନ୍ଦ୍ର ନାଏକ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଦିବ୍ୟାଙ୍ଗଙ୍କ ମାଆଙ୍କ ଅଭିଯୋଗକ୍ରମେ ଖୁଣ୍ଟା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଏହି ମାମଲାର ବିଚାର କରି ବିଚାରପତି ଶ୍ରୀ ବେହେରା ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହିତ ୨୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଉକ୍ତ ଆଦେଶନାମା ଅବମାନନା କଲେ ଆଉ ଏକ ବର୍ଷ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଜେଲ ଜଗିବେ...

ମାସେ ପୂରିବାକୁ ଯାଉଛି। ଦୁଇ କୁଖ୍ୟାତ ବିହାରୀ ଅପରାଧୀ ରାଜା ସାହାଣୀ ଓ ମଧୁକାନ୍ତ କୁମାରଙ୍କର ପତ୍ତା ପୁଲିସ ପାଇନାହିଁ। ଏପରିକି ଏହି ଫେରାର ଘଟଣା ପଛରେ କୁଖ୍ୟାତ ଅପରାଧୀ ସୁବ୍ରତ ସିଂହ ସହ ରାଜ୍ୟର କିଛି ଜେଲ କର୍ମଚାରୀଙ୍କ ବୁଝାମଣା ଅଭିଯୋଗର ତଦନ୍ତ ହୋଇନାହିଁ। ସେହିପରି କିଛି ଦିନ ତଳେ ସୋର ଜେଲରୁ ଜଣେ ଚକମା ଦେଇ ଖସି ଯାଇଥିବାବେଳେ ଚୌଦ୍ୱାର ଜେଲରେ ଗୋଷ୍ଠୀ ସଂଘର୍ଷ, ନୟାଗଡ଼ ଜେଲରେ ବନ୍ଦୀମାନଙ୍କ ମଧ୍ୟରେ ମୁହାଁମୁହିଁ ଘଟଣା ଜେଲସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ନିଜ ଛବି ସୁଧାରିବାକୁ ଜେଲ ବିଭାଗ ହୋମଗାର୍ଡ଼ମାନଙ୍କୁ ଜେଲରେ ନିଯୁକ୍ତି ଦେବାକୁ ଯୋଜନା କରିଛି। ମାତ୍ର ଏହାପରେ ଯଦି କୌଣସି ଜେଲରୁ କଏଦୀ ବା ଅପରାଧୀ ଫେରାର ହୁଅନ୍ତି; ସେଥିପାଇଁ ଉତ୍ତରଦାୟୀ କିଏ ହେବ ? ଜେଲରେ ନିଯୁକ୍ତ ହୋମଗାର୍ଡ଼ ନା ଜେଲ ବିଭାଗ ଅଧିକାରୀ ? ଏ ସମ୍ପର୍କରେ ଜେଲ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ପ୍ରକାଶ ପାଇନାହିଁ।

### ଖଣି ପଟ୍ଟାଦାରଙ୍କ...

ହୋଇପାରିଛି। ଏ ପର୍ଯ୍ୟନ୍ତସମ୍ପୂର୍ଣ୍ଣ କ୍ଷତିପୂରଣ ରାଶି ଆଦାୟ ହୋଇପାରି ହୋଇ ନ ଥିବାରୁ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଯାହାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷେ ଓଡ଼ିଶା ପକ୍ଷରୁ ମାମଲା ପରିଚାଳନା କରୁଥିବା ଏଜି ପୀତାମ୍ବର ଆଚାର୍ଯ୍ୟ ତୁରନ୍ତ ସୁଧାରମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ସେ ବ୍ୟକ୍ତିଗତ ଭାବରେ ଏନେଇ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିବେ ଏବଂ ଯେଉଁ ଆଇନଗତ ପଦକ୍ଷେପ ଆବଶ୍ୟକ, ତାହା ଗ୍ରହଣ କରାଯିବ ବୋଲି ଶ୍ରୀ ଆଚାର୍ଯ୍ୟ ଖଣ୍ଡପୀଠଙ୍କୁ ଅବଗତ କରିବା ପରେ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି ପାଇଁ ୮ ସପ୍ତାହ ସମୟ ଦେଇଛନ୍ତି। ଆସନ୍ତା ଡିସେମ୍ବର ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବାକୁ ନେଇ ତାରିଖ ଧାର୍ଯ୍ୟ ହୋଇଛି।

### ଜଷ୍ଟିସ୍ ସୂର୍ଯ୍ୟକାନ୍ତ...

୬୫ ବର୍ଷ ବୟସରେ ଅବସର ଗ୍ରହଣ କରିଥାନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ୧୪ ମାସ ଦାୟିତ୍ୱରେ ରହିବେ। ସେ ୨୦୨୭ ଫେବୃଆରୀ ୯ରେ ଅବସର ଗ୍ରହଣ କରିବେ। ଜିଜେଆଇ ଗଭାଇ ସୋମବାର ମୁଖ୍ୟ ବିଚାରପତି ପଦ ପାଇଁ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିଶ କରିଥିଲେ। ୨୦ ବର୍ଷର କାର୍ଯ୍ୟକାଳରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଏକାଧିକ ମାମଲାରେ ଐତିହାସକ ରାୟ ଶୁଣାଇଛନ୍ତି। ପେଗାସସ ଗୁପ୍ତଚର ମାମଲାରେ ସେ ଖଣ୍ଡପୀଠର ଅଂଶ ଥିଲେ। ସେ ସାଇବର ବିଶେଷଜ୍ଞଙ୍କ କମିଟି ଗଠନ କରି ଏହି ମାମଲାର ଯାଞ୍ଚ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ହରିୟାଣାର ପ୍ରଥମ ବ୍ୟକ୍ତି ଭାବେ ସିଜେଆଇ ଭାବେ ନିଯୁକ୍ତି ପାଇଛନ୍ତି। ସେ ବିହାର ଏସ୍‌ଆଇଆର ମାମଲରେ ମଧ୍ୟ ଶୁଣାଣି କରିଥିଲେ। ମେଟ୍ରିକ ପରୀକ୍ଷା ଦେବାକୁ ଯିବା ବେଳେ ସେ ପ୍ରଥମଥର ପାଇଁ ଶହର ଦେଖିଥିଲେ।

### ନବୀନଙ୍କ ଇଙ୍ଗିତ...

ସମୀକରଣକୁ ବଦଳାଇଦେବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ଦଳୀୟ ପ୍ରାର୍ଥୀ ରୂପେ ସ୍ନେହାଙ୍ଗିନୀଙ୍କୁ ମନୋନୀତ କରି ନବୀନଙ୍କ ନିଷ୍ପତ୍ତି ବିରୋଧୀଙ୍କୁ ଚକିତ କରିଥିଲା। ସେହିପରି ଦଳର ରଣନୀତିକୁ କାର୍ଯ୍ୟକାରୀ କରିବାକୁ ପଶ୍ଚିମ ଓଡ଼ିଶାର ଦମଦାର ନେତାମାନଙ୍କୁ ପ୍ରଚାର ଏବଂ ନିର୍ବାଚନ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ବିଶେଷକରି ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ, ଏନଏଏସି ଯାଏଁ ନିର୍ଦ୍ଦିଷ୍ଟ ନେତାଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ପ୍ରଦାନ କରାଯାଇଛି। ନୂଆପଡ଼ା ରାଜନୀତି ପାଣିପାଗକୁ ମାପି ନବୀନ ପ୍ରଥମେ ଷ୍ଟିୟରିଂ କମିଟି, ଜୋନାଲ କମିଟି ଏବଂ ଲୋକାଲ ଆକ୍ସନ କମିଟି କରିଥିଲେ। ଏହାପରେ ପରେ ଦଳର ଆଗଧାଡ଼ିର ନେତାଙ୍କୁ ବିଭିନ୍ନ ଦାୟିତ୍ୱ ନ୍ୟସ୍ତ କରିଥିବା ବେଳେ ଦଳ ସୁଚିନ୍ତିତ ଢଙ୍ଗରେ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ଜାରି ରଖିଛି। ବଡ଼ ବଡ଼ ସଭା ବଦଳରେ ଦଳୀୟ ନେତାମାନେ ଗୋଟିଏ ଦିନରେ ପ୍ରାୟ ୨୦ରୁ ଉଦ୍ଧ୍ୱର୍ ସଭା କରୁଛନ୍ତି। ଏପରିକି ବିଜେଡିର ଜଣେ ନେତାଙ୍କୁ ଜଗିବା ପାଇଁ ଶାସକ ବିଜେପି ୩ ଜଣଙ୍କୁ ଲଗାଇଥବା ନେଇ ସ୍ଥାନୀୟ ଅଞ୍ଚଳର ରାଜନୈତିକ ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। ସେହିପରି ନିଜେ ପ୍ରାର୍ଥୀ ସ୍ନେହାଙ୍ଗିନୀ ଏକାଧିକ ସ୍ଥାନରେ ପଦଯାତ୍ରା କରି ନିଜ ପାଇଁ ଭୋଟ ମାଗୁଛନ୍ତି। ଏପଟେ ନବୀନ ଦଳରୁ ଦୂରେଇ ରହିଥିବା ଟାଣୁଆ ନେତାଙ୍କୁ ପୁଣିଥରେ ଦଳକୁ ଫେରାଇ ଦଳର ଶକ୍ତି ବୃଦ୍ଧି କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଦଳର ଟାଣୁଆ ନେତା ଭାନୁପ୍ରତାପ ସିଂହ ପ୍ରତ୍ୟକ୍ଷ ଭାବରେ ପ୍ରଚାରରେ ନିଜକୁ ସାମିଲ କରିଛନ୍ତି ଓ ସ୍ନେହାଙ୍ଗିନୀଙ୍କୁ ନୂଆପଡ଼ା ରାଜନୀତିର ସବୁ ଦାଓପେଞ୍ଚ ସମ୍ପର୍କରେ ଅବଗତ କରିଛନ୍ତି। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ କ୍ଷମତାରେ ନ ଥିଲେ ବି ନୂଆପଡ଼ାରେ ନବୀନଙ୍କର ସ୍ୱତନ୍ତ୍ର କ୍ରେଜ ରହିଛି। ନୂଆପଡ଼ା ଜିଲ୍ଲାରେ ଯାହା କିଛି ବିକାଶ ହୋଇଛି, ତାହା ନବୀନଙ୍କ ସମୟରେ ହିଁ ହୋଇଛି। ନବୀନ ନିଜେ ପ୍ରଚାର ମଙ୍ଗ ଧରିଲେ ଏହାର ପ୍ରଭାବ ନିଶ୍ଚୟ ଅନୁଭୂତ ହେବ ବୋଲି ବିରୋଧୀ ଦଳର ସମର୍ଥକମାନେ ମଧ୍ୟ ମତ ଦେଉଛନ୍ତି। ନବୀନ ପ୍ରଚାର ମଇଦାନକୁ ଓହ୍ଲାଇବା ପରେ ନୂଆପଡ଼ା ପ୍ରଚାର ରାଜନୀତି ଆହୁରି ଉଷ୍ମତା ଧରିବ ବୋଲି ଏବେ ସାଧାରଣରେ ମତପ୍ରକାଶ ପାଇଛି।

### ଗୋଟିଏ ଦେଶ...

ସମାନ ରହିବ। ଏବେ ବିଭିନ୍ନ ରାଜ୍ୟରେ ପୁଲିସ କର୍ମଚାରୀଙ୍କର ବିଭିନ୍ନ ପ୍ରକାର ପୋଷାକ ରହିଛି। ସୂଚନାଯୋଗ୍ୟ ଯେ ୨୦୨୨ ଅକଟୋବରରେ ରାଜ୍ୟ ଗୃହ ବିଭାଗ ସଚିବମାନଙ୍କର ଚିନ୍ତନ ଶିବିରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମେ ଏହି ପ୍ରସ୍ତାବ ଦେଇଥିଲେ। ଏହାପରେ ୨୦୨୩ରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କୁ ଚିଠି ଲେଖି ମତାମତ ଲୋଡ଼ିଥିଲା। ଦେଶବ୍ୟାପୀ ପୁଲିସ କର୍ମଚାରୀଙ୍କ ପରିଚୟ, ଦାୟିତ୍ୱବୋଧ ଓ ଦକ୍ଷତା ବୃଦ୍ଧି ଉ।।ଦ୍ଦେଶ୍ୟରେ ଏହା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

### ଦ୍ୱିତୀୟ ଶ୍ରୀକ୍ଷେତ୍ରରେ...

ଯୋଗାଣକାରୀ ଦେଢବର୍ଷ ଧରି ୨୨ଲକ୍ଷରୁ ଉର୍ଦ୍ଧ୍ୱର୍ ଟଙ୍କା ପାଇନଥିବାରୁ ସାମଗ୍ରୀ ଯୋଗାଇବାକୁ ମନା କରିଦେଇଥିଲେ। ଫଳରେ ମନ୍ଦିରର ଅଚଳାବସ୍ଥା ସହିତ ଠାକୁର ଉପାସ ରହିବା ପରିସ୍ଥିତି ଆଶଙ୍କା ସୃଷ୍ଟି ହୋଇଥିଲା। ଏ ନେଇ ରାଜ୍ୟ ସେବାୟତ ସଂଘ ସଭାପତି ଶ୍ରୀ ତ୍ରିପାଠୀ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଅଧ୍ୟକ୍ଷ ସଞ୍ଜିବ ରାଉତ, ସୁଜିତ ମହାନ୍ତି ଭାରପ୍ରାପ୍ତ ଦେବୋତ୍ତର ଅଧିକାରୀ ତଥା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡାଙ୍କୁ ସାକ୍ଷାତ କରିଥିଲେ। ଯୋଗାଣ ସାମଗ୍ରୀ ଯୋଗାଉଥିବା ଟେଣ୍ଡରଧାରୀ ମଧ୍ୟ ଉପସ୍ଥିତ ଥିଲେ। ଖୁବଶୀଘ୍ର ସମାଧାନ ପନ୍ଥା ବାହାର କରାଯିବ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେବାରୁ ପୂର୍ବବତ ସାମଗ୍ରୀ ଯୋଗାଯିବା ନିଷ୍ପତ୍ତି ହୋଇଥିଲା। ତେବେ ବାରମ୍ବାର ଏପରି ଅଚଳାବସ୍ଥା ଦୂର ପାଇଁ ସ୍ଥାୟୀ ପଦକ୍ଷେପ ନ ନିଆଗଲେ ମନ୍ଦିରର ସେବାୟତଗଣ ନଭେମ୍ବର ଦ୍ୱିତୀୟ ସପ୍ତାହରେ ଆନ୍ଦୋଳନ କରିବେ ବୋଲି ଶ୍ରୀ ତ୍ରିପାଠୀ ଚେତାବନୀ ଦେଇଛନ୍ତି। ଦିଅଁଙ୍କ ନିକଟରେ ପ୍ରତିଦିନ ସକାଳ ୬ଟା, ପୂର୍ବାହ୍ନ ୧୦ଟା, ୧୧ଟା, ଅପରାହ୍ନ ୫ଟା, ସନ୍ଧ୍ୟା ୭ଟା, ୯ଟା ଓ ୧୦ଟାରେ ଗୋପାଳ ବଲ୍ଲଭ, ଖେଚୁଡ଼ି, ମୋଟା ଅନ୍ନ, ଆରିଷା ପିଠା, ସରୁ ଅନ୍ନ, ଖିରି-କାକରା, ବଲ୍ଲଭ, ମୋହନ ଭୋଗ, ଉଖୁଡ଼ା ଓ ମିଠା ଭୋଗଲାଗି ହୋଇଥାଏ। ସାମଗ୍ରୀ ଯୋଗାଣ ବନ୍ଦ ଚେତାବନୀ ଦେବା ପରେ ଏହି ସମସ୍ତ ଭୋଗ ବନ୍ଦ ଆଶଙ୍କା ଦେଖାଦେଇଥିଲା। ତେବେ ବାରିପଦାର ଦେବୋତ୍ତର ବିଭାଗ ଅଧୀନରେ ୨୦ଟି ମଠ ଓ ମନ୍ଦିର ପରିଚାଳିତ ହେଉଛି। ଏଥି ନିମନ୍ତେ ୪୪ ହଜାର ୭୦୦ ଏକର ଜମି ଖଞ୍ଜାଥିବା ସ୍ଥଳେ ପାଖାପାଖି ୪୦ ହଜାର ଜମି ବିଭିନ୍ନ ସରକାରୀ ସଂସ୍ଥା ଓ ଲୋକଙ୍କ ଜବରଦଖଲରେ ରହିଛି। ଫଳରେ ଉକ୍ତ ଜମିରୁ କୌଣସି ରାଜସ୍ୱ ଆୟ ହୋଇପାରୁନାହିଁ। ତେଣୁ ଉକ୍ତ ଜମିରୁ ମଠ, ମନ୍ଦିର ପରିଚାଳନା ନେଇ ସୁବ୍ୟବସ୍ଥା କରିବାକୁ ଦାବି ହେଉଛି। ଓଡିଆ ଅସ୍ମିତାର ଦ୍ୱାହି ଦେଇ ସରକାର ପରିବର୍ତ୍ତନ ପରେ ମନ୍ଦିର ପରିଚାଳନା ଅବ୍ୟବସ୍ଥା ବାସ୍ତବିକ ନିନ୍ଦନୀୟ ଓ ଅକ୍ଷମଣୀୟ ବୋଲି କୁହାଯାଉଛି।


**NOTICE**

By virtue of an affidavit sworn before the Notary Public, Cuttack, dated 28.10.2025, I, Chanda Murmu, aged about 33 years, W/o Bhuktu Marndi, resident of At-Nusadihi, Badada, PS-Rairangpur, Dist-Mayurbhanj, Odisha, Pin-757043, have changed my son's name from Piru Marandi to Piru Marndi. Henceforth, he shall be known as Piru Marndi for all purposes.

Chanda Murmu

**NOTICE**

By virtue of an affidavit sworn before the Notary Public, Sunabeda dated 27/10/2025 I, Sri Raghu Guntha, S/o-Chaitan Guntha, Vill.-Badaput, Po.- Semala, Ps.-Nandapur, District- Koraput, Odisha declare that, I have changed my son's name from **Parshu Guntha** to **Porsuram Guntha**. Henceforth, my son shall be known as **Porsuram Guntha** for all purposes.

Sd/- Raghu Guntha

**AFFIDAVIT**

By virtue of an affidavit sworn before the Executive Magistrate, Padampur, I, Yashraj Gupta, At-Padampur W.No.1, Po-Rajborasambar, Ps-Padampur, Dist-Bargarh, Odisha-768036 have changed my name from S. Rajkumar Gupta to Yashraj Gupta. Henceforth I shall be known as Yashraj Gupta for all purposes.

Sd/- Yashraj Gupta

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

9437015112

**AFFIDAVIT**

By virtue of an affidavit executed by Executive Magistrate . Athgarh on Dtd.27 . 10 .2025. I Govinda Sundi S/O Turi Sundi of Village..Orda .P/O.. Gobara P/S.. Gurudijhatia Dist. Cuttack declare that my actual name is Gobinda Sundi but in my Adharcard it was wrongly mentioned as bhuGobind Sundi instead of Gobinda Sundi. Henceforth I Shall be known as Gobinda Sundi in all purpose.

Sd/- Gobinda Sundi

**AFFIDAVIT**

By virtue of an affidavit sworn before the Executive Magistrate, Bhawanipatna, Kalahandi, I, Ashutosh Purohit, Village/Po-Kaudola, Ps- Ampani, Dist-Kalahandi, Odisha, Pin-766019, do hereby that my minor son's correct name is SRINIBAS PUROHIT, but in his Aadhaar wrongly mentioned as SRINIBASH PUROHIT. That both the names are same and one person.

Sd/- Ashutosh Purohit

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-122025-OFC

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ଝାରସୁଗୁଡ଼ା ରୋଡ଼(RD)-ସିଙ୍ଗାପୁର ରୋଡ଼(RD) ଜଂକ୍ସନ(Ex), ଲାଖୋଲି(Ex) - ଟିଟିଲାଗଡ଼ ଏବଂ ସମ୍ବଲପୁର ଜଂକ୍ସନ - କେରେଜଙ୍ଗା(Ex) ସେକ୍ସନରେ କବଚ ଏବଂ LTE ନିମନ୍ତେ ଯୋଗାଯୋଗ ବ୍ୟାକ୍‌ବୋନ୍ ଭାବେ ଅପ୍ଟିକାଲ ଫାଇବର କେବୁଲର ଯୋଗାଣ, ପରିବହନ, ଗର୍ତ୍ତ ଖନନ, ବିଛାଇବା, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ।

**ଆନୁମାନିକ ମୂଲ୍ୟ (₹) :** 33,90,01,238/-, EMD (₹) : 18,45,000/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.12.2025 ରିଖ 1030 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, (T&NW), ଭୁବନେଶ୍ୱର

PR-149/CI/25-26

**NOTICE**

By virtue of an affidavit sworn before the Notary Public, Cuttack, dated 27.10.2025, I, Anuradha Sahoo, W/o Gyanaranjan Acharya, D/o Harihar Sahoo, permanent resident of At/P.O. - Batira, Dist-Kendrapara, Odisha, Pin-754140 and presently residing at At-Nuabazar, P.O. – Paradeep, Dist-Jagatsinghpur, Odisha, Pin-754142, have changed my name and surname from Anuradha Acharya to Anuradha Sahoo. Henceforth, I shall be known as Anuradha Sahoo for all purposes.

Sd/- Anuradha Sahoo

**Notice**
**(Above 18 years of age)**

By virtue of an affidavit sworn before the Excutive Magistrate,(K) Udala, Mayurbhnaj, dated 13-10-2025 I, Uday Nath Hansdah, Address At/ Po- Gayalmara , Ps- Khunta, Dist- Mayurbhanj, Pin- 757104 declare that I have changed my name Udaya Hansadaha to Uday Nath Hansdah. Henceforth I shall be known as Uday Nath Hansdah for all purposes.

Uday Nath Hansdah

**AFFIDAVIT**

By virtue of an affidavit sworn before the Executive Magistrate, Sambalpur, I, Meenakshi Hota, W/o- Subodh Hota, D/o Sharad Kumar Panda, resident of New Telecom Colony, Modipada, Sambalpur, Odisha, do hereby declare that my name has been wrongly mentioned as Minakhi Hota in my Aadhaar Card No. 2449 6953 4547. My correct name is **Meenakshi Hota** and both names refer to the same person.

**AFFIDAVIT**

By virtue of an affidavit sworn before the Addl. Tahasildar-cum-Executive Magistrate, Boudh, I SUSHIL MEHER, age -27, S/o - Dwaru Meher, resident of Vill.: Jamatangi, Po-Manupali, Ps- Manamunda, Dist.: Boudh-762015 declare by this affidavit no 1495 dated 30/10/2025 my father shall be known as **DUARU MEHER** for all future purposes.

**AFFIDAVIT**

By virtue of an affidavit no-2807 sworn before the Executive Magistrate, Sukinda on dtd-29/10/2025, I **Bhanumati Mohanta,** W/o- Nilamber Mohanta resident of At- Sansailo Tata Colony, Po-Sansailo, Ps- Sukinda, Dist- Jajpur, Pin-755018, I have changed my name from **Bhanumani Mohanta** (old name) to **Bhanumati Mohanta** (new name). Henceforth both the name **Bhanumani Mohanta** and **Bhanumati Mohanta** is one & same person & I shall be known as **Bhanumati Mohanta** for all future purposes.

**Bhanumati Mohanta**

**AFFIDAVIT**

By virtue of an affidavit sworn before the Notary Public, Baripada, District- Mayurbhanj, dated- 30/10/2025, I **Prativa Manjari Dan,** aged 60yrs, W/o- Suresh Chandra Pradhan, resident of At/Po- Takatpur, Ps-Baripada, District- Mayurbhanj, Pin- 757003, Odisha declare that **Prativa Manjari Dan** & **Prativa Manjari Pradhan** is one and same person. The same is mentioned in my daughter's Certificates, daughter's name **Ipsita Pradhan,** and Henceforth shall be used for all purpose.

**AFFIDAVIT**

I Biplab Kumar Jena, age- 48 , of Resident-At/Po- Durpal,Ps-Kamarda,Dist-Balasore , Odisha, declared by affidavit before In The Court of Executive Magistrate , Remuna, No.1143, dtd-17/10/2025 that as per Aadhar my actual name is Biplab Kumar Jena ,wife's name is Madhusmita Dutta and my daughter's name is Akarsha Jena, which has wrongly mentioned in my daughter Birth certificate that Kumari Akarsha Jena , D/o- Biplab Kumar and Madhusmita Jena . Hence I Declared that Kumari Akarsha Jena & Akarsha Jena , Biplab Kumar & Biplab Kumar Jena, Madhusmita Jena & Madhusmita Dutta same and one person for all future purpose.

**AFFIDAVIT**

I, Susmita Behera, W/o-Manoj Kumar Behera, resident of Good Will Residency, Flat No. 201, Block-B, Jail Road, Jharpada, PO- Budheswari Colony, Bhubaneswar, Dist- Khurda, PIN- 751006, Odisha declare by this affidavit No. 289, dtd-30.10.2025 that now onwards I shall be known as **SASMITA BEHERA** for all future purposes.

OFFICE OF THE PRINCIPAL
**Kusum Devi Satsang Women's Degree College,**
**Darakhapatna, Cuttack - 753013**
Email: kdswomensdegreecollege@gmail.com

**WANTED**

As per letter of the Regional Director of Education vide no. 6961 Dt. 28.10.2025, some guest faculties in subjects like Odia, Political Science, Sanskrit are required for engagement. Retired faculties below the age of 69 years may apply through the HIMS Portal on or before 31.10.2025 (Friday).

**Sd/- Principal-cum-Secretary**
Kusum Devi Satsang Women's Degree College, Darakhapatna, Cuttack - 753013

OFFICE OF THE PRINCIPAL
**PRIYADARSHINI INDIRA DEGREE COLLEGE**
**JUNAGARH, DIST: KALAHANDI**
E-mail: pidmahavidyalaya@gmail.com

**WANTED**

Engagement of Guest Faculty Lecturers in the subject of Odia and Education including 01 no. of Junior Clerk, 01 no. of Demonstrator in Geography are wanted on contractual and temporary basis. The retired faculties and Non-Teaching members below the age of 69 years may apply through HIMS portal on or before 31.10.2025 as per letter No. 57198 and No.-57203 dated 23.10.2025, the remuneration for the above positions shall be paid as per the approved norms.

**Sd/- Principal-cum-Secretary**
P.I. Degree College, Junagarh

OFFICE OF THE PRINCIPAL
**MANGALPUR WOMEN'S DEGREE COLLEGE**
**MANGALPUR, JAJPUR**

**WANTED**

As per the notification of DHE, Odisha vide letter no. 57198 and 57203, dtd. 23.10.2025, applications are invited from the eligible retired candidates for engagement of guest faculties in the subject of political science & non teaching posts of Asst. Librarian, Jr. Clerk on contractual basis. Vacancies of said posts are already uploaded in HIMS portal of the college interested candidates shall apply only through HIMS portal before 01.11.2025

NB: The eligibility, remuneration & tenure of contractual engagement shall be made as per Government notification.

**Sd/- Principal-cum-Secretary**
Mangalpur Womens degree college.

## ଗବସାହି ରେଳ ଫାଟକ

# ତ୍ରୁଟିପୂର୍ଣ୍ଣ ବୈଦ୍ୟୁତିକ ଫାଟକ ପାଇଁ ବଢୁଛି ଜନଅସନ୍ତୋଷ



**ଭଦ୍ରକ, ୩୦।୧୦(ସମିସ)**

ଭଦ୍ରକ ସହର ଉପକଣ୍ଠରେ ଥିବା ଗବସାହି ରେଳ ଫାଟକ (ଲେବେଲ କ୍ରସିଂ)ର ଆଧୁନିକକରଣ ପରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ପୂର୍ବରୁ ଏହି ଫାଟକ ହସ୍ତ ଚାଳିତ ରହିଥିଲା। ଟ୍ରେନ ଆସିବାର ସୂଚନା ମିଳିବା ପରେ ଫାଟକ ରକ୍ଷକ ହାତରେ ପୁଲିକୁ ବୁଲାଇ ଫାଟକ ଉଠା ଏବଂ ପକା କାମ କରୁଥିଲେ। ତେବେ ଗାଡି ସଂଖ୍ୟା ବୃଦ୍ଧି ସହିତ ଗେଟଦେଇ ଲୋକ ଏବଂ ଯାନବାହାନ ଚଳାଚଳ ଦ୍ରୁତ ବୃଦ୍ଧି ପାଇବା ପରେ ନିକଟରେ ରେଳବାଇ କର୍ତ୍ତୃପକ୍ଷ ହସ୍ତଚାଳିତ ଫାଟକ ବ୍ୟବସ୍ଥାର ପରିବର୍ତ୍ତନ କରି ବୈଦ୍ୟୁତିକ ଫାଟକ ବ୍ୟବସ୍ଥା କରିଛନ୍ତି। ଫାଟକ ରକ୍ଷକ କେବଳ ସୂଚନା ମୁତାବକ ଏଥିରେ ଲାଗିଥିବା ସୁଇଚ୍ ଟିପି ଗେଟ ଉଠାଇବା ଏବଂ ପକାଇବା କାମ କରୁଛନ୍ତି। ଏଭଳି ବ୍ୟବସ୍ଥା ଉଭୟ ଲୋକ ଏବଂ ଫାଟକ ରକ୍ଷକଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହୋଇଛି। ତେବେ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଏହି ବ୍ୟବସ୍ଥା ଏବେ ଗୁରତର ସମସ୍ୟା ଆଣି ଦେଇଛି। ସ୍ଥାପନ ହୋଇଥିବା ଏହି ବୈଦ୍ୟୁତିକ ଫାଟକରେ ତ୍ରୁଟି ଯୋଗୁଁ ବେଳେ ବେଳେ ମଧ୍ୟ କାମ କରୁନାହିଁ। କେତେବେଳେ ଗୋଟିଏ ପଟ ଗେଟ ପଡୁଥିବା ବେଳେ ଅନ୍ୟପଟ ଗେଟ ପଡୁନାହିଁ। ଫଳରେ ମୁକୁଳା ରହିଥିବା ଗେଟ ଦେଇ ଲୋକରେଳ ଟ୍ରାକକୁ ଚାଲି ଆସୁଥିବା ବେଳେ ଫାଟକ ରକ୍ଷକ ଗେଟଗୃହ ଛାଡି ରେଳ ଧାରଣାରେ ଛିଡା ହୋଇ ଲୋକଙ୍କୁ ଗେଟ ପାରି ନ ହେବାକୁ ଚେତାବନୀ ଦେଉଛନ୍ତି। ସେହିଭଳି ନୂଆ ଫାଟକ ଲାଗିବା ପରେ ଉଭୟ ପାର୍ଶ୍ୱରେ ଲୋକଙ୍କୁ ସତର୍କ ରହିବାକୁ ସ୍ପିଡ୍ ବ୍ରେକର କରାଯିବା କଥା ହେଲେ ଆଦ୍ୟାବଧି ତାହା ନିର୍ମାଣ ହୋଇନାହିଁ। ଫଳରେ ରେଳ ଫାଟକ ଅତିକ୍ରମ ବେଳେ ଛୋଟ ବଡ଼ ଦୁର୍ଘଟଣା ମାନ ଘଟିବାରେ ଲାଗିଛି। ସେହିଭଳି ରେଳ ଫାଟକର ବୈଦ୍ୟୁତିକ କରଣ କରାଯିବା ପରେ ଫାଟକ ଗୃହକୁ ମଧ୍ୟ ଆବଦ୍ଧ କରାଯାଇନାହିଁ; ଯାହାକି ଫାଟକ ରକ୍ଷକଙ୍କ ପାଇଁ ଅସୁରକ୍ଷିତ ହୋଇଛି। ଏହି ଫାଟକ ଦେଇ ଦୈନିକ ବନ୍ଦେ ଭାରତ ଭଳି ଦ୍ରୁତଗତି ସମ୍ପନ୍ନ ଟ୍ରେନ ସହିତ ଶତାଧିକ ସୁପର ଫାଷ୍ଟ, ମେଲ, ଏକ୍ସପ୍ରେସ, ପାସେଞ୍ଜର, ମେମୁ ଏବଂ ମାଲବାହୀ ଟ୍ରେନ ଚଳାଚଳ କରୁଛି। ପୂର୍ବ ତୁଳନାରେ ଏହି ରେଳପଥ ଦେଇ ଟ୍ରେନ ସଂଖ୍ୟା ବହୁ ସଂଖ୍ୟାରେ ବଢ଼ିବା ସହିତ ଗବସାହି ଲେବଲ କ୍ରସିଂରେ ଲୋକ ଏବଂ ଯାନବାହାନ ଚଳାଚଳ ଦ୍ରୁତ ବୃଦ୍ଧି ପାଇଛି। ପୂର୍ବରୁ ଏହି ରେଳ ଫାଟକ ଦେଇ ହାତ ଗଣତି ଲୋକ ଚଳାଚଳ କରୁଥିଲେ। ହେଲେ ଏବେ ପ୍ରତି ମିନିଟରେ ଶହ ଶହ ଲୋକ ଏବଂ ଗାଡି ଚଳାଚଳ କରୁଛି। ଆବଶ୍ୟକତା ଏବଂ ଗୁରତ୍ୱକୁ ଦୃଷ୍ଟିରେ ରଖି ଏହି ରେଳଫାଟକ ଉଠାଇ ଦେଇ ଏଠାରେ ଏକ ରେଳ ଓଭରବ୍ରିଜ ନିର୍ମାଣ କରିବାକୁ ଆଞ୍ଚଳିକ ଲୋକଙ୍କ ପକ୍ଷରୁ ନିରନ୍ତର ଭାବେ ଦାବି ହୋଇ ଆସୁଛି। ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ରେଳମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଇଛନ୍ତି। ହେଲେ ସାଂସଦ ଓ ସ୍ଥାନୀୟ ଲୋକଙ୍କ ଦାବିକୁ ଅଣଦେଖା କରି ରେଳବାଇ କର୍ତ୍ତୃପକ୍ଷ ଏଠାରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ କରିବା ବଦଳରେ ଏକ ତ୍ରୁଟିପୂର୍ଣ୍ଣ ବୈଦ୍ୟୁତିକ ରେଳଫାଟକ ବସାଇବା କାହା ସ୍ୱାର୍ଥରେ ବୋଲି ଜିଲ୍ଲା କଂଗ୍ରେସର ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି

### ଦାବି ହୋଇଥିଲା ଫ୍ଲାଏଓଭର ବ୍ରିଜ୍

ଦେବରୂପ ମହାନ୍ତି, ଆଇନଜୀବୀ ରାଧା ଦାସ, ସମାଜସେବୀ ଗୋପାଳକୃଷ୍ଣ ଦାଶ, ବାରିଦ ବରଣ ଦାଶ, ପ୍ରସନ୍ନ ଦାଶ, ପରମାନନ୍ଦ ସାହୁ, ମହେଶ ଦାସ ପ୍ରମୁଖ ପ୍ରଶ୍ନ ଉଠାଇଛନ୍ତି। କାରଣ ବର୍ତ୍ତମାନ କେବଳ ଦୁଇଗୋଟି ଲାଇନରେ ଟ୍ରେନ ଚଳାଚଳ କରୁଥିବା ବେଳେ ଏବେ ତୃତୀୟ ଲାଇନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତୃତୀୟ ଲାଇନ ନିର୍ମାଣ ଶେଷ ହେବା ପରେ ଏହି ରେଳପଥରେ ରେଳ ଚଳା ଚଳ ଅଧିକ ବୃଦ୍ଧିପାଇବ। ଏପରି ସ୍ଥଳେ ଏଠାରେ ରେଳ ଫାଟକ ନୁହେଁ ରେଳ ଫ୍ଲାଏ ଓଭରବ୍ରିଜର ନିହାତି ଆବଶ୍ୟକ ରହିଛି ଲୋକେ ଦାବି କରିଛନ୍ତି।

## ରାଷ୍ଟ୍ରୀୟ ଏକତା ଦିବସ ପାଳିତ




**ବାରିକପୁର/ମଞ୍ଜୁରୀ ରୋଡ, ୩୦।୧୦ (ସମିସ):** ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତିରେ ଓଡ଼ିଶା ପୁଲିସ ପକ୍ଷରୁ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ ଅଧ୍ୟକ୍ଷତା କରିଥିଲେ। ଏଥିରେ ସ୍ଥାନୀୟ ଥାନା ଅଧିକାରୀ କମଳାକାନ୍ତ ଦାଶ, ଅଧ୍ୟାପକ ଅନନ୍ତ କିଶୋର ମହାପାତ୍ର, ମଦନମୋହନ ପଣ୍ଡା, ମମିତା ରାଣୀ ନାୟକ ପ୍ରମୁଖ ଯୋଗଦେଇ ଏକତା ସୂତ୍ରରେ ବାନ୍ଧି ହେଲେ ଦେଶବାସୀ ଆଗକୁ ଯାଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ଓ ସାଧାରଣ ଜ୍ଞାନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ଥାନା ଓ କଲେଜ କର୍ମଚାରୀ ମାନେ ପରିଚାଳନା କରିଥିଲେ। ଅନୁରୂପ ଭାବେ ମଞ୍ଜୁରୀ ରୋଡ ନିକଟସ୍ଥ ନାଆମୀ ମହାବିଦ୍ୟାଳୟ ଠାରେ ଅଧ୍ୟକ୍ଷ ସୁକାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏଥିରେ ମଧ୍ୟ ଥାନା ଅଧିକାରୀ ଙ୍କ ସମେତ ମହାବିଦ୍ୟାଳୟ ଅଧ୍ୟାପକ/ଅଧ୍ୟାପିକା ମାନେ ଉପସ୍ଥିତ ରହି ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଶତାୟୁ ବୃଦ୍ଧାଙ୍କ ପରଲୋକ

**ବାରିକପୁର, ୩୦।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ କୋରିଗାଁ ଗୋପାଳସାହି ଠାରେ ଶତାୟୁ ବୃଦ୍ଧା ଲତା ପଲେଇଙ୍କ ପରଲୋକ ହୋଇଛି। ସେ ଦୀର୍ଘ ଦିନ ଧରି ବୟସାଧିକ୍ୟ କାରଣରୁ ଅସୁସ୍ଥ ଥିବା ବେଳେ ଆଜି ଭୋରୁ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବରପାଇ ଯୁବ ନେତା ଦେବୀପ୍ରସନ୍ନ ମହାପାତ୍ର, ରାଜେଶ କୁମାର ବାରିକ, ରଞ୍ଜନ କୁମାର ସାମଲ ପ୍ରମୁଖ ଗୋପାଳ ସାହି ଠାରେ ପହଞ୍ଚି ପାର୍ଥିବ ଶରୀର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ପ୍ରଦୀପ ପଲ୍ଲେଇ ମୁଖାଗ୍ନି ଦେଇଥିଲେ।

# ଇନ୍‌ଟାକ୍ ଭଦ୍ରକ ଶାଖାର ସାଧାରଣ ଅଧିବେଶନ




**ଭଦ୍ରକ, ୩୦।୧୦(ସମିସ):** ଭଦ୍ରକ ଇନ୍‌ଟାକ୍ ଶାଖାର ଜରୁରୀ ସାଧାରଣ ଅଧିବେଶନ ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' କୁଆଁସ ଠାରେ କନ୍‌ଭେନ୍‌ର ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସହକନ୍‌ଭେନର ଏସ୍.ଏମ୍.ଫାରୁକ, ଯୁଗ୍ମ ସହ କନ୍‌ଭେନର ପ୍ରଭାକର ମଲ୍ଲିକ ମଞ୍ଚାସୀନ ଥିଲେ। ଇନ୍‌ଟାକ୍ ଭଦ୍ରକ ଶାଖାର କନ୍‌ଭେନର, ଯୁଗ୍ମ ସହ କନ୍‌ଭେନ୍‌ର ପଦବୀରୁ ଅବ୍ୟାହତି ପାଇଁ ଇସ୍ତଫା ପତ୍ର ପ୍ରଦାନ କରିଥିଲେ, ଶାଖାର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ କନ୍‌ଭେନର, ସହ କନ୍‌ଭେନର, ଯୁଗ୍ମ ସହ କନ୍‌ଭେନର ଓ କୋଷାଧ୍ୟକ୍ଷଙ୍କ ପରିଚାଳନାରେ ଶାଖାର ବିଶେଷ ଦକ୍ଷତାଥିବା ସଦସ୍ୟଙ୍କ ସହଯୋଗରେ ଜିଲ୍ଲାରେ ବହୁବିଧ ଉନ୍ନୟନ ଓ କଲ୍ୟାଣମୂଳକ କାର୍ଯ୍ୟମାନ ସମ୍ପାଦିତ ହୋଇଥିବାରୁ ନୂତନ କର୍ମକର୍ତ୍ତା ଭାବେ ନିର୍ବାଚନରେ ସଦସ୍ୟ ସଦସ୍ୟା ଅଂଶ ଗ୍ରହଣରୁ ବିରତ ରହିଥିଲେ। ସାଧାରଣ ଅଧିବେଶନରେ ଉପସ୍ଥିତ ସଦସ୍ୟ ସଦସ୍ୟାଙ୍କ ମଧ୍ୟରେ ପ୍ରାଞ୍ଜଳ ଭାବରେ ଆଲୋଚନା କରାଯାଇ ପୁନଶ୍ଚ କନ୍‌ଭେନର ଭାବେ ଦିଗମ୍ବର ମହାନ୍ତି, ସହ କନ୍‌ଭେନ୍‌ର ଭାବେ ଏସ୍.ଏମ୍.ଫାରୁକ, ଯୁଗ୍ମ ସହ କନ୍‌ଭେନର ଭାବେ ପ୍ରଭାକର ମଲ୍ଲିକ, କୋଷାଧ୍ୟକ୍ଷ ଭାବେ ଚିତରଞ୍ଜନ ବରାଳ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସର୍ବସମ୍ମତିକ୍ରମେ କର୍ମକର୍ତ୍ତାମାନେ ଅଦ୍ୟ ଦିବସ ଠାରୁ ସେମାନଙ୍କର ଦାୟିତ୍ୱ ହସ୍ତାନ୍ତର ନକରି କାର୍ଯ୍ୟ ସମ୍ପାଦନ ପାଇଁ ସାଧାରଣ ଅଧିବେଶନରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହେଲା। ଏ ସଂକ୍ରାନ୍ତୀୟ ପ୍ରସ୍ତାବ ଇନ୍‌ଟାକ୍ ଓଡ଼ିଶା ରାଜ୍ୟ ଶାଖାର କନ୍‌ଭେନର, ଇନ୍‌ଟାକ୍ ଦିଲ୍ଲୀର ଚେୟାରମ୍ୟାନ୍‌ଙ୍କୁ ଗୃହୀତ ପ୍ରସ୍ତାବର ନକଲ ପ୍ରେରଣ କରାଯିବା ପାଇଁ ନିଷ୍ପତ୍ତି ହେଲା। ଇନ୍‌ଟାକ୍ ଦିଲ୍ଲୀ ଅଫିସ୍‌ର ଚେୟାରମ୍ୟାନ୍ ଓ ଓଡ଼ିଶା ରାଜ୍ୟ ଶାଖାର କନ୍‌ଭେନର ପରବର୍ତ୍ତୀ କୌଣସି ପଦକ୍ଷେପ ନନେଇ କନ୍‌ଭେନର ଦିଗମ୍ବର ମହାନ୍ତି ପ୍ରେରଣ କରିଥିବା ଇସ୍ତଫାପତ୍ରକୁ ନାମଞ୍ଜୁର କରିବା ପାଇଁ ଅନୁରୋଧ କରାଗଲା। ଇନ୍‌ଟାକ୍ ଶାଖାର ନବନିର୍ବାଚିତ କର୍ମକର୍ତ୍ତାମାନେ ଭଦ୍ରକ ଜିଲ୍ଲା ଓ ପଡ଼ୋଶୀ ଜିଲ୍ଲାର ଐତିହ୍ୟ, ସଂସ୍କୃତି, କଳା, ସ୍ଥାପତ୍ୟ ଓ ପରିବେଶ ସମ୍ପର୍କୀୟ କାର୍ଯ୍ୟ ସମ୍ପାଦନର ପ୍ରମୁଖ ଭୂମିକା ଗ୍ରହଣ କରିବାର ଆଶା ପୋଷଣ କରାଗଲା। ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଅଜିତ୍ କୁମାର ଦାସ, ଅଜିତ୍ ନାୟକ, ଅନାଦି ଚରଣ ଦାସ, କରୁଣାକର ଉପାଧ୍ୟାୟ, ମଦନମୋହନ ନାୟକ, ଡ଼ଃ ଗୋଲକ ବିହାରୀ ସାହୁ, ଡ଼ଃ. ଭାଗବତ ତ୍ରିପାଠୀ, ଡ଼ଃ ରାଧାରାଣୀ ମହାପାତ୍ର, ହରମୋହନ କୁଅଁର, କୈଳାଶ ଚନ୍ଦ୍ର ପଣ୍ଡା, ପ୍ର. କମଳାକାନ୍ତ ସ୍ୱାଇଁ, ରତିକାନ୍ତ ମହାନ୍ତି, ସୁବାସ ଚନ୍ଦ୍ର ଦାଶ, ରମାକାନ୍ତ ନାୟକ, ଶାନ୍ତନୁ ରାଉତ, ସୁଧାକର ରାଉତ, ଆଦିତ୍ୟ କୁମାର ଗୋସ୍ୱାମୀ, ଆଦିତ୍ୟ ନାୟକ, ମୁକ୍ତିକାନ୍ତ ମହାପାତ୍ର, ମନୱାର ହୋସେନ୍ ଖାଁ, ସେକ୍ ନାସିର ବକ୍ସ, ଏସ୍.ଏମ୍.ଫାରୁକ, ପ୍ରଭାକର ମଲ୍ଲିକ, ଚନ୍ଦ୍ରମୋହନ ମହାନ୍ତି, ବାଦଲ କିଶୋର ମହାପାତ୍ର। ଶାଖାର ଦିବଂଗତ ସଦସ୍ୟ ରଘୁନାଥ ମିଶ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ତାଙ୍କର ସ୍ମୃତି ଚାରଣ କରାଯାଇଥିଲା। ଉଦୟନାଥ ମହାନ୍ତି ଉପସ୍ଥିତ ଥିଲେ। ମୁକ୍ତିକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


# ରାଜ୍ୟସ୍ତରୀୟ ସମାବେଶରେ ଭଦ୍ରକ ଜିଲ୍ଲାର ୫ କିଶୋରୀଙ୍କ କୃତିତ୍ୱ



**ଭଦ୍ରକ, ୩୦।୧୦(ସମିସ):** ଗତ ୨୮ ଓ ୨୯ ତାରିଖ ଦୁଇ ଦିନିଆ ରାଜ୍ୟସ୍ତରୀୟ କିଶୋରୀ କିଶୋର ସମାବେଶ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ରାଜ୍ୟର ୩୦ ଜିଲ୍ଲାର ୫ ଜଣ ଲେଖାଏଁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭଦ୍ରକ ଜିଲ୍ଲାର ୫କିଶୋରୀ କୃତିତ୍ୱ ହାସଲ କରିଛନ୍ତି। ପ୍ରକାଶ ଯେ, ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ସୁସ୍ମିତା ବେହେରା ଓ ଅର୍ଚ୍ଚିତା ଅଗସ୍ତି, ତିହିଡି ବ୍ଲକର ଦେବାଂଶୀ ମିଶ୍ର ଓ କ୍ରିଷ୍ଣାରାଣୀ ମଲ୍ଲିକ ଓ ଧାମନଗର ବ୍ଲକର ଅଙ୍କିତା ସେଠୀ ପିଓଆଇ (ସବଡିଭିଜନ)ଙ୍କ ତତ୍ତ୍ୱାବଧାନରେ ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ଓ ଡିଜିଟାଲ ଷ୍ଟୋରୀ ଟେଲିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଧାମନଗର ବ୍ଲକର ଅଙ୍କିତା ସେଠୀ ସଙ୍ଗୀତ (ବରିଷ୍ଠ)ରେ ଦ୍ୱିତୀୟ ଓ ଚାନ୍ଦବାଲି ବ୍ଲକର ସୁସ୍ମିତା ବେହେରା ନୃତ୍ୟ (ଜନିଅର)ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହିଳା ଓ ଶିଶୁ ବିକାଶ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମମତା ବାନାର୍ଜୀଙ୍କ ଉପସ୍ଥିତିରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଠାରୁ ପ୍ରମାଣ ପତ୍ର ସହ ନଗଦ ଟ ୧୫୦୦ ଓ ୧୦୦୦ ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛନ୍ତି। ରାଜ୍ୟସ୍ତରରେ ୫ କିଶୋରୀଙ୍କ ଏହି ସଫଳତା ଲାଗି ଭଦ୍ରକ ଜିଲ୍ଲାର ଜିଲ୍ଲପାଳ ଦିଲୀପ ରାଉତରାଏ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଓ ଭଦ୍ରକ ଜିଲ୍ଲାର ସମସ୍ତ ଆଇସିଡିଏସ୍ କର୍ମକର୍ତା ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଶ୍ୱ ମିତବ୍ୟୟିତା ଦିବସ ଓ ସାଇବର ଠକେଇ ସଚେତନତା





**ଭଦ୍ରକ, ୩୦।୧୦(ସମିସ):** ଆଜି ଭଦ୍ରକ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ସଦ୍‌ଭାବନା ଗୃହଠାରେ ଜିଲ୍ଲା ବିଶ୍ୱ ମିତବ୍ୟୟିତା ଦିବସ ଏବଂ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଯୋଗ ଦେଇ ସଞ୍ଚୟ, ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଓ ସୁକନ୍ୟା ସମୃଦ୍ଧି ଖାତା ଖୋଲିବା, ସମସ୍ତ ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ଅନଲାଇନ ଠକେଇରୁ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେହି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ଭାବରେ ଭଦ୍ରକ ଡାକ ବିଭାଗ ଅଧିକ୍ଷକ ବିଜୟ କୁମାର ମହାନ୍ତି, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ଅଧିକାରୀ, କହିଥିଲେ ଯେ ଡାକବିଭାଗ ଖାଲି ଚିଠି ଦେବା ନେବାର କେବଳ ମାଧ୍ୟମ ନ ହୋଇ ଏକ ଉତ୍ତମ ସଞ୍ଚୟର ବାଟ ହୋଇପାରିଛି। ଯେଉଁଠି ବ୍ୟାଙ୍କ୍ ନାହିଁ ସେଠାରେ ସଞ୍ଚୟର ଏକ ନୂତନ ବାଟ ଡାକ ବିଭାଗ ଦେଖାଇଛି। ଅତିକମରେ ୧୦୦ ଟଙ୍କାରେ ଡାକ ବିଭାଗରେ ଖାତା ଖୋଲାହୋଇପାରୁଛି। ସାଇବର ସେଲ ଅଧିକାରୀ ବନ୍ଦନା ଦେବୀ ବିଭିନ୍ନ ସାଇବର ଅପରାଧ ବିଷୟରେ କହିଲେ ଯେ, ନିଜର ସାମାନ୍ୟ ଅସାବଧାନତା କାରଣରୁ ଅନଲାଇନ ବ୍ୟବହାର କରି ନିଜର ସର୍ବସ୍ୱ ହରାଇଥାନ୍ତି।

## 'ଆମ ବସ୍' ଷ୍ଟପ୍ ପାଲଟିଛି ଗୋରୁଗାଈଙ୍କ ଆଶ୍ରୟସ୍ଥଳ

**ବାରିକପୁର, ୩୦।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଆମ ବସ୍ ଚଳପ୍ରଚଳ ପାଇଁ ନିର୍ମିତ ହୋଇଥିବା କିଛି ବସ୍‌ଷ୍ଟପ ଏବେ କାମରେ ଆସୁନାହିଁ। ସୂଚନା ମୁତାବକ ୨୩ଟି ବସ୍‌ଷ୍ଟପ ପାଇଁ ପ୍ରସ୍ତାବ ଥାଇ ମଧ୍ୟ ସେଥିରୁ ୧୪ଟି ନିର୍ମିତ ହୋଇଛି ଏବଂ ୫ଟି ସ୍ଥାନରେ କାମ ହୋଇପାରିନାହିଁ। ଏହାଛଡା ରହଣିଆ, ଷୋଳମପୁର, ମାଳଦା, କେସିଙ୍ଗା ପ୍ରମୁଖ ସ୍ଥାନରେ ବସ୍‌ଷ୍ଟପ ନିର୍ମାଣ ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ।

ଏହାସତ୍ତ୍ୱେ ଯେଉଁ ସବୁ ସ୍ଥାନରେ ବସ ରହଣି ପାଇଁ ଯାତ୍ରୀ ବିଶ୍ରାମ ଗୃହ ନିର୍ମାଣ ହୋଇଥିଲା ସେଗୁଡିକ ଏବେ ସ୍ଥାଣୁ ପାଲଟିଛି। ଭଣ୍ଡାରିପୋଖରୀ ସଦର ମହକୁମା ଠାରେ ନିର୍ମିତ ତିନି ଚାରୋଟି ବସଷ୍ଟପକୁ ଛାଡ଼ିଦେଲେ ବାକି ସ୍ଥାନରେ ଥିବା ଯାତ୍ରୀ ଅପେକ୍ଷା ଗୃହ ଏବେ ବୁଲା ଗାଈଗୋରୁ, କୁକୁର, ଛେଳି ମେଣ୍ଢାଙ୍କ ବାସସ୍ଥଳୀ ପାଲଟିଛି। କେତେକ ସ୍ଥାନରେ ମଧ୍ୟ ଗୁଳ୍ମ ଲତା ମାଡ଼ିଗଲାଣି। ଗୋଟିଏ ବସ୍‌ଷ୍ଟପ ନିର୍ମାଣ ପାଇଁ ପାଖାପାଖି ୫ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ବେଳେ ତାହା ଲୋକଙ୍କ କାମରେ ନ ଲାଗିବା ପରିତାପର ବିଷୟ ପାଲଟିଛି।

## ଧାମନଗର ବ୍ଲକ୍‌ରେ ହରିଶ୍ଚନ୍ଦ୍ର ଯୋଜନା ବାଟବଣା

# ଶେଷକୃତ୍ୟ ପାଇଁ ଗରିବଙ୍କୁ ମିଳୁନି ଟଙ୍କା

**ଦୋବଲ, ୩୦।୧୦(ସମିସ)**

ଧାମନଗର ବ୍ଲକ ଅଞ୍ଚଳରେ ହରିଶ୍ଚନ୍ଦ୍ର ସହାୟତା ଯୋଜନା ବାଟବଣା ହୋଇଛି। ଗତ କିଛି ମାସ ହେଲା ହିତାଧିକାରୀଙ୍କୁ ଟଙ୍କା ଦିଆଯାଉନଥିବା ଦେଖିବାକୁ ମିଳିଛି। ନିକଟରେ ଆନନ୍ଦପୁର ପଞ୍ଚାୟତରେ ଦିନକରେ ୪ ଜଣ ଗରିବ ଶ୍ରେଣୀର ବ୍ୟକ୍ତି ପ୍ରାଣ ହରାଇଥିଲେ। ଆନନ୍ଦପୁର ଜେନା ସାହିର ରବୀନ୍ଦ୍ର ଜେନା କର୍କଟ ରୋଗ ଯୋଗୁଁ ପ୍ରାଣ ହରାଇଲେ। ବିମ୍ବାଧର ମହାନ୍ତି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ଓ ଭୀମସେନ ସାହୁଙ୍କ ହୃଦଘାତରେ ମୃତ୍ୟୁ ହୋଇଥିଲା। ତିନି ପରିବାର ଗରିବ ଶ୍ରେଣୀର। ହେଲେ ସପ୍ତାହେ ପରେ ବି ସେମାନଙ୍କୁ ହରିଶ୍ଚନ୍ଦ୍ର ସହାୟତା ରାଶି ମିଳିନାହିଁ। ଏ ସମ୍ପର୍କରେ ଆନନ୍ଦପୁର ସରପଞ୍ଚ ମିନା ମାଝିଙ୍କୁ ପଚାରିବାରୁ ସରକାର ଟଙ୍କା ଦେଉନାହାନ୍ତି ବୋଲି କହିଥିଲେ। ରାଧାବଲ୍ଲଭପୁର, ଗୋବିନ୍ଦପୁର, କରଦା, ପଧାନି, ଦୋବଲ, ନଦୀଗାଁ ଓ ଅର୍ଜୁନପୁର ପଞ୍ଚାୟତରେ କେହି ଜଣେ ହେଲେ ମୃତକଙ୍କ ନିକ ସମ୍ପର୍କୀୟଙ୍କୁ ଚଳିତବର୍ଷ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ମିଳିନାହିଁ। ସେହିଭଳି ଗଡିଆଳି, କଲ୍ୟାଣୀ ପଞ୍ଚାୟତରୁ ଦୁଇ ଜଣ ଲେଖାଏ ହରିଶ୍ଚନ୍ଦ୍ର ସହାୟତା ପାଇଛନ୍ତି। ଗତ ୩ ବର୍ଷ ହେଲା ଧାମନଗର ବ୍ଲକରେ ହରିଶ୍ଚନ୍ଦ୍ର ଯୋଜନା ଠିକ୍ ଠାକ୍ ଥିଲା। ୨୦୨୨ ରେ ୧୧୩୭ ଜଣଙ୍କୁ ୨୨ ଲକ୍ଷ ୭୪ ହଜାର ଟଙ୍କା, ୨୦୨୩ରେ ୯୦୦ ଜଣଙ୍କୁ ୨୪ ଲକ୍ଷ ୫୯ ହଜାର, ୨୦୨୪ରେ ୧୨୧୪ ଜଣଙ୍କୁ ୩୬ ଲକ୍ଷ ୪୨ ହଜାର ଓ ୨୦୨୫ରେ ଅଗଷ୍ଟ ପହିଲା ସୁଦ୍ଧା ୩୨୦ ଜଣଙ୍କୁ ସହାୟତା ଦିଆଯାଇଛି। ପୂର୍ବ ୩ ବର୍ଷର ତଥ୍ୟ ଅନୁସାରେ ଚଳିତ ବର୍ଷ ଖୁବ୍ କମ୍ ଲୋକଙ୍କୁ ହରିଶ୍ଚନ୍ଦ୍ର ସହାୟତା ଦିଆଯାଇଛି। ସରପଞ୍ଚ, ଗ୍ରାମ ରୋଜଗାର ସେବକ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କହିବା ଅନୁସାରେ, ହରିଶ୍ଚନ୍ଦ୍ର ସହାୟତା ଟଙ୍କା ଆସୁନଥିବାରୁ ଲୋକଙ୍କୁ ଦିଆଯାଇ ପାରୁନାହିଁ। ହେଲେ ସରକାରଙ୍କ ନିୟମାବଳୀ ଭିନ୍ନ କଥା କହୁଛି। ଗରିବ ଶ୍ରେଣୀର ପରିବାରରେ କେହି ଜଣେ ଆତ୍ମୀୟଙ୍କର ପରଲୋକ ଘଟିଲେ, ତାଙ୍କର ଶେଷକୃତ୍ୟ ପାଇଁ କିଛି ଗୋଟେ ସହାୟତା ଦେବାକୁ ୨୦୧୩ରେ ରାଜ୍ୟ ସରକାର ହରିଶ୍ଚନ୍ଦ୍ର ସହାୟତା ଯୋଜନା କାର୍ଯ୍ୟକାରୀ କରିଥିଲେ। ଏଥିରେ କାହାର ମୃତ୍ୟୁ ହେଲେ ତାଙ୍କ ନିକଟତମ ସମ୍ପର୍କୀୟଙ୍କୁ ୨୦୦୦ ଟଙ୍କା ଦିଆଯାଉଥିଲା। ଏହି ଟଙ୍କା ଦେବା ଲାଗି ପ୍ରତି ପଞ୍ଚାୟତକୁ ରିଭଲଭିଂ ଫଣ୍ଡ ନାଁରେ ୧୫୦୦୦ ଟଙ୍କା ମଧ୍ୟ ରଖିବାକୁ ନିର୍ଦ୍ଦେଶ ଥିଲା। ଏଣୁ କାହାର ମୃତ୍ୟୁ ହେଲେ ସରପଞ୍ଚ ତତକ୍ଷଣାତ ୨୦୦୦ ଦେଇଥାନ୍ତି। ପରେ ପଞ୍ଚାୟତ ପାଣ୍ଠିରୁ ଉଠାଇଥାନ୍ତି। ପରେ ୨୦୨୩ ମାର୍ଚ୍ଚରେ ଏହି ସହାୟତା ରାଶି ୨୦୦୦ରୁ ବୃଦ୍ଧି କରି ୩୦୦୦ ଟଙ୍କା କରାଯାଇଥିଲା। ୨୦୨୩ ଓ ୨୦୨୪ରେ ସରପଞ୍ଚମାନେ ଠିକ୍ ସମୟରେ ଦେଇ ଦେଉଥିଲେ। ଚଳିତ ବର୍ଷ ଏ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ଦେଖାଯାଇଛି। ଏନେଇ ଧାମନଗର ବିଡିଓ ବନବିହାରୀ ଦିହାଙ୍କୁ ପଚାରିବାରୁ, ଏନେଇ କୌଣସି ଅଭିଯୋଗ ମିଳିନାହିଁ। ହରିଶ୍ଚନ୍ଦ୍ର ସହାୟତା ଯୋଜନା ଲାଗି ପ୍ରତି ପଞ୍ଚାୟତରେ ସ୍ୱତନ୍ତ୍ର ପାଣ୍ଠି ରହିଛି। ତା ଛଡ଼ା କୌଣସି ହିତାଧିକାରୀଙ୍କୁ ଟଙ୍କା ଦେବାର ୧୫ ଦିନ ମଧ୍ୟରେ ଆବେଦନ କଲେ, ପଞ୍ଚାୟତକୁ ସେ ଟଙ୍କା ମଧ୍ୟ ଦିଆଯାଇଥାଏ। ଯଦି ସରପଞ୍ଚ କିମ୍ବା ନିର୍ବାହୀ ଅଧିକାରୀ ଭୁଲ୍ କରୁଛନ୍ତି, ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

● ରାମନାରାୟଣ ହାଇସ୍କୁଲ ପ୍ରଧାନଶିକ୍ଷକ ନିଯୁକ୍ତ

# ଅତିରିକ୍ତ କର୍ମଚାରୀ ନିଯୁକ୍ତି ଦାବି



ଦୋଳସାହି, ୩୦।୧୦(ସମିସ): ତିହିଡ଼ି ବ୍ଲକ ଦୋଳସାହି ରାମନାରାୟଣ ଉଚ୍ଚ ବିଦ୍ୟାଳୟର ଅନେକ ସମସ୍ୟା ଥିବା ବେଳେ ଦୈନିକ 'ସକାଳ'ରେ ପ୍ରକାଶ ପାଇବା ପରେ ହେବା ପରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କିଛି ସମସ୍ୟାର ସମାଧାନ କରାଯାଇଛି। ଯାହାକୁ ନେଇ ଅଭିଭାବକ, ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ମହଲରେ ଅଶ୍ୱସ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ବହୁ ପୁରାତନ ରାମନାରାୟଣ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ନଥିବା ସହ ଶ୍ରେଣୀଗୃହ ଅଭାବ ଥିବା ନେଇ ଖବର ପ୍ରକାଶ ପାଇଥିଲା। ପରେ ଏହି ଶିକ୍ଷାନୁଷ୍ଠାନରେ ପ୍ରଧାନଶିକ୍ଷକ ଭାବେ ଅଧୀର ରଞ୍ଜନ ତରାଇଙ୍କୁ ନିଯୁକ୍ତି ଦିଆଯିବା ସହ ଅଭାବ ଥିବା ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ପ୍ରଧାନଶିକ୍ଷକଙ୍କ ନିଯୁକ୍ତି ପରେ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାର ସୁଧୁରିଥିବା ଅଭିଭାବକ ମହଲରେ ମତ ପ୍ରକାଶ ପାଇବା ସହ ପ୍ରଧାନଶିକ୍ଷକ ଶ୍ରୀ ତରାଇ ନେଉଥିବା ପଦକ୍ଷେପକୁ ମଧ୍ୟ ପ୍ରଶଂସା କରାଯାଉଛି। ଅନ୍ୟପକ୍ଷରେ ଏହି ବିଦ୍ୟାଳୟରେ ଅଦ୍ୟାବଧି ୨ଜଣ କଳା ଶିକ୍ଷକ, ଜଣେ କିରାଣି ଓ ୨ ଜଣ ପିଅନ ପଦର ଅଭାବ ଥିବା ସୂଚନା ଦେଇଛନ୍ତି ପ୍ରଧାନ ଶିକ୍ଷକ ଶ୍ରୀ ତରାଇ। ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏହି ପଦ ଅଭାବୀ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି।

# ଆରଡ଼ି ଫାଣ୍ଡି ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ଆରଡି, ୩୦।୧୦(ସମିସ): ଆରଡ଼ି ଫାଣ୍ଡିରେ ତୃତୀୟ ଥର ଫାଣ୍ଡି ଅଧିକାରୀ ଭାବେ ପ୍ରଦୀପ ନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଜଣେ ଅଭିଜ୍ଞତା ସମ୍ପନ୍ନ ଥାନାଧିକାରୀ ଭାବେ ପରିଚିତ। ପୂର୍ବରୁ ଦୁଇଥର ସେ ଫାଣ୍ଡି ଧିକାରୀ ଭାବେ ଆରଡିରେ କାର୍ଯ୍ୟ କରିଥିଲେ। ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜଣାଯାଇଛି।

# ଖଗେଶ୍ୱର ପୀଠରେ ଭାଗବତ ପାରାୟଣ



ବନ୍ତ/ଆଗରପଡ଼ା, ୩୦।୧୦(ସମିସ): ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ବାବା ଖଗେଶ୍ୱର ପୀଠରେ ଭାଗବତ ପରାୟଣ, ଗୀତାପାଠ, ବେଦପାଠ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଏକ ସପ୍ତାହ ଧରି ଚାଲିବ। କାର୍ତ୍ତିକ ମାସ ୧୨ ଦିନ ବୁଧବାରଠାରୁ ଶ୍ରୀମଦ ଭାଗବତ ପରାୟଣ ଅଧିବାସ, ରାଧାକୃଷ୍ଣ ରାଧାଗୋବିନ୍ଦଙ୍କ ୩ ସୁସଜ୍ଜିତ ବିମାନ ଗ୍ରାମରୁ ଅଣାଯାଇ ମନ୍ଦିରରେ ଆବାହନ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ଭାଗବତ ଗାଦି ସ୍ଥାପନ କରାଯାଇ ପ୍ରକାଶ ପତି, ବିକାଶ ପତି ବେଦ ପାଠ କରିଥିଲେ। ସୁନାମଧନ୍ୟ ପ୍ରବଚନ ଗୋବିନ୍ଦଚନ୍ଦ୍ର ପାଣିଗ୍ରାହୀ, ଦେବେନ୍ଦ୍ର ପଣ୍ଡା, ବିପିନ ବିହାରୀ ନାୟକ, ନବକିଶୋର ଲେଙ୍କା, ସିଦ୍ଧେଶ୍ୱର ନାୟକ, ଅକ୍ଷୟ କୁମାର ପାଢ଼ୀ, ଲାଙ୍ଗୁଳି ବାବା, ଚିତ୍ତରଞ୍ଜନ ନାୟକ, ନିରାକାର ଗାହାଣ, ତପସ୍ୱିନୀ ପାଢ଼ୀ ପ୍ରମୁଖ ପ୍ରବଚନ ଦେବେ। ସୁରେନ୍ଦ୍ର ପଣ୍ଡା, ମଣିଭଦ୍ର ପଣ୍ଡା, କମଳାକାନ୍ତ ପଣ୍ଡା, ଭାଗବତ ପଣ୍ଡା, ଭାଗବତ ପାରାୟଣ ପଠନ କରିବେ। ଖଗେଶ୍ୱର ମହାଦେବଙ୍କ ମୁଖ୍ୟ ସେବକ ଫକୀର ମୋହନ ତ୍ରିପାଠୀ ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ଲକ୍ଷ୍ମୀଧର ମହାନ୍ତି, ଦୀନବନ୍ଧୁ ରାଉତ, ବିଦ୍ୟାଧର ଓଝା, କାର୍ତିକ ଚନ୍ଦ୍ର ପାଳ, ରଘୁନାଥ ସ୍ୱାଇଁ, ଚୈତନ୍ୟ ପଟ୍ଟନାୟକ, କୁଳମଣି ନାୟକ, ନରେନ୍ଦ୍ର କୁମାର ବାରିକ, ରଘୁନାଥ ସ୍ୱାଇଁ ସମେତ ସମସ୍ତ ଖଗେଶ୍ୱର ମହାଦେବଙ୍କ ଭକ୍ତ ସହଯୋଗ କରିଥିଲେ।

# ପୁଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ



ବନ୍ତ/ଆଗରପଡ଼ା, ୩୦।୧୦(ସମିସ): ଆଗରପଡ଼ା ପୁଲିସ ପକ୍ଷରୁ ସ୍ଥାନୀୟ କୃଷ୍ଣଚରଣ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ଉପରେ ପ୍ରବନ୍ଧ, ବକ୍ତୃତା, ଗଳ୍ପ ଓ କବିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଥାନାଧିକାରୀ ଦେବରାଜ ଜେନା ଉଦଘାଟନ କରିବା ସହ ଗ୍ରାମାଞ୍ଚଳରେ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକାଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାରଙ୍କ ଏଭଳି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶରତ କୁମାର ଜେନା, ଶିକ୍ଷକ ନାରାୟଣ ରାଉତ, ପ୍ରଫୁଲ୍ଲ ନନ୍ଦ, କୈଳାସଚନ୍ଦ୍ର ପଣ୍ଡା, ଧନେଶ୍ୱର ଜେନା, ବଳଭଦ୍ର କିଙ୍କର ଜେନା ପ୍ରମୁଖ ବିଚାରକ ଭାବେ କୃତୀ ପ୍ରତିଯୋଗୀ ଚୟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପୁଲିସ କର୍ମଚାରୀ ଇଭାରାଣୀ ପରିଡ଼ା, ସୁଶାନ୍ତ କୁମାର ପରିଡ଼ା, ଏମଏଏଚ୍ ବାଇଗ, ସଞ୍ଜୟ ଦେହୁରୀ ଓ ଅରୁଣ ଦାସ ପ୍ରମୁଖ ସହଯୋଗ କରିଥିଲେ।

ଖରିଫ ଧାନକୁ ରୋଗପୋକ ମୁକ୍ତ କରିବାକୁ ଆଡଭାଇଜରୀ ଜାରି

# କ୍ଷେତ୍ରୀୟ ଅନୁଧ୍ୟାନ କରି ଚାଷୀଙ୍କୁ ପରାମର୍ଶ ଦେଉଛନ୍ତି କୃଷି ବିଭାଗ

ଭଦ୍ରକ, ୩୦।୧୦(ସମିସ)

ଭଦ୍ରକ ଜିଲ୍ଲାରେ ବାତ୍ୟାଜନିତ ବର୍ଷା ଯୋଗୁଁ ପ୍ରଭାବିତ ହୋଇପାରେ ଖରିଫ ଧାନ ଚାଷ। ଏବେ ସୁଦ୍ଧା ଜିଲ୍ଲାରେ ବର୍ଷା ଜନିତ ଚାଷ କ୍ଷୟକ୍ଷତି ନେଇ କୌଣସି ରିପୋର୍ଟ ହସ୍ତଗତ ହୋଇ ନଥିଲେ ମଧ୍ୟ ବର୍ଷା ସହ ପ୍ରତିକୂଳ ପାଣିପାଗ ଖରିଫ ଧାନକୁ ରୋଗପୋକ ଆକ୍ରାନ୍ତ କରିପାରେ ବୋଲି ଆଶଙ୍କା ପ୍ରକଟ କରିଛି କୃଷି ବିଭାଗ। ଏବେ ଜିଲ୍ଲାରେ ଖରିଫ ଧାନ ଗର୍ଭ ଧାରଣ ଏବଂ କେତେକ କ୍ଷେତ୍ରରେ ଫୁଲ ଉଡାଇବା ସ୍ଥିତିରେ ରହିଛି। ଏଭଳି ସମୟରେ ସାମୟିକ ବର୍ଷା ଉପଯୋଗୀ ହୋଇପାରେ। ହେଲେ ଅଧିକ ବର୍ଷା ଧାନ ପାଇଁ କ୍ଷତିକାରକ ହେବ। ଏହା ପାଗ ନରମ ରହିଲେ ଅର୍ଥାତ ଖରା ନହେଲେ ଧାନ ଚାଷ ରୋଗପୋକ ଯୁକ୍ତ ହୋଇପାରେ ବୋଲି କୃଷି ବିଭାଗ କହିଛି। ତେବେ ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା କୃଷି ବିଭାଗ ପକ୍ଷରୁ ଆଗୁଆ ଚାଷୀଙ୍କୁ କିଭଳି ସେମାନଙ୍କ ଫସଲ କୁ ରୋଗପୋକ ମୁକ୍ତ ରଖାଯାଇ ପାରିବ ସେଥିନେଇ ଜିଲ୍ଲାବ୍ୟାପି ବ୍ୟାପକ କୃଷି ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆ ଯାଇଥିବା କଥା ଜିଲ୍ଲା କୃଷି ଅଧିକାରୀ ଦିଜବର ସେଠୀ କହିଛନ୍ତି। ତାଙ୍କ ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲାରେ ଏବେ ଖରିଫ ଧାନ ଫସଲ ରେ ରୋଗପୋକ ସମସ୍ୟା ନାହିଁ। ଯେଉଁଠି ମଧ୍ୟ କାଁ ଭାଁ ରୋଗପୋକ ସମସ୍ୟା ଦେଖା ଦେଉଛି ଜିଲ୍ଲା କୃଷିବିଭାଗ ସହଯୋଗ ରେ ତାହାର ଉପଚାର କରାଯାଉଛି ୧ ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଚାଷୀଙ୍କ ପାଇଁ ଜାରି କରାଯାଇ ଥିବା ଆଡ଼ଭାଇଜରୀ କୁ ଚାଷୀଙ୍କୁ ଅବଗତ କରାଯାଉଛି। କ୍ଷେତ୍ରୀୟ କର୍ମଚାରୀଙ୍କ ଜରିଆରେ ଚାଷୀଙ୍କୁ ଲିଫଲେଟ ବଣ୍ଟନ ସହ ଫସଲକୁ କିଭଳି ରୋଗ ପୋକ ଦାଉରୁ ରକ୍ଷା କରାଯାଇ ପାରିବ ସେ ନେଇ ସଚେତନ କରାଯାଉଛି। ଅଭିଯୋଗ ଆସୁଥିବା ଅଞ୍ଚଳକୁ ନିଜେ ଜିଲ୍ଲା କୃଷି ଅଧିକାରୀ ସ୍ୱତନ୍ତ୍ର ଟିମ ସହିତ କ୍ଷେତ୍ରୀୟ ଅନୁଧ୍ୟାନ କରି ରୋଗପୋକ ନିରାକରଣ ନେଇ ଚାଷୀଙ୍କୁ ସଚେତନ କରାଉଛନ୍ତି। ପୂର୍ବ ବର୍ଷଭଳି ସରକାର ରୋଗପୋକ ନିରାକରଣ ସକାଶେ ଚାଷୀଙ୍କ ପାଇଁ ସବ୍‌ସିଡ଼ି ବ୍ୟବସ୍ଥା କରିଛନ୍ତି। ସର୍ବାଧିକ ୨ ହେକ୍ଟର ଜମିରେ ରୋଗପୋକ ନିରାକରଣ ସକାଶେ ଚାଷୀଙ୍କୁ ୫୦ ପ୍ରତିଶତ ରିଆତି ଘୋଷଣା କରିଛନ୍ତି। ଏଥିପାଇଁ ଚାଷୀଙ୍କୁ ସରକାରୀ ଲାଇସେନ୍ସପ୍ରାପ୍ତ ଦୋକାନରୁ ରୋଗପୋକ ନିରୋଧୀ ଔଷଧ କ୍ରୟ କରି ଏହାର ତଥ୍ୟ ସ୍ଥାନୀୟ କୃଷି ଅଫିସର/ ଭିଏଲଡବ୍ଲୁଙ୍କୁ ଦେବାକୁ କୁହାଯାଇଛି। ତେବେ ଗତବର୍ଷ ତୁଳନାରେ ଚଳିତବର୍ଷ ଧାନରେ କମ ରୋଗ ପୋକ ପରିଲକ୍ଷିତ ହୋଇଥିବା ଜିଲ୍ଲା କୃଷି ଅଧିକାରୀ କହିଛନ୍ତି। ଗତବର୍ଷ ଜିଲ୍ଲାରେ ରୋଗପୋକ ନିରାକରଣ ରିହାତୀ ବ୍ୟବସ୍ଥାରେ ସରକାର ଜିଲ୍ଲାରେ ପ୍ରାୟ ୯ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ବେଳେ ଚଳିତବର୍ଷ ଏଯାଏଁ ଏହି ବାବଦକୁ ମାତ୍ର ୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ନେଇ କହିଛନ୍ତି ଜିଲ୍ଲା କୃଷି ଅଧିକାରୀ। ତେବେ ରୋଗପୋକ ନିରାକରଣ କ୍ଷେତ୍ରରେ ଚାଷୀଙ୍କୁ ଅଧିକ ସତର୍କତାର ସହ ପୋକମରା ଔଷଧ ବ୍ୟବହାର କରିବାକୁ କହିଛନ୍ତି। କୃଷି ବିଭାଗଠାରୁ ଆବଶ୍ୟକ ପରାମର୍ଶ ନେଇ ଆବଶ୍ୟକ ପରିମାଣରେ ଏବଂ ଉପଯୁକ୍ତ ପ୍ରଣାଳୀରେ କୀଟମରା ଔଷଧ ବ୍ୟବହାର କରିବାକୁ ସେ ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି। ଔଷଧ ବ୍ୟବହାର ପୂର୍ବରୁ ଫସଲ କେଉଁ ରୋଗ ଆକ୍ରାନ୍ତ ହୋଇଛି ଏବଂ ଏଥିପାଇଁ କେଉଁ ଔଷଧର ଆବଶ୍ୟକତା ରହିଛି ତାହା କୃଷି ବିଭାଗ ପରାମର୍ଶ ନେବାକୁ ସେ କହିଛନ୍ତି।




ଜବରଦଖଲ ପାଇଁ ଧାମନଗର-କୋଠାର ରାସ୍ତା ବିପର୍ଯ୍ୟସ୍ତ

# ଦମକଳ ଗାଡ଼ି, ଆମ୍ବୁଲାନ୍ସ ଚଳାଚଳ ଅସମ୍ଭବ

ଧାମନଗର, ୩୦।୧୦(ସମିସ): ଧାମନଗର-କୋଠାର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ରାସ୍ତା ବିପର୍ଯ୍ୟସ୍ତ ହୋଇଛି। ପ୍ରାୟ ୯ କିଲୋମିଟର ବିଶିଷ୍ଟ ଏହି ରାସ୍ତା ଏବେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଛି। ବର୍ଷା ଓ ଦୀର୍ଘ ବର୍ଷ ଅବହେଳା ଫଳରେ ରାସ୍ତାର ଅଧିକାଂଶ ଅଂଶ ଖଣ୍ଡିଆ ଖାବରା ହୋଇପଡ଼ିଛି। ଗୁମୁଗଡ଼ରୁ ବନ୍ଧଟିଆ ପର୍ଯ୍ୟନ୍ତ ରାସ୍ତାରେ ମଝିରେ ମଝିରେ ବିରାଟ ବିରାଟ ଖାଲ। ଏଥିରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ସେହିପରି ଗୋଡିପୋଖରି ଓ ଅରୁଣ ବାଜାର ଅଞ୍ଚଳରେ ରାସ୍ତା ଉପରେ ଜବରଦଖଲ ହେବା ଦ୍ୱାରା ଗାଡ଼ି ଯାତାୟାତ ପ୍ରାୟ ବନ୍ଦ ସ୍ଥିତିକୁ ଆସି ପହଞ୍ଚିଛି। ଏହି ବଜାରରେ କବାଡିଆ ବେପାରୀମାନେ ମନଇଚ୍ଛାରେ ରାସ୍ତା କଡ଼ରେ ବେପାର କରୁଛନ୍ତି। ଯାହାଦ୍ୱାରା ଅନେକ ସମୟରେ ୨ ଚକିଆଠାରୁ ୪ଚକିଆ ଗାଡି ବିଭିନ୍ନ ସମୟରେ ପାମ୍ପଚର ହୋଇ ହଇରାଣ ହରକତ ହେଇଛନ୍ତି। ସେହିପରି ନସଲାପୁରରୁ କୋଠାର ପର୍ଯ୍ୟନ୍ତ ଗଳି ରାସ୍ତାର ଅବସ୍ଥା ଆହୁରି ଦୟନୀୟ। ଏଠାରେ ରାସ୍ତା ସୀମିତ ଚଉଡ଼ା ହେଉଥିଲେ ମଧ୍ୟ ସ୍ଥାନୀୟ ଲୋକ ଜୋରଜବରଦସ୍ତି କରି ଅଧା ରାସ୍ତା ଜବରଦଖଲ କରି ରଖିଛନ୍ତି। ଫଳରେ ଦୁଇଟି ଗାଡ଼ି ମୁହାଁମୁହିଁ ହେଲେ ଯାତାୟାତ ଅସମ୍ଭବ ଓ ଘଣ୍ଟା ଘଣ୍ଟା ଜାମ ଲାଗି ରହୁଛି। ଏହି ରାସ୍ତା ଦ୍ୱାରା ଧାମନଗରରୁ କଟକ, ଭୁବନେଶ୍ୱର ଓ ବିଭିନ୍ନ ଅଞ୍ଚଳକୁ ଦମକଳ ଗାଡ଼ି, ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀ ସେବା ଗାଡ଼ି ଯାଏ। ତେଣୁ ରାସ୍ତା ଅବସ୍ଥା ଦୟନୀୟ ହେବାରୁ ଜୀବନ ରକ୍ଷା ସେବା ମଧ୍ୟ ବିପଦରେ ପଡୁଛି। ସବୁଠାରୁ ବଡ ବିପଦପୂର୍ଣ୍ଣ କଥା ଏହି ୯ କିଲୋମିଟର ରାସ୍ତାରେ ପଡୁଥିବା କଲଭଟ ଗୋଡ଼ିକ ଦବିଯିବା ସହ ଗାଡ଼ ହୋଇଯାଇଛି। ଦୁର୍ଘଟନା ନହେବା ପାଇଁ ସ୍ଥାନୀୟ ଲୋକେ ଡାଳ ଭାଙ୍ଗି ପୂତିଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରି କହିଛନ୍ତି, ଆମେ ପ୍ରତିଦିନ ଏହି ରାସ୍ତାରେ ଯନ୍ତ୍ରଣା ଭୋଗୁଛୁ। ବିଭାଗୀୟ ଅଧିକାରୀ କିମ୍ବା ରାଜନୈତିକ ନେତୃତ୍ୱ କୌଣସି ପଦକ୍ଷେପ ନେଉନାହାନ୍ତି। ଏହି ଦିଗରେ ଜିଲ୍ଲାପାଳ ଏବଂ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ, ସ୍ଥାନୀୟ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀଙ୍କ ତତଫରୁ ଦାବି ହୋଇଛି।



● ଭଦ୍ରକ-ଆରଡି ରାସ୍ତାର ଶୋଚନୀୟ ଅବସ୍ଥା

# ୪ ବର୍ଷ ଧରି ଦାବି ପରେ ବି ଫଳ ଶୂନ

ଅସୁରାଳି, ୩୦।୧୦ (ସମିସ): ଭଦ୍ରକ-ଆରଡ଼ି ରାସ୍ତା ନିର୍ମାଣ କାର୍ଯ୍ୟ ୪ବର୍ଷ ହେଲା ବି ଅଧୁରା ଅବସ୍ଥାରେ ଅଟକି ରହିଛି। ଧୂଳିଧୂସର ରାସ୍ତା ଉପରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଛି। ଯାତ୍ରୀମାନେ ଅଣନିଶ୍ୱାସୀ ହେଉଛନ୍ତି। ଭଦ୍ରକରୁ ଆଖଣ୍ଡଳମଣି ପର୍ଯ୍ୟନ୍ତ ୩୬ କି.ମି. ରାସ୍ତା ଯାତ୍ରା ପାଇଁ ବସ୍‌ରେ ଦୁଇ ଘଣ୍ଟାରୁ ଅଧିକ ସମୟ ଲାଗୁଛି। ଠିକାଦାରଙ୍କ ବେପରୁଆ କାର୍ଯ୍ୟଧାରା, ବିଭାଗୀୟ ଅଧିକାରୀଙ୍କ ନିରବତା ଓ ପ୍ରଶାସନର ଦୂରଦୃଷ୍ଟିହୀନତା ଏହି ଅବସ୍ଥାକୁ ଉତ୍ପନ୍ନ କରିଛି ବୋଲି ଅଭିଯୋଗ ହୋଇଛି। ଅସୁରାଳିଠାରୁ ଆଇଜିଏମ କଲେଜ ପର୍ଯ୍ୟନ୍ତ ହୋଇଥିବା ପିଚୁ କାମ ନିମ୍ନମାନର ଥିବା ସହିତ ଦିନକୁ ପରେ ପିଚୁ ଉଠିଯାଉଛି। ଦୋହରାପାଟଣା, ମଠଡିହ, ସାଆଁଳପୁର, ସୁନ୍ଦରପୁର ଭଳି ଅଞ୍ଚଳରେ ରାସ୍ତା ଅବସ୍ଥା ଅତ୍ୟନ୍ତ ଦୟନୀୟ। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ପାଳସାହି ଓ ରଇପୁର ଅଞ୍ଚଳର ବହୁ ସାମାଜିକ ଅନୁଷ୍ଠାନ, ସଂଘ ଓ ସମାଜସେବୀ ଗତ ୪ ବର୍ଷ ଧରି ଦାବି ଉଠାଇ ଆସୁଛନ୍ତି। ଜନସୁବିଧା ଓ ଜୀବନ ସୁରକ୍ଷା ପାଇଁ ଏହି ରାସ୍ତାର ମରାମତି ଅତ୍ୟାବଶ୍ୟକ ବୋଲି ଅନେକ ଥର ଦାବି ହେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଗମନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହି ଉପେକ୍ଷା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଅବସ୍ଥାରେ ଦୁଇ ପଞ୍ଚାୟତ ପାଳସାହି ଓ ରଇପୁରର ବୁଦ୍ଧିଜୀବୀ, ସମାଜସେବୀ ଓ ଜନପ୍ରତିନିଧିମାନେ ଏକ ଦୃଢ଼ ନିଷ୍ପତ୍ତି ନେଇଛନ୍ତି। ତୁରନ୍ତ ଏହି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦାବି ସହିତ ଆସନ୍ତା ନଭେମ୍ବର ୫ ତାରିଖ ରାଜରାସ୍ତାରେ ଧାରଣା ଦେବାକୁ ସେମାନେ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି ପାଳସାହିର ପୂର୍ବତନ ସରପଞ୍ଚ ଅନିଲ ଦାସ, ବ୍ଲକ କଂଗ୍ରେସ ଓ ଆଇନଜୀବୀ ରମେଶଚନ୍ଦ୍ର ବେହେରା, ବ୍ରଜେନ୍ଦ୍ର ମହାନ୍ତି, ବିଶ୍ୱନାଥ ସାହୁ, କୃଷ୍ଣଚନ୍ଦ୍ର ସାହୁ ଓ ଗୌତମ ମଲ୍ଲିକ ପ୍ରମୁଖ।



● ୨ ପଞ୍ଚାୟତର ଅଧିବାସୀଙ୍କ ରାସ୍ତାରୋକ ନିଷ୍ପତ୍ତି
● ନଭେମ୍ବର ୫ରେ କରିବେ ରାସ୍ତାରୋକ

# ସୁଗୋ ନୋଡାଲ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପ୍ରସ୍ତୁତି

ବାସୁଦେବପୁର, ୩୦।୧୦(ସମିସ): ବାସୁଦେବପୁର ବ୍ଲକ ସୁଗୋ ପଞ୍ଚାୟତର ନୋଡାଲ ଉଚ୍ଚବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଓ ଜୟନ୍ତୀ ଉତ୍ସବ ପାଳନ କରିବାକୁ ଆଲୁମନୀ ଓ ପୁରାତନ ଛାତ୍ରମାନଙ୍କୁ ନେଇ ସ୍କୁଲରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଲୁମନୀ କମିଟିର ସଭାପତି ବସନ୍ତ କୁମାର ନାୟକ ସଭାପତିତ୍ୱ କରିଥିଲେ। ଏହି ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହେବ ହବ ବୋଲି ବର୍ଷ ବର୍ଷ ଅତିକ୍ରାନ୍ତ ହୋଇ ଗଲାଣି। ଏହି ବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରି ବହୁ ଛାତ୍ରଛାତ୍ରୀ ଆଜି ବହୁ ସରକାରୀ ଓ ବେସରକାରୀ ସଂସ୍ଥାର ଉଚ୍ଚପଦସ୍ଥ ଅଧିକାରୀ ଭାବେ ରାଜ୍ୟ, ଜାତୀୟ ଓ ବିଦେଶରେ ଅବସ୍ଥାନ କରୁଛନ୍ତି। ଅବହେଳାରୁ ଆଜି ପର୍ଯ୍ୟନ୍ତ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇ ପାରିନାହିଁ। ଏହାକୁ ନେଇ ପଞ୍ଚାୟତର ୨ ଗୋଷ୍ଠୀରେ ପରିଣତ ହୋଇ ମନାନ୍ତର ସୃଷ୍ଟି ହୋଇଯାଇଛି। କିଛି ପୁରାତନ ଛାତ୍ରମାନଙ୍କ ଉଦ୍ୟମରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ମିଳିମିଶି ପାଳନ କରିବାକୁ ଅଣ୍ଟା ଭିଡିଛନ୍ତି। କେତେକ ପୃଥକ ପୃଥକ ଭାବେ କରିବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ତେବେ, ଏହି ବୈଠକରେ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ କହିଥିଲେ, ସୁଗୋ ହାଇସ୍କୁଲ ପୁରାତନ ଛାତ୍ର ଛାତ୍ରୀଙ୍କୁ ନେଇ ଗର୍ବିତ। ପଞ୍ଚାୟତଠାରୁ ବିଧାନସଭା ପର୍ଯ୍ୟନ୍ତ ପହଞ୍ଚି ନିଜର ପାରଦର୍ଶିତାର ପ୍ରଦର୍ଶନ କରିଛନ୍ତି। ଦୀର୍ଘ ଦିନ ଧରି ଅବହେଳିତ ଅବସ୍ଥାରେ ଥିବା ବିଦ୍ୟାଳୟର ଭିତ୍ତିଭୂମିର ବିକାଶ କରିବାକୁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଅର୍ଥ ପ୍ରଦାନ କଲେ ସରକାରଙ୍କର ପଞ୍ଚସଖା ଯୋଜନାରେ ତିନି ଗୁଣା ଅର୍ଥ ଆସିବ। ବିକାଶ ପରେ ଜୟନ୍ତୀ ପାଳନ କରାଯିବ। ପୁରାତନ ଛାତ୍ର ପ୍ରଫୁଲ୍ଲ ଚନ୍ଦ୍ର ରାୟ ସ୍କୁଲର ବିକାଶ ପାଇଁ ଦୁଇ ଗୋଷ୍ଠୀ ମିଳିତ ଭାବେ ଏକ ପୂର୍ଣ୍ଣାଙ୍ଗ ବୈଠକ କରିବାକୁ ଅନୁରୋଧ କରିଥିଲେ। ମିଳିତ ଭାବେ ସୁବର୍ଣ୍ଣ ଜୟନ୍ତୀ ପାଳନ କଲେ ସୁଗୋର ମର୍ଯ୍ୟାଦା ବଜାୟ ରହିବ। ପୂର୍ବତନ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଣ୍ଡଳ, ପୂର୍ବତନ ସରପଞ୍ଚ ନିର୍ମଳ କୁମାର ମଣ୍ଡଳ, ରାଜେନ୍ଦ୍ର ନାୟକ, ସମିତିସଭ୍ୟ କୈଳାସଚନ୍ଦ୍ର ଜେନା, ଏସଏମସି ସଭାପତି ଦେବେନ୍ଦ୍ର ବାରିକ ଯୋଗ ଦେଇଥିଲେ।




ଆସକ୍ତିର ଶିକାର ଯୁବପିଢ଼ି

# ଭର୍ଚୁଆଲ୍ ଦୁନିଆ ଓ ଅବାସ୍ତବ ଚଳଣିରେ ବନ୍ଧା

ବନ୍ତ/ଆଗରପଡ଼ା, ୩୦।୧୦(ସମିସ):

ସମ୍ପ୍ରତି ଯୁବପିଢି ବିଭିନ୍ନ ପ୍ରକାର ଆସକ୍ତିର ଶିକାର ହେବାରେ ଲାଗିଛନ୍ତି। ଯୁବକମାନେ ସାମାଜିକ ଗଣମାଧ୍ୟମ, ମାଦକ ଦ୍ରବ୍ୟ ଓ ଅନଲାଇନ୍ ଗେମିଂ ଭଳି ବିଭିନ୍ନ ଆସକ୍ତିର ଶିକାର ହୋଇପଡୁଛନ୍ତି। ଯୁବକମାନେ ଗଣମାଧ୍ୟମର ଶିକାର ହେବାର ପ୍ରଧାନ କାରଣ ହେଉଛି ଏହାର ସହଜ ଉପଲବ୍ଧତା ଏବଂ ଆକର୍ଷଣୀୟତା। ଫେସବୁକ୍, ଇନଷ୍ଟାଗ୍ରାମ୍, ଟିକ୍‌ଟକ୍ ଭଳି ପ୍ଲାଟଫର୍ମଗୁଡ଼ିକ ଯୁବପିଢିଙ୍କୁ ଘଣ୍ଟାଘଣ୍ଟା ବାନ୍ଧି ରଖିପାରୁଛନ୍ତି; ଯଦ୍ୱାରା ଯୁବପିଢି ଭର୍ଚୁଆଲ୍ ଦୁନିଆରେ ହଜିଯିବା ସହ ବାସ୍ତବ ଜୀବନରୁ ଦୂରେଇ ଯାଉଛନ୍ତି। ଅତ୍ୟଧିକ ସାମାଜିକ ଗଣମାଧ୍ୟମ ବ୍ୟବହାର ଯୁବପିଢିଙ୍କ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି। ଏହାର ବହୁଳ ବ୍ୟବହାର ଦ୍ୱାରା ଅବସାଦ, ଚିନ୍ତା ଏବଂ ନିଦ୍ରାହୀନତା ଭଳି ସମସ୍ୟା ବଢ଼ିବାରେ ଲାଗିଛି। ମାଦକ ଦ୍ରବ୍ୟ ଆସକ୍ତି ଆଉ ଏକ ବଡ଼ ସମସ୍ୟା। ଯୁବକମାନେ ପିୟର୍ ପ୍ରେସର୍ ଯୋଗୁଁ ଏହି ପଥକୁ ଆପଣାଇଥାନ୍ତି। ସ୍କୁଲ ଏବଂ କଲେଜରେ ସାଥୀଙ୍କ ପ୍ରଭାବରେ ସେମାନେ ଧୂମପାନ, ମଦ୍ୟପାନ କିମ୍ବା ଡ୍ରଗ୍ସ ସେବନ ଆରମ୍ଭ କରନ୍ତି। ଯାହା ସେମାନଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ। ଅନେକ ଯୁବକ ଏହି ଆସକ୍ତିରୁ ମୁକ୍ତି ପାଇବା ପାଇଁ ସଂଘର୍ଷ କରନ୍ତି କିନ୍ତୁ ସମାଜର ଅବହେଳା ଏବଂ ପରିବାରର ଅଭାବରୁ ସେମାନଙ୍କ ଏହି ଆସକ୍ତି ବଢ଼ିବାରେ ଲାଗେ। ବର୍ତ୍ତମାନ ରାଜ୍ୟରେ ମାଦକ ଦ୍ରବ୍ୟ ଆସକ୍ତି ଏକ ମହାମାରୀ ରୂପ ନେବାରେ ଲାଗିଛି ଯଦ୍ୱାରା ଲକ୍ଷାଧିକ ଯୁବଗୋଷ୍ଠୀଙ୍କ ଜୀବନ ନଷ୍ଟ ହେବାରେ ଲାଗିଛି। ଅନଲାଇନ୍ ଗେମିଂ ଏବଂ ଗ୍ୟାମ୍ବଲିଂ ଯୁବଗୋଷ୍ଠୀଙ୍କୁ ବହୁଳଭାବରେ ଆସକ୍ତ କରୁଛି। ଫ୍ରୀ ଫାୟାର୍, ବିଜିଏମଆଇ ଓ ପବ୍‌ଜି ଭଳି ଗେମଗୁଡ଼ିକ ଯୁବପିଢିଙ୍କୁ ବହୁମାତ୍ରରେ ଆକର୍ଷଣ କରୁଛି। ଏହି ଗେମ୍ ଖେଳିବାକୁ ଯାଇ ସେମାନେ ପଢ଼ାପଢ଼ିରେ ଅବହେଳା କରିବା ସହ ନିଜ ଭବିଷ୍ୟତକୁ ନଷ୍ଟ କରିବାରେ ଲାଗିଛନ୍ତି। ଅନେକଙ୍କ କ୍ଷେତ୍ରରେ ଏହି ଆସକ୍ତି ଆତ୍ମହତ୍ୟା ପର୍ଯ୍ୟନ୍ତ ନେଇଯାଉଛି। ଗ୍ୟାମ୍ବଲିଂ ଆପ୍ ମାଧ୍ୟମରେ ଯୁବକମାନେ ଟଙ୍କା ହରାଇ ଆର୍ଥିକ ସଙ୍କଟରେ ପଡୁଥିବା ଦେଖିବାକୁ ମିଳୁଛି। ଏହାଦ୍ୱାରା ସାଇବର କ୍ରାଇମ ବଢ଼ିବାରେ ଲାଗିଛି। ଏହି ଆସକ୍ତିର ସମାଧାନ ପାଇଁ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଆସକ୍ତି ବିରୋଧୀ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଉଚିତ୍। ସରକାର ମାଦକ ଦ୍ରବ୍ୟ ବିରୋଧୀ ଅଭିଯାନକୁ ଦୃଢ଼ କରିବା ସହିତ ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକର ନିୟନ୍ତ୍ରଣ କରିବା ଦରକାର।



## ସେମାନେ ଯାହା କହନ୍ତି..



ଯୁବପିଢିଙ୍କୁ ମାଦକ ଦ୍ରବ୍ୟ ଆସକ୍ତିରୁ ନିବୃତ ରଖିବା ପାଇଁ ସରକାରଙ୍କ ନିୟମକୁ କଡ଼ାକଡ଼ି ପାଳନ କରାଯାଉଛି। ଶିକ୍ଷାନୁଷ୍ଠାନ ନିକଟରେ ଗଢ଼ିଉଠିଥିବା ଦୋକାନ ଆଦିରେ ମାଦକ ଦ୍ରବ୍ୟ ବିକ୍ରି ଉପରେ କଟକଣା କରାଯିବା ସହ ବିଭିନ୍ନ ସମୟରେ ଚଢଉ ମଧ୍ୟ ହେଉଛି। ସାଇବର କ୍ରାଇମ ଉପରେ ବିଭାଗ ପକ୍ଷରୁ ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି।
- ଦେବରାଜ ଜେନା, ଆଗରପଡ଼ା ଥାନାଧିକାରୀ



ସରକାର ମାଦକ ଦ୍ରବ୍ୟ ବିରୋଧୀ ଅଭିଯାନକୁ ଦୃଢ଼ କରିବା ସହିତ ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକର ନିୟନ୍ତ୍ରଣ କରିବା ଦରକାର। ସେହିଭଳି ସାମାଜିକ ଗଣମାଧ୍ୟମ, ମାଦକ ଦ୍ରବ୍ୟ ଓ ଅନଲାଇନ୍ ଗେମିଂ ଭଳି ବିଭିନ୍ନ ଆସକ୍ତିର ଶିକାର ହେଉଥିବା ଯୁବପିଢିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନୂତନ ଆଇନ ପ୍ରଣୟନ କରିବା ଦରକାର।
- ଜଗତମୋହନ ସିଂହ, ସୁପ୍ରିମକୋର୍ଟ ଆଡଭୋକେଟ, ଆଗରପଡ଼ା



ପୁଲିସ ପାଟ୍ରୋଲିଂକୁ ଜୋରଦାର କରିବା ସହ ପ୍ରତି ପଞ୍ଚାୟତରେ ସରକାରୀ ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଗଲେ ଯୁବପିଢିଙ୍କ ମାଦକ ଦ୍ରବ୍ୟ ପ୍ରତି ଆସକ୍ତି ଉପରେ ରୋକ୍ ଲଗାଯାଇପାରନ୍ତା। ଏକ ସଚେତନ ନାଗରିକ ହିସାବରେ ମୋ ପଞ୍ଚାୟତରେ ଯୁବପିଢିଙ୍କୁ ବିଭିନ୍ନ ଆସକ୍ତିରୁ ନିବୃତ୍ତ ରହିବା ପାଇଁ ସଚେତନତା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ କରି ଏକ ଶୁଦ୍ଧ ସମାଜ ଗଠନ ଦିଗରେ ମୋ ପ୍ରୟାସ ଜାରି ରଖିବି।
- କିଶୋର ରାଉତ, ଯୁବ ବିଜେଡି ସଭାପତି, କାଦବରାଙ୍ଗ



ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ବିଭିନ୍ନ ପ୍ରକାର ଆସକ୍ତିରୁ ଦୂରେଇ ରହିବା ପାଇଁ ସଚେତନତା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି। ମୋବାଇଲଫୋନ୍‌କୁ ଶିକ୍ଷାନୁଷ୍ଠାନ ପରିସରକୁ ଆଣିବା ପାଇଁ ବାରଣ ମଧ୍ୟ କରାଯାଇଛି। ସରକାରଙ୍କ ନିୟମ ଓ ନିର୍ଦ୍ଦେଶ ଅନୁସାରେ, ଏନେଇ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଥିବା ବେଳେ, ବିଶେଷ କରି ସ୍କୁଲ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସାମିଲ କରାଯାଇ ଆବଶ୍ୟକ ମୁତାବକ ସଚେତନତା ସୃଷ୍ଟି କରାଯାଉଛି। ଏହା ଆଗାମୀ ଭବିଷ୍ୟତ ପିଢ଼ିକୁ ସୁଦୃଢ଼ କରିପାରିବା ଲକ୍ଷ୍ୟରେ କରାଯାଉଛି।
- ପ୍ରଭାତ ନାୟକ, ସହକାରୀ ଶିକ୍ଷକ, ଆପ୍ତିରା ଉଚ୍ଚପ୍ରାଥମିକ ବିଦ୍ୟାଳୟ

# ଅବହେଳିତ ପର୍ଯ୍ୟଟନ କେନ୍ଦ୍ର ଡଗରା



କାଳିପଦା, ୩୦।୧୦ (ସମିସ): ପ୍ରାକୃତିକ ବିଭବ ଭରା ପର୍ଯ୍ୟଟନ କେନ୍ଦ୍ର ଡଗରା ଏବେ ବିଭିନ୍ନ ଦିଗରୁ ଅବହେଳିତ। ନା ରାଜ ନେତା ନା ଲୋକ ପ୍ରତିନିଧି ସଭିଏଁ ଏହାର ବିକାଶ ପ୍ରତି ବିମୁଖ। ସତେ ଯେପରି ଏହା ପାଷାଣୀ ଅହଲ୍ୟା ପରି ଅଭିସପ୍ତା। ରାଜ୍ୟ ପର୍ଯ୍ୟଟନ କେନ୍ଦ୍ର ତାଲିକାରୁ ଏହା କ'ଣ ତାର ସ୍ଥିତି ହରାଇବ? ଏହା ହିଁ ଆଜି ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡଗରାର ସୁଦୀର୍ଘ ବେଳାଭୂମି। ଚୌମୁଖ ମୁହାଁଣରୁ ଏହା ପଶ୍ଚିମକୁ ହଂସକରା ମୁହାଁଣ ପର୍ଯ୍ୟନ୍ତ ପରିବ୍ୟାପ୍ତ। ସମୁଦ୍ରରେ ମାଳ ମାଳ ଲହଡି। ଶୋଭାମୟୀ ଧାଡି ଧାଡି ଝାଉଁ ବିଥିକା। ନାଲି ଗାଲିଚା ସଦୃଶ୍ୟ ମାଳ ମାଳ ନାଲି କଙ୍କଡା ସମାବେଶ ବାସ୍ତବିକ ମୁଗ୍ଧକର। ଏହି ସବୁକୁ ଲକ୍ଷ୍ୟ କରି ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତି ତାଙ୍କ କାର୍ଯ୍ୟକାଳ ଅବଧି ମଧ୍ୟରେ ଏଠାରେ ବ୍ଲକ ଅଧିନ ଏକ ଡାକ ବଙ୍ଗଳା, ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ୟ ଏକ ଡାକ ବଙ୍ଗଳା, ସମ୍ମୁଖ ଭାଗରେ ଏକ ଶିବ ମନ୍ଦିର ଓ ଛୋଟ ପାର୍କ ନିର୍ମାଣ କରିଥିଲେ। ତହିଁ ପରଠୁ ଏହାର କୌଣସି ଆନୁସଙ୍ଗିକ ବିକାଶ ହୋଇ ନାହିଁ କହିଲେ ଚଳେ। କେବଳ ଡଗରା ପଞ୍ଚାୟତ ପକ୍ଷରୁ ପାନୀୟ ଜଳ ଯୋଗାଣ, ଆଲୋକ ବ୍ୟବସ୍ଥା, ପର୍ଯ୍ୟଟକଙ୍କ ବସିବା ପାଇଁ କେତେ ଗୁଡିଏ ସିମେଣ୍ଟ ବେଞ୍ଚ ଆଦି ନିର୍ମିତ ହୋଇଛି। ୨୦୧୬ ମସିହାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ପାନ୍ଥ ନିବାସ, ଟୁରିଷ୍ଟ କମ୍ପ୍ଲେକ୍ସ, ପାର୍କ ନିର୍ମାଣ ପାଇଁ ଏକ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ ଥିଲା। ସେତେବେଳର ବାଲେଶ୍ୱର ସାଂସଦ ଇଂ ରବୀନ୍ଦ୍ର ଜେନାଙ୍କ ଉଦ୍ୟମରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ଦୀର୍ଘ ବର୍ଷ ବିତି ଯାଇଥିଲେ ବି କାମର କୌଣସି ଅଗ୍ରଗତି ହୋଇ ନାହିଁ। କାମ ନ ହେବାରୁ ସ୍ଥାନୀୟ ଲୋକମାନେ କ୍ରୋଧାନ୍ୱିତ ହୋଇ ଶିଳାନ୍ୟାସ ଫଳକକୁ ଭାଙ୍ଗି ପକାଇ ଛନ୍ତି। ଜଙ୍ଗଲ କିସମ ଜାଗା, ସିଆରଜେଡ ଅଞ୍ଚଳ ଇତ୍ୟାଦି ଦର୍ଶାଇ କାମ ବନ୍ଦ କରାଯାଇଛି ବୋଲି ପ୍ରଶାସନ ତରଫରୁ ସଫେଇ ଦିଆଯାଇଛି। ଯଦି ଏକା କିସମ ଜାଗା ତାଳସାରୀ ରେ ସବୁ ହୋଇ ପାରୁଛି ଏଠି କାହିଁକି ହୋଇ ପାରିବ ନାହିଁ? ଏହାର ଉତ୍ତର ଦେବାକୁ କେହି ନାହିଁ। ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଏଠାକୁ ବଣ ଭୋଜି କରିବା ପାଇଁ ଆସନ୍ତି। ରାତ୍ରି ରହଣିର ସେମିତି ବ୍ୟବସ୍ଥା ନ ଥିବାରୁ ସେମାନେ ନିରାଶ ହୋଇ ଫେରି ଯାଆନ୍ତି। ବାଲିଆପାଳରୁ ଡଗରା ରାସ୍ତା ମଧ୍ୟ ଅଣ ଓସାରିଆ ଓ ଶୋଚନୀୟ। ଟଙ୍କା ଆସି ଫେରିଯାଉଛି। ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ରାସ୍ତା ନାମ ଦେଇ ତାର କୌଣସି କାମ ହେଉ ନାହିଁ। ଡଗରା, ତାଳସାରୀ, ଚାନ୍ଦିପୁରକୁ ନେଇ ପର୍ଯ୍ୟଟନ ବଳୟ ହେବ ବୋଲି ନେତା ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଏବେ ଏଠି ପାଣିର ଗାର। ଏବେ ପର୍ଯ୍ୟଟନ ଋତୁ ଆରମ୍ଭ ହେବାକୁ ଯାଉଛି। ପର୍ଯ୍ୟଟକମାନେ ଅନେକ ସମୟରେ ଅସାମାଜିକ ଲୋକଙ୍କ ଶିକାର ହେଉଛନ୍ତି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ସରକାର ରାସ୍ତା ଓ ଏକ ପୁଲିସ ଫାଣ୍ଡି ପ୍ରତିଷ୍ଠା କରନ୍ତୁ ବୋଲି ସାଧାରଣରେ ଦାବି ହୋଇଛି।

## ଯାତ୍ରୀବାହୀ ବସ୍‌କୁ ପିଟିଲା ଟ୍ରକ୍; ୩ ଗୁରୁତର




ବସ୍ତା ବ୍ଲକ/ରାଜଘାଟ, ୩୦।୧୦ (ସମିସ): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ଯୁଣବଳଦା ନିୟୁ ବୁଲବୁଲ ହୋଟେଲ ସମ୍ମୁଖରେ ଯାତ୍ରୀବାହୀ ବସ ପଛପଟୁ ଏକ ଟ୍ରକ ଧକ୍କା ଦେବାରୁ ୩ଜଣ ଗୁରୁତର ହୋଇଛନ୍ତି। ଗୁରୁବାର ପୂର୍ବାହ୍ଣ ୭ଟା୩୦ ସମୟରେ ଏହେସାନ ନାମକ ଯାତ୍ରୀବାହୀ ବସ୍ ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଯୁଣବଳଦାସ୍ଥିତ ଉକ୍ତ ହୋଟେଲ ସମ୍ମୁଖରେ ବସଟି ହଠାତ୍ ବାମକୁ ବୁଲି ପଡ଼ିଥିଲା। ଏହି ସମୟରେ ପଛକୁ ଥିବା ଟ୍ରକ ବସଟିକୁ ଧକ୍କା ଦେଇଥିଲା। ଫଳରେ ବସଟିରେ ଥିବା ୩୫ଯାତ୍ରୀଙ୍କ ମଧ୍ୟରୁ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବସ୍ତା ହସ୍ପିଟାଲକୁ ନିଆଯାଇଥିଲା। ଜାତୀୟ ରାଜପଥ ପହରା ପୁଲିସ ସମେତ ଅମର୍ଦ୍ଦାରୋଡ ଫାଣ୍ଡି ପୁଲିସ ପହଞ୍ଚି ଗାଡ଼ି ବନ୍ଦୋବସ୍ତ କରି ଅନ୍ୟ ଯାତ୍ରୀଙ୍କୁ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ପଠାଇଥିଲେ। ପୁଲିସ ଗାଡ଼ି ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

■ ୨ ବର୍ଷ ଶିଶୁପୁତ୍ରର ଗୁପ୍ତାଙ୍ଗ କାଟିବା ଘଟଣା

## ୩ ବର୍ଷ ପରେ ବଡ଼ମା' ଗିରଫ

ତୁରୁମୁଙ୍ଗା, ୩୦।୧୦(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଚେମେଣା ପଞ୍ଚାୟତ ଭୃଙ୍ଗରାଜପଶି ଗ୍ରାମର ଜଣେ ୨ ବର୍ଷର ଶିଶୁପୁତ୍ରର ଗୁପ୍ତାଙ୍ଗକୁ ଗତ ୨୦୨୩ ଜାନୁଆରୀ ୮ ତାରିଖରେ କେହି କାଟି ଦେଇଥିଲା। ଘର ବାରଣ୍ଡାରେ ଖେଳୁଥିବା ସମୟରେ କେହି ଶିଶୁର ଗୁପ୍ତାଙ୍ଗକୁ ବ୍ଲେଡରେ କାଟି ଦେଇଥିଲା। ଏହି ଘଟଣାରେ ପୁଲିସ ଉକ୍ତ ଶିଶୁର ବଡ଼ମା' ଲକ୍ଷ୍ମୀ ମୁଣ୍ଡା(୪୦)କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ବ୍ଲେଡକୁ ଜବତ କରିଛି। ସୂଚନାଯୋଗ୍ୟ, ସେ ସମୟରେ ଘଟଣା ପ୍ରଘଟ ହେଲା ପରେ ଶିଶୁକୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଜେଜେମା କୁନି ମୁଣ୍ଡା ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ୩/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ପରିବାର ଲୋକେ କୌଣସି କାମରେ ଘର ବାହାରକୁ ଯାଇଥିଲା ବେଳେ ଏହି କାଣ୍ଡ ଘଟାଇଥିଲା ଲକ୍ଷ୍ମୀ ମୁଣ୍ଡା। ଶିଶୁଟି ସାଙ୍ଗ ମାନଙ୍କ ସହ ଘର ଅଗଣାରେ ଖେଳୁଥିଲା। ଶିଶୁଟି ଗୋଇଠା ମାରିଦେବାରୁ ସେ ଉତକ୍ଷିପ୍ତ ହୋଇ ଏଭଳି କରିଥିବା ପୁଲିସ ଆଗରେ ଲକ୍ଷ୍ମୀ ସ୍ୱୀକାର କରିଛି।

## ବିଦ୍ୟାଳୟ ପରିସରରେ ପରିତ୍ୟକ୍ତ ଗୃହ; ବିପଦରେ ଛାତ୍ରଛାତ୍ରୀ

ବାରିକପୁର,୩୦।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା ବିଭାଗ ଅଧୀନସ୍ଥ କେତେକ ବିଦ୍ୟାଳୟ ପରିସରରେ ଅନେକ ବର୍ଷ ହେବ ପରିତ୍ୟକ୍ତ ଗୃହ ମାନ ରହିଛି। ଯାହାକି ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ଭାବେ ଉଭା ହୋଇଛି। ସୂଚନା ମୁତାବକ, ରହଣିଆ ପଞ୍ଚାୟତ ରାଢୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଦୀର୍ଘ ବର୍ଷ ଧରି ୨ କକ୍ଷ ବିଶିଷ୍ଟ ଗୋଟିଏ ପରିତ୍ୟକ୍ତ ଗୃହ ରହିଛି। ପୂର୍ବରୁ ଏଠାରେ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରୁଥିବା ବେଳେ ଏବେ ୧୦ ବର୍ଷରୁ ଅଧିକ ହେବ ଏହା ବନ୍ଦ ହୋଇ ରହିଛି। ନୂତନ ବିଦ୍ୟାଳୟ ଗୃହ ନିର୍ମାଣ ପରେ ପୁରୁଣା ଅନୁପଯୋଗୀ ଗୃହଟି ସ୍କୁଲ ପରିସରରେ ଦଣ୍ଡାୟମାନ ହୋଇ ରହିଛି। ଏହା ଭିତରେ ଅନେକ ସରୀସୃପ ବସା ବାନ୍ଧି ରହିଛନ୍ତି। ଏପରିକି ଅନେକ ସମୟରେ କିଛି ଗଛୁଆ ନାଗ ଓ ଅନ୍ୟାନ୍ୟ ସରୀସୃପ ଉକ୍ତ ପରିତ୍ୟକ୍ତ ଗୃହରୁ ବାହାରି ପାର୍ଶ୍ୱରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ତଥା ଏଣେତେଣେ ବୁଲୁଥିବା ଗ୍ରାମବାସୀ ଜଣାଇଛନ୍ତି।

ଏହାଛଡା ଗୃହଟି ମଧ୍ୟ ଦିନକୁ ଦିନ ଦୁର୍ବଳ ହେଉଥିବା ବେଳେ କେତେବେଳେ ଯେ ଭୁଶୁଡି ପଡ଼ିବ କହି ହେଉନାହିଁ। କେବଳ ରାଢୋଠାରେ ନୁହେଁ ଜଳହରି, ଚତୁର୍ଭୁଜପୁର, ରଘୁନାଥପୁର, ଅରେଇକଣା, କହରାପୋଖରୀ, ବେଲଗଡ଼ିଆ ପ୍ରମୁଖ ବିଦ୍ୟାଳୟ ପରିସରରେ ଅନେକ ବର୍ଷ ହେବ ପରିତ୍ୟକ୍ତ ଗୃହଗୁଡିକ ଠିଆ ହୋଇରହିଛି। ଏବାବଦରେ କିଛି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୀର୍ଘ ଦିନ ହେବ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ମଧ୍ୟ ତଥ୍ୟ ପ୍ରଦାନ କରିଛନ୍ତି। ଶିକ୍ଷା ବିଭାଗ ପକ୍ଷରୁ ବ୍ଲକ ପ୍ରଶାସନକୁ ଏ ବାବଦରେ ଅବଗତ କରାଯାଇଥିବା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଣି ମଞ୍ଜୁଳା ନାୟକ କହିଛନ୍ତି। ୫୦ରୁ ୬୦ଟି ବିଦ୍ୟାଳୟ ପରିସରରେ ଅତି ସଙ୍କଟାପନ୍ନ ଭାବେ ଅବ୍ୟବହୃତ ପରିତ୍ୟକ୍ତ ଗୃହ ମାନ ରହିଥିବା ସୂଚନା ମିଳିଛି। ଏହା ଉପରେ ଜିଲ୍ଲାପାଳ ତଥା ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି।

ତଦନ୍ତକାରୀ ପୁଲିସ ଅଧିକାରୀଙ୍କ ଦାୟିତ୍ୱହୀନତା

# ଅଭିଯୁକ୍ତକୁ ୨୦ ବର୍ଷ ବଦଳରେ ହେଲା ୪ ବର୍ଷ ଜେଲ୍

**କେନ୍ଦୁଝର ପୋକ୍ସୋ କୋର୍ଟ ଦେଲେ ରାୟ**

କେନ୍ଦୁଝର,୩୦।୧୦(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନାଞ୍ଚଳରେ ଘଟିଯାଇଥିବା ବହୁଚର୍ଚ୍ଚିତ ଜଣେ ମାନସିକ ଅନଗ୍ରସରର ନାବାଳକକ ସହ ଜୋରଜବରଦସ୍ତ ଅପ୍ରାକୃତିକ ଯୌନକ୍ରିୟା ମାମଲାରେ ରାୟ ପ୍ରକାଶ ପାଇଛି। ତେବେ, ଜଣେ ଦାୟିତ୍ୱହୀନ ତଦନ୍ତକାରୀ ଅଧିକାରୀଙ୍କ ପାଇଁ ଅଭିଯୁକ୍ତକୁ ୨୦ ବର୍ଷର ଜେଲଦଣ୍ଡ ବଦଳରେ ମାତ୍ର ୪ ବର୍ଷ ଜେଲଦଣ୍ଡ ହେବା ପୁଲିସ ତଦନ୍ତର ଗୁରୁତ୍ୱକୁ ଦର୍ଶାଉଛି। ଏଭଳି ଏକ ସ୍ୱର୍ଶକାତର ମାମଲାରେ କୋର୍ଟଙ୍କ ରାୟ ପରେ ତଦନ୍ତ ଦାୟିତ୍ୱରେ ରହୁଥିବା କେତେକ ପୁଲିସ ବାବୁଙ୍କ ତଦନ୍ତଶୈଳୀକୁ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଗୁରୁବାର କେନ୍ଦୁଝର ଅତିରିକ୍ତ ଜିଲ୍ଲା ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ଜଜ ମୋନାଲିଶା ମହାନ୍ତି ୨୦୨୨ର ଏକ ମାମଲାର ରାୟ ଶୁଣାଇଛନ୍ତି। ସ୍ୱତନ୍ତ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପିପିଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ବଡ଼ବିଲ ଥାନାଞ୍ଚଳରେ ଗତ ୨୬/୭/୨୦୨୨ରେ ଜଣେ ୧୨ ବର୍ଷିୟ ମାନସିକ ଅନଗ୍ରସର ନାବାଳକ ଘର ନିକଟ ଦାଣ୍ଡରେ ଖେଳୁଥିଲା। କୋହ୍ଲବରପଦା ଗ୍ରାମର ଗଣେଶ ମୁଣ୍ଡା ତାକୁ ଫୁସୁଲାଇ ନେଇଯାଇ ଏକାନ୍ତ ସ୍ଥାନ ଦେଖି ଅପ୍ରାକୃତିକ ଯୌନ କ୍ରିୟା କରିଥିଲା। ନାବାଳକର ଜଣେ ସାଙ୍ଗ ଏହି ଘଟଣା ଦେଖିନେବାରୁ ଅଭିଯୁକ୍ତ ସେଠାରୁ ଦୌଡ଼ି ପଳାଇଥିଲା। ଘଟଣା ସମ୍ପର୍କରେ ପୀଡ଼ିତ ନାବାଳକର ଜେଜେ ମା' ଜାଣିଲା ପରେ ଗାଁର ଭଦ୍ରଲୋକଙ୍କୁ ନେଇ ଏକ ବୈଠକ ହୋଇଥିଲା। ସେଠାରେ ଅଭିଯୁକ୍ତ ସମସ୍ତଙ୍କୁ ଧମକାଇଥିଲା। ଫଳରେ ଗାଁ ଲୋକଙ୍କ ସହାୟତାରେ ଗତ ୨୮/୭/୨୦୨୨ରେ ପୀଡିତର ଜେଜେଆଇ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବଡ଼ବିଲ ଥାନା କେସ୍ ନମ୍ବର ୧୬୭/୨୦୨୨ ଦଫା ୩୭୭, ୫୦୬, ୬ ପୋକ୍ସ ଆଇନ ଅନୁସାରେ, ତଦନ୍ତ ଅଧିକାରୀ ଅଭିଯୁକ୍ତକୁ ଗିରଫକରି କୋର୍ଟ ଚାଲାଣ କରିଥିଲେ; କିନ୍ତୁ ପୀଡ଼ିତର ଜନ୍ମ ପ୍ରମାଣପତ୍ର କୋର୍ଟକୁ ଦେଇ ପାରି ନଥିଲେ। ଫଳରେ ୬ ପୋକ୍ସୋ ଆକ୍ଟ ଅନୁସାରେ ମୁଦାଲାକୁ ଦଣ୍ଡ ନହୋଇ କେବଳ ୩୭୭ରେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତ ଗଣେଶ ମୁଣ୍ଡାକୁ ୪ ବର୍ଷ ସଶ୍ରମ କାରାଦଣ୍ଡ, ୪ ହଜାର ଜରିମାନା, ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ କୋର୍ଟ ଉକ୍ତ ନିର୍ଯାତିତ ବାଳକକୁ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଆଦେଶରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପିପି ଗଣେଶ ପ୍ରସାଦ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

## ପାଣିକୋଇଲି ପୁଲିସ ପକ୍ଷରୁ ଜାତୀୟ ଏକତା ଦିବସ ପାଳିତ



ପାଣିକୋଇଲି,୩୧।୧୦(ସମିସ): ବରପୁତ୍ର ସ୍ୱର୍ଗତ ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସକୁ ସାରା ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ରୁପେ ପାଳନ କରାଯାଇଥାଏ। ଦେଶର ଅଖଣ୍ଡତା ଓ ଏକତା ବଜାୟ ରଖିବା ଲାଗି ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖ ଦିନକୁ ସାରା ଦେଶ ଏହାକୁ ପାଳିଥାଏ। ଏହି ଅବସରରେ ଯାଜପୁର ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶ କ୍ରମେ ତଥା ପାଣିକୋଇଲି ଥାନାଧିକାରୀଙ୍କ ନେତୃତ୍ୱରେ ଏକତା ଦିବସ ପାଳନ କରାଯାଇଥିଲା। କୋରେଇ ବ୍ଲକ ଅଧୀନ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଓ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଏକତା ଦିବସ ପୁଲିସ ପକ୍ଷରୁ ପାଳିତ ହୋଇଛି। ତୃତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ତିନୋଟି ବିଭାଗରେ ଭାଗ କରି ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପ୍ରାୟ ଉଭୟ ବିଦ୍ୟାଳୟର ୫ଶହ ଉର୍ଦ୍ଧ୍ୱର୍ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ଶିକ୍ଷକ ଶିକ୍ଷୟିତ୍ରୀ ପରୀକ୍ଷା ପରିଚାଳନା ଓ ମୂଲ୍ୟାଙ୍କନ କରିଥିଲେ। ପ୍ରତ୍ୟେକ ବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପାଣିକୋଇଲି ଉଚ୍ଚ ବିଦ୍ୟାଳୟରେ ମୁଖ୍ୟଅତିଥି ଭାବେ ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରେମେଶ ଚନ୍ଦ୍ର ମହାକୁଡ଼, ସଭ୍ୟ ଗଦାଧର ସାହୁ, ଅଜୟ କୁମାର ଧଳ, ଅବୁଦୁଲ ସୟଦ ଖାନ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ପ୍ରତାପ କୁମାର ପହୀ, ପ୍ରଫୁଲ୍ଲ କୁମାର ଦାଶ, ପ୍ରଫୁଲ୍ଲ କୁମାର ବେହେରା, କଳ୍ପନା ପଣ୍ଡା, ସୁଧାଂଶୁବାଳା ଦାସଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱର ପାଇଁ ନୂତନ ଟ୍ରଷ୍ଟି ନିଯୁକ୍ତ

ନୀଳଗିରି,୩୦।୧୦(ସମିସ): "ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ପାଇଁ ନୂତନ ଟ୍ରଷ୍ଟବୋର୍ଡ ଗଠନ କରାଯାଇଛି। ଓଡ଼ିଶା ସରକାରଙ୍କ ଆଇନ ବିଭାଗର ଚିଠିସଂଖ୍ୟା ୧୬୦୭୮ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ନୀଳଗିରିର ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱର ମହାଦେବ ମନ୍ଦିରର ନୂତନ ଟ୍ରଷ୍ଟବୋର୍ଡ ପାଇଁ ୯ ଜଣ ଅଣବଂଶାନୁକ୍ରମିକ ଟ୍ରଷ୍ଟି ନିଯୁକ୍ତି କରିଛନ୍ତି। ଏହି ଟ୍ରଷ୍ଟରେ ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରିର ମାନ୍ୟବର ବିଧାୟକ ସନ୍ତୋଷ କୁମାର ଖଟୁଆ, ଡିଏଫଓ ବାଲେଶ୍ୱର, ଉପଜିଲ୍ଲାପାଳ ନୀଳଗିରି, ଏସଡିପିଓ ନୀଳଗିରି, ତହସିଲଦାର ନୀଳଗିରି, ଶ୍ୟାସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ, କାଣ୍ଡଗରଡି ସରପଞ୍ଚ ରାଜେନ୍ଦ୍ର ରାଉତ, ଅସ୍ତିଆର ବରିଷ୍ଠସମାଜସେବୀ ମଧୁମାଧବ ଜେନାଙ୍କୁ ଦୁଇବର୍ଷ ପାଇଁ ଟ୍ରଷ୍ଟି ଭାବେ ନିଯୁକ୍ତି ଦିଆଯାଇଛି। ଉକ୍ତ ନଅଜଣଙ୍କ ମଧ୍ୟରୁ ଜଣକୁ ପରିଚାଳନା ଟ୍ରଷ୍ଟି ଭାବରେ ମନୋନୀତ କରିବାପାଇଁ ଏହି ପତ୍ରରେ ଉଲ୍ଲେଖ ରହିଛି। ନୂତନକରି ନିଯୁକ୍ତି ପାଇଥିବା ଟ୍ରଷ୍ଟି ପୁରାତନ ଟ୍ରଷ୍ଟି ମାନଙ୍କ ଠାରୁ ଦାୟିତ୍ୱଗ୍ରହଣ କରି ସମସ୍ତ ଆୟ ବ୍ୟୟର ତର୍ଯ୍ୟମା କରିବା ସହିତ ଆବଶ୍ୟକ ସ୍ଥଳେ କମିଶନରଙ୍କ ଦ୍?।ରା ନିଯୁକ୍ତ ଜଣେ ଅଡିଟରଙ୍କ ଦ୍ୱାରା ଅଡିଟ କରି ଦେବୋତ୍ତର କମିଶନରଙ୍କୁ ରିପୋର୍ଟ କରିବା ପାଇଁ ନିର୍ଦ୍ଦେଶ ରହିଛି। ଏତଦ୍ ଭିନ୍ନ ପରିଚାଳନା ଟ୍ରଷ୍ଟି ତୁରନ୍ତ ଦାୟିତ୍ୱରେ ରହିବା ସହିତ ସମସ୍ତ ଆୟବ୍ୟୟର ହିସାବ ରଖିବେ। ପ୍ରତିମାସରେ ଥରେ ବୋର୍ଡ ବୈଠକ ଡାକି ମନ୍ଦିରର ମରାମତି, ମନ୍ଦିର ସମ୍ପତ୍ତି ଲିଜଦେବା ଆଦି କାର୍ଯ୍ୟ ହାତକୁ ନେବାକୁ ଦେବୋତ୍ତର କମିଶନର ନିର୍ଦ୍ଦେଶ ରହିଥିବା ସୂଚନା ମିଳିଛି।

## ଟାଟା ପାୱାର ପକ୍ଷରୁ ପାଟଣା କଲେଜରେ ସଚେତନତା

ତୁରୁମୁଙ୍ଗା, ୩୦।୧୦(ସମିସ): ଟାଟା ପାୱାର ନର୍ଥ ଓଡ଼ିଶା ପାୱାର ଡିଷ୍ଟ୍ରିବୁସନ ଲିମିଟେଡ ପାଟଣା ସେକ୍ସନ ତରଫରୁ ଜାଗୃତି କାର୍ଯ୍ୟକ୍ରମ ଅନ୍ତର୍ଗତ ଯୋଜନାରେ ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଟା ପାୱାର ପାଟଣା ସେକ୍ସନ କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କାର୍ଯ୍ୟକ୍ରମକୁ ଏନସିସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ସଂଯୋଜନା କରିଥିଲେ। ଟାଟା ପାୱାର ପକ୍ଷରୁ କେନ୍ଦୁଝର ଜିଲ୍ଲା ଗ୍ରାହକ ସେବା ମୁଖ୍ୟ ମୋହିତ ସାହୁ, ମାସୁମା ନାଜ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ସୂର୍ଯ୍ୟଘର ଯୋଜନା ପାଇଁ ସୁବିଧା ସୁଯୋଗ, ବିଦ୍ୟୁତ ବିଲ୍ର ଡିଜିଟାଲ ପେମେଣ୍ଟର ଲାଭ, ବିଦ୍ୟୁତ ବ୍ୟବହାର କ୍ଷେତ୍ରରେ ସଚେତନତା ବିଷୟରେ ସୁବିସ୍ତୃତ ତଥ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଟାଟା ପାୱାର ପକ୍ଷରୁ ଲିଙ୍ଗରାଜ ମହାନ୍ତ, ସୁଶାନ୍ତ ପାରମାଣିକ, ନବକିଶୋର ମହାନ୍ତ, ଆଦର୍ଶ ବାସା, ଭତୃହରି ମହାନ୍ତ, ସୁଜାତା ନାଏକଙ୍କ ସହ ୨ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

■ ଜଗଦ୍ଧାତ୍ରୀ ମା'ଙ୍କ ଘଟ ଉତ୍ତୋଳନ ଶୋଭାଯାତ୍ରାରେ କମ୍ପିଲା ସହର

## ୮ଟି ଲୋକନୃତ୍ୟ ଓ ସାଂସ୍କୃତିକ ଦଳ ସାମିଲ



ବାରିପଦା, ୩୦।୧୦(ସମିସ): ବାରିପଦା ଭଞ୍ଜପୁରଠାରେ ମା' ଜଗଦ୍ଧାତ୍ରୀଙ୍କ ୭୩ତମ ପୂଜା ଅବସରରେ ଘଟ ଉତ୍ତୋଳନ ଶୋଭାଯାତ୍ରାରେ ସହର ପ୍ରକମ୍ପିତ ହୋଇଛି। ଗୁରୁବାର ଅପରାହ୍ନରେ ବେଲଗଡ଼ିଆ ନିକଟସ୍ଥ ଚିପଟ ନଦୀରୁ ବିଧି ଅନୁସାରେ ଘଟ ଉତ୍ତୋଳନ କରାଯାଇ ଏକ ବିରାଟ ଶୋଭାଯାତ୍ରାରେ ସହର ଓ ସାହି ପରିକ୍ରମା କରିବା ପରେ ପୂଜା ମଣ୍ଡପରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ପୁରୀ ରଥଯାତ୍ରାର ଘୋଷ ଘଣ୍ଟୁଆ ଦଳ, ଗଞ୍ଜାମ ଜିଲ୍ଲାର ଯୋଡ଼ି ଶଙ୍ଖ ଦଳ, ସମ୍ବଲପୁରର ସିଂହ ବାଜା, ଖୋର୍ଦ୍ଧା ଜିଲ୍ଲାର ଘୋଡାନାଚ, ମୟୂରଭଞ୍ଜର ଛଉ ବାଜା ଓ ସୋରିଷକୋଠା ଅଞ୍ଚଳର ସଂକୀର୍ତ୍ତନ ଦଳ, ପଶ୍ଚିମବଙ୍ଗ ମେଦିନୀପୁରର ଢାକ ବାଜା ଓ ବାରିପଦା ବ୍ରାହ୍ମଣ ସମାଜ ଦ୍ୱାରା ସଂସ୍କୃତରେ ବେଦ ପାଠ ଦଳ ସାମିଲ ହୋଇଥିଲେ। ମା'ଙ୍କ କଳସ ମୁଣ୍ଡାଇଥିଲେ ଅବନୀ ଶଙ୍କର ଷଡ଼ଙ୍ଗୀ, ସଂକଳ୍ପ କାର୍ଯ୍ୟ ମଣ୍ଟୁ ନନା ଓ ବାବୁଲି ନନା ସମ୍ପାଦନ କରିଥିଲେ। ରାତି ୯ଟାରୁ ଗୋଟାଏ ମଧ୍ୟରେ ମା'ଙ୍କ ପୂଜାବିଧି ସମ୍ପନ୍ନ ହେବବୋଲି ପୂଜକ ମହାଜନ ସମ୍ପଦ ନନା ଜଣାଇଛନ୍ତି। ଋଷିରାଜ ପଟ୍ଟନାୟକ ଓ ପ୍ରମୋଦ ମହାନ୍ତି ଶୋଭାଯାତ୍ରା ଦାୟିତ୍ୱରେ ଥିଲେ।

# ରାଣୀ ପଢ଼ିବେ ଡାକ୍ତରୀ ପାଠ

**ସହଯୋଗର ସୂତ୍ର ସାଜିଛନ୍ତି ସମାଜସେବୀ**

ହାଟଡ଼ିହୀ,୩୦।୧୦(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ଢେଙ୍କା ପଞ୍ଚାୟତ ବୀଣାପାଟିଆ ଗାଁର ଝିଅ ରାଣୀ ହେମ୍ବ୍ରମ୍ ଦିନେ କୁନି ହାତରେ କୋଦାଳ ଧରି ମୂଲ ଲାଗି ପରିବାରର ବୋଝ ମୁଣ୍ଡାଇଥିଲେ। ଏବେ ଡ଼ାକ୍ତରୀ ପାଠ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କ ପରିବାରର ଆର୍ଥିକ ଅନଟନ ଦୃଷ୍ଟିରୁ ଏହି ମେଧାବୀ ଝିଅଙ୍କ ପାଠପଢ଼ା ପାଇଁ ସହଯୋଗର ହାତ ମଧ୍ୟ ବଢ଼ିଛି। ରାଜ୍ୟ ପଦ ୪୩୮୧ ନଂରେ ଚୟନ ହୋଇ ଫୁଲବାଣୀ ମେଡିକାଲ କଲେଜରେ ଏମବିବିଏସ୍ ପଢ଼ିବା ପାଇଁ ସୁଯୋଗ ପାଇଛନ୍ତି। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଅନେକ ସେବା ସଂଗଠନ ସଂସ୍ଥା ରାଣୀଙ୍କୁ ସହଯୋଗ କରିବାକୁ ଆଗେଇ ଆସିଥିଲେ। ବିଶେଷ କରି ଯଶୋଦା ମା' ଫାଉଣ୍ଡେସନର ନିବେଦିତା ଲେଙ୍କାଙ୍କ ସହଯୋଗକ୍ରମେ ସେ ଭୁବନେଶ୍ୱରରେ ଯୁକ୍ତ ଦୁଇ ପଢି ସଫଳତା ପାଇଥିଲେ। ପରବର୍ତ୍ତୀ ସମୟରେ ସେ ମେଡିକାଲ କୋଚିଂ ନେଇଥିଲେ। ଏତେ ଅଭାବ ଅସୁବିଧା ଭିତରେ ଚଳି ରାଣୀ ଡାକ୍ତରୀ ପଢିବାକୁ ସକ୍ଷମ ହୋଇଛନ୍ତି। ଅନ୍ୟପଟେ ସମସ୍ତଙ୍କ ସହଯୋଗ ମିଳିଲେ ସେ ଜଣେ ଭଲ ଡାକ୍ତର ହୋଇ ଲୋକଙ୍କ ସେବା କରିବେ ବୋଲି କହିଛନ୍ତି ରାଣୀ।



କରୋନାରେ ବାପାଙ୍କ ମୃତ୍ୟୁ ପରେ ରାଣୀ ମୂଲ ଲାଗି ନିଜେ ପଢ଼ିବା ସହ ପରିବାର ଚଳାଉଥିଲେ। ତେବେ, ଏତେ ଅଭାବ ଅନଟନ ମଧ୍ୟ ରୋକି ପାରିଲାନି ରାଣୀଙ୍କ ସଫଳତାର ବାଟ। ଏହି ସଫଳତା ପରେ ସେ ବେଶ୍ ଖୁସି ଥିବା ପ୍ରକାଶ କରିଛନ୍ତି। ପ୍ରଥମ ପ୍ରୟାସରେ ବିଫଳ ହେବା ପରେ ପ୍ରାୟ ୭ରୁ ୮ଘଣ୍ଟା ପଢ଼ାପଢ଼ି କରୁଥିଲେ। ଏବେ ପରିଶ୍ରମର ମୂଲ୍ୟ ମିଳିଥିବାରୁ ବହୁତ ଖୁସି ଅଛନ୍ତି ବୋଲି କହିଛନ୍ତି। ତଥାପି ମେଡ଼ିକାଲ ଆଡ଼ମିଶନ ପାଇଁ ୪୦ହଜାର ଟଙ୍କା ଆବଶ୍ୟକ ଥିବାରୁ ଚିନ୍ତାରେ ପଡ଼ିଥିଲେ ରାଣୀ। ପିଲାଟି ଦିନରୁ ରାଣୀଙ୍କ ସ୍ୱପ୍ନ ଥିଲା ପାଠପଢ଼ି ଡାକ୍ତର ହେବେ। ତେଣୁ ଦିନରେ ମଜୁରୀ ଲାଗି ଘରକୁ ଫେରିବା ପରେ ରାତିରେ ପାଠ ପଢୁଥିଲେ। ମାଟ୍ରିକ ପରୀକ୍ଷାରେ ୫୧୧ ମାର୍କ ରଖିଥିଲେ। ଏଭଳି ଖୁସି ଖବର ପାଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ପ୍ରମୁଖ ରାଣୀଙ୍କ ଘରେ ପହଞ୍ଚି ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଡାକ୍ତରୀ ପଢ଼ିବା ପାଇଁ ସହଯୋଗର ହାତ ବଢ଼ାଇବେ ବୋଲି କହିଛନ୍ତି। ଅଭାବରେ ରହୁଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ରାଣୀ ନିଶ୍ଚିତ ପ୍ରେରଣାଦାୟୀ ହେବେ ବୋଲି ବିଧାୟକ ଶ୍ରୀ ସେଠୀ କହିଛନ୍ତି। ରାଣୀଙ୍କ ଏହି ସଫଳତା ପାଇଁ ଯଶୋଦା ମା' ଫାଉଣ୍ଡେସନ୍ର ନିବେଦିତା ଲେଙ୍କା ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।


**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଉପଯୁକ୍ତ ନିର୍ଣ୍ଣୟ ନେବେ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୭୫୯ - ଫିଲିପାଇନ୍ସରେ ଆସିଥିବା ଭୂମିକମ୍ପ ଯୋଗୁଁ ୧୦୦ ଲୋକଙ୍କ ପ୍ରାଣହାନି।
- ୧୯୨୦- 'ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିଅନ୍ କଂଗ୍ରେସ'ର ଗଠନ।
- ୧୯୫୩- ବେଲଜିୟମ୍‌ରେ ଟେଲିଭିଜନ ପ୍ରସାରଣ ଆରମ୍ଭ ହେଲା।
- ୧୯୭୮ - ଇରାନ୍‌ରେ ତୈଳ କର୍ମଚାରୀଙ୍କ ଧର୍ମଘଟ।
- ୧୯୮୪- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦେହାନ୍ତ।
- ୨୦୧୫- ରୁଷିଆର ମେଟ୍ରୋଜେଟ୍ ଫ୍ଲାଇଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତ ୨୨୪ ଯାତ୍ରୀ ମୃତ।

# ଜାତୀୟ ଏକତା ଦିବସ



ଆଜି ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ। ଆଜିର ଦିନକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ବିବିଧତା ମଧ୍ୟରେ ଏକତାର ଭାବନାକୁ ପ୍ରୋତ୍ସାହିତ କରିବା ଏବଂ ଜାତୀୟ ଅଖଣ୍ଡତାକୁ ବଜାୟ ରଖିବା ଆଜି ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ଏହାବାଦ୍ ଦେଶର ଆଭ୍ୟନ୍ତରୀଣ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଏହି ଦିବସ ସଭିଙ୍କୁ ସଂକଳ୍ପବଦ୍ଧ କରିଥାଏ। ଭାରତ ପରି ବିବିଧତାପୂର୍ଣ୍ଣ ଦେଶରେ ଲୋକଙ୍କ ମଧ୍ୟରେ ଏକତାକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଲୌହ ପୁରୁଷ ସର୍ଦ୍ଦାର ପଟେଲ ଭାରତ ଏକୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ୩୧ ଅକ୍ଟୋବର, ୧୮୭୫ରେ ଗୁଜରାଟର ନଡ଼ିୟାଦରେ ଜନ୍ମଗ୍ରହଣ କରିଥିଲେ। ପେସାରେ ସେ ଜଣେ ଓକିଲ ଥିଲେ। ତେବେ ରାଷ୍ଟ୍ରବାଦୀ ଗୁଣ ହିଁ ତାଙ୍କୁ ସ୍ୱାଧୀନତା ସଂଗ୍ରାମୀର ପରିଚୟ ପ୍ରଦାନ କରିଛି। ସେ ଥିଲେ ସ୍ୱାଧୀନ ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ। ଯେଉଁ ସମୟରେ ଅନେକ ଦେଶୀୟ ରାଜ୍ୟ ବିଭାଜିତ ହୋଇଥିଲା, ସେହି ସମୟରେ ସ୍ୱର୍ଗତ ପଟେଲ ଅଖଣ୍ଡ ଭାରତର ପରିକଳ୍ପନା କରିଥିଲେ। ଇତିହାସରେ 'ଭାରତର ଏକତାକାରୀ' ଭାବେ ପରିଚିତ ସର୍ଦ୍ଦାର ପଟେଲ ଦେଶ ସ୍ୱାଧୀନ ହେବା ପରେ ୫୬୫ଟି ଦେଶୀୟ ରାଜ୍ୟକୁ ଏକତ୍ର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗୁଜରାଟର ଗୋଟିଏ ସାଧାରଣ ପରିବାରରୁ ଆସିଥିବା ସର୍ଦ୍ଦାର ପଟେଲ ସ୍ୱାଧୀନ ଭାରତର ଜଣେ ମହାନ ଜନନେତା ହୋଇପାରିଥିଲେ। ୧୫ ଡିସେମ୍ବର ୧୯୫୦ ମସିହାରେ ସେ ଇହଧାମ ତ୍ୟାଗ କରିଥିଲେ। ସେହିପରି ୨୦୧୮ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ଦ୍ଦାର ପଟେଲଙ୍କ ସମ୍ମାନରେ ଗୁଜରାଟରେ ୧୮୨ ମିଟର ଉଚ୍ଚତାର 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଜାତୀୟ ଏକତା ଦିବସ ଅବସରରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଚାରଧାରା ସଂପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ। ସାରା ଦେଶରେ ଏହିଦିନ 'ଏକତା ଦୌଡ଼'ର ଆୟୋଜନ କରାଯାଏ। ଜାତୀୟ ଏକତା ଦିବସ ନାଗରିକମାନଙ୍କୁ ଏକଜୁଟ ହୋଇ ଦେଶର ପ୍ରଗତିରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପ୍ରେରଣା ଯୋଗାଇଥାଏ।

# ମଶାମୁକ୍ତ ଦେଶରେ ମଶା ଚିହ୍ନଟ



ବିଶ୍ୱର ମଶା ମୁକ୍ତ ଦେଶ କହିଲେ ଆଇସ୍‌ଲ୍ୟାଣ୍ଡକୁ ବୁଝାଏ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ଆଇସ୍‌ଲ୍ୟାଣ୍ଡ ଉପରେ ପଡ଼ିଛି। ଏଠାରେ ଏକସଙ୍ଗେ ତିନୋଟି ମଶାକୁ ଠାବ କରାଯାଇଛି। ଅନେକ ଦିନରୁ ମଶାଶୂନ୍ୟ ଦେଶ ଭାବେ ମାନ୍ୟତା ଅର୍ଜନ କରିଥିବା ଆଇସ୍‌ଲ୍ୟାଣ୍ଡରେ ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ମଶା ଦେଖାଯାଉଛନ୍ତି। ଏଠାକାର ତାପମାତ୍ରା ଏବେ ମଶା ବଂଶ ବିସ୍ତାର ପାଇଁ ଅନୁକୂଳ ହୋଇଛି ବୋଲି ଏଥିରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଆଇସ୍‌ଲ୍ୟାଣ୍ଡର ପ୍ରାକୃତିକ ବିଜ୍ଞାନ ସଂସ୍ଥାନର କୀଟତତ୍ତ୍ୱ ବିଜ୍ଞାନୀ ମେଥିୟାସ ଆଲଫ୍ରେଡସନ୍ ଏସମ୍ପର୍କରେ ସୂଚନା ଦେଇଛନ୍ତି। କିଡାଫେଲ, କଜୋସରେ କ୍ୟୁଲିସେଟା ଏନୁଲେଟା ମଶାର ତିନିଟି ନମୁନା ମିଳିଛି। ତନ୍ମଧ୍ୟରୁ ଦୁଇଟି ମାଇ ଏବଂ ଗୋଟିଏ ଅଣ୍ଡିରା ମଶା। ଏଠାରୁ ମିଳିଥିବା ମଶାଗୁଡ଼ିକ ଥଣ୍ଡା ଜଳବାୟୁରେ ବଢ଼ିପାରନ୍ତି। ମୁଖ୍ୟତଃ ଏହି ମଶା ଶୀତଦିନେ ଭୂତଳ ଘର କିମ୍ବା ପ୍ରାଣୀଙ୍କ ପାଇଁ ରଖାଯାଉଥିବା ଫସଲ ଚାରା କୋଠରୀରେ ସୃଷ୍ଟି ହୋଇଥାନ୍ତି। ତେବେ ଏହି ପ୍ରଜାତିର ମଶା ୟୁରୋପରେ ଅଧିକ ଦେଖାଯାଉଥିବାରୁ ଜାହାଜ ଦ୍ୱାରା ଏମାନେ ଆଇସ୍‌ଲ୍ୟାଣ୍ଡରେ ପହଞ୍ଚି ଥାଇ ପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ବ୍ୟୁଆର୍ଣ୍ଣ ହେଜାଲଟସନ୍ ନାମକ ବ୍ୟକ୍ତି ମଶାଙ୍କ ଫଟୋକୁ ଫେସବୁକ୍ ଗ୍ରୁପ୍‌ରେ 'ଇଫେକ୍ଟସ ଇନ୍ ଆଇସଲ୍ୟାଣ୍ଡ'ରେ ପୋଷ୍ଟ କରିଥିଲେ। ସେ ଏହି ପୋଷ୍ଟରେ ଉଲ୍ଲେଖ କରିଥିଲେ ଯେ, ୧୬ ଅକ୍ଟୋବର ସନ୍ଧ୍ୟାରେ ମଶାଙ୍କୁ ଆକର୍ଷିତ କରିବାକୁ ବ୍ୟବହୃତ ଜାଲ (ଲାଲ ୱାଇନ୍ ରିବନ) ଉପରେ ତାଙ୍କର ନଜର ପଡ଼ିଥିଲା। ଏଥିରେ ସେ ଏକ ଅଜବ କୀଟକୁ ଦେଖିଥିଲେ। ଏହାକୁ ନେଇ ମନରେ ସନ୍ଦେହ ହେବାରୁ ସେ ଏହାକୁ ବିଜ୍ଞାନ ପ୍ରତିଷ୍ଠାନକୁ ପଠାଇଥିଲେ। ଏହାବାଦ୍ ସେ ଅନ୍ୟ ଦୁଇଟି ମଶା ମଧ୍ୟ ଠାବ କରିଥିଲେ। କିଛି ଦିନ ପୂର୍ବରୁ ଏଠାରେ ମଶାବଂଶ ବିସ୍ତାର କରିବ ବୋଲି ବୈଜ୍ଞାନିକମାନେ ଭବିଷ୍ୟବାଣୀ କରିଥିଲେ। ଏବେ ଏକଥା ସତ ପ୍ରମାଣିତ ହୋଇଛି। ଗ୍ଲୋବାଲ ହିଟ୍ ହେଲ୍ଥ ଇନ୍‌ଫର୍ମେଶନ ନେଟୱର୍କ ୨୦୨୫, ଜୁନ୍‌ର ଏକ ରିପୋର୍ଟ ଅନୁସାରେ, 'ଉତ୍ତର ଗୋଲାର୍ଦ୍ଧର ଅବଶିଷ୍ଟ ଅଂଶ ତୁଳନାରେ ଆଇସଲ୍ୟାଣ୍ଡରେ ଚାରିଗୁଣ ଅଧିକ ଗରମ ହେଉଛି। ଗ୍ଲେସିୟର ତରଳିବାରୁ ଏଠାରେ ଏକ ବିଶେଷ ପ୍ରଜାତିର ମାଛ ଦେଖାଯାଇଛନ୍ତି, ଯାହାକି ଗରମ ଜଳବାୟୁରେ ଦେଖାଯାଏ।'


# ବିନା ବ୍ରେକ୍‌ରେ ସୁଟ୍ ହେଲା 'ଜଟାଧାରା'ର କ୍ଲାଇମାକ୍ସ



ସୁଧୀର ବାବୁ ଓ ସୋନାକ୍ଷୀ ସିହ୍ନାଙ୍କ ଅଭିନୀତ 'ଜଟାଧାରା' ଫିଲ୍ମ ନଭେମ୍ବର ୭ରେ ପରଦାକୁ ଆସିବ। ନିକଟରେ ଫିଲ୍ମର ପ୍ରଯୋଜକ ଶିବିନ ନାରଙ୍ଗ ଏହାର କ୍ଲାଇମାକ୍ସ ସିନ୍ ସମ୍ପର୍କରେ କହିଛନ୍ତି। ସେ କହିଛନ୍ତି, 'ଏହାର କ୍ଲାଇମାକ୍ସକୁ ଲଗାତାର ୨୪ ଘଣ୍ଟା ଧରି ସୁଟ୍ କରାଯାଇଛି। ଏହାର କ୍ଲାଇମାକ୍ସ ହିଁ ଫିଲ୍ମର ଆକର୍ଷଣ ସାଜିବ। ଏହି ସିନ୍ ପାଇଁ ସୋନାକ୍ଷୀ ଓ ସୁଧୀର ଶାରୀରିକ, ମାନସିକ ଓ ଭାବନାତ୍ମକ ଭାବେ ଯୋଡ଼ି ହୋଇ ରହିଥିଲେ। ପୂରା ଟିମ୍ କ୍ଲାଇମାକ୍ସ ପାଇଁ ଲଗାତାର ତିନି ଦିନ ଧରି ବିନା ବ୍ରେକ୍‌ରେ ସୁଟିଂ କରିଥିଲା। 'ଜଟାଧାରା'ର କ୍ଲାଇମାକ୍ସ ବଡ଼ ପରଦାରେ ଦେଖାଯାଉଥିବା ସବୁଠୁ ଉନ୍ନତମାନର କ୍ଲାଇମାକ୍ସ ହେବ।' ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଭେଙ୍କଟ କଲ୍ୟାଣ ଓ ଅଭିଷେକ ଜୟସୱାଲ ଅଛନ୍ତି। ଫିଲ୍ମରେ ପୌରାଣିକ କଥା ସହ କଳାଯାଦୁ, ଅଭିଶାପ ଓ ଏକ ରହସ୍ୟମୟ ଗୁପ୍ତଧନକୁ ଦେଖାଯାଇଛି। ଇତିମଧ୍ୟରେ ଫିଲ୍ମର ଟ୍ରେଲର୍ ସହ ଦୁଇଟି ଗୀତ ରିଲିଜ୍ ହୋଇଛି। ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଦିବ୍ୟା ଖୋସଲା, ଶିଳ୍ପା ଶିରୋଦକର, ଇନ୍ଦିରା କ୍ରୀଷ୍ଣା, ରବି ପ୍ରକାଶ, ନବୀନ ନେନି ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।

## ସଞ୍ଜୀବନୀ

# ଷ୍ଟେମ୍ ସେଲ୍ ଥେରାପି



ଷ୍ଟେମ୍ ସେଲ୍ ଥେରାପି ଏକ ପ୍ରକାର ଅତ୍ୟାଧୁନିକ ଚିକିତ୍ସା। ଏହା ବ୍ୟୟ ବହୁଳ। ମନୁଷ୍ୟ ଶରୀରରେ କ୍ଷତିଗ୍ରସ୍ତ ତଥା ରୋଗାଗ୍ରସ୍ତ କୋଷର ପୁନଃକାର୍ଯ୍ୟକ୍ଷମ ପାଇଁ ଷ୍ଟେମ୍ କୋଷର ଉପଯୋଗ କରାଯାଇଥାଏ। ଏହା କ୍ଷତିଗ୍ରସ୍ତ କୋଷରେ ପରିବର୍ତ୍ତନ ଆଣି ଶରୀରକୁ ଆପେ ଠିକ୍ କରିଥାଏ। ଏଥିପାଇଁ ଶରୀରରୁ ବିଭିନ୍ନ ସ୍ଥାନରୁ ଷ୍ଟେମ୍ କୋଷ ବାହାର କରାଯାଇ ଏହାକୁ କ୍ଷତିଗ୍ରସ୍ତ କୋଷରେ ବ୍ୟବହାର କରାଯାଏ। ମୁଖ୍ୟତଃ ବିଭିନ୍ନ ରୋଗ ଯଥା- ରକ୍ତ କର୍କଟ, ଅଷ୍ଟିଓ ଆର୍ଥ୍ରାଇଟିସ୍, ହାଡ଼ ଭାଙ୍ଗିଯିବା ଆଦି କ୍ଷେତ୍ରରେ ଏହା ଉପଯୋଗ ହୋଇଥାଏ। ବର୍ତ୍ତମାନ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଅନ୍ୟାନ୍ୟ ରୋଗ ଯଥା, ହୃଦ୍‌ରୋଗ, ମସ୍ତିଷ୍କଜନିତ ରୋଗ, ମଧୁମେହ, ପାର୍କିନସନ୍ ଆଦି ରୋଗ ପାଇଁ ଏହାର ସାହାଯ୍ୟ ନେଉଛନ୍ତି। ଷ୍ଟେମ କୋଷଗୁଡିକୁ ଶରୀରର ଯେକୌଣସି କୋଷରେ ବିକଶିତ କରାଯାଇ ପ୍ରୟୋଗଶାଳାରେ ସ୍ୱତନ୍ତ୍ର ପ୍ରକାରେ ତଥା ଜେନେଟିକ୍ ଇଞ୍ଜିନିୟରିଂ ଦ୍ୱାରା ଉପଯୁକ୍ତ କେମିକାଲ ଦ୍ୱାରା ସାଧାରଣ ତନ୍ତୁକୋଷକୁ ପରିବର୍ତ୍ତନ କରାଯାଏ। ଏହି ନୂତନ କୋଷକୁ ରୋଗୀ ଶରୀରରେ ପୁନଃ ପ୍ରତିରୋପଣ କରାଯାଇଥାଏ। ଫଳରେ କ୍ଷତିଗ୍ରସ୍ତ କୋଷକୁ କାର୍ଯ୍ୟକ୍ଷମ କରିପାରେ। ଏହାଦ୍ୱାରା ଯନ୍ତ୍ରଣା ଲାଘବ ହୁଏ। ଆଣ୍ଠୁଗଣ୍ଠି ଆଘାତରେ ଷ୍ଟେମ୍ କୋଷ ଖଞ୍ଜା ଏବଂ ଅସ୍ଥି ଉପଚାରରେ ପ୍ରଭାବୀ। ଏହା ଦ୍ୱାରା ଆରାମ ମିଳିବା ସହିତ ଏହା ଗତିଶୀଳତା ବୃଦ୍ଧି କରେ। ବେଳେ ବେଳେ ଦାତାଙ୍କ କୋଷକୁ ଉପଯୋଗ କରାଗଲେ, ଏହା ବିଭିନ୍ନ ଜଟିଳ ରୋଗ ସୃଷ୍ଟି କରିପାରେ। ତେଣୁ ସେ କ୍ଷେତ୍ରରେ ଷ୍ଟେମ୍ ସେଲ୍ ଥେରାପି ଜୀବନରେ ଗୁଣବତ୍ତା ବୃଦ୍ଧି କରେ।

# ମୁଖଗହ୍ୱର ସ୍ୱଚ୍ଛତାରୁ କର୍କଟ ନିରୂପଣ

**ମୁଖ ଗହ୍ୱର ଶରୀରର ଦର୍ପଣ ସଦୃଶ। ଏହାର ସ୍ୱଚ୍ଛତା ଦାନ୍ତ ଏବଂ ମାଢ଼ିକୁ ସୁସ୍ଥ ରଖିବା ସହ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ। ହୃଦ୍‌ରୋଗ, ମଧୁମେହ, ବିଭିନ୍ନ କର୍କଟ ଭଳି ରୋଗ ଆଶଙ୍କାକୁ ଏହା ହ୍ରାସ କରେ। ତେଣୁ ଦିନକୁ ଦୁଇଥର ସଠିକ୍ ଢଙ୍ଗରେ ବ୍ରଶ୍ କରିବା ଓ ଆୟୁର୍ବେଦିକ ସମାଧାନ ଗ୍ରହଣ ଆଦିକୁ ଧ୍ୟାନ ଦେଲେ, କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ଜଟିଳତା ହ୍ରାସ ପାଇପାରେ।**



ଡା. ସୋନିଆ ଦତ୍ତ

### ମୁଖ ଗହ୍ୱର ସ୍ୱାସ୍ଥ୍ୟ ସହିତ ଅନ୍ୟ ରୋଗର ସମ୍ପର୍କ

ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ବ୍ୟକ୍ତିଙ୍କ ପାଇଁ ମୁଖଗହ୍ୱରର ସ୍ୱଚ୍ଛତା ବଜାୟ ରଖିବା ନିହାତି ଆବଶ୍ୟକ। ଏହା ସେମାନଙ୍କ ଜୀବନଶୈଳୀକୁ ସକାରାତ୍ମକ ଭାବେ ପ୍ରଭାବିତ କରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏମ୍ସ ଏବଂ ପ୍ରମୁଖ ସଂସ୍ଥାନର ଗବେଷଣାରୁ ସ୍ପଷ୍ଟ ହୋଇଛି ଯେ, ମୁଖ ଗହ୍ୱରର ସ୍ୱଚ୍ଛତାକୁ ଧ୍ୟାନ ନ ଦେଲେ କିଛି ଜୀବାଣୁ ଖାଦ୍ୟନଳୀ ଦେଇ ଶରୀର ଭିତରକୁ ଯାଇ ରୋଗ ସୃଷ୍ଟି କରିପାରନ୍ତି। ଦୀର୍ଘକାଳୀନ ମାଢ଼ିରୋଗ, ମାଢ଼ି ଫୁଲା, ମୁଖ ଗହ୍ୱର ଅପରିଷ୍କାର ସଂକ୍ରମଣର କାରଣ ସାଜି ମୁଖ ଗହ୍ୱର ଓ ଗଳା କର୍କଟ ସୃଷ୍ଟି କରେ। କେବଳ ସେତିକି ନୁହେଁ; ମସ୍ତିଷ୍କ, ପାକସ୍ଥଳି, ଫୁସ୍‌ଫୁସ୍, ପ୍ରୋଷ୍ଟେଟ୍ କର୍କଟ ଆଦି ହେବାର ଆଶଙ୍କା ଥାଏ। ତେଣୁ ଭଲ ଭାବେ ମୁଖ ପରିଷ୍କାର କରିବା, ବର୍ଷକୁ ଥରେ ଦାନ୍ତ ପରୀକ୍ଷା, ଦିନକୁ ଦୁଇଥର ଭଲ କରି ବ୍ରଶ୍ କରିବା ଦ୍ୱାରା ବିଶେଷ କରି ଗଳା ଏବଂ ମସ୍ତିଷ୍କ କର୍କଟର ବିପଦ ହ୍ରାସ ପାଇଥାଏ। ଦାନ୍ତ ପରୀକ୍ଷା ଦ୍ୱାରା ଏହା ମୁଖ ଗହ୍ୱର କର୍କଟର ପ୍ରାରମ୍ଭିକ ଅବସ୍ଥାକୁ ଚିହ୍ନଟ କରି ସତର୍କ କରାଏ। ଡାକ୍ତର ଦାନ୍ତଜନିତ ସମସ୍ୟା, ପାଟି ଘା' ଆଦିକୁ ଦେଖି ରୋଗ ବାରିଥାନ୍ତି। ଫଳରେ ମୁଖ ଗହ୍ୱରର ସଠିକ୍ ଦେଖାଶୁଣା କରିହୁଏ। ସାମୂହିକ ଭାବେ ଏଭଳି ଯତ୍ନ ନେଲେ ଦୀର୍ଘକାଳୀନ କର୍କଟ ଆଶଙ୍କା ମଧ୍ୟ ହ୍ରାସ ପାଇଥାଏ।

### ମୁଖ ଗହ୍ୱରର ଯତ୍ନ

ଦିନକୁ ଦୁଇଥର ଆୟୁର୍ବେଦିକ ଟୁଥ୍‌ପେଷ୍ଟ (ଡାବର ରେଡ୍) ରେ ବ୍ରଶ୍ କରିବା ଜରୁରି। ଜୀବାଣୁନାଶକ ମାଉଥୱାଶ୍ ବ୍ୟବହାର କରି ପାରିବେ। ନିଶା ଓ ଧୂମପାନଠାରୁ ଦୂରେଇ ରହିଲେ କର୍କଟ ଆଶଙ୍କା ହ୍ରାସ ପାଏ। ସେହିପରି ଅତ୍ୟଧିକ ଚିନିଯୁକ୍ତ ସ୍ନାକ୍ସ, ଅମ୍ଳଯୁକ୍ତ ଖାଦ୍ୟ, କ୍ୟାଣ୍ଡି, କାର୍ବୋନେଟେଡ୍ ପାନୀୟ ଯୋଗୁଁ ଦାନ୍ତ ପୋକ ଖାଇଥାଏ। ଏହା ବଦଳରେ ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଅନ୍ତୁ। ଏହା ବ୍ୟତୀତ ଯଦି ମୁଖଗହ୍ୱରର କୌଣସି ସମସ୍ୟା ଦେଖାଦିଏ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି।

ଦନ୍ତ ବିଶେଷଜ୍ଞ

## ଘରୋଇ ଔଷଧ




ସର୍ପଗନ୍ଧା ସଞ୍ଜିବନୀ ସଦୃଶ। ସର୍ପଗନ୍ଧାକୁ ଓଡ଼ିଆରେ ପାତାଳ ଗରୁଡ କୁହାଯାଏ। ଏହି ଉଦ୍ଭିଦର ପଞ୍ଚାଙ୍ଗ ଯଥା- ଫୁଲ, ପତ୍ର, ମୂଳ, କାଣ୍ଡ, ଚେରରେ ଔଷଧୀୟ ଗୁଣ ରହିଛି। ଏହା ବିଭିନ୍ନ ରୋଗ ଦୂର କରିବାରେ ସାହାଯ୍ୟ କରେ।

ଉଚ୍ଚ ରକ୍ତଚାପ, ଚିନ୍ତା, ମାନସିକ ରୋଗ, ନିଦ୍ରାହୀନତା ଆଦି ରୋଗ ପାଇଁ ସର୍ପଗନ୍ଧା ଲାଭକରୀ। ଚିକିତ୍ସକଙ୍କ ପରାମର୍ଶ ନେଇ ସର୍ପଗନ୍ଧା ପଞ୍ଚାଙ୍ଗର ଯେକୌଣସି ଅଙ୍ଗକୁ ଅନୁମୋଦିତ ହାତରେ କ୍ୱାଥ କରି ସେବନ କରାଯାଏ। ଏହାଦ୍ୱାରା ଚକ୍ତଚାପ ନିୟନ୍ତ୍ରଣରେ ରହିଥାଏ। ହୃଦୟ ସୁସ୍ଥ ରୁହେ। ସେହିପରି ପୂରା ପଞ୍ଚାଙ୍ଗର ଚୂର୍ଣ୍ଣରୁ ବଟିକା ବା ଘନ ବଟିକା ଉପଲବ୍ଧ ରହିଛି। ଏହାକୁ ଚିକିତ୍ସକଙ୍କ ପରାମର୍ଶରେ ବ୍ୟବହାର କଲେ ରକ୍ତଚାପ ସନ୍ତୁଳିତ ହୁଏ। ଅପସ୍ମାର, ମସ୍ତିଷ୍କ ରୋଗ, କଲେରା ଆଦି ରୋଗରେ ସର୍ପଗର୍ନ୍ଧାକୁ ଏକ ଉପଯୋଗୀ ଔଷଧ ଭାବେ ବ୍ୟବହାର କରାଯାଏ।

- ବାତ, ଯନ୍ତ୍ରଣା, ଜ୍ୱର ଆଦି ଦୂର କରିବାର ମଧ୍ୟ ଏହାର ଶକ୍ତି ରହିଛି। କୋଷ୍ଠକାଠିନ୍ୟ, ପେଟ ଯନ୍ତ୍ରଣା ରୋଗରେ ଏହା ଉପକାରୀ ଔଷଧ ଭାବେ ବ୍ୟବହୃତ ହୁଏ।
- ବିନା ଚିକିତ୍ସକଙ୍କ ପରାମର୍ଶରେ ସର୍ପଗନ୍ଧା ସେବନ କଲେ ରକ୍ତଚାପ କମିଯିବା ସହିତ ମସ୍ତିଷ୍କରେ ରକ୍ତ ସଞ୍ଚାଳନ ହ୍ରାସ ପାଇବ। ଏଥିପ୍ରତି ଧ୍ୟାନ ଦେବା ଜରୁରି।


## ରୋଗୀଙ୍କୁ ସଚେତନ କରେ
# ଔଷଧ ଷ୍ଟ୍ରିପ୍‌ର ନାଲି ଗାର




ଚିକିତ୍ସା ପାଇଁ ଔଷଧ ଦୁଇଥର କିମ୍ବା ବାରମ୍ବାର ବ୍ୟବହାର କରାଯାଇଥାଏ। ତେବେ ଦୈନନ୍ଦିନ ବ୍ୟବହୃତ ଔଷଧ ଷ୍ଟ୍ରିପ୍‌ର ନାଲିଗାରକୁ ପ୍ରାୟ ଅଣଦେଖା କରନ୍ତି। ଏହି ଗାର ଡିଜାଇନ୍ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ ଚେତାବନୀ। ଡାକ୍ତରଙ୍କ ବିନା ପରାମର୍ଶରେ ଏହି ଔଷଧ ଖାଇବା ଅନୁଚିତ ବୋଲି ନାଲି ଗାର ଚେତାଇଥାଏ। ଏହି ଔଷଧକୁ 'ରେଡ ଲାଇନ୍ ମେଡିସିନ୍' ମଧ୍ୟ କୁହାଯାଏ। ମୁଖ୍ୟତଃ ଆଣ୍ଟିବାୟୋଟିକ୍, ଷ୍ଟ୍ରଙ୍ଗ ପେନ୍‌କିଲର କିମ୍ବା ହର୍ମୋନାଲ୍ ଔଷଧ ଆଦି ଷ୍ଟ୍ରିପ୍‌ରେ ନାଲି ଗାର ରହିଥାଏ। ତେଣୁ ଏହି ଔଷଧକୁ ଡାକ୍ତରଙ୍କ ବିନା ପରାମର୍ଶରେ ସେବନ କଲେ, ଏହା ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି କରେ। ଉଦାହରଣ ସ୍ୱରୂପ, ଡାକ୍ତରଙ୍କ ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ଅନୁମୋଦିତ ହାରରେ ଉପଯୋଗ ନ କଲେ ଶରୀରରେ କିଛି ଜୀବାଣୁ ଜୀବିତ ରୁହନ୍ତି। ଏହି ଜୀବିତ ଜୀବାଣୁ ପରବର୍ତ୍ତୀ ସମୟରେ ପ୍ରତିରୋଧୀ ବନି ପାରନ୍ତି। ଫଳରେ ଜଣେ ବ୍ୟକ୍ତିଙ୍କ ଶରୀରରେ ସେହି ଔଷଧ ବଦଳରେ ଅଧିକ ପାୱାରଯୁକ୍ତ ଔଷଧ ଆବଶ୍ୟକ ହୁଏ। ଏହି ପ୍ରତିରୋଧୀ 'ସୁପରବଗ୍ସ' ବନିପାରନ୍ତି। ବେଳେ ବେଳେ ସଂକ୍ରମଣ ବଢ଼ି ଯାଇପାରେ ନତୁବା ଶରୀରରେ ଅନ୍ୟ ଔଷଧ ସହିତ ପ୍ରତିକ୍ରିୟା ସୃଷ୍ଟି କରାଏ। ସେଥିପାଇଁ ନାଲି ଗାର ଡାକ୍ତରଙ୍କ ପରାମର୍ଶରେ ସେବନ କରିବାକୁ ସୂଚାଇ ଥାଏ। ତେଣୁ ଡାକ୍ତରଙ୍କ ପରାମର୍ଶ ତଥା ପ୍ରେସ୍କ୍ରିପସନ୍ ଅନୁସାରେ ଔଷଧର କୋର୍ସ ପୂରା କରିବା ଆବଶ୍ୟକ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଔଷଧ ଷ୍ଟ୍ରିପ୍‌ରେ ନାଲି ଗାର ଥିଲେ ନାମ, ମାତ୍ରା, ଅବଧିକୁ ଭଲ ଭାବେ ପଢ଼ି ନେବା ଆବଶ୍ୟକ।

# ବିଶ୍ୱ କ୍ରିକେଟ୍‌କୁ ଭାରତ ନିୟନ୍ତ୍ରଣ କରୁଛି: ଗ୍ରେଗ୍ ଚାପେଲ

**ନୂଆଦିଲ୍ଲୀ, ୩୦।୧୦(ଏଜେନ୍ସି):** ଭାରତ ତାହାର ଆର୍ଥିକ କ୍ଷମତା ବ୍ୟବହାର କରି ବିଶ୍ୱ କ୍ରିକେଟ୍‌କୁ ପ୍ରଭାବିତ କରୁଛି ବୋଲି ମ୍ୟାଚ୍ ରେଫରି ଇଂଲଣ୍ଡର କ୍ରିସ୍ ବ୍ରଡ୍‌ଙ୍କ ଅଭିଯୋଗକୁ ସମର୍ଥନ କରିଛନ୍ତି ଅଷ୍ଟ୍ରେଲିଆର କିମ୍ବଦନ୍ତି ଖେଳାଳି



ତଥା ଭାରତୀୟ କ୍ରିକେଟ ଦଳର ପୂର୍ବତନ କୋଚ୍ ଅଷ୍ଟ୍ରେଲିଆର ଗ୍ରେଗ୍ ଚାପେଲ। ଚାପେଲଙ୍କ କହିବା ଅନୁଯାୟୀ ଅର୍ଥ ବଳରେ ଭାରତ ବିଶ୍ୱ କ୍ରିକେଟ୍‌କୁ ନିୟନ୍ତ୍ରଣ କରୁଛି। ସେ ଯେତେବେଳେ ଭାରତୀୟ ଦଳର ହେଡ୍ କୋଚ୍ ଥିଲେ, ସେତେବେଳେ ସ୍ଲୋ ଓଭର ରେଟ୍ ଯୋଗୁଁ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। ମ୍ୟାଚ୍ ରେଫରି ବ୍ରଡ୍‌ଙ୍କୁ ଟେଲିଫୋନ ଯୋଗେ ଦଣ୍ଡ କୋହଳ କରିବାକୁ ତତ୍‌କାଳୀନ ଆଇସିସି ମୁଖ୍ୟ ଜଗମୋହନ ଡାଲମିଆ କହିଥିଲେ। ବ୍ରଡ୍ ଏକଥା ଲଣ୍ଡନରୁ ପ୍ରକାଶିତ ଟେଲିଗ୍ରାଫ୍‌କୁ କହିଥିଲେ। ଏବେ ସିଡନୀ ହେରାଲ୍ଡରେ ବ୍ରଡ୍‌ଙ୍କୁ ସମର୍ଥନ କରିଛନ୍ତି ଚାପେଲ। ୨୦୦୫ରେ ଚାପେଲ ଭାରତର କୋଚ୍ ଦାୟିତ୍ୱରେ ଥିଲେ। ଗାଙ୍ଗୁଲିଙ୍କ ଦଣ୍ଡ କିପରି କୋହଳ ହେବ ସେଥିଲାଗି ଚେଷ୍ଟା କରିବାକୁ ଚାପେଲଙ୍କ ଉପରେ ଚାପ ପକାଇଥିଲେ ଡାଲମିଆ। ଉଭୟ ଗାଙ୍ଗୁଲି ଓ ଡାଲମିଆ ଗୋଟିଏ ରାଜ୍ୟର ହୋଇଥିବାରୁ ଏଭଳି କଥା ସୃଷ୍ଟି ହୋଇଥିଲାବୋଲି ଚାପେଲ କହିଛନ୍ତି। ଏଣୁ ଆର୍ଥିକ କ୍ଷମତା ବଳରେ ଭାରତ ବିଶ୍ୱ କ୍ରିକେଟରେ ପ୍ରଭାବ ବିସ୍ତାର କରୁଛି ବୋଲି ବ୍ରଡ୍‌ଙ୍କ ଅଭିଯୋଗକୁ ଚାପେଲ ସମର୍ଥନ କରିଛନ୍ତି।

# କେକେଆର୍‌ର ନୂଆ କୋଚ୍ ହେଲେ ନାୟାର

**କୋଲକାତା, ୩୦ ।୧୦ (ଏଜେନ୍ସି):** ତିନିଥରର ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଆଇପିଏଲ୍‌ର ଆଗାମୀ ସିଜନ ଲାଗି ଅଭିଷେକ ନାୟାରଙ୍କୁ ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରିଛି। ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ସ୍ଥାନରେ



ନାୟାର ଏହି ଗୁରୁଦାୟିତ୍ୱ ତୁଲାଇବେ। ପଣ୍ଡିତ ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ କେକେଆର୍ ଦଳର ମୁଖ୍ୟ କୋଚ୍ ରହିଥିଲେ। ତାଙ୍କ ସମୟରେ କେକେଆର୍ ତୃତୀୟଥର ଲାଗି ୨୦୨୪ରେ ଚାମ୍ପିଅନ ହୋଇଥିଲା। କିନ୍ତୁ ଆଇପିଏଲ୍‌ର ଗତ ସଂସ୍କରଣରେ କୋଲକାତା ନୈରାଶ୍ୟଜନକ ପ୍ରଦର୍ଶନ କରି ପ୍ଲେ-ଅଫ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା। ଏହାପରେ ଫ୍ରାଞ୍ଚାଇଜ ଚଳିତ ବର୍ଷ ପ୍ରାରମ୍ଭରେ ପଣ୍ଡିତଙ୍କ ସହ ସମ୍ପର୍କ ତୁଟାଇଥିଲା। ୪୨ ବର୍ଷୀୟ ନାୟାର ଏଥିପୂର୍ବରୁ ୨୦୧୮ରୁ ୨୦୨୪ ପର୍ଯ୍ୟନ୍ତ କୋଲକାତାର ପ୍ରଶିକ୍ଷକ ମଣ୍ଡଳୀରେ ବିଭିନ୍ନ ଭୂମିକାରେ ସଫଳତାରେ କାର୍ଯ୍ୟ ତୁଲାଇଥିଲେ। ଏହାପରେ ୨୦୨୪ରେ ତାଙ୍କୁ ଭାରତୀୟ ଦଳର ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିଲା। କିନ୍ତୁ ଚଳିତ ବର୍ଷ ଏପ୍ରିଲରେ ତାଙ୍କ ଚୁକ୍ତିକୁ ବିସିସିଆଇ ଶେଷ କରିଦେଇଥିଲା। ଉଲ୍ଲେଖଯୋଗ୍ୟ, ଏବେ ଡ୍ୱେନ ବ୍ରାଭୋ କେକେଆର୍ ଦଳର ପରାମର୍ଶଦାତା ରହିଛନ୍ତି।

## ■ ପ୍ରୋ କବାଡ଼ି ଲିଗ୍ ଫାଇନାଲ

# ଆଜି ଦିଲ୍ଲୀ-ପଲ୍‌ଟନ୍ ମଧ୍ୟରେ ଲଢ଼େଇ

**ନୂଆଦିଲ୍ଲୀ, ୩୦ ।୧୦ (ଏଜେନ୍ସି):** ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣ ଫାଇନାଲ ଶୁକ୍ରବାର ସ୍ଥାନୀୟ ତ୍ୟାଗରାଜ ଇଣ୍ଡୋର ଷ୍ଟାଡିୟମରେ ଖେଳାଯିବ। ଦବଙ୍ଗ ଦିଲ୍ଲୀ ଓ ପୁନେରୀ ପଲ୍‌ଟନ୍ ମଧ୍ୟରେ ଟାଇଟଲ୍ ପାଇଁ

**ଆରମ୍ଭ: ସନ୍ଧ୍ୟା ୭ଟା ୩୦**

**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ**

ଲଢ଼େଇ ହେବ। ଉଭୟ ପୁନେରୀ ଓ ଦବଙ୍ଗ ଲିଗ୍ ପର୍ଯ୍ୟାୟରେ ଦମ୍‌ଦାର ପ୍ରଦର୍ଶନ କରି ସମାନ ୨୬ ପଏଣ୍ଟ ଲେଖାଏ ପାଇବା ସହ ଟେବଲର ପ୍ରଥମ ଦୁଇ ସ୍ଥାନରେ ରହିଥିଲେ। ଏହାପରେ କ୍ୱାଲିଫାୟର-୧ରେ ଦିଲ୍ଲୀ ଟାଇବ୍ରେକରରେ ୬-୪ରେ ପଲ୍‌ଟନକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲା। ସେହିଭଳି ପଲଟନ୍ ଦ୍ୱିତୀୟ କ୍ୱାଲିଫାୟରରେ ତେଲଗୁ ଟାଇଟାନ୍ସକୁ ପରାସ୍ତ କରି ଫାଇନାଲ ଟିକଟ୍ ହାସଲ କରିଥିଲା। ପିକେଏଲ୍ ଇତିହାସରେ ଦିଲ୍ଲୀ ଓ ପୁନେରୀ ପଲଟନ୍ ମଧ୍ୟରେ ମୋଟ୍ ଉପରେ ୨୭ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ପଲଟନ୍ ୧୩ଟି ଓ ଦିଲ୍ଲୀ ୧୧ ମ୍ୟାଚରେ ବିଜୟୀ ହୋଇଛି। ତିନୋଟି ମ୍ୟାଚ୍ ଟାଇ ରହିଛି।

**ମହିଳା କ୍ରିକେଟ ବିଶ୍ୱକପ୍**

# ଭାରତ ବିପକ୍ଷରେ ଲିଚ୍‌ଫିଲ୍ଡଙ୍କ ଶତକ

**ନଭି ମୁମ୍ବାଇ,୩୦।୧୦(ଏଜେନ୍ସି):**

ଭାରତ ବିପକ୍ଷ ମହିଳା ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆର ଫୋଏବି ଲିଚ୍ ଫିଲ୍ଡ ଶତକ ହାସଲ କରିଛନ୍ତି। ସେ ୯୩ ବଲ୍‌ରୁ ୧୧୯ ରନ୍ ଏବଂ ଦ୍ୱିତୀୟ ୱିକେଟ ଭାଗୀଦାରିରେ ଏଲିସେ ପେରୀଙ୍କ ସହ ୧୫୫ ରନ୍ ଉଠାଇବା ଫଳରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୩୩୮ ରନ୍‌ରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ପେରୀ ୮୮ ବଲ୍‌ରେ ୭୭ ଓ ଆଶଲେ ଗାର୍ଡନର ୪୫ ବଲ୍‌ରେ ୬୩ ରନ୍ କରିଥିଲେ। ଭାରତ ଏହି ଇନିଂସରେ ଏକାଧିକ ମିସ୍ ଫିଲ୍ଡିଂ କରି ଅତିକମ୍‌ରେ ଅଷ୍ଟ୍ରେଲିଆକୁ ୩୦ ରନ୍ ଦାନ କରିଛି। ତେବେ ଦଳ ପକ୍ଷରୁ ନବାଗତ ସ୍ପିନର ଶ୍ରୀ ଚରଣି ପୁଣିଥରେ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରି ୨ଟି ଏବଂ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିବା ଦୀପ୍ତି ଶର୍ମା ମଧ୍ୟ ୨ଟି ୱିକେଟ ପାଇଥିଲେ। ଅଷ୍ଟ୍ରେଲିଆ ପ୍ରଦତ୍ତ ୩୩୯ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଭାରତ ୧୮ ଓଭରରେ ଶେଫାଳି ବର୍ମା (୧୦) ଓ ସ୍ମୃତି ମନ୍ଧାନା (୨୪)ଙ୍କ ୱିକେଟ ହରାଇ ୧୦୭ ରନ ସଂଗ୍ରହ କରିନେଇଛି। ଏହି ସମୟରେ ଜେମିମା ରୋଡ୍ରିଗ୍ସେଜ୍ ୪୩ ଓ ହରମନପ୍ରିତ କୌର ୧୯ ରନ୍‌ରେ ବ୍ୟାଟିଂ କରୁଥିଲେ। ବିଶ୍ୱକପ୍‌ରେ ଭାରତ କେବେ ବି ୨୦୦ରୁ ଅଧିକ ରନ୍ ଚେଜ୍ କରି ନ ଥିଲାବେଳେ ଏଠାରେ ମ୍ୟାଚ୍ ଅଷ୍ଟ୍ରେଲିଆ ସପକ୍ଷରେ ରହିଛି। ଗତକାଲି ଇଂଲଣ୍ଡକୁ ୧୨୫ ରନ୍‌ର ବିରାଟ ବ୍ୟବଧାନରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଆଜି ମ୍ୟାଚ୍‌ର ବିଜେତା ସହ ଦକ୍ଷିଣ ଆଫ୍ରିକା ଆସନ୍ତା ରବିବାର ଫାଇନାଲ ମୁକାବିଲା କରିବ।



ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଅଧିନାୟକ ଆଲିସା ହିଲୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବା ପରେ ୬ଷ୍ଠ ଓଭରରେ ମାତ୍ର ୫ ରନ୍ କରି ଆଉଟ ହୋଇଥିଲେ। ଏହା ପରେ ଚଳିତ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରି ନ ଥିବା ଓପନର ଫୋଏବି ଲିଚ୍‌ଫିଲ୍ଡ ଏବଂ ଏଲିସେ ପେରୀ ଦମ୍‌ର ସହ ବ୍ୟାଟିଂ କରି ଦ୍ୱିତୀୟ ୱିକେଟରେ ୧୩୩ ବଲ୍‌ରୁ ୧୫୫ ରନ୍‌ର ଭାଗୀଦାରି କରିଥିଲେ। ଲିଚ୍‌ଫିଲ୍ଡ ୭୭ ବଲ୍‌ରେ ଶତକ ପୂରଣ କରିଥିଲେ ମଧ୍ୟ ୯୩ ବଲ୍‌ର ସାମ୍ନା କରି ୧୭ ଚୌକା ଓ ୩ ଛକା ସହ ସର୍ବାଧିକ ୧୧୯ ରନ୍ କରିଥିଲେ। ତାଙ୍କ ଆଉଟ ପରେ ପେରୀ ମଧ୍ୟ ବେଶି ସମୟ ତିଷ୍ଠି ନ ଥିଲେ। ସେ ୮୮ ବଲ୍‌ରୁ ୬ ଚୌକା ଓ ୨ ଛକା ସହ ୭୭ ରନ୍ କରିଥିଲେ। ଲିଚ୍‌ଫିଲ୍ଡ ଓ ପେରୀଙ୍କ ପାର୍ଟନରସିପ୍ ବଡ ସ୍କୋରର ମୂଳଦୁଆ ପକାଇଥିବାରୁ ଅନ୍ୟ ବ୍ୟାଟରମାନେ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ଆଉଟ ହୋଇଥିଲେ। କିନ୍ତୁ ଟୁର୍ଣ୍ଣାମେଣ୍ଟରେ ଭଲ ଖେଳିଥିବା ଆଶ୍‌ଲେ ଗାର୍ଡନର ୪୫ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହ ୬୩ ରନ୍ କରିବା ଫଳରେ ଦଳ ୩୩୮ ରନ୍‌ର ବିଶାଳ ସ୍କୋର କରିଥିଲା। ସମସ୍ତ ବିଶ୍ୱକପ୍‌ରେ ଏହା ଦ୍ୱିତୀୟ ସର୍ବାଧିକ ସ୍କୋର। ଅଷ୍ଟ୍ରେଲିଆ ମଧ୍ୟ ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ୬ଟି ଶତକ ଓ ସର୍ବାଧିକ ୧୧୯ଟି ଛକା ମାରି ରେକର୍ଡ କରିଛି। ଭାରତ ପକ୍ଷରୁ ମିଡଲ ଓଭରରେ କିଛି ଭଲ ବୋଲିଂକୁ ଛାଡ଼ିଦେଲେ ଅନ୍ୟ ସବୁବେଳେ ଚାପରେ ରହିଥିଲେ। ମିସ୍ ଫିଲ୍ଡିଂ ଓ କ୍ୟାଚ୍ ହାତଛଡ଼ା କରିବା ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଦଳର ଦୁଇ ସ୍ପିନର ଯୁବ ଖେଳାଳି ଶ୍ରୀ ଚରଣି ଓ ଦୀପ୍ତି ଶର୍ମା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

## ଫାଇନାଲରେ ଦକ୍ଷିଣ ଆଫ୍ରିକା

**ଗୌହାଟୀ:** ଲୌରା ୱଲଭାର୍ଟଙ୍କ ଦମ୍‌ଦାର ଶତକ ଓ ମାରିଜାନ କାପଙ୍କ ଅଲରାଉଣ୍ଡ ସଫଳତା ବଳରେ ଇଂଲଣ୍ଡକୁ ୧୨୫ ରନ୍‌ର ବିରାଟ ବ୍ୟବଧାନରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ପ୍ରଥମଥର ମହିଳା ବିଶ୍ୱକପ୍ କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଗୁଆହାଟୀର ବର୍ଷାପରା ଷ୍ଟାଡିୟମ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଧିନାୟିକା ୱଲଭାର୍ଟ ୧୪୩ ବଲ୍‌ରୁ ୨୦ ଚୌକା ଓ ୪ଛକା ସହ ୧୬୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୩୧୯ ରନ୍ କରିଥିଲା। ଜବାବରେ ୩୨୦ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରୁଥିବା ଇଂଲଣ୍ଡ ମାରିଜାନ କାପ୍‌ଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୪୨.୩ ଓଭରରେ ୧୯୪ ରନ୍ କରିଥିଲା। କାପ୍ ୨୦ରନ୍‌ରେ ୫ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା କରିଥିଲାବେଳେ ଦକ୍ଷିଣ ଆଫ୍ରିକାକୁ ଫାଇନାଲରେ ପ୍ରବେଶ କରାଇଥିଲେ। ନାଦିନ ଡି କ୍ଲେର୍କ ୨ଟି ୱିକେଟ ପାଇଥିଲେ। ଇଂଲଣ୍ଡ ପକ୍ଷରୁ ଅଧିନାୟିକା ନାତାଲି ସିଭର ବ୍ରଣ୍ଟ ସର୍ବାଧିକ ୬୪, ଆଲିସେ କାପ୍‌ସି ୫୦ ରନ୍ କରିଥିଲେ।

# ପତ୍ନୀଙ୍କୁ ସମର୍ଥନ ଲାଗି ଷ୍ଟାଡିୟମରେ ପହଞ୍ଚିଲେ ଷ୍ଟାର୍କ

**ନଭି ମୁମ୍ବଇ, ୩୦ ।୧୦ (ଏଜେନ୍ସି):** ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଘରୋଇ ଭାରତ ମଧ୍ୟରେ ଗୁରୁବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ହାଇଭୋଲଟେଜ୍ ମ୍ୟାଚରେ ପତ୍ନୀ ତଥା ଅଷ୍ଟ୍ରେଲିଆ ଦଳର ଅଧିନାୟିକା ଆଲିସା ହେଲୀଙ୍କୁ ଚିୟର କରିବା ପାଇଁ ଅନ୍ୟତମ ଅଷ୍ଟ୍ରେଲୀୟ ତାରକା କ୍ରିକେଟର୍ ମିଚେଲ ଷ୍ଟାର୍କ ନଭି ମୁମ୍ବଇରେ ପହଞ୍ଚିଥିଲେ। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଷ୍ଟାର୍କ ଉପସ୍ଥିତ ରହି ଗୁରୁତ୍ୱପୂର୍ଣ୍ଣ ସେମିଫାଇନାଲ ଲଢ଼େଇରେ ପତ୍ନୀ ହେଲୀଙ୍କ ସମେତ ଅଷ୍ଟ୍ରେଲିଆ ଦଳକୁ ସମର୍ଥନ କରୁଥିବାର ଦେଖିବାକୁ ମିଳିଥିଲା। ତେବେ ଏହି ମ୍ୟାଚରେ ଇନିଂସ ଓପନ୍ କରିଥିବା ହେଲୀ ମାତ୍ର ୧୫ଟି ବଲ୍‌ରେ ମାତ୍ର ୫ ରନ କରି ଆଉଟ୍ ହୋଇଯାଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ଚର୍ଚ୍ଚିତ କ୍ରିକେଟ୍ ଦମ୍ପତି ବିଭିନ୍ନ ମେଗା ଟୁର୍ଣ୍ଣାମେଣ୍ଟରେ ଷ୍ଟାଡିୟମରେ ଉପସ୍ଥିତ ରହି ପରସ୍ପରକୁ ସମର୍ଥନ କରୁଥିବାର ନଜିର ରହିଛି। ୨୦୨୪ ଆଇପିଏଲ୍ ସମୟରେ ଷ୍ଟାର୍କଙ୍କ ସହ ହେଲୀ ଉପସ୍ଥିତ ରହିଥିଲେ। ସେହିଭଳି ଷ୍ଟାର୍କ ମଧ୍ୟ ଗତବର୍ଷ ମହିଳା ଟି-୨୦ ବିଶ୍ୱକପ୍‌ର ଅଧିକାଂଶ ମ୍ୟାଚରେ ଷ୍ଟାଡିୟମରେ ଉପସ୍ଥିତ ରହି ହେଲୀଙ୍କୁ ଚିୟର କରିଥିଲେ। ୨୦୧୬ରେ ଷ୍ଟାର୍କ ଓ ହେଲୀ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

# ଯାଜପୁର ଟାଉନ୍‌ରେ ଅସ୍ମିତା ରଗ୍‌ବୀ ଲିଗ୍

**ଯାଜପୁର, ୩୦।୧୦(ସମିସ):** ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ଏବଂ ଯାଜପୁର ରଗ୍‌ବୀ ଆସୋସିଏସନର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଅସ୍ମିତା ରଗ୍‌ବୀ ଲିଗ୍ ଆୟୋଜିତ ହେବ। ଭାରତ ସରକାରଙ୍କ କ୍ରୀଡ଼ା ବିଭାଗ ଓ ରଗ୍‌ବୀ ଇଣ୍ଡିଆ ସହଯୋଗରେ ଏହି ଦିନିକିଆ ଲିଗ୍ ନଭେମ୍ବର ୧ରେ ଯାଜପୁର ଟାଉନସ୍ଥିତ କୁସୁମା ନିକଟବର୍ତ୍ତୀ ଯାଜପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଏହା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ସମଗ୍ର ରାଜ୍ୟରୁ ୨୦ଟି ଦଳ ଏଥିରେ ଭାଗ ନେଉଛନ୍ତି। ଏହା ସକାଳ ୮ଟାରୁ ଆରମ୍ଭ ହୋଇ ସନ୍ଧ୍ୟାରେ ଉଦ୍‌ଯାପିତ ହେବ ବୋଲି ଯାଜପୁର ରଗ୍‌ବୀ ସଂଘ ସମ୍ପାଦକ ଭରତ ସାହୁ ଜଣାଇଛନ୍ତି। ଏଥିରେ ରାଜ୍ୟ ସଂଘ ସମ୍ପାଦକ ସୁଶାନ୍ତ ସାହୁ, ଉପସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହିବେ।

# ବଲ୍ ବାଜି ଅଷ୍ଟ୍ରେଲୀୟ ଯୁବ ଖେଳାଳିଙ୍କ ବିୟୋଗ

**ମେଲବୋର୍ଣ୍ଣ, ୩୦।୧୦(ଏଜେନ୍ସି):** କ୍ରିକେଟ ଖେଳରେ ଏକ ଦୁଃଖଦ ଖବର ମିଳିଛି। ଏଠାରେ ଅଭ୍ୟାସ କରୁଥିବାବେଳେ ବଲ ବାଜି ୧୭ ବର୍ଷୀୟ ବେନ୍ ଅଷ୍ଟିନ ନାମକ ଜଣେ ଯୁବ ଖେଳାଳିଙ୍କୁ ମୃତ୍ୟୁ ଘଟିଛି। ଏହା ଫଳରେ ନଭି ମୁମ୍ବାଇରେ ଆଜି ଖେଳାଯାଇଥିବା ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ ମ୍ୟାଚ୍‌ରେ ଖେଳାଳିମାନେ କଳା ବ୍ୟାଜ୍ ପିନ୍ଧି ଖେଳିଥିଲେ। ଘଟଣାରୁ ଜଣାଯାଇଛି, ଏଠାରେ ଅନ୍ୟ ଖେଳାଳିଙ୍କ ସହ ଆଜି ବୋଲିଂ ମେସିନରେ ଅଭ୍ୟାସ କରୁଥିଲେ ବେନ୍। ମେସିନରୁ ଏକ ସ୍ପିଡ୍ ବଲ ତାଙ୍କ ମୁଣ୍ଡ ଓ ବେକ ମଧ୍ୟରେ ବାଜିଥିଲା। ଯାହା ଫଳରେ ସେ ପଡ଼ିଆରେ ଟଳି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ କ୍ରିକେଟ ଜଗତ ବା ବିଶେଷ କରି ଅଷ୍ଟ୍ରେଲିଆରେ ଶୋକର ଛାୟା ଖେଳିଯାଇଛି। ସେ ଫର୍ଣ୍ଣଟ୍ରି ଗଲି କ୍ରିକେଟ କ୍ଲବ୍‌ର ଜଣେ ଷ୍ଟାର ଖେଳାଳି ଥିଲେ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି।

**ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ଉଦ୍‌ଯାପିତ**

# ଗଞ୍ଜାମ ଜିଲ୍ଲା ଦଳଗତ ଚାମ୍ପିଅନ

**ଭୁବନେଶ୍ୱର, ୩୦।୧୦ (ସମିସ):** କଳିଙ୍ଗ ଷ୍ଟାଡିୟମ୍ ବିଜୁପଟ୍ଟନାୟକ ଭାରୋତ୍ତୋଳନ ହଲ୍‌ରେ ଚାଲିଥିବା




ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସିନିଅର, ଜୁନିଅର ଓ ୟୁଥ୍ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା ଆୟୋଜିତ ହୋଇଥିଲା। ସମସ୍ତ ବିଭାଗରେ ଗଞ୍ଜାମ ଜିଲ୍ଲା ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ସିନିଅର ବିଭାଗରେ ଖୋର୍ଦ୍ଧା, ୟୁଥ୍ ଓ ଜୁନିଅର ବିଭାଗରେ ଢେଙ୍କାନାଳ ଜିଲ୍ଲା ରନର୍ସ ଅପ୍ ହୋଇଛି। ସିନିଅର ପୁରୁଷ ବିଭାଗରେ ଗଞ୍ଜାମର ମୁନା ନାଏକ, ୟୁଥ୍ ଓ ଜୁନିଅର ବାଳକରେ ଢେଙ୍କାନାଳର ସୁବ୍ରତ ନାଏକ ବେଷ୍ଟ ଲିଫ୍ଟର ହୋଇଛନ୍ତି। ମହିଳା ବିଭାଗରେ ମୟୁରଭଞ୍ଜର ସ୍ନେହା ସୋରେନ୍, ୟୁଥ୍ ଓ ଜୁନିଅର ବାଳିକା ବିଭାଗରେ ନବରଙ୍ଗପୁରର ମିନା ସାନ୍ତା ବେଷ୍ଟ ଲିଫ୍ଟର ଭାବେ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତା ଶେଷରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି, ଭାରତୀୟ ଭାରୋତ୍ତୋଳନ ମହାସଂଘ କୋଷାଧ୍ୟକ୍ଷ ପ୍ରଦୀପ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଳ୍ପଦିନ ମଧ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାଟି ସଫଳ ହୋଇଥିବାରୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

**ଆଜି ଦ୍ୱିତୀୟ ଟି-୨୦**

# ଦମ୍ ଦେଖାଇବାକୁ ଭାରତ-ଅଷ୍ଟ୍ରେଲିଆ ପ୍ରସ୍ତୁତ

**ମେଲବୋର୍ଣ୍ଣ, ୩୦।୧୦(ଏଜେନ୍ସି):**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ପ୍ରଥମ ଟି-୨୦ ମୁକାବିଲା ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଏହା ପରେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯିବ। ବିଶ୍ୱର ଦୁଇ ଶ୍ରେଷ୍ଠ ଦଳ ନଂ-୧ ଭାରତ ଓ ନଂ-୨ ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌ରେ ନିଜର ଦମ୍ ଦେଖାଇବାକୁ ପ୍ରସ୍ତୁତ ହୋଇଛନ୍ତି। କାନବେରାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଖେଳ ସମ୍ଭବ ହୋଇଥିବା ୯.୪ ଓଭର ଭାରତ ସପକ୍ଷରେ ଯାଇଥିଲା। ବ୍ୟାଟିଂ କରିବାକୁ ଆସିଥିବା ଦଳର ପ୍ରଥମ ୩ଜଣ ବ୍ୟାଟର ଅଭିଷେକ ଶର୍ମା, ଶୁବମନ ଗିଲ୍ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭଲ ଫର୍ମରେ ଥିବା ଦର୍ଶାଇଥିଲେ। ଏମାନଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ଅଷ୍ଟ୍ରେଲିଆ ରକ୍ଷଣାତ୍ମକ ଖେଳିବାକୁ ବାଧ୍ୟ ହୋଇଥିଲା। ବର୍ଷା ଯୋଗୁଁ ଅଷ୍ଟ୍ରେଲିଆ ଏକ ନିରାଶାଜନକ ସ୍ଥିତିରୁ ରକ୍ଷା ପାଇଥିଲା। ଏବେ ଆଉ ଏକ ମୁକାବିଲା ଲାଗି ମିଚେଲ ମାର୍ଶଙ୍କ ଟିମ୍ ପ୍ରସ୍ତୁତ ହେଉଛି। ସୂର୍ଯ୍ୟକୁମାର ଯାଦବଙ୍କ ଟିମ୍ ଇଣ୍ଡିଆର ଆତ୍ମବିଶ୍ୱାସ ବଢ଼ିଥିଲାବେଳେ ୨୦୦୮ରୁ ଏଯାଏ ଦଳ ସପକ୍ଷରେ ସମସ୍ତ






ସିରିଜ୍ ଯାଇଛି। ଏଣୁ ବାକିଥିବା ୪ଟି ମ୍ୟାଚ୍‌ରୁ ଯେଉଁ ଦଳ ୩ଟିରେ ବିଜୟୀ ହେବ ସେହି ଦଳ ସିରିଜ୍ କବ୍‌ଜା କରିବ।

ବିଶ୍ୱର ଦ୍ୱିତୀୟ ବୃହତ୍ତମ ଷ୍ଟାଡିୟମ୍ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଭାରତ ୬ଟି ମ୍ୟାଚ୍ ଖେଳି ୪ଟିରେ ବିଜୟୀ ହୋଇଛି। ଏଠାରେ ଉଭୟ ପକ୍ଷର ଅଧାଡଜନେ ଖେଳାଳି ଏଠାରେ ପ୍ରଥମଥର ଖେଳିବାକୁ ଯାଉଛନ୍ତି। ବିଶେଷ କରି ବିଶ୍ୱର ନଂ-୧ ଟି-୨୦ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ସହ ଏଯାଏ ଅଷ୍ଟ୍ରେଲିଆର ମୁକାବିଲା ହୋଇନାହିଁ। ଏଠାରେ ମଧ୍ୟ କିଛି ବର୍ଷ ହେବ ଅନ୍ତର୍ଜାତୀୟ କ୍ରିକେଟ ଖେଳାଯାଇନାହିଁ। ବିଗ୍ ବାଶ୍ ଲିଗ୍ ମ୍ୟାଚ୍‌ରେ ଏଠାରେ ହାରାହାରି ଇନିଂସ ପ୍ରତି ୧୮୦ କିମ୍ବା ତା'ଠାରୁ ଅଧିକ ସ୍କୋର ହୋଇଥିଲା। ଆସନ୍ତାକାଲି ମ୍ୟାଚ୍‌ରେ ଏହି ଧାରା ବଜାୟ ରହିବ ବୋଲି ଆଶା କରାଯାଉଛି। ପ୍ରଥମ ମ୍ୟାଚ୍ ଲାଗି ମନୋନୀତ ହୋଇଥିବା ଖେଳାଳିମାନେ ଖେଳିବା ସୁଯୋଗ ପାଇ ନ ଥିଲେ। ଏଣୁ ଦ୍ୱିତୀୟ ମ୍ୟାଚ୍‌ରେ ଉଭୟ ଦଳ ଖେଳାଳି ପରିବର୍ତ୍ତନ କରିବେ ନାହିଁ ବୋଲି ଆଶା କରାଯାଉଛି। ଭାରତୀୟ ଦଳର ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଆହତ ହୋଇ ଅତିକମ୍‌ରେ ପ୍ରଥମ ୩ଟି ମ୍ୟାଚ୍ ଖେଳିବେ ନାହିଁ। ଆବଶ୍ୟକ ହେଲେ ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ।

**ଆଜିର ମ୍ୟାଚ୍**
**ଭାରତ - ଅଷ୍ଟ୍ରେଲିଆ**
**ଖେଳ ଆରମ୍ଭ : ଅପରାହ୍ଣ ୧ଟା ୪୫**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓ ହଟଷ୍ଟାର**

**ଗୁଆହାଟୀରେ ନୂଆ ପରମ୍ପରା**

# ଆଗ ଟି', ପରେ ଲଞ୍ଚ୍

**ଗୁଆହାଟୀ, ୩୦।୧୦(ଏଜେନ୍ସି):** ଟେଷ୍ଟ କ୍ରିକେଟ ଇତିହାସରେ ଏକ ନୂଆ ପରମ୍ପରା ସୃଷ୍ଟି ହେବାକୁ ଯାଉଛି। ଏହା ହେଉଛି ଟେଷ୍ଟ ମ୍ୟାଚ୍‌ରେ ପ୍ରଥମେ ଟି' ବା ଚା' ପାନ ବିରତି ହେବ ଓ ପରେ ଲଞ୍ଚ୍ ବା ମଧ୍ୟାହ୍ନ ଭୋଜନ ହେବ। ଆସାମର ଗୁଆହାଟୀରେ ନଭେମ୍ବର ୨୨ରୁ ୨୬ ଯାଏ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ଏଠାରେ ହେବ ପ୍ରଥମ ଟେଷ୍ଟ ମ୍ୟାଚ୍। ଏଠାରେ ସୂର୍ଯ୍ୟୋଦୟ ଆଗୁଆ ହୁଏ ଓ ସୂର୍ଯ୍ୟାସ୍ତ ମଧ୍ୟ ପଛରେ ହୁଏ। ଏଣୁ ଖେଳ ମଧ୍ୟ ଆଗୁଆ ଆରମ୍ଭ ହେବ। ଏଠାରେ ସକାଳ ୯ଟାରୁ ଖେଳ ଆରମ୍ଭ ହେବ। ପ୍ରଥମ ସେସନ ପୂର୍ବାହ୍ଣ ୧୧ଟାରେ ଶେଷ ହେବ। ୧୧ଟାରୁ ୧୧ଟା ୨୦ ଯାଏ ଚା'ପାନ ବିରତି ହେବ। ଏହା ପରେ ଦ୍ୱିତୀୟ ସେସନ ୧୧ଟା ୨୦ରୁ ଅପରାହ୍ଣ ୧ଟା ୨୦ ଯାଏ ଖେଳାଯିବ। ୧ଟା ୨୦ରୁ ୨ଟା ଯାଏ ଲଞ୍ଚ୍ ବା ମଧ୍ୟାହ୍ନ ଭୋଜନ ବିରତି ହେବ। ଦିନର ତୃତୀୟ ବା ଶେଷ ସେସନ ଅପରାହ୍ଣ ୨ଟାରୁ ୪ଟା ଯାଏ ଖେଳାଯିବ। ଆସାମ ରାଜ୍ୟ ଭାରତର ପୂର୍ବ ଭାଗରେ ଅବସ୍ଥିତ। ଏଠାରେ ଆଗୁଆ ସୂର୍ଯ୍ୟୋଦୟ ହେଉଥିବାରୁ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି। ଭାରତରେ ସାଧାରଣତଃ ସକାଳ ୯ଟା ୩୦ରୁ ଖେଳ ଆରମ୍ଭ ହୋଇ ୧୧ଟା ୩୦ରେ ଲଞ୍ଚ୍ ହୋଇଥାଏ। ୧୧ଟା ୩୦ରୁ ୧୨ଟା ୧୦ ଯାଏ ଲଞ୍ଚ୍, ୧୨ଟା ୧୦ରୁ ୨ଟା ୧୦ ଯାଏ ଦ୍ୱିତୀୟ ସେସନ, ୨ଟା ୧୦ରୁ ୨ଟା ୩୦ ଟି' ଏବଂ ୨ଟା ୩୦ରୁ ୪ଟା ୩୦ କିମ୍ବା ଆଲୋକ ଥିଲେ ୯୦ ଓଭର ଖେଳ ପୂରଣ କରିବାକୁ ଆଉ ଅଧଘଣ୍ଟା ଅଧିକ ଖେଳ ଆୟୋଜନ କରାଯାଇଥାଏ। ଦକ୍ଷିଣ ଆଫ୍ରିକା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପ୍ରଥମ ମ୍ୟାଚ୍ କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯିବ। ଏଠାରେ ନିର୍ଦ୍ଧାରିତ ସମୟ ସକାଳ ୯ଟା ୩୦ରୁ ଖେଳ ଆରମ୍ଭ ହେବ।

**ଭାରତ-ଦ. ଆଫ୍ରିକା ଟେଷ୍ଟ ସିରିଜ୍**

**ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ**

# କୋଟିଆନଙ୍କୁ ୪ ୱିକେଟ୍; ଦ.ଆଫ୍ରିକା-ଏ ୨୯୯/୯

**ବେଙ୍ଗାଲୁରୁ, ୩୦ ।୧୦ (ଏଜେନ୍ସି):** ଘରୋଇ ଭାରତ-ଏ ଓ ଦକ୍ଷିଣ ଆଫ୍ରିକା-ଏ ଦଳ ମଧ୍ୟରେ ଗୁରୁବାରଠାରୁ ଏଠାରେ ପ୍ରଥମ ଅନ୍‌ଅଫିସିଆଲ୍ ଚାରିଦିବସୀୟ ଟେଷ୍ଟ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ଭାରତ-ଏ ଅଧିନାୟକ ଋଷଭ ପନ୍ତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ଇନିଂସରେ ୩ଟି ଅର୍ଦ୍ଧଶତକ ବଳରେ ୯ ୱିକେଟ ହରାଇ ୨୯୯ ରନର ସମ୍ମାନଜନକ ସ୍କୋର କରିଛି। ଓପନର୍ ଜୋର୍ଡାନ ହରମାନ୍ସ ସର୍ବାଧିକ ୭୧, ଜୁବେର ହମାଜ ୬୬ ଓ



ରୁବିନ ହରମାନ୍ସ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ନିମ୍ନଭାଗରେ ତିଆନ ଭାନ ଭୁରେନ ୪୬ ରନର ଉପଯୋଗୀ ପାଳି ଖେଳିବା ଫଳରେ ଦଳ ୩୦୦ ରନ ନିକଟତର ହୋଇପାରିଥିଲା। ଘରୋଇ ଭାରତ-ଏ ପକ୍ଷରୁ ଅଫ୍-ସ୍ପିନର ତନୁଷ କୋଟିଆନ ସର୍ବାଧିକ ୪ଟି, ମାନବ ସୁତାର ୨ଟି ଏବଂ ଖଲିଲ ଅହମ୍ମଦ, ଅଂଶୁଲ କାମ୍ବୋଜ ଓ ଗୁରନୁର୍ ବ୍ରାର୍ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS